# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୩/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, September 23/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 299 | ମୂଲ୍ୟ ₹୭/-




**'ସବରକର'ର ନିର୍ଦ୍ଦେଶନା ଦେବେ ରଣଦୀପ**

ସ୍ୱାଧୀନତା ସଂଗ୍ରାମୀ ସବରକରଙ୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ 'ସ୍ୱତନ୍ତ୍ର ବୀର ସବରକର'ର ନିର୍ଦ୍ଦେଶନା ଦେବେ ରଣଦୀପ ହୁଡ଼ା।

୧୨

୧୪

**ବାବା ଇନ୍ଦ୍ରଜିତ୍ ଶତକ**

ପଶ୍ଚିମାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି ମ୍ୟାଚରେ ଦକ୍ଷିଣାଞ୍ଚଳ ଦଳର ବାବା ଇନ୍ଦ୍ରଜିତ୍ ଶତକ ହାସଲ କରିଛନ୍ତି।








# ୭୦ ହଜାର ହେକ୍ଟର ଜମିକୁ ଜଳସେଚନ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

## କ୍ୟାବିନେଟ ନିଷ୍ପତ୍ତି

- ୪୦ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ
- ଖର୍ଚ୍ଚ ହେବ ୨୫୦୦ କୋଟି
- କୋଟିଲା, ବ୍ରାହ୍ମଣୀ ନଦୀରେ ହେବ ଆନିକଟ
- ୩୩ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଚାଷ ଜମିକୁ ଜଳସେଚନ ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜଳାଶୟରୁ ୪୦ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୧୧ ଜିଲାର ପ୍ରାୟ ୭୦ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବ। ଏଥିପାଇଁ ପ୍ରାୟ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ୬ଟି ଜଳସେଚନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୩୩ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୨ ଲକ୍ଷ ୬୩ ହଜାର ୮୦୧ ହେକ୍ଟର ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଜରିଆରେ କଳାହାଣ୍ଡି, ବରଗଡ଼, ବଲାଙ୍ଗୀର ଏବଂ ଗଜପତି ଜିଲାରେ ମହାନଦୀ, ତେଲ, ଇନ୍ଦ୍ରାବତୀ, ଅଙ୍ଗ, ସୁକତେଲ ନଦୀ ଏବଂ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ୧୩,୫୪୭ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ସେହିପରି ଧର୍ମଦଣ୍ଡିନାଳ ଓ ଗୁରଣ୍ଡି ନାଳଠାରେ ଉଠା ଜଳସେଚନ ଦ୍ୱାରା ବରଗଡ଼ କେନାଲ ସିଷ୍ଟମର ପୁନଃ ସଂଗ୍ରହ ଜଳକୁ ବ୍ୟବହାର କରି ସୋନପୁର ଜିଲାର ୧୮୧୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ୧୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୪୩୦ କୋଟି ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୩୪ କୋଟି ୪୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ଗଜପତି ଏବଂ ସୋନପୁର ଜିଲାର କୃଷକମାନେ ଉପକୃତ ହେବା ସହ ଅର୍ଥକରୀ ଫସଲ ଉତ୍ପାଦନ କରିବାରେ ସକ୍ଷମ ହୋଇପାରିବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ। ☞ ପୃଷ୍ଠା-୪









**ଆଜିର ସମ୍ପାଦକୀୟ**

ଜଳ ସୁରକ୍ଷା ଅପରିହାର୍ଯ୍ୟ

# ପୁଣି ଧରାପଡ଼ିଲା ନକଲି ଟେଲ୍ମା-୪୦

## ୩ଏଜେନ୍ସିରୁ ୨୦ ଲକ୍ଷ ଟଙ୍କାର ମେଡିସିନ ଜବତ

କଟକ ଅଫିସ,୨୨।୯

ବାରଣ ସତ୍ତ୍ୱେ ନକଲି ମେଡିସିନ କାରବାର ଥମିବାର ନାଁ ଧରୁନି। ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ଗୁରୁବାର ପୁଣି କଟକର ୩ଟି ଏଜେନ୍ସିରେ ଚଢ଼ାଉ କରାଯାଇ ନକଲି ଟେଲ୍ମା-୪୦ ଓ ଟେଲ୍ମା-ଏଏମ୍ ମେଡିସିନ ଜବତ କରାଯାଇଛି। ଜବତ ନକଲି ମେଡିସିନର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କାର ହେବ ବୋଲି ଜଣାଯାଇଛି। ନିମଚଉଡ଼ିସ୍ଥିତ କ୍ୟାଲ୍ ଏଜେନ୍ସି, ନୟାସଡ଼କସ୍ଥିତ ମହାବୀର ପ୍ରସାଦ ଓ ଏମ୍ଏଚ୍ ଫାର୍ମାସି ଏହି ନକଲି ମେଡିସିନ ଗଚ୍ଛିତ ରଖିଥିଲେ।

ସୂଚନାଯୋଗ୍ୟ, ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ଜାଉଁଳିଆପଟିରେ ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସି ଉପରେ ଚଢ଼ାଉ କରାଯାଇ ବହୁ ପରିମାଣର ନକଲି ମେଡିସିନ ଜବତ ହୋଇଥିଲା। ନମୁନା ପରୀକ୍ଷା ପରେ ଉକ୍ତ ଔଷଧ ନକଲି ବୋଲି ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ବ୍ୟବହାର ଏବଂ ବିକ୍ରିକୁ ନିଷିଦ୍ଧ ଘୋଷଣା କରାଯାଇଥିଲା। ଏହା ସତ୍ତ୍ୱେ ଏହି ଔଷଧର କାରବାର ଚାଲିଥିବା ବିଶେଷସୂତ୍ରରୁ ଖବର ପାଇ ପୋଲିସ ଗତ ୧୯ତାରିଖରେ କଟକ ମହତାବରୋଡସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସି ଉପରେ ଚଢ଼ାଉ କରି ସେଠାରୁ ୧୩୫୦ ଷ୍ଟ୍ରିପ୍ ନକଲି ଟେଲ୍ମା-୪୦ ମେଡିସିନ୍ ଜବତ କରିଥିଲା। ଉକ୍ତ ମେଡିସିନ୍ ମାଣିକଘୋଷ ବଜାରସ୍ଥିତ ଭି.ଆର୍. ଡ୍ରଗ୍ସ ଏଜେନ୍ସି କୋଲକାତାରୁ କିଣିଥିବା ତଦନ୍ତରୁ ଜଣାପଡ଼ିଥିଲା। ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ଓ ପୋଲିସ ନକଲି ମେଡିସିନ କାରବାର ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିବାବେଳେ ଦିନକୁ ଦିନ ନୂଆ ନୂଆ ତଥ୍ୟ ଉନ୍ମୋଚିତ ହେବାରେ ଲାଗିଛି।






# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଟେକିନେଲେ ଛେଳି

## ଚାଳକ ସମେତ ୪ ଆହତ, ୫ ଛେଳି ମୃତ



ଭଣ୍ଡାରିପୋଖରୀ ଛତାବର ନିକଟରେ ଛେଳି ବୋଝେଇ ଟ୍ରକ୍ ଓଲଟି ପଡ଼ିଛି।

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ (ସ୍ୱ.ପ୍ର.), ୨୨।୯

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ଛେଳି ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାମିନିବିନ୍ଧାସ୍ଥିତ ଆସାମ ଅଏଲ୍ ପେଟ୍ରୋଲ ପମ୍ପଠାରେ ଟ୍ରକ୍ଟି ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଚାଳକଙ୍କ ସମେତ ୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଗାଡ଼ି ଚାଳକ ଖଡ଼ଗପୁର ସିଭଲି ଅଞ୍ଚଳର ଶେଖ୍ ରାଜୁ(୧୮) ଓ ଶେଖ୍ ଶବଦମ୍(୧୮)। ଦୁର୍ଘଟଣାରେ ୫ ଛେଳି ମରିଯାଇଥିବା ଜଣାଯାଇଛି। ତେବେ ସମସ୍ତ ଗାଡ଼ି କର୍ମଚାରୀ ଆହତ ହୋଇ ମେଡିକାଲ ଯାଇଥିବା ବେଳେ ତାହାର ସୁଯୋଗ ନେଇ କେତେକେ ୨୦ରୁ ଊର୍ଦ୍ଧ୍ୱ ଛେଳି ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ବାଲେଶ୍ୱରର ବିଭିନ୍ନ ସ୍ଥାନରୁ ୨ଶହରୁ ଊର୍ଦ୍ଧ୍ୱ ଛେଳି ସଂଗ୍ରହ କରାଯାଇ ଟ୍ରକ୍ (ନଂ. ଡବ୍ଲ୍ୟୁ ବି ୫୩ ସି ୧୬୨୭)ରେ ଭୁବନେଶ୍ୱରକୁ ନିଆଯାଉଥିଲା। ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ଚକ ପଙ୍କ୍ଚର ଯୋଗୁ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତାରେ ଓଲଟି ପଡ଼ିଥିଲା। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ☞ ପୃଷ୍ଠା-୪






ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତ ସ୍ଥାୟୀ ସଦସ୍ୟ ନ ହେବା ଏହି ବୈଶ୍ୱିକ ସଙ୍ଗଠନ ପାଇଁ ଶୁଭଙ୍କର ନୁହେଁ। ଏହି ସଙ୍ଗଠନର ଢାଞ୍ଚାରେ ପରିବର୍ତ୍ତନ ଆସିବା ଜରୁରୀ। ଭାରତ ସ୍ଥାୟୀ ସଦସ୍ୟ ହେବା ନେଇ ପଦକ୍ଷେପ ନିଆଯାଉଛି। କିଛି ବର୍ଷ ମଧ୍ୟରେ ଭାରତ ତୃତୀୟ ବୃହତ୍ତମ ଅର୍ଥନୀତିର ଦେଶ ହୋଇ ଉଭାହେବ। ଏହାସହ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟାର ଦେଶ ହେବାକୁ ଯାଉଛି।
-ଏସ୍. ଜୟଶଙ୍କର, ବୈଦେଶିକ ମନ୍ତ୍ରୀ

## ସଂକ୍ଷେପରେ

### ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ମୁତୟନ ଲାଗି ୧,୭୦୦ କୋଟିର ଡିଲ୍

**ନୂଆଦିଲ୍ଲୀ,୨୨।୯:** ନୌସେନାର ଫ୍ରଣ୍ଟଲାଇନ୍ ଯୁଦ୍ଧଜାହାଜରେ ଅତିରିକ୍ତ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମୁତୟନ ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବାର ୧,୭୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଛି। ୨୯୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ଥିବା ବ୍ରହ୍ମୋସ୍ ଉଭୟ ସ୍ଥଳଭାଗ ଓ ଶତ୍ରୁପକ୍ଷ ଜାହାଜକୁ ଟାର୍ଗେଟ କରିପାରିବ। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହା ନୌସେନାର ଆକ୍ରମଣ ସାମର୍ଥ୍ୟ ବୃଦ୍ଧି କରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଧ୍ୱନିର ୩ ଗୁଣ ବେଗରେ ଗତି କରିପାରୁଥିବା ବ୍ରହ୍ମୋସ୍ ପୂର୍ବରୁ ଭାରତୀୟ ସ୍ଥଳସେନା ଓ ବାୟୁସେନାରେ ନିୟୋଜିତ ହୋଇଛି।

### ହିନ୍ଦୁ ଝିଅଙ୍କ ସହ ସମ୍ପର୍କ ଲାଗି ମୁସଲମାନ ପରିବାରକୁ ଆକ୍ରମଣ

**ଭୋପାଳ,୨୨।୯:** ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ଜଣେ ମୁସଲମାନ ଯୁବକ ହିନ୍ଦୁ ଝିଅ ସହ ସମ୍ପର୍କ ରଖି ତାଙ୍କୁ ନେଇ ପଳାଇବା ଘଟଣାରେ ଉତ୍ତେଜନା ଦେଖାଦେଇଛି। ପ୍ରତିଶୋଧ ନେବା ଲାଗି ଉତ୍ୟକ୍ତ ଲୋକେ ଉକ୍ତ ମୁସଲମାନ ଯୁବକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଘାତ ପିଟିଛନ୍ତି। ୱାଜିଦ୍ ଅଲି ନାମକ ଯୁବକ ମାସେ ତଳେ ଜଣେ ୨୩ ବର୍ଷୀୟା ହିନ୍ଦୁ ଯୁବତୀଙ୍କୁ ନେଇଯାଇଥିଲେ। ଗତ ୧୫ ତାରିଖରେ ଯୁବତୀଙ୍କ ପରିବାର ଓ ଅନ୍ୟମାନେ ୱାଜିଦ୍ ଓ ତାଙ୍କ ମାଆବାପାଙ୍କୁ ଆକ୍ରମଣ କରି ମାଡ଼ ମାରିଥିଲେ। ଆକ୍ରମଣ ସମୟର ଭିଡିଓ ଗତ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଛିନ୍ଦୱାରା ପୋଲିସ ହିନ୍ଦୁ ପରିବାର ବିରୋଧରେ ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫ କରିଛି।

### ରାଜୁ ଶ୍ରୀବାସ୍ତବଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆଦିଲ୍ଲୀ,୨୨।୯:** ଖ୍ୟାତନାମା ହାସ୍ୟାଭିନେତା ରାଜୁ ଶ୍ରୀବାସ୍ତବଙ୍କ ଶେଷକୃତ୍ୟ ଗୁରୁବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ଏମ୍ସରେ ଦୀର୍ଘ ୪୧ ଦିନର ଚିକିତ୍ସା ପରେ ବୁଧବାର ରାଜୁ ଆଖିବୁଜିଥିଲେ। ପରିବାରକୁ ମୃତଦେହ ହସ୍ତାନ୍ତର ପରେ ଗୁରୁବାର ସକାଳେ ତାଙ୍କ ଦ୍ୱାରକା ବାସଭବନକୁ ନିଆଯାଇଥିଲା। ସେଠାରୁ ଏକ ଆମ୍ବୁଲାନ୍ସରେ କଶ୍ମୀରୀ ଗେଟ୍‌ସ୍ଥିତ ନିଗମବୋଧ ଘାଟ ଶ୍ମଶାନ ସ୍ଥଳକୁ ନିଆଯାଇଥିଲା। ଶେଷକୃତ୍ୟ ସମୟରେ ରାଜୁଙ୍କ ସହକର୍ମୀ ସୁନୀଲ ପାଲ୍, ଅହସାନ୍ କୁରେଶୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ମଧୁର ଭଣ୍ଡାରକର, ଗାୟକ ରାମଶଙ୍କର ପ୍ରମୁଖ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଶତାଧିକ ପ୍ରଶଂସକ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ପୁଅ ଆୟୁଷ୍ମାନ ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

### ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ 'ରାଷ୍ଟ୍ର ପିତା' କହିଲେ ମୌଲବୀ



**ନୂଆଦିଲ୍ଲୀ,୨୨।୯:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ମୁସଲମାନ ସମ୍ପ୍ରଦାୟର ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଗୁରୁବାର ଭାଗବତ ନୂଆଦିଲ୍ଲୀର ଏକ ମସ୍‌ଜିଦକୁ ଯାଇ ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଉମର ଅହମଦ ଇଲ୍ୟାସିଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଆଲୋଚନା ହୋଇଥିଲା। ଏହି ଅବସରରେ ଇଲ୍ୟାସି ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ 'ରାଷ୍ଟ୍ର ପିତା' ବୋଲି ଅଭିହିତ କରିଛନ୍ତି। ଆମ ସମସ୍ତଙ୍କର ଡିଏନ୍‌ଏ ସମାନ, କେବଳ ଈଶ୍ୱରଙ୍କୁ ପୂଜା କରିବାର ପଦ୍ଧତି ଅଲଗା ବୋଲି ମୌଲବୀ କହିଛନ୍ତି। ଏହା ଦେଶକୁ ଅତି ଭଲ ବାର୍ତ୍ତା ଦେଉଛି। ଆମ ଭିତରେ ପରିବାର ଭଳି ଆଲୋଚନା ହୋଇଥିଲା ବୋଲି ମୌଲବୀଙ୍କ ପୁଅ ସୁହେବ୍ ଇଲ୍ୟାସି କହିଛନ୍ତି। ପରେ ଭାଗବତ ମଦ୍ରାସା ଯାଇ ସେଠାରେ ଛାତ୍ରମାନଙ୍କ ସହ କଥା ହୋଇଥିଲେ। ଆର୍‌ଏସ୍‌ଏସ୍ ମୁଖ୍ୟ ସାମ୍ପ୍ରଦାୟିକ ସଦ୍ଭାବ ବଢ଼ାଇବା ଲାଗି ଉଦ୍ୟମ ସ୍ୱରୂପ ମୁସ୍‌ଲିମ୍ ବୁଦ୍ଧିଜୀବୀମାନଙ୍କୁ ଭେଟୁଥିବା ସଂଗଠନ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ହିଜାବ ବିବାଦ ଏବଂ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ନୂପୁର ଶର୍ମାଙ୍କ ଅପମାନଜନକ ମନ୍ତବ୍ୟ ପରେ ହିଂସାକାଣ୍ଡ ଦେଖାଦେଇଥିଲା। ଏବେ ସାମ୍ପ୍ରଦାୟିକ ସଦ୍ଭାବନା ବଢ଼ାଇବା ଲାଗି ଭାଗବତଙ୍କ ଉଦ୍ୟମ ଉଲ୍ଲେଖନୀୟ ବୋଲି କୁହାଯାଉଛି।

# ୧୧ ରାଜ୍ୟରେ ଏନ୍‌ଆଇଏ ଚଢ଼ାଉ

## ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

## ପିଏଫ୍‌ଆଇର ୧୦୬ ସଦସ୍ୟ ଗିରଫ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ଆତଙ୍କବାଦୀଙ୍କୁ ପାଣ୍ଠି ଓ ଅନ୍ୟାନ୍ୟ ସହାୟତା ଯୋଗାଇବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ୧୧ ରାଜ୍ୟରେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୧୦୬ ଜଣ କର୍ମୀଙ୍କୁ ଗିରଫ କରାଯାଇଛି। ଦେଶବ୍ୟାପୀ ହୋଇଥିବା ଏହି ଚଢ଼ାଉରେ ଏନ୍‌ଆଇଏ ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସମ୍ପୃକ୍ତ ରାଜ୍ୟ ପୋଲିସ ସାମିଲ ହୋଇଥିଲେ। ଏହା ଦେଶରେ ଅଦ୍ୟାବଧି ହୋଇଥିବା ସବୁଠୁ ବଡ଼ ଚଢ଼ାଉ ବୋଲି କୁହାଯାଉଛି। ଚଢ଼ାଉ ବେଳେ କେରଳରୁ ସର୍ବାଧିକ ୨୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରୁ ୨୦ ଜଣ ଲେଖାଏ, ତାମିଲନାଡୁରୁ ୧୦, ଆସାମରୁ ୯, ଉତ୍ତରପ୍ରଦେଶରୁ ୮, ଆନ୍ଧ୍ରପ୍ରଦେଶରୁ ୫, ମଧ୍ୟପ୍ରଦେଶରୁ ୪, ପୁଡୁଚେରୀ ଏବଂ ଦିଲ୍ଲୀରୁ ୩ ଜଣ ଲେଖାଏ ଏବଂ ରାଜସ୍ଥାନରୁ ୨ ଜଣ ପିଏଫ୍‌ଆଇ ସଦସ୍ୟ ଗିରଫ ହୋଇଛନ୍ତି। ମୁଖ୍ୟତଃ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା, ତାଲିମ ଶିବିର ଆୟୋଜନ କରିବା ଏବଂ ନିର୍ଦ୍ଦିଷ୍ଟ ସଂଗଠନରେ ଯୋଗଦେବା ଲାଗି ଲୋକଙ୍କୁ କଟ୍ଟରପନ୍ଥୀ କରାଇବା କାର୍ଯ୍ୟରେ ସମ୍ପୃକ୍ତ ଲୋକଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା।

ଭାରତର ଅବହେଳିତ ବର୍ଗଙ୍କୁ ସଶକ୍ତୀକରଣ କରାଇବା ଲକ୍ଷ୍ୟରେ ନୂଆ ସାମାଜିକ ଆନ୍ଦୋଳନ ପାଇଁ ୨୦୦୬ରେ ପିଏଫ୍‌ଆଇ ଗଠିତ ହୋଇଥିଲା ବୋଲି ଏହି ସଂଗଠନ ପକ୍ଷରୁ ଦାବି କରାଯାଉଛି। ତେବେ ଏହି ସଂଗଠନ କଟ୍ଟରପନ୍ଥୀ ଇସ୍‌ଲାମକୁ ପ୍ରୋତ୍ସାହିତ କରୁଥିବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଅଭିଯୋଗ କରିଆସୁଛନ୍ତି। ପିଏଫ୍‌ଆଇର ଜାତୀୟ, ଅନ୍ତର୍ଜାତୀୟ ତଥା ସ୍ଥାନୀୟ ନେତାଙ୍କ ଘରେ ଚଢ଼ାଉ କରାଯାଇଥିବା ସଂଗଠନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

୨୦୨୦ ଦିଲ୍ଲୀ ଦଙ୍ଗା, ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ, ୟୁପିର ହାଥ୍ରାସ୍‌ରେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ପଛର ଷଡ଼ଯନ୍ତ୍ର ଆଦି ସହ ପିଏଫଆଇର ଆର୍ଥିକ ସମ୍ପୃକ୍ତି ଦିଗ ଉପରେ ଇଡି ତଦନ୍ତ କରୁଛି। ଏହି ସଂଗଠନ ବିରୋଧରେ ଲକ୍ଷ୍ନୌର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ୨ଟି ଚାର୍ଜଶିଟ୍ ଦାଏର ହୋଇଛି। ଗତବର୍ଷ ଫେବୃୟାରୀରେ ପିଏଫ୍‌ଆଇ ଏବଂ ଏହାର ଛାତ୍ର ସଂଗଠନ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) ବିରୋଧରେ ମନିଲଣ୍ଡରିଂ ମାମଲାରେ ଇଡି ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି ୟୁଏଇର ଏକ ହୋଟେଲ ପିଏଫଆଇ ପାଇଁ ମନିଲଣ୍ଡରିଂ କାର୍ଯ୍ୟ କରୁଥିବା ଅଭିଯୋଗରେ ଦ୍ୱିତୀୟ ଚାର୍ଜଶିଟ୍ ଚଳିତ ବର୍ଷ ଦାଏର ହୋଇଥିଲା।



ଏନ୍‌ଆଇଏ ଚଢ଼ାଉ ପ୍ରତିବାଦରେ କର୍ଣ୍ଣାଟକର ହୁବଲିରେ ପିଏଫ୍‌ଆଇ ଏବଂ ଏସ୍‌ଡିପିଆଇ କର୍ମୀଙ୍କ ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି।

### ଆଜି କେରଳରେ ହରତାଳ

#### ପିଏଫ୍‌ଆଇର ଡାକରା

**ଥିରୁଭାନନ୍ତପୁରମ୍,୨୨।୯(ପି.ଟି.)**

ଏନ୍‌ଆଇଏ ଏବଂ ଇଡି ଚଢ଼ାଉ ପ୍ରତିବାଦରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ପକ୍ଷରୁ ଗୁରୁବାର ସାରା କେରଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର କାର୍ଯ୍ୟକୁ ବିରୋଧ କରି ଉକ୍ତ ସଂଗଠନ ପକ୍ଷରୁ କେରଳରେ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି। ପିଏଫ୍ ଆଇର ନେତାମାନଙ୍କୁ ଗିରଫ କରାଯିବା ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ବୋଲି ପିଏଫ୍‌ଆଇ କହିଛି। ଭିନ୍ନ ସ୍ୱରକୁ ଚାପିଦେବା ଲାଗି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଥିବା ଆର୍‌ଏସ୍‌ଏସ୍ ନିୟନ୍ତ୍ରିତ ସରକାରଙ୍କ ବିରୋଧରେ ହରତାଳ ଡାକରା ଦିଆଯାଇଥିବା ପିଏଫ୍‌ଆଇ ରାଜ୍ୟ ସାଧାରଣ ସମ୍ପାଦକ ଏ. ଅବଦୁଲ ସଥାର କହିଛନ୍ତି।

### ୫ ରାଜ୍ୟ ନିର୍ବାଚନରେ ୩୪୦ କୋଟି ଖର୍ଚ୍ଚ କରିଛି ଭାଜପା

**ନୂଆଦିଲ୍ଲୀ,୨୨।୯**

ଚଳିତ ବର୍ଷ ଆରମ୍ଭରେ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ୩୪୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଏହି ରାଜ୍ୟଗୁଡ଼ିକରେ ନିର୍ବାଚନ ପ୍ରଚାରରେ ୧୯୪ କୋଟି ଟଙ୍କା ବ୍ୟୟ କରିଥିବା ସେମାନଙ୍କ ନିର୍ବାଚନ ଖର୍ଚ୍ଚ ରିପୋର୍ଟରୁ ଜଣାପଡ଼ିଛି। ବର୍ଷ ଆରମ୍ଭରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର, ଗୋଆ ଏବଂ ପଞ୍ଜାବ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ଏହି ଦଳ ଉତ୍ତରପ୍ରଦେଶରେ ସର୍ବାଧିକ ୨୨୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାବେଳେ ମଣିପୁରରେ ୨୩ କୋଟି, ଉତ୍ତରାଖଣ୍ଡରେ ୪୩,୬୭ କୋଟି, ପଞ୍ଜାବରେ ୩୬ କୋଟି ଏବଂ ଗୋଆରେ ୧୯ କୋଟିରୁ ଅଧିକ ଅର୍ଥ ବ୍ୟୟ କରିଛି। ସେହିପରି କଂଗ୍ରେସ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ୫ ରାଜ୍ୟରେ ନିର୍ବାଚନ ପ୍ରଚାର ଓ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ଏହି ଦଳ ୧୯୪ କୋଟିରୁ ଅଧିକ ବ୍ୟୟ କରିଛି। ସୂଚନାଯୋଗ୍ୟ, ଲୋକ ସଭା ଏବଂ ରାଜ୍ୟ ବିଧାନସଭା ଲଢୁଥିବା ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ବାଚନ ଖର୍ଚ୍ଚ ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ।

### ୨୭ରୁ ସାମ୍ବିଧାନିକ ପୀଠ ଶୁଣାଣିର ସିଧା ପ୍ରସାରଣ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ସୁପ୍ରିମକୋର୍ଟ କାର୍ଯ୍ୟରେ ସ୍ୱଚ୍ଛତା ବଢ଼ାଇବା ସହ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ଆସନ୍ତା ୨୭ ତାରିଖରୁ ସମସ୍ତ ସାମ୍ବିଧାନିକ ପୀଠର ଶୁଣାଣି ସିଧା ପ୍ରସାରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଠିକ୍ ୪ ବର୍ଷ ପୂର୍ବେ ୨୦୧୮ରେ ସୁପ୍ରିମକୋର୍ଟ ସ୍ୱପ୍ନିଲ ତ୍ରିପାଠୀ ମାମଲାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ମଙ୍ଗଳବାର ସିଜେଆଇ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ସର୍ବୋଚ୍ଚ ଅଦାଲତର ସମସ୍ତ ୩୦ ବିଚାରପତିଙ୍କ ବୈଠକ ବସି ୨୦୧୮ର ଉକ୍ତ ରାୟକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୬ରେ ପ୍ରଥମ ଥର ପାଇଁ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠର ଶୁଣାଣିକୁ ୱେବ୍‌କାଷ୍ଟ ପୋର୍ଟାଲରେ ଲିଭ୍ ଷ୍ଟ୍ରିମିଂ କରାଯାଇଥିଲା। ସେହିଦିନ ଜଷ୍ଟିସ ରମନା ଅବସର ନେଉଥିବାରୁ ଏହା ବିଦାୟ ଉତ୍ସବର ପ୍ରୋସିଡିଂ ଥିଲା।

ସୂଚନାଯୋଗ୍ୟ, ସାମ୍ବିଧାନିକ ଏବଂ ଜାତୀୟ ଗୁରୁତ୍ୱ ଥିବା ମାମଲାଗୁଡ଼ିକର ଶୁଣାଣିକୁ ସିଧା ପ୍ରସାରଣ କରି ନ୍ୟାୟପାଳିକାର କାର୍ଯ୍ୟକୁ ସ୍ୱଚ୍ଛ କରିବା ଲାଗି ୨୦୧୮ ସେପ୍ଟେମ୍ବର ୨୬ରେ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ତେବେ ବୈବାହିକ ବିବାଦ କିମ୍ବା ଯୌନ ଅପରାଧ ଭଳି ସମ୍ବେଦନଶୀଳ ମାମଲାଗୁଡ଼ିକର ଶୁଣାଣିକୁ ସିଧା ପ୍ରସାରଣ କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରାଯିବ। ସେଗୁଡ଼ିକ ମଧ୍ୟରେ ରହିଛି, ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ୧୦ ପ୍ରତିଶତ କୋଟା ପ୍ରଦାନ ଲାଗି ସମ୍ବିଧାନର ୧୦୩ତମ ସଂଶୋଧନର ବୈଧତା ଏବଂ ନାଗରିକତ୍ୱ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ।

## ଆଇଏସ୍‌ଆଇ ଏଜେଣ୍ଟଙ୍କୁ ହତ୍ୟା

**କାଠମାଣ୍ଡୁ, ୨୨।୯**

ଭାରତକୁ ବିପୁଳ ସଂଖ୍ୟାରେ ନକଲି ନୋଟ ପଠାଉଥିବା ପାକିସ୍ତାନ ଇଣ୍ଟର-ସର୍ଭିସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏଜେଣ୍ଟ ଲାଲ୍ ମହମ୍ମଦ ଓରଫ୍ ମହମ୍ମଦ ଦରଜି(୫୫) ଗତ ୧୯ ତାରିଖରେ ନେପାଳରେ ନିହତ ହୋଇଛନ୍ତି। କେତେଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ଗୁଳି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ମହମ୍ମଦ ଏକ କାର୍‌ରୁ ଓହ୍ଲାଉଥିବାବେଳେ ବନ୍ଧୁକଧାରୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ସେ ଏଥିରୁ ବର୍ତ୍ତିବା ପାଇଁ କାର୍‌ରେ ଲୁଚିବାକୁ ଚେଷ୍ଟା କରୁଥିଲେ ହେଁ ଆତତାୟୀମାନେ ଗୁଳି ଫୁଟାଇ ଚାଲିଥିଲେ। ମହମ୍ମଦଙ୍କ ଝିଅ ତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମ ମହଲା ଛାତରୁ ତଳକୁ ଡେଇଁଥିଲେ ହେଁ ବାପାଙ୍କୁ ବଞ୍ଚାଇ ପାରି ନ ଥିଲେ। ସେଠାରୁ ସେ ଦୌଡ଼ି ପଳାଇଯିବାରେ ସକ୍ଷମ ହୋଇଥିଲେ। ବାଂଲାଦେଶ ଓ ପାକିସ୍ତାନରୁ ଜାଲ୍ ନୋଟ୍ ନେପାଳକୁ ଯାଉଥିଲା। ଲାଲ୍ ମହମ୍ମଦ ତାହାକୁ ସେଠାରୁ ଭାରତ ପଠାଉଥିଲେ। ସେ ଅଣ୍ଡରୱାର୍ଲ୍ଡ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ସହ ଲିଙ୍କ୍ ରଖିଥିଲେ। ଅନ୍ୟ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଲାଲ୍ ମହମ୍ମଦ ତାଙ୍କ ପାଖରେ ଆଶ୍ରୟ ଦେଇଥିଲେ।



## ମୁକୁଳିଲେ ୩୦୦ ଯୁଦ୍ଧବନ୍ଦୀ

**କିଭ୍/ମସ୍କୋ, ୨୨।୯:** ୟୁକ୍ରେନ୍‌ରେ ବଡ଼ ଧରଣର ଆକ୍ରମଣ ପାଇଁ ରୁଷିଆ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଉଭୟ ଦେଶ ଅପ୍ରତ୍ୟାଶିତ ଭାବେ ଦୁଇପଟୁ ୩୦୦ ଯୁଦ୍ଧ ବନ୍ଦୀଙ୍କୁ ମୁକୁଳାଇଛନ୍ତି। ଫେବୃୟାରୀ ୨୪ରେ ମସ୍କୋର କିଭ୍ ଆକ୍ରମଣ ପରଠାରୁ ଏହା ବଡ଼ଧରଣର ଅଦଳବଦଳ। ସେମାନଙ୍କ ମଧ୍ୟରେ ବ୍ରିଟେନ, ଆମେରିକା, ମରକ୍କୋର ବନ୍ଦୀ ମଧ୍ୟ ରହିଛନ୍ତି, ଯେଉଁମାନଙ୍କୁ ୟୁକ୍ରେନରୁ ଗିରଫ କରିବା ପରେ ରୁଷିଆରେ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲା। ରୁଷିଆରୁ ମୁକୁଳିଥିବା ବନ୍ଦୀଙ୍କ ମଧ୍ୟରୁ ୨୧୫ ୟୁକ୍ରେନୀୟ ରହିଛନ୍ତି। ସେହିପରି ୟୁକ୍ରେନ୍ ୫୫ ଜଣଙ୍କୁ ରୁଷିଆକୁ ପଠାଇଛି। ତୁର୍କୀ ଏବଂ ସାଉଦି ଆରବ ସହଯୋଗରେ ଏହି ଅଦଳବଦଳ କରାଯାଇଛି।

## ହିଜାବ ରାୟ ସଂରକ୍ଷିତ



### ୧୦ ଦିନର ମାରାଥନ ଶୁଣାଣି ଶେଷ

#### କର୍ଣ୍ଣାଟକ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା

**ନୂଆଦିଲ୍ଲୀ,୨୨।୯**

ହିଜାବ ବ୍ୟାନ୍ ମାମଲା ଉପରେ ୧୦ ଦିନର ଶୁଣାଣି ପରେ ଗୁରୁବାର ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। କର୍ଣ୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ନିଷେଧ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଆମକୁ ହୋମ୍‌ୱାର୍କ କରିବାକୁ ସମୟ ଦିଆଯାଉ ବୋଲି ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ସୁଧାଂଶୁ ଧୂଲିଆଙ୍କ ଖଣ୍ଡପୀଠ ରାୟ ସଂରକ୍ଷଣ ରଖିବା ଅବସରରେ କହିଥିଲେ। ୧୦ ଦିନର ଶୁଣାଣି ମଧ୍ୟରେ ବିଭିନ୍ନ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ଦାୱନ, କପିଲ ଶିବଲ, ସଲମାନ ଖୁର୍ସିଦ, ଦେବଦତ୍ତ କାମାତ ଏବଂ ସଞ୍ଜୟ ହେଗ୍‌ଡେଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଓକିଲ ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେହିପରି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ଏବଂ କର୍ଣ୍ଣାଟକର ମହାଧିବକ୍ତା ପ୍ରଭୁଲିଙ୍ଗ ନଭଦଗି ପ୍ରତିନିଧିତ୍ୱ କରିଥିଲେ। ହିଜାବ ଆନ୍ଦୋଳନ ଷଡ଼ଯନ୍ତ୍ର ପଛରେ ପିଏଫ୍‌ଆଇ ସମ୍ପୃକ୍ତ ଥିବା ସଲିସିଟର ଜେନେରାଲ କହିବା ପରେ ମୁସଲମାନ ପକ୍ଷର ଓକିଲ ଦୁଷ୍ୟନ୍ତ ଡାଭେ ଏଭଳି ଅପ୍ରାସଙ୍ଗିକ ଅଭିଯୋଗକୁ ସମାଲୋଚନା କରିଥିଲେ।

## ଇରାନରେ ଥମୁନି ହିଜାବ ନିଆଁ



୩୧ ବିକ୍ଷୋଭକାରୀ ନିହତ

**ତେହରାନ, ୨୨।୯:** ହିଜାବ ନ ପିନ୍ଧିବାରୁ ପୋଲିସ ବର୍ବରତାରେ ଇରାନର ୨୨ ବର୍ଷୀୟା ମାହସା ଆମିନିଙ୍କ ମୃତ୍ୟୁ ପରଠାରୁ ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହୋଇଛି। ବିକ୍ଷୋଭକାରୀଙ୍କ ଅଟକାଇବାକୁ ଯାଇ ପୋଲିସ ସେମାନଙ୍କ ଉପରେ ଗୁଳିଚଳାଇଛି। ଏଥିରେ ଅଦ୍ୟାବଧି ୩୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଗତ ୧୬ ତାରିଖରେ ମାହସାଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ଦାବିରେ ରାଜଧାନୀ ତେହରାନ ସମେତ ପ୍ରାୟ ୩୦ ସହରରେ ୬ ଦିନ ହେଲା ଆନ୍ଦୋଳନ ଚାଲିଛି। ଇରାନ ମହିଳାମାନେ ସର୍ବସମ୍ମୁଖରେ ହିଜାବ ଜାଳି, ଚୁଟି କାଟି ଧର୍ମୀୟ ବ୍ୟାପାର ପୋଲିସ ଏବଂ ସରକାରଙ୍କ ବିରୋଧରେ ନାରାବାଜି କରୁଛନ୍ତି। ବିକ୍ଷୋଭକାରୀଙ୍କୁ ଗୁଳି କରି ପୋଲିସ ଦମନଲୀଳା ଚଳାଉଥିବା ଇରାନ୍ ହ୍ୟୁମାନ୍ ରାଇଟ୍ସ ନିର୍ଦ୍ଦେଶକ ମହମ୍ମଦ ଆମିରି-ମୋଗଦ୍ଦମ କହିଛନ୍ତି।

## ଟଙ୍କା ଟଳମଳ, ଡଲାର ସବଳ

**ୱାଶିଂଟନ/ମୁମ୍ବାଇ,୨୨।୯**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଟଙ୍କା ଦିନକୁ ଦିନ ତଳକୁ ଖସିବାରେ ଲାଗିଥିବାରୁ ଭାରତର ଅର୍ଥନୀତିକୁ ଶକ୍ତ ଝଟ୍‌କା ଲାଗିଛି। ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବା ନେଇ ସ୍ୱପ୍ନ ଦେଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନା ଉପରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ସାମ୍ପ୍ରତିକ ସ୍ଥିତିରେ ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ପ୍ରମାଣିତ ହୋଇଛି। କେବଳ ଭାରତ ନୁହେଁ, ସାରା ବିଶ୍ୱ ଦରଦାମ ବୃଦ୍ଧିଜନିତ ମୁଦ୍ରାସ୍ଫୀତି ସଙ୍କଟକୁ ସାମ୍ନା କରୁଥିବାବେଳେ ଏଥିରେ ଅଙ୍କୁଶ ଲଗାଇବାକୁ ଯାଇ ଆମେରିକାର ରିଜର୍ଭ ବ୍ୟାଙ୍କ ବୁଧବାର କ୍ରମାଗତ ତୃତୀୟ ଥର ଲାଗି ସୁଧହାର ୦.୭୫% ବଢ଼ାଇଛି। ଏହି ସୁଧହାର ବୃଦ୍ଧି ସହ ଡଲାର ଇଣ୍ଡେକ୍ସ ୨୦ ବର୍ଷର ରେକର୍ଡ ଭାଙ୍ଗିଛି। ଆମେରିକାର ଟ୍ରେଜେରି ୟିଲ୍ଡସ୍ ମଧ୍ୟ ୧୧ ବର୍ଷର ଇତିହାସରେ ସବୁଠୁ ଉପରକୁ ଉଠିଛି। ଗୁରୁବାର ରାତି ୯ଟାରେ ଡଲାର ସୂଚକାଙ୍କ ୦.୮୩୧ ପଏଣ୍ଟ ବଢ଼ି ୧୧୧.୧୧୭ରେ ପହଞ୍ଚିଛି। ଏଥିସହ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଟ ୮୧.୧୧୫କୁ ଛୁଇଁଛି। ଗତ ଫେବୃୟାରୀ ୨୪ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ଅଧଃପତନ।

୪ ଦଶନ୍ଧିରେ ସର୍ବାଧିକ ମୁଦ୍ରାସ୍ଫୀତିକୁ ସାମ୍ନା କରୁଥିବା ବିତ୍ତଶାଳୀ ଆମେରିକା ଏହାର ମୁକାବିଲା ପାଇଁ ଆଗକୁ ଆହୁରି କଠୋର ପଦକ୍ଷେପ ନେବ ବୋଲି ଫେଡେରାଲ ରିଜର୍ଭ ଚେୟାର ଜେରୋମି ପୋୱେଲ ବୁଧବାର ସ୍ପଷ୍ଟ କରିବା ପରେ ଏସୀୟ ପୁଞ୍ଜି ବଜାରଗୁଡ଼ିକର ଫ୍ୟୁଚର୍ସ ରାତାରାତି ଧରାଶାୟୀ ହୋଇଥିଲା। ଏହି କ୍ରମରେ ଗୁରୁବାର କ୍ଲୋଜିଂ ଡେ'ରେ ଭାରତୀୟ ଶେୟାର ମାର୍କେଟ ମଧ୍ୟ ବହୁଳ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ନିଫ୍ଟି ୮୮.୫୫ ପଏଣ୍ଟ ହ୍ରାସ ପାଇ ୧୭,୬୨୯.୮୦କୁ ଖସିଥିବାବେଳେ ସେନ୍‌ସେକ୍ସ ୩୩୭.୦୬ ପଏଣ୍ଟ ତଳକୁ ଖସି ୫୯,୧୧୯.୭୨ରେ ପହଞ୍ଚିଛି। ସେହିପରି ବ୍ୟାଙ୍କ ନିଫ୍ଟି ୫୭୨.୮୫ ହ୍ରାସ ପାଇ ୪୦,୬୩୦.୬୦ରେ କାରବାର ବନ୍ଦ ହୋଇଥିଲା। ଫେଡେରାଲ ରିଜର୍ଭ ଚଳିତବର୍ଷ ଶେଷ ସୁଦ୍ଧା ସୁଧହାରର ମୋଟ ପରିଣାମକୁ ୪.୪% ପର୍ଯ୍ୟନ୍ତ ବଢ଼ାଇବା ନେଇ ଲକ୍ଷ୍ୟ ରଖିଥିବାରୁ ପରବର୍ତ୍ତୀ ଦୁଇଟି ବୈଠକ(ନଭେମ୍ବର ଓ ଡିସେମ୍ବର)ରେ ଆହୁରି ୧୨୫ ବେସିସ୍ ପଏଣ୍ଟ ବୃଦ୍ଧି ଘଟିବା ଅନୁମାନ କରାଯାଉଛି। ଏପରି ହେଲେ ଡଲାର ଆହୁରି ସବଳ ହେବ ଓ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବ ବୋଲି ଭାରତୀୟ ପଲିସିମେକର୍ସ ଆକଳନ କରିଛନ୍ତି।

ଡଲାର ମୂଲ୍ୟ ବୃଦ୍ଧି ପାଇଁ କେବଳ ସୁଧହାରକୁ ଦାୟୀ କରାଯାଉ ନାହିଁ। ଏହା ପୂର୍ବରୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ଆମଦାନୀ ରପ୍ତାନି କ୍ଷେତ୍ରରେ ଅବଶିଷ୍ଟ ବିଶ୍ୱରେ ବ୍ୟବହୃତ ଆମେରିକୀୟ ମୁଦ୍ରା ମଜଭୁତ ହୋଇଛି। ରୁଷିଆ ଓ ୟୁକ୍ରେନ୍ ସାମଗ୍ରୀ (କମୋଡିଟିଜ୍) ଯୋଗାଣକାରୀ ଦୁଇ ବଡ଼ ରାଷ୍ଟ୍ର ହୋଇଥିବାରୁ ଯୁଦ୍ଧ ପରଠୁ ବିଭିନ୍ନ ଦେଶରେ ଅନେକ ସାମଗ୍ରୀର ସଙ୍କଟ ଦେଖାଦେଲାଣି। ଏଥିଯୋଗୁ ଅନ୍ୟ ଦେଶଗୁଡ଼ିକ ତୈଳ ଓ ଗ୍ୟାସ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ମେଣ୍ଟାଇବା ପାଇଁ ପରସ୍ପର ଉପରେ ନିର୍ଭର କରୁଛନ୍ତି। ଏଥିଲାଗି ସେମାନେ ଡଲାର ଆକାରରେ ଦେଣନେଣ କରୁଛନ୍ତି। ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଆଣବିକ ଅସ୍ତ୍ର ପ୍ରୟୋଗ ଏବଂ ୟୁକ୍ରେନ୍‌କୁ ଅତିରିକ୍ତ ୩ ଲକ୍ଷ ସୈନ୍ୟ ପ୍ରେରଣର ଧମକ ଦେଇଥିବାରୁ ଆଗକୁ ଯୋଗାଣ ଆହୁରି ବ୍ୟାହତ ହେବା ଆଶଙ୍କା ଉପୁଜିଛି।

### ଆହୁରି ଖସିବ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ



" ଫେଡେରାଲ ରିଜର୍ଭ ସୁଧହାରରେ ୭୫ ବେସିସ୍ ପଏଣ୍ଟ ବଢ଼ାଇବା ସହ ଆଗକୁ ଆହୁରି ବୃଦ୍ଧିର ସଙ୍କେତ ଦେଇଛି। ଏଥିଯୋଗୁ ଡଲାର ଇଣ୍ଡେକ୍ସ ଆହୁରି ଉପରକୁ ଉଠିବ। ଫଳରେ ଭାରତୀୟ ଟଙ୍କା ସମେତ ଅଧିକାଂଶ ବଡ଼ ମାର୍କେଟ କରେନ୍ସି ଉପରେ ଚାପ ସୃଷ୍ଟି ହେବ। ଟଙ୍କାର ଅଧଃପତନକୁ ଦେଖିଲେ ଭାରତୀୟ ବଜାର ନିଜ ଆକର୍ଷଣ ହରାଉଥିବା ସ୍ପଷ୍ଟ ଜଣାପଡୁଛି।

**-ନବୀନ କୁଲକର୍ଣ୍ଣୀ, ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର, ଆକ୍ସିସ୍ ସିକ୍ୟୁରିଟିଜ୍**

" ଘରୋଇ ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ଭାରତୀୟ ଟଙ୍କା ଚାପରେ ରହିବ। ପୂର୍ବ ଶେସନ୍‌ରେ ଡଲାର ପିଛା ଟଙ୍କାର ବିନିମୟ ମୂଲ୍ୟ ୭୯.୯୭୫୦ ରହିଥିଲା। କିନ୍ତୁ ଫେଡ୍ ସୁଧହାର ବୃଦ୍ଧି ଘୋଷଣା କରିବା ପରେ ଏହା ୮୦.୫୮ରେ ପହଞ୍ଚି ଆଗକୁ ଆହୁରି ଅସ୍ଥିର ହେବା ନେଇ ସଙ୍କେତ ଦେଇଥିଲା। ଟଙ୍କା ଭବିଷ୍ୟତରେ ଆହୁରି ଦୁର୍ବଳ ହେବ। ନିମ୍ନଗାମୀ ଟଙ୍କାକୁ ଅଣ୍ଟା ସଳଖି ଛିଡ଼ା କରାଇବା ପାଇଁ ଆର୍‌ବିଆଇ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

**-ସନ୍ତୋଷ ମୀନା, ଗବେଷଣା ମୁଖ୍ୟ, ସ୍ୱସ୍ତିକ ଇନ୍‌ଭେଷ୍ଟମେଣ୍ଟ**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୮୮,୧୧,୫୨୯ | ୬୫,୩୫,୨୧୮ | ୫୯,୮୭,୧୫,୬୭୪ |
| ଭାରତ | ୪,୪୫,୫୩,୦୪୨ | ୫,୨୮,୪୨୯ | ୪,୩୯,୭୮,୨୭୧ |
| ଓଡ଼ିଶା | ୧୩,୩୨,୫୩୩ | ୯୧୮୬(+୫୩) | ୧୩,୨୨,୦୯୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସୁପ୍ରିମକୋର୍ଟରେ ବଂଶଧାରା ମାମଲା ଶୁଣାଣି ଘୁଞ୍ଚିଲା

**ନୂଆଦିଲ୍ଲୀ,୨୨ା୯**



ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାରଙ୍କ ପକ୍ଷରୁ ଦାଏର ଏକାଧିକ ପିଟିଶନର ଶୁଣାଣିକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ଘୁଞ୍ଚାଇ ଦେଇଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଶୁଣାଣିକୁ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ବଂଶଧାରା ନଦୀରେ ନେରାଡ଼ି ବ୍ୟାରେଜ୍ ନିର୍ମାଣ ଲାଗି ଟ୍ରିବ୍ୟୁନାଲ ୨୦୨୧ ଜୁନ୍‌ରେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଅନୁମତି ଦେଇଥିଲେ। ବ୍ୟାରେଜ ଡାହାଣ ପାର୍ଶ୍ୱରେ ୮,୦୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ସ୍ଲୁଇସ୍ ରହିବ ଯାହା ଆନ୍ଧ୍ରକୁ ଆବଶ୍ୟକ ବେଳେ ପାଣି ଯୋଗାଇବ। ସେହିପରି ବାମପାର୍ଶ୍ୱରେ ଥିବା ହେଡ୍ ସ୍ଲୁଇସ୍ (ଏଲ୍‌ଏଚ୍‌ଏସ୍) ଓଡ଼ିଶାର ଜଳ ଆବଶ୍ୟକତା ପୂରଣ କରିବ। ଉକ୍ତ ସ୍ଲୁଇସ୍ ନିର୍ମାଣ ବାବଦ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଯେଉଁବର୍ଷ ଜଳ ପରିମାଣ କମ୍ ରହିବ, ସେହି ଅନୁପାତରେ ଜଳବଣ୍ଟନ କମ୍ କରାଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ଓଡ଼ିଶା ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟକୁ ସମସ୍ତ ଆନୁଷଙ୍ଗିକ ଡକୁମେଣ୍ଟାରୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ନେରାଡ଼ି ବ୍ୟାରେଜର ମିଳିତ ସର୍ଭେକୁ ବିରୋଧ କରି ୨୦୧୮ ଏବଂ ୨୦୧୯ରେ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଏର ହୋଇଥିଲା।

# ଉଲଗ୍ନ ଅବସ୍ଥାରେ ଘରକୁ ଚାଲିଚାଲି ଗଲେ ଗଣବଳାତ୍କାର ପୀଡ଼ିତା

**ମୋରଦାବାଦ, ୨୨ା୯**

ଉତ୍ତରପ୍ରଦେଶର ମୋରଦାବାଦରୁ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷୀୟା ବାଳିକା ଉଲଗ୍ନ ଅବସ୍ଥାରେ ରାସ୍ତାରେ ଚାଲିଚାଲି ଯାଉଥିବାର ସିସିଟିଭି ଫୁଟେଜ୍ ଓ ଭିଡିଓ ଭାଇରାଲ ହେବାରେ ଲାଗିଛି। ତାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ପ୍ରାୟ ୨ କି.ମି. ଚାଲି ଘରକୁ ଯାଉଥିବା ଫୁଟେଜରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ଘଟଣା ସେପ୍ଟେମ୍ବର ୧ ତାରିଖର। ହେଲେ ଭିଡିଓ ବହୁଳ ପ୍ରସାରିତ ହେବା ପରେ ଏବେ ଏହା ଚର୍ଚ୍ଚାକୁ ଆସିଛି। ମୋରଦାବାଦ ପୋଲିସ କହିବା ଅନୁଯାୟୀ, ନାବାଳିକା ଜଣକ ପଡ଼ୋଶୀ ଗ୍ରାମକୁ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ତାଙ୍କୁ ୫ ଜଣ ଅପହରଣ କରିଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ନାବାଳିକାଙ୍କ ପୋଷାକ ଓ ଅନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ପୀଡ଼ିତାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ନାଁରେ ଗଣବଳାତ୍କାର ମାମଲା ରୁଜୁ ହୋଇଛି। ଗତ ୧୫ ତାରିଖରେ ଅଭିଯୁକ୍ତ ନୌଶେଦ୍ ଅଲିଙ୍କୁ ଗିରଫ କରାଯାଇଛି। ତେବେ ମେଡିକାଲ ଟେଷ୍ଟ ରିପୋର୍ଟରେ ନାବାଳିକାଙ୍କୁ ବଳାତ୍କାର କରାଯାଇ ନ ଥିବା ଉଲ୍ଲେଖ ରହିଛି। ଘଟଣାର ତଦନ୍ତ ଚାଲିଥିବା ମୋରଦାବାଦ ରେଞ୍ଜ ଡିଆଇଜି ଶାଲାଭ ମାଥୁର କହିଛନ୍ତି। ତେବେ ନାବାଳିକାଙ୍କ ମାତାପିତା ଗଣବଳାତ୍କାର ହୋଇ ନ ଥିବା ବୟାନ ଦେଇଛନ୍ତି ବୋଲି ଏସ୍‌ପି ସନ୍ଦୀପ କୁମାର ମୀନା କହିଛନ୍ତି। ପୀଡ଼ିତା ଜଣେ ମାନସିକ ରୋଗୀ ବୋଲି ମଧ୍ୟ ପୋଲିସ କହିଛି।




# ସ୍ତ୍ରୀ ଖୁସି ପାଇଁ ଅନ୍ୟର ପିଲାକୁ ହସ୍ପିଟାଲରୁ ନେଇଥିଲେ ସ୍ୱାମୀ

**ରାୟଗଡ଼ା ଅଫିସ,୨୨ା୯**

**ରାୟଗଡ଼ା ଜିଲା ଚିକିତ୍ସାଳୟ**




ପ୍ରସବ ବେଳେ ନିଜ ସନ୍ତାନ ନଷ୍ଟ ହୋଇଯିବାରୁ ସ୍ତ୍ରୀ ଭାଙ୍ଗିପଡ଼ିଥିଲେ। ଫଳରେ ଅନ୍ୟର ଶିଶୁପୁତ୍ରକୁ ଡାକ୍ତରଖାନାରେ ଏକା ଦେଖି ସ୍ୱାମୀ ଘରକୁ ନେଇଗଲେ। ହେଲେ ୮ମାସର ଶିଶୁପୁତ୍ର ନିଜ ମା'କୁ ଛାଡ଼ି ତାଙ୍କ ପାଖରେ ରହିପାରି ନ ଥିଲେ। କାନ୍ଦ ବନ୍ଦ ନ ହେବାରୁ ସ୍ତ୍ରୀ ଶିଶୁପୁତ୍ରକୁ ଆଣି ତାଙ୍କର ଅସଲି ମା' କୋଳରେ ଦେବାକୁ ବାଧ୍ୟ ହୋଇଛନ୍ତି। ସଦର ବ୍ଲକ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ବଡ଼ବାଲେଶ୍ୱର ଗ୍ରାମର ଦେଶୁ ହିକକା ଏବଂ ତାଙ୍କ ସ୍ତ୍ରୀ ଜ୍ୱରରେ ପୀଡ଼ିତ ବଡ଼ ଏବଂ ମଝିଆ ପୁଅକୁ ଚିକିତ୍ସା ପାଇଁ ନେଇ ଆସିଥିବାବେଳେ ଗୁରୁବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟିଛି। ମେଡିକାଲ କର୍ତ୍ତୃପକ୍ଷ ପିଲାଚୋରି ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ କଲ୍ୟାଣସିଂହପୁର ବ୍ଲକ ଶିରିଗୁମା ଗ୍ରାମର ରାଜକୁମାର କନ୍ଧପାଣିଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଦେଶୁଙ୍କ ଦୁଇପୁଅ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ୮ ମାସର ସାନପୁଅ ମା' ବାପାଙ୍କ ନିକଟରେ ଥିଲେ। କୌଣସି ଜରୁରୀ କାମ ପଡ଼ିବାରୁ ଦେଶୁ ଏବଂ ସ୍ତ୍ରୀ ଶିଶୁପୁତ୍ରକୁ ଛାଡ଼ି ଅନ୍ୟତ୍ର ଯାଇଥିଲେ। ଏହି ସମୟରେ ସ୍ତ୍ରୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ନେଇ ଆସିଥିବା ରାଜକୁମାର ଶିଶୁଟି କାନ୍ଦୁଥିବା ଦେଖିଥିଲେ। ମାସେତଳେ ସନ୍ତାନ ହରାଇଥିବା ତାଙ୍କ ସ୍ତ୍ରୀ ମାନସିକ ଦୁଶ୍ଚିନ୍ତାରେ ରହୁଥିବାରୁ ସେ ଶିଶୁଟିକୁ ଏକା ଦେଖି ଘରକୁ ନେଇ ଚାଲିଯାଇଥିଲେ। ଏହି ଘଟଣାରେ ଟାଉନ ଥାନାରେ ୨୨୭/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି। ତେବେ କିଛିଦିନ ତଳେ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରୁ ଜଣେ ମହିଳା ଶିଶୁ ଚୋରି କରିଥିବାବେଳେ ଏବେ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ବ୍ୟକ୍ତି ବିନା ବାଧାରେ ପିଲାଟିକୁ ନେବାରେ ସଫଳ ହେଲେ। ତେଣୁ ଜିଲାର ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ସେପ୍ଟେମ୍ବର, ୨୦୨୨



## କ୍ରୀଡ଼ା ଛାତ୍ରାବାସ ଶିକ୍ଷାର୍ଥୀଙ୍କ ଲାଗି ୧୫% ସଂରକ୍ଷଣ

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଭୁବନେଶ୍ୱର ଏବଂ ସମ୍ବଲପୁର କୁଲୁଣ୍ଡି ଠାରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ନାମଲେଖା ନିମନ୍ତେ କ୍ରୀଡ଼ା ଛାତ୍ରାବାସରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ୧୫% ଆସନ ସଂରକ୍ଷିତ ରହିବ। କ୍ରୀଡ଼ା ଓ ଯୁବସେବା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଲାଭ କରିଛି। ନୂତନ ସଂରକ୍ଷଣ ବ୍ୟବସ୍ଥାରେ ବିଭିନ୍ନ ବର୍ଗଙ୍କ ନିମନ୍ତେ ପୂର୍ବରୁ ନିର୍ଦ୍ଧାରିତ ଥିବା ସଂରକ୍ଷଣ ମାତ୍ରା ୫୦% ଭିତରେ ସୀମିତ ରହିବ। ଏହାଛଡ଼ା ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ମନୋନୟନ ପ୍ରକ୍ରିୟାରେ କ୍ରୀଡ଼ା ଛାତ୍ରାବାସ ଶିକ୍ଷାର୍ଥୀଙ୍କ ନିମନ୍ତେ ୫% ନମ୍ବର କୋହଳ କରାଯିବ।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ୍ୟ ସେ ପ୍ରଜାପତି**
**ବରକୁ କନିଆ ଭେଟାଭେଟି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧନ, ଯଉବନ, ଜୁଆର ପାଣି**
**ସବୁ ଦିନେଟି ନ ଥାଏ ଉଜାଣି।**

ଯେମିତି ଜୁଆର ପରେ ଭଟ୍ଟା ଆସିଥାଏ ସେମିତି ଧନ ମଧ୍ୟ ସମୟକ୍ରମେ ସରି ଯାଇଥାଏ। ସେହିପରି ଯୌବନ ମଧ୍ୟ ଚିରସ୍ଥାୟୀ ହୋଇ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

# ଛତ୍ରପୁର ପୂର୍ବତନ ବିଧାୟକଙ୍କ ପରଲୋକ

ଗଞ୍ଜାମ/ରମ୍ଭା, ୨୨।୯(ଡି.ଏନ.ଏ.)


ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ

ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ଶିକ୍ଷକ ନେତା ଆଦିକନ୍ଦ ସେଠୀଙ୍କ ଗୁରୁବାର ଭୋରରେ ପରଲୋକ ଘଟିଛି। ବୁଧବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠୀ ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ଦଳ ତରଫରୁ ବିଧାୟକ ହୋଇଥିଲେ। ସେ ବିଧାୟକ ସମୟରେ ଗଞ୍ଜାମ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ଧାମନଗର ବିଧାନସଭା ଆସନ ଖାଲି ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଭଦ୍ରକ ଜିଲା ଧାମନଗର (ଏସ୍‌ସି)-୪୬ ନଂ. ବିଧାନସଭା ନିର୍ବାଚନମଣ୍ଡଳୀ ଆସନରୁ ଷୋଡ଼ଶ ବିଧାନସଭାକୁ ନିର୍ବାଚିତ ସଦସ୍ୟ ବିଷ୍ଣୁ ଚରଣ ସେଠୀଙ୍କ ବିୟୋଗରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଧାନସଭାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ତଥା ସଚିବ ଦାଶରଥି ଶତପଥୀ ଗୁରୁବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ଓଡ଼ିଶା ଗେଜେଟ୍‌ର ଅସାଧାରଣ ପ୍ରସଙ୍ଗରେ ସ୍ଥାନିତ କରିବା ପାଇଁ ପତ୍ର ପଠାଯିବା ସହ ଏହାର ନକଲ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ ଆୟୁକ୍ତ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ସମସ୍ତ ବିଧାୟକ ଏବଂ ଏମ୍‌ପି, ଲୋକ ସଭା ଏବଂ ରାଜ୍ୟ ସଭାର ମହାସଚିବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

# ମାର୍ଚ୍ଚ ସୁଦ୍ଧା ସବୁ ବଡ଼ ଗାଡ଼ିରେ ପାନିକ୍ ବଟନ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜ୍ୟର ସର୍ବସାଧାରଣ ସେବାରେ ବ୍ୟବହୃତ ହେଉଥିବା ସମସ୍ତ ବଡ଼ ଯାନରେ ଲାଗିବ ବ୍ରେକିଂ ଲୋକେସନ ଟ୍ରାକିଂ ଡିଭାଇସ୍ ଓ ପାନିକ୍ ବଟନ। ସଡ଼କରେ ସୁରକ୍ଷିତ ଯାତ୍ରା ଲାଗି କେନ୍ଦ୍ର ସରକାର ୨୦୧୮ରେ ଆଣିଥିବା ଏହି ନିର୍ଦ୍ଦେଶକୁ ଏବେ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୁଣା ଗାଡ଼ି ମାଲିକମାନଙ୍କ ପାଇଁ ମାର୍ଚ୍ଚକୁ ଡେଡ୍‌ଲାଇନ୍ ରଖାଯାଇଛି। ଜାରି କରାଯାଇଥିବାବିଜ୍ଞପ୍ତି ଅନୁଯାୟୀ, ୨୦୨୨ ଡିସେମ୍ବର ୩୧ ପୂର୍ବରୁ କିଣାଯାଇଥିବା ଗାଡ଼ିଗୁଡ଼ିକ ପାଇଁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଛି। ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଗାଡ଼ିରେ ଏହି ଡିଭାଇସ୍ ଲଗାଇବାକୁ ଚାଳକ ବାଧ୍ୟ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ୨୦୨୩ ଜାନୁୟାରୀରେ କିଣାଯିବାକୁ ଥିବା ଗାଡ଼ିର ରେଜିଷ୍ଟ୍ରେଶନ୍ ପୂର୍ବରୁ ଏହି ଡିଭାଇସ୍ ଲାଗିଥିବା ଜରୁରୀ। ହେଲେ ଦୁଇ ଚକିଆ ଏବଂ ୩ ଚକିଆ ଗାଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଦୁର୍ଘଟଣା ଘଟିଲେ ଗୋଟିଏ ବଟନ୍ ଦବାଇବା ମାତ୍ରେ କଣ୍ଟ୍ରୋଲ ରୁମ୍‌କୁ ମେସେଜ୍ ଚାଲିଯିବ। ଏହି ସିଷ୍ଟମରେ କୌଣସି ଗାଡିରେ ପରମିଟ ନ ଥିଲେ ମଧ୍ୟ ଜଣାପଡ଼ିଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏସ୍‌ଟିଏ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ଯାତ୍ରୀବାହୀ ଗାଡ଼ିର ଯାତ୍ରୀ ଯେତେବେଳେ ପାନିକ୍ ବଟନ୍‌କୁ ଦବାଇବେ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଏନ୍‌ଫୋର୍ମେଣ୍ଟ ଗାଡି ସଚେତନ ହୋଇଯିବ। ଉକ୍ତ ଗାଡିକୁ ଟ୍ରାକ୍ କରାଯିବ। ଗାଡିର ଅବସ୍ଥିତି ନେଇ ଏହି ଟ୍ରାକିଂ ଡିଭାଇସ୍ ସୂଚନା ଦେବ। କେବଳ ସେତିକି ନୁହେଁ, ପାନିକ୍ ବଟନ ଚାଳକଙ୍କୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ପ୍ରଦାନ କରିବ। ଭୁବନେଶ୍ୱରରେ ଏହାର କମାଣ୍ଡ କଣ୍ଟ୍ରୋଲ୍ ରୁମ୍ ରହିବ। କୌଣସି ଦୁର୍ଘଟଣା ଘଟିଲେ କିମ୍ବା ଯାତ୍ରୀଙ୍କ କୌଣସି ଅସୁବିଧା ହେଲେ ପାନିକ୍ ବଟନ୍ ଦବାଇବା ଦ୍ୱାରା ଏହା କଣ୍ଟ୍ରୋଲ ରୁମ୍‌କୁ ଜଣାପଡ଼ିଯିବ। ଏହି ବ୍ୟବସ୍ଥା ଦ୍ୱାରା ଗାଡ଼ିର ଅବସ୍ଥିତି ନେଇ ମାଲିକ ଏବଂ ଅନ୍ୟ ପଞ୍ଜୀକୃତ ଅଧିକାରୀଙ୍କୁ ୨୪ ଘଣ୍ଟିଆ ସୂଚନା ଦିଆଯାଇପାରିବ। ଗାଡିରେ ବ୍ରେକିଂ ଲୋକେସନ ଡିଭାଇସ୍ ଲାଗିବା ଦ୍ୱାରା ଗାଡ଼ି ମାଲିକ, ପୋଲିସ, ଫାୟାର, କଣ୍ଟ୍ରୋଲ ରୁମ୍ ଏବଂ ଅନ୍ୟ ଅଧିକୃତ ସଂସ୍ଥାକୁ ସୂଚନା ମିଳିବ। ଚୋରି, ଦୁର୍ଘଟଣା କିମ୍ବା ଅନ୍ୟ ଅଘଟଣ ଘଟିଲେ ଗାଡ଼ିର ଅବସ୍ଥିତି ସହଜରେ ଜଣାପଡ଼ିଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପୁନର୍ଗଠିତ ହେବ ଓଡ଼ିଶା ସମବାୟ ସେବାବର୍ଗ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଓଡିଶା ସମବାୟ ସେବାବର୍ଗ ହେଉଛି ଓଡିଶା ପ୍ରଶାସନିକ ସେବାବର୍ଗର ଗୋଟିଏ ଅଂଶ। ବର୍ତ୍ତମାନ ନିବନ୍ଧକ ସମବାୟ ସମିତି ସମୂହ, ଓଡିଶାଙ୍କ କାର୍ଯ୍ୟଭାର, ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଏହାର ପ୍ରତିଷ୍ଠା ହେବା ଠାରୁ ମାତ୍ର ଛୋଟିଆ ପୁନର୍ଗଠନ ୨୦୧୧ ମସିହାରେ ହୋଇଥିଲା। ପ୍ରମୋଶନରେ ବାଧକତା ହେତୁ ଏହି ବର୍ଗରେ ସେବାରତ ଅଧିକାରୀମାନେ ଚାକିରୀ କାଳ ମଧ୍ୟରେ ପ୍ରମୋଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଓଡିଶା ସମବାୟ ସେବାବର୍ଗର ଆବଶ୍ୟକତା ଅନୁସାରେ ପୁନର୍ଗଠନର ଆବଶ୍ୟକତା ଦେଖି ରାଜ୍ୟ ସରକାର ଗୁରୁବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରିଛନ୍ତି। ଏହି ପୁନର୍ଗଠନ ସେବାବର୍ଗକୁ ପଦୋନ୍ନତିରେ ଗତିଶୀଳ କରି ଏହାର କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଓଡିଶା ସମବାୟ ସେବାବର୍ଗର ପଦବୀ ସଂଖ୍ୟା ୧୨୨ରୁ ୨୦୩କୁ ବୃଦ୍ଧି କରିବା ଦିଗରେ ନିଷ୍ପତ୍ତି ନେଇ ପ୍ରସ୍ତାବ ପାରିତ କରିଛନ୍ତି।


# classifieds

Everyday
0674-2580101, 2549302




**SALE**

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120




**SALE**

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

**Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759.** D-74121

**Readymade 2/3 BHK flat sale at Acharyavihar. Contact: 7978209277.** D-1537

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର **Rs 850/-sqft. Mob: 7008368091, 9437714391.** D-1576

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । **Mob.- 9827119799** D-1580

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112




Ashirvaad Saloon and SPA getgood massage for your health tha best therapy. 7077181074. D-73973

**One hour any therapy by expert therapist @999 only. 9078484455.** D-73645

Only professional massage and steam bath, Trupti Spa - 9337337007, 9861550765. D-1577

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly opened full body massage center by expert therapist. 7381172169. D-73648

Full body massage in homely atmosphere. All Therapy, Mob.- 8114881641. D-73714

Newly open Spa positively health benefit with expert. Contact: 7749976301. D-73873




Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

Medical Exam. Registration- BAMS/ BHMS/BUMS/BDS/BPT/ ANM/ GNM/ D.Pharma/ Dental Hygiene/ DHMS/ DAMS/ DUMS. W.A-9064681304. D-1600

**LOST**

It is notified for information that my Original Pass Certificate and Marksheet issued by ICSE from Saint Lawrence School of passing year 2020 has been lost or misplaced. Name- Nathaniel Thomas Babu, Index No.- 1206819/090, Address- S.B. Pharmaceutical, Similipada, Angul- 759122. Tel- 8984285232. D-1598




**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

**AFFIDAVIT**

Affidavit before Executive Magistrate, Dhenkanal, I Dillip Nayak, At-Balaram Vihar, PO-Jubuleetown, Dhenkanal changed my Son's name from Gourav Nayak to Gaurav S.S Nayak, DOB-02.06.2010 for LIC Policy- 598609619 and all purposes. D-74015

By virtue of an affidavit sworn before the Notary Public, Jharsuguda I, Susanta Kumar Darjee, R/o. At/PO. Ektali, Dist. Jharsuguda declared that I am serving as soldier in India Army. My wife's actual name is Shweta Darjee, but in my service record her name has been wrongly mentioned as Sweta Darjee. That Shweta Darjee and Sweta Darjee are the names of one and same person. D-1602

**ପାଠକଙ୍କ ପାଇଁ ସୂଚନା**

ଖ୍ୟାତିସ୍ତରରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨ହଜାର ଟଙ୍କାରେ ଦୁଇ ପିଲାଙ୍କୁ ବିକିଥିଲେ

ନୀଳଗିରି,୨୨।୯(ସ୍ୱ.ପ୍ର): ଆର୍ଥିକ ଦୁର୍ଦ୍ଦିନରେ ପଡ଼ି ଦମ୍ପତି ସେମାନଙ୍କ ଦୁଇ ଶିଶୁଙ୍କୁ ୨ ହଜାର ଟଙ୍କାରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେବା ଘଟଣା ପଦାକୁ ଆସିଛି। ଫଳରେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ପୋଲିସ ପହଞ୍ଚି ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରିବା ସହ ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଅସ୍ତିଆ ପାଟଣା ଗାଁର ଶ୍ୟାମ ହାଁସଦାଙ୍କ ଦୁଇ ସ୍ତ୍ରୀ ଥିଲେ। ଦୁଇ ସ୍ତ୍ରୀଙ୍କ ଦୁଇ ପୁତ୍ର ସନ୍ତାନ ଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ବର୍ଷକ ତଳେ ଶ୍ୟାମ ତାଙ୍କର ଗୋଟିଏ ପୁଅକୁ ନୀଳଗିରି ଏନ୍‌ଏସି ଅଧୀନ ୧ନଂ. ୱାର୍ଡର ଷ୍ଟେଟ୍ ବ୍ୟାଙ୍କ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ୧ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ପରେ ଶ୍ୟାମ ରୋଗାଗ୍ରସ୍ତ ହୋଇ ପଡ଼ିଥିଲେ। ତାଙ୍କ ଚିକିତ୍ସା ପାଇଁ ଅର୍ଥାଭାବରୁ ଦ୍ୱିତୀୟ ସ୍ତ୍ରୀ ପାନ ହାଁସଦା ଅନ୍ୟ ଏକ ୮ବର୍ଷର ପୁଅକୁ ମଧ୍ୟ ସେହି ବ୍ୟକ୍ତିଙ୍କୁ ହଜାରେ ଟଙ୍କାରେ ବିକ୍ରି କରିଥିଲେ। କିଛି ମାସ ତଳେ ଶ୍ୟାମଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଗୁରୁବାର ପାନ ହାଁସଦା ଏହି ପିଲା ବିକ୍ରି କଥା ଗାଁ ଲୋକଙ୍କୁ ଜଣାଇବା ପରେ ଶତାଧିକ ଲୋକ ପିଲା କିଣିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ଗୋଟିଏ ପୁଅକୁ ଉଦ୍ଧାର କରିଥିଲେ। ପରେ ନୀଳଗିରି ପୋଲିସ ଅନ୍ୟ ଜଣଙ୍କୁ ଉଦ୍ଧାର କରିଥିଲା।

## ୭୦ ହଜାର ହେକ୍ଟର...

ପ୍ରଥମ ପୃଷ୍ଠାରୁ...

ଉକ୍ତ ଯୋଜନାରେ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ଖରସୁଆଁ, କାଣୀ ଓ ବୈତରଣୀ ନଦୀରୁ ଜଳ ଉତ୍ତୋଳନ କରାଯାଇ ୧୨, ୯୧୪ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯିବ। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସକାଶେ ୩୭୬ କୋଟି ୬୭ ଲକ୍ଷ ଟଙ୍କା ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୨୯ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁର କରିଛି। ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଯାଜପୁର ଓ କେନ୍ଦ୍ରାପଡା ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ସେହିପରି ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା ଅଧୀନରେ କଟକ ଓ ଅନୁଗୋଳ ଜିଲାରେ ମହାନଦୀ ଏବଂ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୧୪,୩୩୨ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପର ନିର୍ମାଣ ପାଇଁ ଡକାଯାଇଥିବା ୪୩୧ କୋଟି ୪୭ ଲକ୍ଷ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୩୪ କୋଟି ୫୨ ଲକ୍ଷ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ଶେଷ କରାଯିବ। ଉକ୍ତ ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ସେହିପରି ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା ଅଧୀନରେ କେନ୍ଦୁଝର ଜିଲାର ଆନନ୍ଦପୁର ବାମମୁଖ୍ୟ କେନାଲ ବିଦ୍ୟାଧରପୁର ଆନିକଟ, ହଦଗଡ଼ ଜଳଭଣ୍ଡାର, ଆନନ୍ଦପୁର ଆନିକଟ ଏବଂ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୧୭,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପର ନିର୍ମାଣ ପାଇଁ ଡକାଯାଇଥିବା ୫୧୧ କୋଟି ୩୦ଲକ୍ଷ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୪୧ କୋଟି ୬୫ ଲକ୍ଷ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ଶେଷ କରାଯିବ। ଉକ୍ତ ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ବଲାଙ୍ଗୀର ଜିଲାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଷମ ବଣ୍ଟନ ଓ ଜଳ ଅପଚୟ ରୋକିବା ଏବଂ କମ୍ ଜମି ଅଧିଗ୍ରହଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୋଲା କେନାଲ ଜଳସେଚନ ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲାର ୧୩ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏ ନେଇ ଜଳସମ୍ପଦ ବିଭାଗ ଦ୍ୱାରା ଚୂଡ଼ାନ୍ତ କରାଯାଇଥିବା ୬୩୪ କୋଟି ୧୪ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପଟି ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଟେଣ୍ଡର ନେଇଥିବା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣା ବେକ୍ଷଣ କରିବ।

ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରୁ ୧୧୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଭଦ୍ରକ ଜିଲାର ଧାମନଗର ବ୍ଲକ ଅଧୀନ କୁତୁରିଆ ଗ୍ରାମ ନିକଟରେ କୋଚିଲା ନଦୀରେ ଓ ଯାଜପୁର ଜିଲାର ଦଶରଥ ପୁର ବ୍ଲକ ଅଧୀନ ଧୋବାବିଲ ଗ୍ରାମ ନିକଟ ବୈତରଣୀ ନଦୀରେ ଏକ ମିଳିତ ଆନିକଟ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୨୦୦,୦୦,୦୦,୦୦୦ ଟଙ୍କା ଏବଂ ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୧,୦୦,୦୦,୦୦୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉକ୍ତ ପ୍ରକଳ୍ପ କୋଚିଲା ନଦୀରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ବୈତରଣୀ ନଦୀକୁ ପୁନରୁଜ୍ଜୀବିତ କରିବାରେ ସହାୟକ ହେବ। ଏହା ଭଦ୍ରକ ଜିଲା ଧାମନଗର ବ୍ଲକ ଓ ଯାଜପୁର ଜିଲା ଦଶରଥପୁର ବ୍ଲକର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବ। ଏହାଛଡା ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ...

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ୨୦୫ ଛେଳିକୁ ଉଦ୍ଧାର କରାଯାଇ ଅନ୍ୟ ଏକ ଗାଡ଼ିରେ ଭୁବନେଶ୍ୱର ପଠାଇ ଦିଆଯାଇଥିବା ବେଳେ ନିଖୋଜ ଥିବା ୨୦ରୁ ଊର୍ଦ୍ଧ୍ୱ ଛେଳି ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ତେବେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଭଣ୍ଡାରିପୋଖରୀ ଥାନାଧିକାରୀ ଅମିତାଭ ଦାସ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍‌ଭାବ ପାଇବେ। ମଧ୍ୟାହ୍ନରେ ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ କାର୍ଯ୍ୟ ତ୍ୱରାନ୍ୱିତ ହେବ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଶା ପୂରଣ ସମ୍ଭାବନା ରହିଛି।

**ବୃଷ**

ମୃଗଶିରା ନକ୍ଷତ୍ର ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହେବେ। ଜମିଜମା କାରବାର, ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନସନ୍ ଲାଗିରହିବ। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳି ଯାଇପାରେ।

**ମିଥୁନ**

ଆଜି ପୁନର୍ବସୁ ନକ୍ଷତ୍ରର କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ରହିବେ। ଦିନ ମଧ୍ୟରେ ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବାକୁ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**

ପୁଷ୍ୟା ନକ୍ଷତ୍ର ଦୃଢ଼ ମନୋବଳ ନେଇ ଆଗକୁ ମାଡି ଚାଲିବେ। ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟହୋଇ ସମ୍ପର୍କୀୟ ପଛରେ ସମାଲୋଚନା କରିପାରନ୍ତି। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ମାତ୍ର ନିଜର ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇବ।

**ସିଂହ**

କର୍ମକ୍ଷେତ୍ରରେ ଅବହେଳା ଯୋଗୁ କାମଟି ବିଗିଡ଼ି ଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବାରୁ ଖୁସି ରହିବେ। ମଘା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କନ୍ୟା**

ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହେବ। ମୁହଁରେ ମିଠା କଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ପରିସ୍ଥିତିବଶତଃ ମିତ୍ରତା ସାଜିବା ପାଇଁ ଚେଷ୍ଟିତହେବେ। ହସ୍ତା ନକ୍ଷତ୍ରର ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା**

ଆଜିର କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟପାତ୍ର ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ।

**ବିଛା**

ପରିବାର ମଧ୍ୟରେ ବିଭିନ୍ନ ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜି ସୁନ୍ଦର କଥାରେ ବନ୍ଧୁଙ୍କୁ ଆପଣାର କରିବେ। ଅନୁରାଧା ନକ୍ଷତ୍ର ଅଫିସ କାମରେ ପ୍ରତ୍ୟେକ ଦିଗକୁ ବିଚାର କରି କାମ କରନ୍ତୁ। ସାଧାରଣ କଥାକୁ ନ ବୁଝି ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ**

ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ମୂଳା ନକ୍ଷତ୍ର ସରକାରୀ ସ୍ତରରୁ ଆଶା କରୁଥିବା ଶୁଭ ଖବର ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ମକର**

ଆଜି ନିଜର ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ**

ଆଜି ଦିନ ମଧ୍ୟରେ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ଶତଭିଷା ନକ୍ଷତ୍ରର କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ।

**ମୀନ**

ମାନସିକ ଅସ୍ଥିରତା କାରଣରୁ କାମ ଉତ୍ସାହପ୍ରଦ ହେବ ନାହିଁ। ରେବତୀ ନକ୍ଷତ୍ରର ଖର୍ଚ୍ଚଭାର ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ। ସଭାସମିତିରେ ସଫଳତା ହାସଲ କରି ଆନନ୍ଦ ଅନୁଭବ କରିବେ ।

**ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟକୁ ୫୦ ଏକର ମାଗଣା ଜମି**

ଭୁବନେଶ୍ୱର, ୨୨।୯(ବ୍ୟୁରୋ): ରାଜ୍ୟ ସରକାର ବଲାଙ୍ଗୀର ଜିଲା ବଲାଙ୍ଗୀର ତହସିଲ ଅନ୍ତର୍ଗତ ବଲାଙ୍ଗୀର 'ଗ' ମୌଜାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଭିତ୍ତିଭୂମି ବିକାଶ ନିମନ୍ତେ ମାଗଣାରେ ୫୦.୪୩୭ ଏକର ଜମି ପ୍ରଦାନ କରିଛନ୍ତି। ବିନା ବାର୍ଷିକ ଭୂ ରାଜସ୍ୱ, ସେସ୍ ଏବଂ ବିନା ଆନୁଷଙ୍ଗିକ ଖର୍ଚ୍ଚରେ ଲିଜ୍ ସୂତ୍ରରେ ଏହି ଜମି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭୂ ରାଜସ୍ୱ ଓ ସେସ୍ ବାବଦକୁ ବାର୍ଷିକ ୧ଟଙ୍କା ଟୋକନ ହିସାବରେ ଦେବାକୁ ପଡିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏ ସଂକ୍ରାନ୍ତ ପ୍ରସ୍ତାବକୁ ଗୁରୁବାର ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

# ବିଳମ୍ବିତ ରାତିରେ ଖୋଲୁନି ଔଷଧ ଦୋକାନ

## ହଇରାଣ ହେଉଛନ୍ତି ଲୋକେ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ ସିଟି କୁହାଯାଉଛି। ଏଠି ହାତ ପାହାନ୍ତାରେ ସବୁ କିଛି ମିଳିଯାଉଛି। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ମିଳିପାରୁନି। କେଉଁଠି ହସ୍ପିଟାଲରେ ରୋଗୀ ପାଇଁ ବେଡ୍ ନାହିଁ ତ ଆଉ କେଉଁଠି ଡାକ୍ତର ଅଭାବ। ସ୍ୱାସ୍ଥ୍ୟସେବା ଏବଂ ଔଷଧ ଉପଲବ୍ଧ ଏକ ୨୪ଘଣ୍ଟିଆ ଜରୁରୀ ଆବଶ୍ୟକତା ହୋଇଥିବାବେଳେ ରାଜଧାନୀରେ ବିଳମ୍ବିତ ରାତିରେ ହାତଗଣତି କେତେକ ମେଡିସିନ ଷ୍ଟୋରକୁ ଛାଡ଼ିଦେଲେ ଅନ୍ୟସବୁ ଦୋକାନ ବନ୍ଦ ରହୁଛି। ଫଳରେ ରାତି ଅଧରେ କାହାର ମେଡିସିନ୍‌ର ଆବଶ୍ୟକ ପଡ଼ିଲେ ନାହିଁ ନ



ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ୨୪ ଘଣ୍ଟିଆ ଔଷଧ ଦୋକାନ ଖୋଲିବାକୁ ସାଧାରଣ ଲୋକେ ଦାବି କରୁଛନ୍ତି। ନିୟମ ଅନୁସାରେ ବିଳମ୍ବିତ ରାତିରେ ମେଡିସିନ୍ ଷ୍ଟୋର ଖୋଲିବାକୁ ଅନୁମତି ନେବାକୁ ପଡ଼ିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲର କହୁଥିବାବେଳେ ବିଳମ୍ବିତ ରାତିରେ ଦୋକାନ ଖୋଲିଲେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ମେଡିସିନ ଦୋକାନୀ କହୁଛନ୍ତି। ଉଭୟ ଆବଶ୍ୟକତା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଳମ୍ବିତ ରାତିରେ ମେଡିସିନ୍ ଷ୍ଟୋର ଖୋଲାଗଲେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

## ସେମାନେ କୁହନ୍ତି....

"ମେଡିସିନ୍ ଷ୍ଟୋର ସକାଳ ୭ଟା ୩୦ରୁ ଆରମ୍ଭ ହୋଇ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଚାଲେ। ଅଧିକ ରାତି ପର୍ଯ୍ୟନ୍ତ ଖୋଲିବାକୁ କୌଣସି ବାଧା ନାହିଁ କିମ୍ବା କଟକଣା ମଧ ନାହିଁ। କିନ୍ତୁ କିଛି ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପାଇଁ ଷ୍ଟୋର ବିଳମ୍ବିତ ରାତିରେ ଖୋଲାଯାଇ ପାରୁନାହିଁ। ଏପରି କି ରାତି ସମୟରେ ଡ୍ୟୁଟି କରିବା ପାଇଁ କର୍ମଚାରୀମାନେ ମଧ ଆଗ୍ରହ ପ୍ରକାଶ କରୁନାହାନ୍ତି।

**- ଆର୍. କେ. ମହାପାତ୍ର, ବାଲାଜୀ ମେଡିସିନ୍ ଷ୍ଟୋର**

"ଆମ ଷ୍ଟୋର ଦିନ ୮ରୁ ରାତି ୧୧ପର୍ଯ୍ୟନ୍ତ ଖୋଲା ରୁହେ। ରାତି ସମୟରେ ଖୋଲିବାର ଆବଶ୍ୟକତା ମଧ ସେମିତି କିଛି ନାହିଁ। ଲୋକମାନଙ୍କ କୌଣସି ଅସୁବିଧା ହେଲେ ସେମାନେ ମେଡିକାଲ ପାଖରେ ଥିବା ଷ୍ଟୋରକୁ ଯାଆନ୍ତି। ସବୁଠାରୁ ବଡ଼ କଥା ହେଲା ରାତି ସମୟରେ ବେପାର ମଧ ଆଖିଦୃଶିଆ ନୁହେଁ।

**- ଶିବ ପ୍ରସାଦ ସୁବୁଦ୍ଧି, ଲୋକନାଥ ମେଡିସିନ୍ ଷ୍ଟୋର**

"ରାତି ହେଲେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ୁଛି। ଲୋକଙ୍କ ଭଲ ପାଇଁ ରାତିରେ ମେଡିସିନ ଷ୍ଟୋର ଖୋଲା ରଖିବାକୁ ଚାହିଁଲେ ମଧ କିଛି ସୁରକ୍ଷା ଦୃଷ୍ଟିରୁ ଷ୍ଟୋର ଶୀଘ୍ର ବନ୍ଦ ରଖିବାକୁ ପଡୁଛି। ଟଙ୍କା ନ ଦେବା, ମେଡିସିନ୍ ଛଡ଼ାଇ ନେଇଯିବା, ଗାଳିଗୁଲଜ କରିବା ଆଦି ସମସ୍ୟାର ଆମେ ସମ୍ମୁଖୀନ ହୋଇଛୁ। ତେଣୁ ଏବେ ଷ୍ଟୋର ୧୧ ପର୍ଯ୍ୟନ୍ତ ଖୋଲୁଛୁ।

**- କାର୍ତ୍ତିକ କର, ଶହୀଦନଗର ଆପୋଲୋ ଫାର୍ମାସି**

ମେଡିସିନ୍ ଷ୍ଟୋର ଲୋକଙ୍କ ସେବା ପାଇଁ ରାତିଦିନ ଖୋଲା ରହିବା କଥା। କେତେବେଳେ କେଉଁ ମୁହୂର୍ତ୍ତରେ ଦରକାର ପଡ଼ିବ ତାହା କହିହେବ ନାହିଁ। ଆଖପାଖ ଷ୍ଟୋର ଖୋଲା ନ ରହିଲେ ଆବଶ୍ୟକ ସମୟରେ ଦୂର ସ୍ଥାନକୁ ଯାଇ ମେଡିସିନ୍ ଆଣିବା ବେଳକୁ କିଛି ବି ଘଟି ଯାଇପାରେ। ଆଗରୁ ମେଡିସିନ୍ ଷ୍ଟୋରଗୁଡ଼ିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିଲା କିନ୍ତୁ ଏବେ ଶୀଘ୍ର ବନ୍ଦ ହୋଇଯାଉଛି, ଯଦ୍ୱାରା ଅନେକ ସମୟରେ ହଇରାଣ ହେବାକୁ ପଡୁଛି।

**- ରମେଶ ଚନ୍ଦ୍ର ନନ୍ଦ, ରାଜଧାନୀ ବାସିନ୍ଦା**

"ରାତିରେ ଖୋଲିବାର କିଛି ଅସୁବିଧା ନାହିଁ। କିନ୍ତୁ ରାତିରେ ବ୍ୟବସାୟ କେତେ ହେବ ସେଇଟା ଜାଣିବା ଦରକାର। ରାତିରେ ପ୍ରାୟ ୨ ରୁ ୩ଜଣ ଔଷଧ କିଣିବାକୁ ଆସିବେ। ଏହାଛଡ଼ା ରାତିରେ ଦୋକାନ ଖୋଲିଲେ ଅଧିକ କର୍ମଚାରୀ ରଖିବାକୁ ପଡ଼ିବ। ତେଣୁ ସବୁ ଔଷଧ ଦୋକାନ ଯଦି ରାତିରେ ଖୋଲିବ କିଛି ଲାଭ ହେବ ନାହିଁ। ଏଥିପାଇଁ ସରକାର କିଛି ସ୍ୱତନ୍ତ୍ର ଦୋକାନକୁ ରାତିରେ ଖୋଲିବାକୁ ଅନୁମତି ଦିଅନ୍ତୁ।

**- ପି. ସତ୍ୟନାରାୟଣ, ସଭାପତି, ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ**

"ଯେଉଁ ଔଷଧ ଦୋକାନୀ ରାତିରେ ଖୋଲିବାକୁ ଚାହିଁବେ, ସେମାନେ ଖୋଲିପାରିବେ। ଏଥିପାଇଁ ଅଧିକ ଫାର୍ମାସିଷ୍ଟ ରଖିବାକୁ ପଡ଼ିବ। ଯଦି କେହି ୨୪ ଘଣ୍ଟିଆ ଖୋଲିବାକୁ ଚାହୁଛନ୍ତି, ତେବେ ସେମାନେ ୩ଜଣ ଫାର୍ମାସିଷ୍ଟ ରଖିବାକୁ ପଡ଼ିବ। କାରଣ ଲେବର ଆକ୍ଟ ଅନୁସାରେ ଜଣେ କର୍ମଚାରୀ ୮ଘଣ୍ଟା ଡ୍ୟୁଟି କରିବେ। ସେଥିପାଇଁ ଯିଏ ୨୪ ଘଣ୍ଟିଆ ଖୋଲିବାକୁ ଚାହିଁବେ, ସେମାନେ ଉପଯୁକ୍ତ କାଗଜାଦି ସହ ଆବେଦନ କଲେ ତାଙ୍କୁ ଅନୁମତି ମିଳିପାରିବ।

**- ସୁବୋଧ କୁମାର ନାୟକ, ଡ୍ରଗ୍‌ସ କଣ୍ଟ୍ରୋଲର, ଓଡ଼ିଶା**




# ଆଇନ ବିଭାଗକୁ ଚିଠି ଲେଖିନି ଶ୍ରୀମନ୍ଦିର ପ୍ରଶାସନ

## ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା

- ୨୭ରେ ପରିଚାଳନା କମିଟି ବୈଠକ
- ଆଲୋଚନା ନ ହେବା ନେଇ ଆଶଙ୍କା

ପୁରୀ ଅଫିସ,୨୨।୯

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲି ସ୍ଥିତି ଯାଞ୍ଚ ସହ ମରାମତି କରାଯିବା ପାଇଁ ରାଜ୍ୟ ସାରା ଜଗନ୍ନାଥପ୍ରେମୀମାନେ ଦାବି କରୁଛନ୍ତି। ମାତ୍ର ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ୨୦୧୮ ଏପ୍ରିଲ ୪ ତାରିଖରେ ୧୭ଜଣିଆ ପ୍ରାଧିକୃତ କମିଟି ଓ ଗତ ଅଗଷ୍ଟରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ରତ୍ନଭଣ୍ଡାର ମରାମତି ପାଇଁ ସୁପାରିସ କରିଥିଲେ ମଧ ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ୨୦୧୮ ମସିହାଠାରୁ ଏଯାବତ୍ ଶ୍ରୀମନ୍ଦିର ପ୍ରଶାସନ ଆଇନ ବିଭାଗକୁ ଏ ସଂକ୍ରାନ୍ତରେ ସୁପାରିଶ କରିବା ତ ଦୂରର କଥା ଚିଠିଟିଏ ମଧ ଲେଖିନାହିଁ। ଗୁରୁବାର ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମାଗିଥିଲେ। ଆବେଦନ ମାମଲା ନମ୍ବର ୨୮/୨୦୨୨ରେ ତଥ୍ୟ ପ୍ରଦାନ ସ୍ୱରୂପ ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି ଯେ, ୨୦୧୮ ଏପ୍ରିଲ ୫ ଠାରୁ ୨୦୨୨ ଜୁନ୍ ୩୦ ମଧରେ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ଆଇନ ବିଭାଗକୁ ଏନେଇ କୌଣସି ଚିଠି ଲେଖିନାହିଁ। ଯାହାଫଳରେ ରତ୍ନଭଣ୍ଡାର ମରାମତି ସଂକ୍ରାନ୍ତ ନିଷ୍ପତ୍ତି ଉପରେ ଆଲୋଚନା ହୋଇପାରୁନାହିଁ। ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ସମ୍ପର୍କିତ ଯେକୌଣସି ପ୍ରସଙ୍ଗ ପ୍ରଥମେ ପରିଚାଳନା କମିଟିରେ ଅନୁମୋଦିତ ହେବ। ଏହାପରେ ପ୍ରଶାସନ ମାଧମରେ ଉକ୍ତ ସୁପାରିଶକୁ ରାଜ୍ୟ ଆଇନ ବିଭାଗ ପାଖକୁ ପଠାଯିବ। ରାଜ୍ୟ ଆଇନ ବିଭାଗ ସଂପୃକ୍ତ ସୁପାରିଶ ଉପରେ ବିଚାର କରି ବିଭାଗୀୟ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ତେବେ ପରିଚାଳନା କମିଟିରେ ପ୍ରସଙ୍ଗ ନ ଉଠିବା କାରଣରୁ ରତ୍ନଭଣ୍ଡାର ମରାମତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁରୁତ୍ୱ ହରାଉଥିବା କୁହାଯାଉଛି।

ଅନ୍ୟପକ୍ଷରେ ଆସନ୍ତା ୨୭ ତାରିଖରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଗୁରୁବାର ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ପରିଚାଳନା କମିଟି ମୋହର ମାରିବ। ସେହିପରି ୨୭ ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ଆଲୋଚନା ହୋଇପାରେ ବୋଲି ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ପୂର୍ବରୁ କହିଥିଲେ। ମାତ୍ର ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ଏଡ଼ାଇ ଦିଆଯିବ। କାରଣ, ବୈଠକରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ତାଲିକାରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ସାମିଲ କରାଯାଇନାହିଁ। ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ଭିତର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଆସନ୍ତା ପରିଚାଳନା କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି।

# ବିହାର ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଲେ ରାଜ୍ୟ ସରକାର

## ନକଲି ଔଷଧ କାରବାର

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜ୍ୟରେ ନକଲି ଔଷଧ କାରବାର ନେଇ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆରମ୍ଭ କରିଛି। ବିହାରରୁ ନକଲି ଔଷଧ ଆସିଥିବାରୁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିହାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶାରେ ଧରାପଡ଼ିଥିବା ନକଲି ଔଷଧ ଟେଲ୍‌ମା-୪୦, ଟେଲ୍‌ମା-ଏମ୍ ବିହାରର ଗୟାରୁ ଗ୍ଲେନ୍‌ମାର୍କ କମ୍ପାନୀର ଫ୍ୟାକ୍ଟ୍ରିରୁ ଆସୁଛି। ବିହାର ଡ୍ରଗ କଣ୍ଟ୍ରୋଲରଙ୍କୁ ଆମେ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ ଏ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଉତ୍ତର ଆସିଲା ନାହିଁ। ଏବେ ଏହାର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଏକ ଟିମ୍ ଗଠନ କରିଛନ୍ତି। ଏଥିରେ ଆସିଷ୍ଟାଣ୍ଟ ଡ୍ରଗ କଣ୍ଟ୍ରୋଲରଙ୍କ ସମେତ ଦୁଇଜଣ ପୋଲିସ ଅଫିସର ଅଛନ୍ତି। ଏହି ଟିମ୍ ନକଲି ଔଷଧ କାରବାରର ତଦନ୍ତ କରିବା ପାଇଁ ବିହାର ଯାଇଛି। ତେଣୁ ଟିମ୍ ସଦସ୍ୟଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ବିହାରର ସ୍ୱାସ୍ଥ୍ୟ ସଚିବଙ୍କୁ ଓଡ଼ିଶା ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଗତ କିଛିଦିନ ତଳେ ଭୁବନେଶ୍ୱର, କଟକ, ରାଉରକେଲା ଭଳି ବିଭିନ୍ନ ସ୍ଥାନରେ ନକଲି ଔଷଧ ବିକ୍ରି ନେଇ ଅଭିଯୋଗ ହୋଇଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରିଥିଲା। ତଦନ୍ତ ସମୟରେ ଅନେକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା। ଏପରିକି ନାମୀ କମ୍ପାନୀର ଔଷଧକୁ ନକଲି କରି ବିକ୍ରି କରାଯାଉଥିଲା। ଯାହାକୁ ଆଧାର କରି କଟକର ଦୁଇଜଣ ହୋଲସେଲରଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଅଧିକ ପଚରାଉଚରା ମଧ କରାଯାଉଛି। ଏହି ଘଟଣାରେ ଆଉ କିଏ ସାମିଲ ଅଛନ୍ତି, ସେ ଦିଗରେ ମଧ ତଦନ୍ତ ଚାଲିଛି। ଅନ୍ୟପଟେ ଜବତ ହୋଇଥିବା ଔଷଧର ପରୀକ୍ଷା ପରେ ତାହା ନକଲି ବୋଲି ମଧ ପ୍ରମାଣିତ ହେବାପର ଏହାର ବ୍ୟବହାର ଏବଂ ବିକ୍ରିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧ କରାଯାଇଛି।

boyanika
Corrigendum for
EOI No.2325 Dt.06.09.2022
No.2475 Dt.22.09.2022
Name of the Work – Corrigendum for EOI No.2325 Dt.06.09.2022 for Selection of Reputed Fashion Designers to Boyanika for Make in Odisha 2022. The last date and time of submission of E.O.I extended to dt.26.09.22 at 5 PM. Refer website for details www.boyanika.com.
Sd/- Managing Director
Boyanika
Handlooms, Textiles & Handicrafts Deptt., Govt. of Odisha

ସମ୍ବଲପୁରୀ ବସ୍ତ୍ରାଳୟ
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223

SUIIT
SAMBALPUR UNIVERSITY INSTITUTE OF INFORMATION TECHNOLOGY

Advt. No.: 1164/SUIIT Date: 21.09.2022

| DIRECT / SPOT ADMISSION | Date |
|---|---|
| DIRECT ADMISSION | 27th Sept. 2022 |
| • Master in Computer Application based on OJEE Rank (Only SC/ST Categories) | |
| SPOT ADMISSION | |
| • Master in Computer Application (All Categories) | |
| • M.Sc. Computer Sc. (All Categories) | |
| • M.Tech Computer Sc. and Engg. (All Categories) | |

INSTRUCTIONS
- **Direct Admission (OJEE Rank holder for MCA SC/ST Category only):** Interested candidates report directly to Administrative Officer, SUIIT during 10 A.M. to 01.00 P.M. on 27.09.2022.
- **Spot Admission (MCA/M.Sc./M.Tech for All Categories):** Interested candidates for Spot Admission should report to the Administrative Officer, SUIIT during 10 A.M. to 12 Noon on 27.09.2022. There will be an entrance examination of one hour duration at 12.15 P.M. for all the programme following COVID-19 guidelines. Admission will be done on the same day, as per SUIIT Admission guideline.

All B. Tech. Admissions will be done through OJEE Councelling - 2022
For Detail Information on Admission Visit: www.suiit.ac.in
Contact Numbers: 9938983624 / 9438074077 / 9337347538
Email: admin.office@suiit.ac.in Sd./- Director, SUIIT

# ଜାତୀୟ ମାନବାଧିକାର ଆୟୋଗରେ ମାମଲା

କଟକ ଅଫିସ,୨୨।୯

ନକଲି ମେଡିସିନ୍ କାରବାର ମାମଲାକୁ ନେଇ ଜନସାଧାରଣ ଧୀରେଧୀରେ ପ୍ରତିକ୍ରିୟାଶୀଳ ହେବାକୁ ଲାଗିଲେଣି। ବୁଧବାର ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ଗୁରୁବାର ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା ନଂ. ୧୫୯୧୭/ଆଇଏନ୍/୨୦୨୨ ରୁଜୁ ହୋଇଥିବା ଜଣାପଡ଼ିଛି। ନକଲି ମେଡିସିନ କାରବାରର ମାଷ୍ଟରମାଇଣ୍ଡଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ତଦନ୍ତ କରିବାକୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବାସିନ୍ଦା ତଥା 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଆବେଦନ କରିଛନ୍ତି। ସୂଚନାନୁଯାୟୀ, ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାର ଚାଲୁଥିବା ନେଇ ସ୍ପଷ୍ଟ ହୋଇଛି। କଟକ ସହରରୁ ୨ଥର ଏହି ନକଲି ମେଡିସିନ ଜବତ ହେଲାଣି। ଏହି ମାମଲାରେ ପୋଲିସ ଗିରଫ କରିଥିବା ୨ଜଣ ଏବେ ଜେଲରେ ଅଛନ୍ତି। ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ଏହି ନକଲି ମେଡିସିନକୁ ସେବନ କଲେ ରୋଗୀ ମୃତ୍ୟୁ ମୁଖକୁ ଚାଲି ଯିବାର ଆଶଙ୍କା ଥିବା ଚିକିତ୍ସା ବିଶେଷଜ୍ଞ ମତ ଦେଉଛନ୍ତି। ତେଣୁ ଏହି ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାର ପଛରେ ଥିବା ମାଷ୍ଟର ମାଇଣ୍ଡଙ୍କୁ ଠାବ କରିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଥିବା ସୁବ୍ରତ ଆୟୋଗଙ୍କ ନିକଟରେ ନିବେଦନ କରିଛନ୍ତି।

# ସମବାୟ ସମୀକ୍ଷକ ବର୍ଗର ପଦବୀ ସଂଖ୍ୟା ୧୯ରୁ ୩୯କୁ ବୃଦ୍ଧି

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ପ୍ରଚଳିତ ନିୟମ ବ୍ୟବସ୍ଥାରେ ଓଡ଼ିଶା ସମୀକ୍ଷକ ବର୍ଗର ଅଧିକାରୀମାନଙ୍କୁ ସମବାୟ ସେବା ବର୍ଗରୁ ନିଯୁକ୍ତି ମିଳୁଥିଲା। ଓଡ଼ିଶା ସମବାୟ ସମୀକ୍ଷକ ବର୍ଗକୁ ଓଡ଼ିଶା ସମବାୟ ସେବାବର୍ଗରୁ ପୃଥକୀକରଣ କରି ଏହି ବର୍ଗକୁ ଅନୁଷ୍ଠାନିକ ଭାବେ ସୁସଙ୍ଗଠିତ ଏବଂ ମଜଭୁତ କରାଯାଇଛି। ଏହାଦ୍ୱାରା ସମବାୟର ସମୀକ୍ଷା କାର୍ଯ୍ୟକୁ ସୁସଙ୍ଗଠିତ, ସ୍ୱତନ୍ତ୍ର ଓ ତ୍ୱରାନ୍ୱିତ କରିବା ସହିତ କାର୍ଯ୍ୟରତ ଅଧିକାରୀମାନଙ୍କ ପଦୋନ୍ନତିରେ ଗତିଶୀଳତା ଆଣି କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହି ପୁନର୍ଗଠନ ପରେ ଓଡ଼ିଶା ସମବାୟ ସମୀକ୍ଷକ ବର୍ଗର ପଦବୀ ସଂଖ୍ୟା ୧୯ରୁ ୩୯କୁ ବୃଦ୍ଧିପାଇଛି। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଲାଗି ଏକ କ୍ୟାଡର ନିୟମକୁ ମଞ୍ଜୁରୀ ମିଳିଛି।



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ଜଳ ସୁରକ୍ଷା ଅପରିହାର୍ଯ୍ୟ




ମାରିଆନା ମାଜ୍ଜୁକାଟୋ
ଚେୟାରପର୍ସନ, କାଉନ୍‌ସିଲ ଅନ୍ ଦି ଇକୋନୋମିକ୍ସ ଅଫ୍ ହେଲ୍‌ଥ ଫର୍ ଅଲ୍ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)

ନାଗୋଜି ଓକୋଞ୍ଜୋ ଇୱେଲା
ଡାଇରେକ୍ଟର ଜେନେରାଲ, ୱାର୍ଲ୍ଡ ଟ୍ରେଡ ଅର୍ଗାନାଇଜେଶନ

ବନ୍ୟା, ମରୁଡ଼ି, ଗ୍ରୀଷ୍ମପ୍ରବାହ ଏବଂ ବନାଗ୍ନିର ଭୟାନକ ସ୍ଥିତି ବିଶ୍ୱର ବହୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛି ଓ ଏହା ଦୁଇଟି ମୌଳିକ ବିଷୟକୁ ସୂଚିତ କରୁଛି। ପ୍ରଥମରେ ମଧୁର ଜଳ ଯୋଗାଣକୁ ଏହା କ୍ଷତି କରୁଛି, ଯାହା ଫଳରେ ମାନବ ସମାଜ ବିଶେଷ କରି ଗରିବଙ୍କ ଉପରେ ଚାପ ବଢ଼ୁଛି। ଏହା ସହ ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିରତାରେ ଦୀର୍ଘମିଆଦୀ ପ୍ରଭାବ ପକାଉଛି। ଦ୍ୱିତୀୟରେ ଏବକାର ଅଭୂତପୂର୍ବ ଚରମ ସ୍ଥିତିଗୁଡ଼ିକର ମିଳିତ ପ୍ରଭାବ ପ୍ରକାଶ ପାଉଛି ଏବଂ ଏହାକୁ ମୁକାବିଲା କରିବାରେ ନୀତିନିର୍ଦ୍ଧାରକମାନଙ୍କର ଦକ୍ଷତା ଅଧିକ ବଢୁଛି। ପୂର୍ବ ଆଫ୍ରିକାରେ,୪ ବର୍ଷ ହେଲା ଭୟାନକ ମରୁଡ଼ି ଅନେକ ଲକ୍ଷ ଲୋକଙ୍କ ଜୀବିକା ନଷ୍ଟ କରିଦେଇଛି। ୨କୋଟି ଲୋକ କ୍ଷୁଧା ସଙ୍କଟରେ ରହିଛନ୍ତି। ପାକିସ୍ତାନରେ ଏବକାର ବନ୍ୟା ଦେଶର ଏକ ତୃତୀୟାଂଶ ଅଞ୍ଚଳକୁ ବୁଡାଇଦେଇ ଚଳିତ ବର୍ଷର ୪୫% ଶସ୍ୟ ମାଟିରେ ମିଶାଇଦେଇଛି। ଚାଇନାରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ଯୋଗୁ ଦେଶର ଧାନ ଉତ୍ପାଦନରେ ଏକ ତୃତୀୟାଂଶ ଯୋଗଦାନ ଥିବା ଅଞ୍ଚଳ ଘୋର ଜଳ ସଙ୍କଟର ସମ୍ମୁଖୀନ ହୋଇଛି। ଏହା ବ୍ୟତୀତ ଆମେରିକା ଓ ୟୁରୋପରେ ମରୁଡ଼ି, ବନାଗ୍ନି ଏବଂ ସାରା ଭାରତରେ ବନ୍ୟା ବିପ୍ଳାତ ଓ ମରୁଡ଼ି ଯୋଗୁ ବୈଶ୍ୱିକ ଶସ୍ୟ ଉତ୍ପାଦନ ସହ ଖାଦ୍ୟ ରପ୍ତାନି ହ୍ରାସ ପାଇଛି। ଆମ ଖାଦ୍ୟ ଉତ୍ପାଦନ କେତେ ଅଧିକ ପରିମାଣରେ ଏବଂ ନିରନ୍ତର ଭାବେ ଜଳ ଉପରେ ନିର୍ଭରଶୀଳ ତାହା ଏଥିରୁ ସ୍ପଷ୍ଟ ହେଉଛି। ଏହା ସହ ୟୁକ୍ରେନ ଯୁଦ୍ଧର ପ୍ରଭାବ ଶସ୍ୟ ଓ ସାର ଯୋଗାଣ ଉପରେ ପଡ଼ିଛି ଏବଂ ଏହାଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଲାଗି ରହିବା ଭଳି ଏକ ବଡ଼ ବିପଦ ଦେଖାଯାଇଛି।

ଆମ ଇତିହାସରେ ପ୍ରଥମ ଥର ଲାଗି ମାନବୀୟ କାର୍ଯ୍ୟକଳାପଗୁଡ଼ିକ ପ୍ରତ୍ୟେକଟି ଜଳଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ଧ୍ୱଂସ ଯୋଗୁ ବର୍ଷା ଧାରା ବଦଳୁଛି, ହିମାଳୟ ଉପତ୍ୟକାର ବରଫ ତରଳୁଛି ଏବଂ ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ମଧୁର ଜଳ ଯୋଗାଣ ପ୍ରଭାବିତ ହେଉଛି। ବୈଶ୍ୱିକ ଅନିୟମିତ ଜଳଚକ୍ର ହିଁ ଜଳବାୟୁ ପରିବର୍ତ୍ତନକୁ ଗମ୍ଭୀର କରିଦେଉଛି।

ଜଳ ସଞ୍ଚାଳନ ଏବଂ ପରିଚାଳନା ବ୍ୟବସ୍ଥା ବିଶ୍ୱର ତୀବ୍ର ପରିବର୍ତ୍ତନଶୀଳ ପରିବେଶ ପାଇଁ ଉପଯୋଗୀ ନ ହେଲେ ଜଳ ବ୍ୟବହାରରେ କଟକଣା, ଶକ୍ତି ଯୋଗାଣ ବନ୍ଦ ଏବଂ ଅନ୍ୟ ଅସ୍ଥାୟୀ ପଦକ୍ଷେପଗୁଡ଼ିକ କେବେ ହେଲେ ସମସ୍ୟା ଦୂର କରିପାରିବ ନାହିଁ। ଆକଳନ ଆଧାରିତ ଆମର ଏବକାର ସମସ୍ତ ବ୍ୟବସ୍ଥା ସ୍ୱୀକାରଯୋଗ୍ୟ ନୁହେଁ। ମନେ ରଖିବାକୁ ହେବ, ଜଳ ସଙ୍କଟ ହେଉଛି ବୈଶ୍ୱିକ। କେବଳ ପରିବର୍ତ୍ତନୀୟ ବିଚାର ଏବଂ ନୂଆ ସଞ୍ଚାଳନ ବ୍ୟବସ୍ଥା ଦ୍ୱାରା ଏହା ସମାଧାନ ହୋଇପାରିବ। ଆମର ସମସ୍ତ ପରିବେଶୀୟ ଆହ୍ୱାନ ଜଳ ସହ ଜଡ଼ିତ। ଏବର ଦାୟିତ୍ୱ ହେଉଛି ଆମକୁ ଜଳ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ହ୍ରାସ ମଧ୍ୟରେ କ'ଣ ସମ୍ପର୍କ ରହିଛି ତାହା ବିଚାର କରିବାକୁ ପଡ଼ିବ। ଏହାର ମୂଲ୍ୟ ଠିକ୍ ଭାବେ ଠାବ କରି ଅତ୍ୟାବଶ୍ୟକ ତତ୍ତ୍ୱ ଭାବେ ଜଳର ସଞ୍ଚାଳନ କରିବାକୁ ପଡ଼ିବ। ଜଳକୁ ଯଦି ଏଭଳି ବିଚାର କରିବା ତେବେ ଏହା ସାମଗ୍ରିକ ପଦକ୍ଷେପକୁ ଗତିଶୀଳ କରିବା ସହ ନୂଆ ନିୟମ ଗଢ଼ିବାକୁ ବାଟ ଦେଖାଇବ, ଆମ ପଦକ୍ଷେପଗୁଡ଼ିକରେ ସମାନତା ଏବଂ ନ୍ୟାୟ ପ୍ରତିଷ୍ଠା କରିପାରିବ। କିନ୍ତୁ ଦୀର୍ଘଦିନ ଧରି ଅଧିକାଂଶ ସରକାର ଏ କ୍ଷେତ୍ରରେ ପବ୍ଲିକ ଓ ପ୍ରାଇଭେଟ ସେକ୍ଟରଗୁଡ଼ିକୁ ଗତିଶୀଳ କରିପାରି ନାହାନ୍ତି। ମାର୍କେଟ ବିଫଳତାକୁ ଅଣଦେଖା କରିଛନ୍ତି। ତେବେ ଜଳ ଅର୍ଥ ବ୍ୟବସ୍ଥାରେ ଥିବା ନୂତନତ୍ୱ ଓ ନିବେଶ ଲାଗି ବାଟ ଫିଟାଉଥିବା, ସ୍ୱଚ୍ଛ ଜଳ ଓ ପରିମଳର ବୈଶ୍ୱିକ ଉପଲବ୍ଧତା ନିଶ୍ଚିତ କରୁଥିବା ; ଖାଦ୍ୟ, ଶକ୍ତି ଏବଂ ପ୍ରାକୃତିକ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଉଥିବା ସମସ୍ତ ଅଂଶୀଦାର ସହ କାର୍ଯ୍ୟରତ ପବ୍ଲିକ ସେକ୍ଟର ନିଜକୁ ଏକ ମାର୍କେଟ ନିର୍ମାତା ଭାବେ ଦେଖିବା ଉଚିତ।



ଅତୀତର ଆହ୍ୱାନଗୁଡ଼ିକରୁ ବଡ଼ ଶିକ୍ଷା ମିଳିଥିଲା। ବ୍ୟବସ୍ଥାତ୍ମକ ନୂତନତ୍ୱ ଓ ପଦକ୍ଷେପଗୁଡ଼ିକୁ ସଂଗଠିତ କରିବା ଲାଗି ଏକ ସ୍ପଷ୍ଟ ନିର୍ଦ୍ଧାରିତ ଲକ୍ଷ୍ୟ ଆବଶ୍ୟକ ବୋଲି ଏହା ଦାବି କରିଥିଲା। ଲକ୍ଷ୍ୟକୈନ୍ଦ୍ରିକ ନୀତିଗୁଡ଼ିକ ଆବିଷ୍କାରକୁ ତ୍ୱରାନ୍ୱିତ କରିବା ସହ ଜଟିଳ ଲକ୍ଷ୍ୟପୂରଣ ଦିଗରେ ଜ୍ଞାନକୌଶଳ ହାସଲ କରିବାରେ ସରକାରଙ୍କୁ ମାର୍ଗ ଦେଖାଏ। ସମସ୍ତଙ୍କ ହିତ ଲାଗି, ଏକ ସମାବେଶୀ ପଦକ୍ଷେପ ମାର୍ଗ ଦର୍ଶନ କଲେ ସରକାରଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ହ୍ରାସ ଏବଂ ଜଳ ସଙ୍କଟ ଭଳି ଆହ୍ୱାନଗୁଡ଼ିକର ସମାଧାନ ଲାଗି ଅସାମାନ୍ୟ ଦକ୍ଷତା ହାସଲ କରିଥାନ୍ତି। ଏଥିପାଇଁ ସମନ୍ୱୟ ଓ ଆର୍ଥିକ ଯୋଗାଣର ଆବଶ୍ୟକତା ରହିଛି। ଲକ୍ଷ୍ୟ ଆଧାରିତ ରଣନୀତିଗୁଡ଼ିକ ସରକାରଙ୍କୁ ଜରୁରୀ ଭିତ୍ତିରେ ଆବିଷ୍କାର କରିବା ଲାଗି ସାହାଯ୍ୟ କରିବ। ଏହାକୁ ପ୍ରଭାବୀ କରିବା ପାଇଁ ନୀତିନିର୍ଦ୍ଧାରକମାନେ ସାଧାରଣ ନାଗରିକ, ଗୋଷ୍ଠୀ ଏବଂ ଆବିଷ୍କାରମାନଙ୍କ ଜ୍ଞାନ ଓ ଅଭିଜ୍ଞତା ଉପରେ ଧ୍ୟାନ ଦେବା ଉଚିତ। କାରଣ ଜଳ ସଙ୍କଟ କବଳିତ, ଉଚ୍ଚ ତାପମାତ୍ରା ଜର୍ଜରିତ ବିଶ୍ୱରେ କିଭଳି ଉନ୍ନତି ଆଣିବାକୁ ହେବ ; ଉପକୂଳ ଓ ନଦୀ ବ୍ୟବସ୍ଥାଗୁଡ଼ିକରେ କିପରି ପରିବର୍ତ୍ତନ କରିବାକୁ ହେବ ତାହା ଏମାନେ ଭଲ ଭାବେ ଜାଣନ୍ତି।

ଆମେ ଏବେ ବିଶ୍ୱରେ ସ୍ୱଚ୍ଛ ଓ ମଧୁରଜଳ ଉପରେ ସୃଷ୍ଟି ହୋଇଥିବା ବିପଦକୁ ଗ୍ରହଣ କରି ତା'ର ସୁରକ୍ଷା ଲାଗି ସାମଗ୍ରିକ ପଦକ୍ଷେପ ନେବା ଆବଶ୍ୟକ। କାରଣ ଜଳ ସଙ୍କଟ ସମସ୍ତ ଶତତ ବିକାଶ ଲକ୍ଷ୍ୟ ଉପରେ ବିପଦ ସୃଷ୍ଟି କରିବ। ବୈଶ୍ୱିକ ଆହ୍ୱାନସବୁକୁ ଆୟତ୍ତ କରିବାରେ ଆମେ ଯେଉଁ ନୂଆ ବ୍ୟବସ୍ଥା ଗଢିବା ସେଥିରେ ସମାନତା ଓ ନ୍ୟାୟର ନୀତିଗୁଡ଼ିକୁ ସମାହିତ କରିବା ଦରକାର। ଏକ ଭରସାଯୋଗ୍ୟ ସ୍ୱଚ୍ଛ ଜଳ ଯୋଗାଣ ବିନା କୌଣସି ସମାଜ ବିକାଶ କରିପାରିବ ନାହିଁ। ବୈଶ୍ୱିକ ହିତ ଲାଗି ଜଳ ସୁରକ୍ଷା ନିମନ୍ତେ ନୂଆ ନୀତି ଓ ବ୍ୟବସ୍ଥା ଅପରିହାର୍ଯ୍ୟ। ବିଶ୍ୱ ସ୍ତରରେ ସ୍ୱଚ୍ଛ ପାନୀୟ ଜଳ, ପରିମଳ ଏବଂ ସ୍ୱାସ୍ଥ୍ୟ ଲପଲବ୍ଧ ନିଶ୍ଚିତ କରିବା ସହ ଅଧିକ ପରିବେଶ ସହନୀୟ ଖାଦ୍ୟ ବ୍ୟବସ୍ଥା ଗଢ଼ିବାକୁ ଉଭୟ ଆଇନ ଓ ଅର୍ଥନୀତିକୁ ପୁନର୍ବିନ୍ୟାସ କରିବାକୁ ହେବ। ଯୋଜନାଗୁଡ଼ିକରେ ଏଭଳି ପରିବର୍ତ୍ତନ କରାଯିବା ଦରକାର ଯାହା ଉଭୟ ପ୍ରାଇଭେଟ ସେକ୍ଟର ଏବଂ ଗରିବ ଓ ଧନୀ ଦେଶଗୁଡ଼ିକ ସମାନ ଭାବେ ନୂତନତ୍ୱ ତଥା ଟେକ୍‌ନୋଲୋଜି ଯୋଗାଇବାରେ ଭୂମିକା ନେଇପାରିବ। କିଭଳି ପବ୍ଲିକ ଓ ପ୍ରାଇଭେଟ ସେକ୍ଟରଗୁଡ଼ିକ ଏକାଠି କାର୍ଯ୍ୟ କରିବେ ସେଥିପାଇଁ ଦୀର୍ଘମିଆଦୀ ଅର୍ଥ ଯୋଗାଣ ଏବଂ ଉତ୍ତମ ପ୍ରକ୍ରିୟା ଆବଶ୍ୟକ ହେବ।

ଜାତିସଂଘର ୨୦୨୩ ଜଳ ସମ୍ମିଳନୀ ପ୍ରାୟ ୫୦ ବର୍ଷରେ ପ୍ରଥମ ଥର ଲାଗି ଭବିଷ୍ୟତରେ ସମସ୍ତଙ୍କ ପାଇଁ ଉପଯୋଗୀ ଏକ ନକ୍ସା ପ୍ରସ୍ତୁତ କରିବାକୁ ଅନ୍ତର୍ଜାତୀୟ ସମୁଦାୟ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ହେବ। ଏହା ପ୍ରସ୍ତୁତ କରିବାକୁ ଆମେ ଜଳବାୟୁ ପରିବର୍ତ୍ତନ ଅର୍ଥନୀତିର ପୁନର୍ଲିଖନ କରିଥିବା ନିକୋଲାସ ଷ୍ଟେରୋନ ଏବଂ ଜୈବବିବିଧତା ଅର୍ଥନୀତି ପୁନର୍ଲିଖନ କରିଥିବା ପାର୍ଥ ଦାସଗୁପ୍ତାଙ୍କଠାରୁ ପ୍ରେରଣା ନେଇପାରିବା। ଗ୍ଲୋବାଲ କମିଶନ ଅନ ଦି ଇକୋନୋମିକ୍ସ ଅଫ୍ ୱାଟର ଦ୍ୱାରା ବିଶ୍ୱରେ ଜଳ ଅର୍ଥନୀତି ଓ ସଞ୍ଚାଳନ ବ୍ୟବସ୍ଥା ସମ୍ପର୍କରେ ରହିଥିବା ବିଚାରରେ ପରିବର୍ତ୍ତନ ଆଣି ସମାନତା, ନ୍ୟାୟ, ପ୍ରଭାବଶାଳୀ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । ଜଳ ସହ ଆମର କି ସମ୍ବନ୍ଧ ରହିଛି ତାହା ଆମକୁ ପୁନଃ ନିର୍ଦ୍ଧାରଣ କରି ଜଳକୁ ବିଶ୍ୱର ଏକ ଅତି ଦରକାରୀ ତତ୍ତ୍ୱ ବା ଉତ୍ସ ଭାବେ ମୂଲ୍ୟାଙ୍କନ କରିବା ଲାଗି ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପୁନର୍ଗଠନ କରିପାରିବା। ଜଳବାୟୁ ମହାବିପତ୍ତି ଦୂର କରିବା ଏବଂ ଅପରିହାର୍ଯ୍ୟ ପରିବର୍ତ୍ତନ ପ୍ରତି ଅନୁକୂଳ ହେବାର ସୁଯୋଗ ରହିଥିବାରୁ ଆମେ ଗରିବ ଓ ଧନୀ ସମାଜଗୁଡ଼ିକ ପାଇଁ ସମାନ ଭାବେ ଜଳ କ୍ଷେତ୍ରରେ ଏକ ନିର୍ଭରଯୋଗ୍ୟ ଭବିଷ୍ୟତ ନିଶ୍ଚିତ କରିପାରିବା।

## ଏଇ ଭାରତରେ

୯୦ ବର୍ଷ ବୟସରେ ବୁଲା କୁକୁରମାନଙ୍କ ଯତ୍ନ ନେଉଛନ୍ତି ଉତ୍ତରପ୍ରଦେଶ ଗାଜିଆବାଦର କନକ ସକ୍ସେନା। ସେ ତାଙ୍କ ନାତୁଣୀ ସନାଙ୍କ ସହଯୋଗରେ ୧୨୦ କୁକୁରଙ୍କ ପାଇଁ ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। କନକ ଅସ୍ଥିସୁଶୀରତା ରୋଗରେ ପୀଡ଼ିତ ଓ ତାଙ୍କର କିଛି ସର୍ଜରି ହୋଇଥିବା ସତ୍ତ୍ୱେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ୨୦୨୦ରେ ପ୍ରଥମେ ଗାଜିଆବାଦର ବୈଶାଳୀରେ ଏକ ସଡ଼କ ଉପରେ ୧୦ରୁ ୨୦ କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୨୦ରେ ପହଞ୍ଚିଛି। କନକ ପ୍ରତିଦିନ ଚିକେନ ସହ ୧୦ କେଜି ଚାଉଳର ଭାତ ରାନ୍ଧନ୍ତି। ପ୍ରତି କୁକୁର ପିଛା ମାସକୁ ୩୬୫ ଟଙ୍କା ହିସାବରେ ୪୨,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ ଭୋର ୪ଟାରେ ଉଠି ଖାଦ୍ୟ ପ୍ରସ୍ତୁତରେ ଲାଗିଯାଆନ୍ତି। ସନା ଓ ତାଙ୍କ ମା' ଉଠିବା ପରେ କୁକୁରଙ୍କ ଲାଗି ଖାଦ୍ୟ ପ୍ୟାକେଟ କରନ୍ତି। ପରେ କନକ ଓ ତାଙ୍କ ନାତୁଣୀ ଏହାକୁ ଅଟୋରେ ନେଇ କୁକୁରମାନଙ୍କୁ ଖାଇବାକୁ ଦେଇ ସକାଳ ୯ଟା ସୁଦ୍ଧା ଘରକୁ ଫେରୁଛନ୍ତି। ସେମାନେ କେବଳ ଖାଦ୍ୟ ଦେଉନାହାନ୍ତି, କୁକୁରଙ୍କ ଟିକାକରଣ କରିବାରେ ବି ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୭

- ଲାଞ୍ଚ ଦୁର୍ନୀତିରେ ଜଡ଼ିତ ଅଭିଯୋଗରେ ଜାପାନର ପରିଚାଳନା ଓ ସମନ୍ୱୟ ସଂସ୍ଥାର ମନ୍ତ୍ରୀ କୋକୋ ସାତୋ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ସମସ୍ତ ନୀତିନିୟମ ଭଙ୍ଗ କରି କୋଡାଇ କାନାଲସ୍ଥିତ ଏକ ଘରୋଇ ହୋଟେଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ।
- ମାରୁତି ଉଦ୍ୟୋଗ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଆଇଏସ୍‌ଏସ୍ ଏଲ୍.ଏନ୍. ଭାସ୍କାରୁଡୁଙ୍କୁ ନିଯୁକ୍ତି ପ୍ରଦାନ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 6 | | 3 | | |
| | | 2 | 3 | | 9 | 7 | | |
| 5 | | 4 | | | 7 | | | |
| 7 | 1 | | | | | 4 | | |
| | 6 | | | | | | | |
| | 2 | | 1 | 9 | | | 8 | |
| | | | 6 | | 3 | 2 | | |
| | | | | | | | | 4 |
| | | 6 | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 7 | 6 | 2 | 5 | 1 | 3 | 8 |
| 1 | 8 | 2 | 4 | 7 | 3 | 5 | 9 | 6 |
| 3 | 5 | 6 | 8 | 9 | 1 | 7 | 2 | 4 |
| 5 | 9 | 8 | 3 | 1 | 7 | 4 | 6 | 2 |
| 6 | 3 | 1 | 2 | 8 | 4 | 9 | 7 | 5 |
| 7 | 2 | 4 | 9 | 5 | 6 | 8 | 1 | 3 |
| 4 | 6 | 5 | 1 | 3 | 9 | 2 | 8 | 7 |
| 8 | 7 | 9 | 5 | 6 | 2 | 3 | 4 | 1 |
| 2 | 1 | 3 | 7 | 4 | 8 | 6 | 5 | 9 |

ଗତକାଲିର ଉତ୍ତର

# ସନ୍ତାନ ମନସ୍ତତ୍ତ୍ୱରେ ମାଆ



ଶୁଭନାରାୟଣ ଶତପଥୀ

ମାଆ ପ୍ରତିଟି ମୁହୂର୍ତ୍ତରେ ସନ୍ତାନର ଉନ୍ନତି ଚାହେଁ। ସନ୍ତାନର ମଧ୍ୟ ମାଆ ପ୍ରତି ଶ୍ରଦ୍ଧା, ସମ୍ମାନ କିଛି କମ୍ ନ ଥାଏ। ମାଆର ଗୁରୁତ୍ୱ ସନ୍ତାନ ଉପଲବ୍ଧି କରେ, ସେଥିରୁ ଜୀବନ ଦକ୍ଷତା ବୃଦ୍ଧି କରେ। ତ୍ୟାଗ ବଳିଦାନର ମହତ୍ତ୍ୱ ବୁଝେ। ଆଗକୁ ଆହୁରି ଶାଣିତ ହୁଏ, ମାଆ ପରି ହେବାକୁ ଚାହେଁ।

ମାଟ୍ରିକ ପରୀକ୍ଷା ସରିବା ପରେ କିଛି ପରୀକ୍ଷାର୍ଥୀଙ୍କ ସାକ୍ଷାତ୍‌କାର ନେବାବେଳେ ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତର ଥିଲା ନିଆରା। ତାଙ୍କୁ ଯେତେବେଳେ ପଚରାଗଲା ତୁମେ ଭବିଷ୍ୟତରେ କ'ଣ ହେବାକୁ ଚାହୁଁଛ, ସେ ତତ୍‌କ୍ଷଣାତ ଉତ୍ତର ଦେଲେ , ମୁଁ ମୋ ମାଆ ପରି ହେବାକୁ ଚାହୁଁଛି। ଅନ୍ୟ ପରୀକ୍ଷାର୍ଥୀମାନେ ଇଞ୍ଜିନିୟର, ଡାକ୍ତର, ବୈଜ୍ଞାନିକ ହେବାକୁ କହୁଥିବାବେଳେ ଏହି ପିଲାଟିର ଉତ୍ତରରେ ପ୍ରଶ୍ନକର୍ତ୍ତାଙ୍କ ଉତ୍ସୁକତା ବଢ଼ିଯାଉଥିଲା। ପୁଣି ପଚାରିବାରୁ ପିଲାଟି କହିଲା ମାଆ ହେଉଛି ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ରୋଷେଇଠାରୁ ରୋଜଗାର, ପରିବାର, ବନ୍ଧୁବାନ୍ଧବ, ସାହିପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କଠାରୁ ସନ୍ତାନକୁ ଭଲମଣିଷ କରି ଗଢ଼ିତୋଳିବା ପର୍ଯ୍ୟନ୍ତ ସବୁଥିରେ ଦକ୍ଷ। ଆଉ ସବୁଠାରୁ ଗର୍ବର କଥା ହେଉଛି ତା'ର ସନ୍ତାନ ମାଆକୁ ପଚାରୁ ବା ନ ପଚାରୁ ତାକୁ ସବୁ ଦାନ କରିଦେବାର ଦକ୍ଷତା ରଖିଥିବା ତ୍ୟାଗୀ ହୃଦୟ। ଏଣୁ ମାଆଠାରୁ ଅଧିକ ଚ୍ୟାଲେଞ୍ଜ ଅନ୍ୟ କାହାରି ଜୀବନରେ ନାହିଁ କି ତା ଉତ୍ସର୍ଗ, ପରୋପକାରର ସୀମାସରହଦ ନାହିଁ। ଯେତେବେଳେ ଜଣାପଡ଼ିଲା ପିଲାଟି ବାପଛେଉଣ୍ଡ ସେତେବେଳେ ପ୍ରଶ୍ନକର୍ତ୍ତାଙ୍କ ଆଖି ଛଳଛଳ ହୋଇଗଲା। ଏପରିସ୍ଥିତିରେ ମାଆ ହିଁ ତା'ର ସାହା। କାରଣ ସେ ତା' ମାଆ କୋଳରେ ଦୁନିଆ ଦେଖେ। ମାଆ ତା'ର କେବଳ ଜନ୍ମଦାତ୍ରୀ ନୁହଁ ବରଂ ପାଳନକର୍ତ୍ତା, ଗୁରୁମା, ସହଚର ଆଦି ବିଭିନ୍ନ ଭୂମିକାରେ ଉପନୀତ ହୋଇ ପିଲାଟିର ମାର୍ଗଦର୍ଶନ କରାନ୍ତି। ଏଣୁ ସେ ମାଆପରି ହେଲେ ତା' ହାତମୁଠାରେ ଦୁନିଆକୁ ରଖିପାରିବ ବୋଲି ତା'ର ବିଶ୍ୱାସ।

ଏକ ଘଟଣା ହେଉଛି ସଫ୍ଟୱେର କମ୍ପାନୀରେ ଚାକିରି କରୁଥିବା ଏକ ଝିଅ। ହଠାତ୍ ଦିନେ ତା'ର ମାଆ ସହ ଦେଖା ହୋଇ କହିଲା, ମାଆ ! ମୁଁ ଜାଣିଛି ତୁ ଜୀବନସାରା ଏକ ବେସରକାରୀ ସଂସ୍ଥାରେ ଚାକିରି କରି ସ୍ୱଳ୍ପ ଦରମାରେ ମୋତେ ଚଳେଇଲୁ, ପାଠ ପଢ଼ାଇଲୁ। ଆଉ ମୁଁ ମଧ୍ୟ ପାଠପଢ଼ି ଭଲ ଚାକିରିଟିଏ କଲି। କିନ୍ତୁ ମାଆ ମୁଁ ଯେତେବେଳେ ମୋର ଅତୀତକୁ ବିଶ୍ଳେଷଣ କରି ଭବିଷ୍ୟତ ଚିନ୍ତା କରୁଛି, ମୋ ମନରେ ଅନେକ ପ୍ରଶ୍ନ ଆସୁଛି। ମାଆ ପଚାରିଲେ କ'ଣ କହୁନୁ। ଝିଅଟି କହିବାକୁ ଲାଗିଲା, ତୁ ଏତେ କଷ୍ଟ ସହି ରୋଜଗାର କଲୁ, ଏହା ଆବଶ୍ୟକତା ଥିଲା। ମୋତେ କେବେ ପିଇସୀ ଘରେ ତ ଆଉକେବେ ମାଉସୀ ଘରେ ଛାଡ଼ିଲୁ। ଫଳରେ ତୋଠାରୁ ସବୁବେଳେ ଦୂରରେ ରହିଲି। ଦୂରରେ ରହିଲେ ବି ତୁ ମୋର ସବୁ ଆଶା ଅକାଂକ୍ଷା ପୂରଣ କଲୁ। କିନ୍ତୁ ତୁ ନିଜ ସନ୍ତାନକୁ ଦୂରରେ ରଖି କେତେ ତ୍ୟାଗପୂର୍ଣ୍ଣ କଷ୍ଟ ନ ସହିଛୁ ସତେ ! ମାଆ ତୁ ସିନା ମୋର ଓ ଆମ ପରିବାରର ଭରଣପୋଷଣ ପାଇଁ ଚାକିରି କଲୁ, କିନ୍ତୁ ମୁଁ ଆଉ ଏ ଚାକିରି କରିବିନି। ମାଆ ସ୍ତବ୍ଧ ହୋଇଗଲେ। କହିଲେ ଝିଅ, ଆଜିର ସମାଜରେ ନିଜର ସ୍ଥିତି ସୁଦୃଢ଼ କରିବୁ କେମିତି ?



ଝିଅଟି କହିଲା, ମୁଁ ଯେତେବେଳେ ମାଆ ହେବାର ସୌଭାଗ୍ୟ ଅର୍ଜନ କରିବି, ମୋ ସନ୍ତାନକୁ ତା' ମାଆ ସୁଖରୁ ବଞ୍ଚିତ କରିପାରିବି ନାହିଁ। ଯାହା ମୋ ସହିତ ଘଟିଛି ତାହା ମୁଁ ତା' ସହ ଘଟିବାକୁ ଦେବିନି। ମାଆ ପାଖରେ ଥିଲେ ସନ୍ତାନର ଭବିଷ୍ୟତ କେବଳ ଉଜ୍ଜ୍ୱଳ ହେବ ତାହା ନୁହେଁ ବରଂ ତା' ପାଖରେ ଦୁନିଆର ସବୁଠୁ ବଡ଼ ସମ୍ପଦ ଅଛି ବୋଲି ସେ ଅନୁଭବ କରିବ। କେବଳ ମୋର ଭବିଷ୍ୟତ ବା ସନ୍ତାନ ପାଇଁ ଏ ଚାକିରି ମୁଁ ଛାଡୁନାହିଁ ବରଂ ଏଇ ବାକି କିଛିଦିନ ତୁମ ସହ କାଟିବାକୁ ମନସ୍ଥ କରିଛି। ମାଆ ମୋ ବାହାଘର ପାଇଁ ଯେଉଁ ପୁଅଟିଏ ବୁଝିବୁ ସେ ଯେପରି ମୋତେ ବୁଝିପାରୁଥିବ, ମୋତେ ସୁରକ୍ଷିତ ରଖିପାରୁଥିବ। ବାସ୍ ଏତିକି ମୋର ଇଚ୍ଛା। ଝିଅକୁ କୋଳେଇ ନେଲେ ମାଆ। ବାସ୍ତବରେ ଏ ସମ୍ପର୍କର ତୁଳନା ନାହିଁ। ଏ ଅବଦାନର କଳନା ନାହିଁ।

ଆଉ ଏକ ଘଟଣାରେ ଏକ ସହରରେ ଜଣେ ଶିଶୁ ଅଧିକାର କର୍ମୀଙ୍କ ପଡ଼ୋଶୀ ଘରର ଏକ ଶିଶୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ଦିନେ ସେ ଝରକା ପାଖରୁ ଶୁଣିବାକୁ ପାଇଲେ ଯେ ପିଲାଟି ଖାଲି ଏସ୍ ମ୍ୟାମ୍, ନୋ ମ୍ୟାମ୍ କହୁଛି। ବେଳେବେଳେ କହୁଛି ୟେ ଠିକ୍ ହେ, ୟେ ଅଚ୍ଛା ହେ ଇତ୍ୟାଦି। ସେ ଜାଣିପାରିଲେ ଯେ ଶିଶୁଟି ଅନ୍‌ଲାଇନ କ୍ଲାସ କରୁଛି। ତା'ର ଠିକ୍ ଦୁଇଦିନ ପରେ ସେହି ଶିଶୁଟି ଏକ ଦେଶଭକ୍ତି ହିନ୍ଦୀ କବିତା ଅନ୍‌ଲାଇନ ଶିକ୍ଷା ଦ୍ୱାରା ଅଭ୍ୟାସ କରୁଛି। ସେ ଶବ୍ଦଗୁଡ଼ିକ ଠିକ୍ ଢଙ୍ଗରେ ଉଚ୍ଚାରଣ କରିପାରୁ ନ ଥିବାରୁ ତା'ର ମାଆ ତାକୁ ଏକ ଚଟକଣି ପକାଇଲେ। କାନ୍ଥ କଡ଼ରେ ବସିଥିବାରୁ ତା'ର ମୁଣ୍ଡ ମାଡ଼ ହୋଇ ଫୁଲିଗଲା। ପିଲାଟିକୁ ଦାଣ୍ଡରେ ଦେଖି କର୍ମୀ ଜଣକ ମୁଣ୍ଡଫୁଲିବା ବିଷୟରେ ପଚାରିବାରୁ ପିଲାଟି କହିଲା, କାନ୍ଥରେ ମୁଣ୍ଡ ବାଜି ଏମିତି ହୋଇଛି। ତା'ର ମାଆ ମଧ୍ୟ ଏ କଥା ଶୁଣୁଥାନ୍ତି। କର୍ମୀ ଜଣକ ଓ ଶିଶୁର ମାଆ ଅନୁଭବ କଲେ ଯେ, ପିଲାଟି କଅଁଳ ବୟସରୁ ତା'ର ମାଆର ସମ୍ମାନକୁ ଗୁରୁତ୍ୱ ଦେଲାଣି। ପରଦିନ ସେହି କର୍ମୀ ଜଣକ ହିନ୍ଦୀ କବିତାଟିକୁ ଝରକା ପାଖରେ ଉଚ୍ଚସ୍ୱରରେ ଆବୃତ୍ତି କଲେ। ତାଙ୍କ ସ୍ୱରରେ ସ୍ୱର ମିଶାଇ ପିଲାଟି ଓ ତା'ର ମାଆ ଆରପାଖରୁ ଠିକ୍ ଶବ୍ଦ ଉଚ୍ଚାରଣ କରି ତାଳରେ ଗାଇବାକୁ ଲାଗିଲେ। ମାଆ ତାଳି ମାରିଲେ ଓ ଶିଶୁଟି ଗାଲରେ ଏକ ଚୁମ୍ବନ ଦେଲେ। ମାଆର ଆଖିରୁ ନିଗିଡ଼ି ପଡୁଥିବା ଅଶ୍ରୁକୁ ପୋଛିଦେଲା ଛୁଆଟି ତା'ର କଅଁଳ ପାପୁଲିରେ। କର୍ମୀ ଜଣକ ବୁଝିପାରୁଥିଲେ ମାଆ ମନର ବ୍ୟଥାକୁ ଓ ବେଦନାକୁ। ମାଆ ବୁଝିପାରୁଥିଲେ ପ୍ରତିକ୍ରିୟାଶୀଳ ହେବା ପୂର୍ବରୁ ସନ୍ତାନର ମନସ୍ତତ୍ତ୍ୱକୁ ବୁଝିବା ଜରୁରୀ। ଜଞ୍ଜାଳମୟ ଜୀବନରେ ବ୍ୟସ୍ତତା, କାମର ଚାପ, ବେଳେବେଳେ ଅସ୍ଥିର ହୋଇପଡୁଥିବା ମନକୁ ନିୟନ୍ତ୍ରଣ କରିବା ଜରୁରୀ। ଏହି ଘଟଣାର ପୁନରାବୃତ୍ତି ନ ହେବାର ପ୍ରତିଶ୍ରୁତି ଦେବାକୁ ଯାଇ ମାଆ ଜଣକ ସେହି କର୍ମୀଙ୍କ ଘରକୁ ଆସି ପୁନର୍ବାର ଖୁବ୍ ଅନୁତାପ କଲେ।

ସନ୍ତାନ ଦୃଷ୍ଟିରେ ମାଆ ସମ୍ବନ୍ଧରେ ଏମିତି ଅନେକ ଘଟଣା ଅଛି ଯାହା ପ୍ରମାଣ କରେ ସନ୍ତାନ ଓ ମାଆର ସମ୍ପର୍କ ଅତୁଟ। ତାକୁ କୌଣସି ଶକ୍ତି କେବେ ଦୁର୍ବଳ କରିପାରିନାହିଁ। ଏ ନିବିଡ଼ ସମ୍ପର୍କ ହିଁ ପରସ୍ପରଙ୍କୁ ନିକଟତର ଓ ପରିପୂରକ କରାଇପାରିଛି।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ସମାଜର ଦୃଶ୍ୟ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ନିକଟରେ ଦୁଇଟି ଦୁଃଖଦାୟକ ଖବର ଆମ ଭଳି ସାଧାରଣ ଲୋକଙ୍କୁ ଖୁବ୍ ବ୍ୟସ୍ତବିବ୍ରତ କଲା। ଦୁଇଟି ଯାକ ଖବର ସ୍ୱାସ୍ଥ୍ୟବିଭାଗକୁ ନେଇ। କିଛିଦିନ ତଳେ କ୍ୟାପିଟାଲ ହସ୍ପିଟାଲରେ ୭ମାସର ଝିଅଟିଏ ଚିକିତ୍ସିତ ହେଉଥିବା ବେଳେ ଆଖିବୁଜିଦେଲା। ମୃତଦେହକୁ ନେବାପାଇଁ ଆମ୍ବୁଲାନ୍ସ ମିଳିଲା ନାହିଁ, ତେଣୁ ବାଧ ହୋଇ ଝିଅର ବାପା ବ୍ୟାଗ୍‌ରେ ଭର୍ତ୍ତିକରି ବାଇକ୍‌ରେ ଟଙ୍ଗେଇ ନେଲେ। ଦୁର୍ଭାଗ୍ୟବଶତଃ ଅଧା ବାଟରେ ବ୍ୟାଗ୍ ଛିଣ୍ଡିଗଲା ଏବଂ ପିଲାର ମୃତଦେହ ତଳେ ପଡ଼ିବା ଦେଖି ଜାଗାଟି ଲୋକାରଣ୍ୟ ହୋଇଗଲା। ଲୋକମାନେ ଜନ୍ମକଲା ବାପାକୁ ପିଲା ଚୋର ଭାବି ବେଶ୍ କିଛି ବିଧା ଗୋଇଠା ଦେଲେ। କିଛି ମାମଲତକାର ବାପାଙ୍କୁ ରାସ୍ତା ଉପରେ କାନ ଧରି ଉଠବସ୍ କରାଇଲେ। ପରିଶେଷରେ ଲୋକର ସ୍ତ୍ରୀ ଖବର ପାଇ ଜମା ହେଉଥିବା ଲୋକଙ୍କୁ ଆଧାର କାର୍ଡ ଦେଖାଇବାରୁ ସ୍ୱାମୀ ମୁକୁଳିଲେ। କିନ୍ତୁ କଥା ନ ଶୁଣି ନିର୍ଦ୍ଦୋଷ ଲୋକକୁ ଉଠ୍‌ବସ୍ କରାଇଥିବା ଅପରାଧରେ ଦୋଷୀ ଲୋକମାନଙ୍କୁ କି ଦଣ୍ଡ ବିଧାନ କରାଗଲା। ସେଦିନ ଏହି କଥା କହି ଜୟକୃଷ୍ଣବାବୁ କହିଲେ, ବର୍ତ୍ତମାନ ଏକ ଭିନ୍ନ ସରକାର ଚାଲିଛି। ଘଟଣା ଘଟିବାର ବେଶ୍ କିଛିଦିନ ଗଡ଼ିଗଲାଣି କିନ୍ତୁ ନିରପରାଧୀ ଲୋକଙ୍କୁ ଅଯଥାରେ ଦଣ୍ଡ ଦେଇ ତାଙ୍କ ସମ୍ମାନକୁ ଭୂଲୁଣ୍ଠିତ କରିଥିବା ବ୍ୟକ୍ତିବିଶେଷଙ୍କୁ କି ଦଣ୍ଡ ମିଳିଲା ଏବଂ ଆବଶ୍ୟକ ବେଳେ ଆମ୍ବୁଲାନ୍ସ ନ ମିଳିବା ଘଟଣାର ଠିକ୍ ତଦନ୍ତ ହୋଇଛି କି? ଏପରି ଅନେକ ପ୍ରଶ୍ନ ଆମ ମନରେ ଉଙ୍କିମାରୁଛି।

ଦ୍ୱିତୀୟ ଘଟଣାଟି ହେଉଛି ମୟୂରଭଞ୍ଜ ଜିଲାର ଘାଘରା ଗାଁର ଶଙ୍କର ନାୟକଙ୍କ କଥା। ଶଙ୍କରବାବୁ ମୟୂରଭଞ୍ଜ ମେଡିକାଲ କଲେଜକୁ ପତ୍ନୀଙ୍କର ପ୍ରସବ ପାଇଁ ଆସିଥିଲେ। ପ୍ରସବ ପରେ ପିଲାର ସ୍ୱାସ୍ଥ୍ୟ ଭଲ ନ ଥିବାରୁ ଡାକ୍ତର କହିଲେ ପିଲାକୁ ଆଇସିୟୁରେ ରଖାଯିବ। ତେଣୁ ବାପା ମା'ଙ୍କର ମେଡିକାଲ କଲେଜରେ ଭିଡ଼ ଜମାଇବାର କୌଣସି ଆବଶ୍ୟକତା ନାହିଁ ବୋଲି କହି ଡାକ୍ତର ସେମାନଙ୍କୁ ଫେରାଇ ଦେଲେ। ଇତିମଧ୍ୟରେ ୩ ଦିନ ବିତିଯାଇଛି। ହଠାତ୍ ମେଡିକାଲ କଲେଜରୁ ଖବର ଆସିଲା ଯେ ତୁମ ଛୁଆ ମରିଗଲାଣି, ତାକୁ ନେଇଯାଅ। ଝିଅର ବାପା ଯାଇ ଦେଖିଲାବେଳକୁ ମୃତଦେହ ଶଢ଼ିବା ଅବସ୍ଥା। ମେଡିକାଲ କଲେଜରେ ଶୁଣିଲେ ଯେ, ପିଲାଟି ଦୁଇଦିନ ଆଗରୁ ଆଖିବୁଜି ସାରିଲାଣି। ତେଣୁ ଗରିବ ବାପା ମୃତଦେହକୁ ଗାଁକୁ ନେଇଯିବା ଲାଗି ଆମ୍ବୁଲାନ୍ସ ମାଗିଲେ। ମହାପ୍ରୟାଣ ଗାଡ଼ିର ଲୋକ କହିଲେ, ବାବୁ! ଆଗ ମାଲ୍ କାଢ଼। ତା'ପରେ ଯିବା କଥା। ଦୀର୍ଘ ସମୟ କାକୁତିମିନତି ହେଲା ପରେ ରାତି ସାଢ଼େ ଦଶଟା ବେଳକୁ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଗାଡ଼ି ମୃତଦେହକୁ ନେଇଥିଲା। ଆମ କହିବାର କଥା ହେଲା ସରକାର ଏ ବିଷୟରେ ନିଶ୍ଚୟ ଖବର ରଖିଥିବେ। କିନ୍ତୁ ଏ ବିଷୟରେ ବିଧିବଦ୍ଧ ତଦନ୍ତ ହୋଇ ଉଭୟ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ମହାପ୍ରୟାଣ ଗାଡ଼ିର ଚାଳକଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି? ବର୍ତ୍ତମାନ ଆମ ଭଳି ଗୋଟିଏ ମୂର୍ଖ ଲୋକ ଜଳକା ହୋଇ ରହିବା ଛଡ଼ା ଆଉ କ'ଣ କରିପାରିବ!

ବିଦେଶରେ ହେଲେ ମଧ୍ୟ ଗୋଟିଏ ଘଟଣା ଆମ ମନକୁ ବେଶ୍ ଛୁଇଁଛି। ପର୍ତ୍ତୁଗାଲରେ ଏକ ସରକାରୀ ଡାକ୍ତରଖାନାରେ ଜଣେ ଭାରତୀୟ ମହିଳାଙ୍କୁ ବେଡ୍ ମିଳି ନ ଥିବାରୁ ପର୍ତ୍ତୁଗାଲର ସ୍ୱାସ୍ଥ୍ୟମନ୍ତ୍ରୀ ମାର୍ତ୍ତା ଟେମିଡୋ ନିଜ ପଦରୁ ଇସ୍ତଫା ଦେଇ ନୈତିକତାର ପରିଚୟ ଦେଇଛନ୍ତି। ଏକ ରେଳ ଦୁର୍ଘଟଣାରେ ତଦାନୀନ୍ତନ ରେଳମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ନିଜକୁ ନୈତିକତା ଦୃଷ୍ଟିରୁ ଦାୟୀ କରି ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଅନୁରୂପ ଭାବେ ସେଦିନ ରାଜର୍ଷୀ ନବକୃଷ୍ଣ ଚୌଧୁରୀ ବିଧାନସଭାରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଲେ। ଆସ୍ଥା ଭୋଟରେ ଜିତିଥିଲେ ମଧ୍ୟ ଜଣେ ବିଧାୟକ ଆସ୍ଥା ଭୋଟ ବିରୋଧରେ ଭୋଟ ଦେଇଥିବାରୁ ନବବାବୁ କହିଥିଲେ, ଯଦି ମୁଁ ସବୁ ବିଧାୟକଙ୍କର ଆସ୍ଥା ଭାଜନ ହୋଇପାରିଲି ନାହିଁ ତେବେ ମୁଖ୍ୟମନ୍ତ୍ରୀ ଭାବେ ରହିବା ଉଚିତ ହେବ କି? ଏହା କହି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜର କର୍ମସ୍ଥଳୀ ବାଜି ରାଉତ ଛାତ୍ରାବାସକୁ ଚାଲିଗଲେ। ସେହିଦିନ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ବିଧାନ ସଭା ବା ଲୋକ ସଭାରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ବର୍ତ୍ତମାନ ସମୟ ତ ଭିନ୍ନ, ଅବସ୍ଥା ଚକ୍ରରେ ନ ପଡ଼ି ସେପରି ହଲାପଟା ନ ହେଲେ କେହି ମନ୍ତ୍ରୀପଦରୁ ଇସ୍ତଫା ଦେବାର ନଜିର ଆମ ପାଖରେ ନାହିଁ। ଆମ ସରକାର ଏସବୁ ଦିଗରେ ତଦନ୍ତ କରି ପଦକ୍ଷେପ ନେଲେ ଆମେ ଭାବିବୁ ଯେ, ପ୍ରଶାସନ ଠିକ୍ ବାଟରେ ଚାଲିଛି। ଅନ୍ୟଥା କପାଳରେ କରମାରିବା ହିଁ ସାର ହେବ।

ଚୈତନ୍ୟ ଧାମ, ଶବରସାହି, ଭୁବନେଶ୍ୱର,
ମୋ: ୯୪୩୮୦୭୨୮୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଜମି କିସମ ପରିବର୍ତ୍ତନ ଦେୟ ହ୍ରାସ ହେଉ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ତହସିଲ ଅଧୀନ ଅଧିକାଂଶ ମୌଜାରେ ଥିବା ଜମିର କିସମ ପରିବର୍ତ୍ତନ ମୂଲ୍ୟ ଅତ୍ୟଧିକ ଧାର୍ଯ୍ୟ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବନପୁର, ଶ୍ରୀରାମଚନ୍ଦ୍ରପୁର, କାଦୁଆ, ଜୟପୁର ଓ ସୁଆଣ୍ଡୋ ଅଞ୍ଚଳରେ ଅନେକ ଯୌଥ ପରିବାର ଥିବାବେଳେ ଏବେ ପରିବାରଗୁଡ଼ିକ ଭିନ୍ନ ହୋଇ ଅଲଗା ଅଲଗା ଜାଗାରେ ଘର ତିଆରି କରିବାକୁ ଯୋଜନା କରୁଛନ୍ତି। କିନ୍ତୁ ଏଥିରେ ବାଧକ ସାଜିଛି କିସମ ପରିବର୍ତ୍ତନ। ବିଭିନ୍ନ ମୌଜାର ଚାଷଜମିରେ ଘର କରିବା ପାଇଁ ତହସିଲଦାରଙ୍କଠାରୁ ଅନୁମତି ନିଆଯିବାର ବିଧି ଅଛି। ବନପୁର ମୌଜାରେ ଘର କରିବାକୁ ଏକର ପ୍ରତି ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୦ରୁ ଊର୍ଦ୍ଧ୍ୱ ମୌଜାରେ ଫନୀ ମହାବାତ୍ୟାରେ ଗରିବ ଲୋକଟିଏ ନିଜ ମାଲିକାନାରେ ଥିବା ମୂଳ ଚାଷଜମିକୁ ଘରବାରିରେ ପରିଣତ କରିପାରୁ ନାହିଁ। ଏହି ସୁଯୋଗରେ ଅମିନ, ଓକିଲ ଓ ମୋହରିରମାନେ ହିତାଧିକାରୀଙ୍କୁ ଭୁଆଁ ବୁଲାଇ ହାତ ଚିକ୍କଣ କରୁଥିବାର ଗୁରୁତର ଅଭିଯୋଗ ହସ୍ତଗତ ହୋଇଛି। ତେବେ ଅତ୍ୟଧିକ ଦରକୁ ବିଚାରକୁ ନେଇ ସତ୍ୟବାଦୀ (ସାକ୍ଷୀଗୋପାଳ) ତହସିଲ ଅନ୍ତର୍ଗତ ସମସ୍ତ ମୌଜାରେ ଜମିର ପୁନଃ ମୂଲ୍ୟାୟନ କରିବାକୁ ସାଧାରଣରେ ଦାବି ହେଉଛି।

– ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଥରଇ ହିୟା ମମ
କୁମୁଦ-ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି
ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା।

-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ସୁନା, ଟଙ୍କା ଚୋରି: ଯୁବକ ଗିରଫ

ଯାଁଲା,୨୨।୯(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁରୁ ପଞ୍ଚାୟତ ବଡ଼ ରଘୁନାଥପୁର ଗ୍ରାମରେ ଜଣଙ୍କ ଘରର ତାଲା ଭାଙ୍ଗି ସୁନା ଗହଣା ଏବଂ ଟଙ୍କା ଚୋରିକରି ନେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ପଲାହାଟ ଅଞ୍ଚଳର ପ୍ରଦୋଷ ରଞ୍ଜନ ଦାଶ(୩୦)। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ୫ହଜାର ଟଙ୍କା ଏବଂ ସୁନାଗହଣା ଜବତ କରିଛି। ସୂଚନା ଅନୁଯାୟୀ, ମଦନପୁରୁ ପଞ୍ଚାୟତର ବଡ଼ ରଘୁନାଥପୁର ଗ୍ରାମରେ ସୂର୍ଯ୍ୟକାନ୍ତୀ ରାଉତ ରୁହନ୍ତି। ଘର ନିକଟରେ ସେ ଏକ ଏନ୍‌ଜିଓ ସଂସ୍ଥା ଖୋଲିଥିବା ବେଳେ କେତେଜଣ ମହିଳା କାର୍ଯ୍ୟ କରୁଛନ୍ତି। ସୂର୍ଯ୍ୟକାନ୍ତୀ ପ୍ରାୟ ନିଜ ସଂସ୍ଥା କାମରେ ବାହାରକୁ ଯାଇଥିବା ବେଳେ ରାତି ଆଠଟା ମଧ୍ୟରେ ଆସନ୍ତି। ତେବେ ସୂର୍ଯ୍ୟକାନ୍ତୀଙ୍କ ଯିବାଆସିବା ଉପରେ ନିକଟରେ ରହୁଥିବା ପ୍ରଦୋଷ ନଜର ରଖୁଥିଲେ। ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ସୂର୍ଯ୍ୟକାନ୍ତୀ ଘରେ ନ ଥିବାବେଳେ ପ୍ରଦୋଷ ଘର ତାଲା ଭାଙ୍ଗି କବାଟ ତାଡି ଘର ଭିତରେ ପଶିଥିଲେ। ଆଲମିରା ଭାଙ୍ଗି ସେଥିରେ ଥିବା ୨ଟି ସୁନା ମୁଦି, ୨ ହଳ କାନଫୁଲ, ଗୋଟିଏ ସୁନା ଲକେଟ, ସୁନା ଶଙ୍ଖା ହଳେ, ଗୋଟେ ସୁନା ଚେନ, ରୂପା ପାଉଁଜି ୨ହଳ, କୋଡୋଟି ମୂଲ୍ୟବାନ ଧାତୁ ପଥର ଏବଂ ନଗଦ ୩୦ ହଜାର ଟଙ୍କା ଚୋରିକରି ନେଇଥିଲା। ସୂର୍ଯ୍ୟକାନ୍ତୀ ଘରକୁ ଫେରିବା ପରେ ତାଲା ଭଙ୍ଗା ଯିବା ସହ ଚୋରି ହୋଇଥିବା ଦେଖିଥିଲେ। ଏନେଇ ସେ ଇନଫୋଭ୍ୟାଲି ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ନିକଟରେ ରହୁଥିବା ପ୍ରଦୋଷଙ୍କୁ ପଚରାଉଚରା ବେଳେ ପୋଲିସ ତାଙ୍କୁ ସନ୍ଦେହ କରିଥିଲା। ପରେ ଯାଞ୍ଚ କରିବା ପରେ ଚୋରି କରିଥିବା ପ୍ରଦୋଷ ସ୍ୱୀକାର କରିବା ପରେ ଗିରଫ କରିଥିଲେ।

### ମାଙ୍କଡ଼ା ଖଣିରୁ ଜେସିବି ଜବତ, ଚାଳକ ଗିରଫ

ବେଗୁନିଆ,୨୨।୯(ଡି.ଏନ.ଏ.): ବେଗୁନିଆ ତହସିଲ ଅନ୍ତର୍ଗତ ବାଲିବେରେଣିସ୍ଥିତ ବେଆଇନ ମାଙ୍କଡ଼ା ପଥର ଖଣିରୁ ବୁଧବାର ରାତିରେ ଏକ ଜେସିବି ଗାଡ଼ିକୁ ସ୍ଥାନୀୟ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା ଗାଁର ସୁକାନ୍ତ ରଣସିଂହ। ସୁକାନ୍ତଙ୍କୁ ଗୁରୁବାର ଖୋର୍ଦ୍ଧା ଏସଡିଜେଏମ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଏ ନେଇ ଥାନାରେ ମାମଲା ନଂ. ୨୩୩/୨୨ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପୋଲିସ ରାତିରେ ବାଲିବେରେଣିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏହି ଗାଡ଼ିଟି ଯାଉଥିବା ବେଳେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ହେଲେ ଚାଳକ କୌଣସି କାଗଜପତ୍ର ନ ଦେଖାଇପାରିବାରୁ ପୋଲିସ ତାଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଛି।

# କାର୍ ସିକ୍ରେଟ ଚାମ୍ବରରୁ ମିଳିଲା ରୁପା ଇଟା

କଟକ ଅଫିସ,୨୨।୯

ଗଞ୍ଜେଇ ଧରିବାକୁ ଯାଇ ଧରିଲେ ୧ କୁଇଣ୍ଟାଲ ରୁପା ଇଟା। ତା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଏକ କାର୍‌ର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଇଟା ଧରିବା ପରେ ଅବକାରୀ ବିଭାଗ ମାମଲାକୁ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି। ଗୁରୁବାର ସକାଳ ପ୍ରାୟ ୯ଟାରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଏତେ ପରିମାଣର ରୁପା ଇଟା ଜବତ ହୋଇଥିବାରୁ ଟିକସ ଫାଙ୍କି ସନ୍ଦେହ କରାଯାଇ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ କଟକ ଜିଲା ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲେ। ଡିଏସ୍‌ପି ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କାର (ଡବ୍ଲୁବି୫୦-ଆର-୫୮୭୬)କୁ ତନଖି କରିବା ପରେ ସେଥିରେ ବହୁ ରୁପା ଇଟା, ଅଳଙ୍କାର


ଜବତ ରୁପା ଇଟା, ଅଳଙ୍କାର ଏବଂ ଟଙ୍କା।

ଓ ଟଙ୍କା ଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଏତେ ପରିମାଣର ରୁପା, ଅଳଙ୍କାର ଏବଂ ଟଙ୍କା ବିଷୟରେ ଯେମିତି କେହି ଜାଣି ନ ପାରିବେ, ସେଥିପାଇଁ ସେଗୁଡ଼ିକୁ ପଛ ସିଟ୍ ତଳେ ସିକ୍ରେଟ ଚାମ୍ବର କରାଯାଇ ନିଆଯାଉଥିଲା। ଅବକାରୀ ବିଭାଗ ଉକ୍ତ କାର୍ ସହ ସମସ୍ତ ସାମଗ୍ରୀ ଓ ଟଙ୍କାକୁ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଆଣିଥିଲା। ଅବକାରୀ ବିଭାଗ ସମ୍ପର୍କିତ କୌଣସି

### ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା

- ୧ କୁଇଣ୍ଟାଲ ରୁପା ଇଟା ସହ ୧୧.୯ ଲକ୍ଷ ଟଙ୍କା ଜବତ
- ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର, ୨ ଅଟକ
- ଆସିକାରୁ ଖଡ଼ଗପୁର ଯାଉଥିଲା

ଚୋରା ସାମଗ୍ରୀ କାର୍‌ରୁ ମିଳି ନ ଥିବାରୁ ଏନେଇ ଜିଏସ୍‌ଟି ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଜିଏସ୍‌ଟି ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଜବତ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା। ଜିଏସ୍‌ଟି ବିଭାଗ ପକ୍ଷରୁ ଇଟାଗୁଡ଼ିକୁ ଓଜନ କରାଯିବା ସହ ମୋଟ ୪୭ ଖଣ୍ଡ ଛୋଟ, ବଡ଼ ଇଟା ଓ ୧୯ଟି ରୁପା ଅଳଙ୍କାର ପ୍ୟାକେଟ ରହିଥିବା ଜଣାପଡ଼ିଥିଲା।

କାର୍ ଚାଳକଙ୍କ ସୂଚନା ଅନୁସାରେ ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ଅଭିମୁଖେ ନିଆଯାଉଥିଲା। ଏଗୁଡ଼ିକର ମାଲିକ ହେଉଛନ୍ତି ଖଡ଼ଗପୁର ଦାମୋଦରପୁର ଅମିତ ମାଝି। ସେ ଆସ୍କାର ବାବୁ ଭାଇଙ୍କଠାରୁ ଏଗୁଡ଼ିକୁ କିଣି ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। କେବଳ ଚାଳକ ହିସାବରେ ଦିନକୁ ୧ହଜାର ଟଙ୍କା ପାରିଶ୍ରମିକ ମିଳେ ବୋଲି ଚାଳକ ଜଣକ ପଚରାଉଚୁରାବେଳେ ଉତ୍ତର ରଖିଥିବା ଜଣାଯାଇଛି। ତେବେ ଯାଞ୍ଚ ବେଳେ ଚାଳକ ଜଣକ କୌଣସି କାଗଜପତ୍ର ଦେଖାଇ ପାରିନଥିବା ବେଳେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଯଦି ସବୁକିଛି ଠିକ୍ ଓ ନିୟମରେ କରାଯାଉଛି ତାହେଲେ ମାଲ୍‌ଗୁଡ଼ିକ ପରିବହନ ବେଳେ ସାଙ୍ଗରେ କାହିଁକି କାଗଜପତ୍ର ନାହିଁ ଓ ସେଗୁଡ଼ିକୁ କାହିଁକି ସିକ୍ରେଟ ଚାମ୍ବରରେ ରଖି ନିଆଯାଉଥିଲା ବୋଲି ଜିଏସ୍‌ଟି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଏସ୍‌ଟି ଅଧିକାରୀମାନେ ଉକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି।

## ଆଜି ଗ୍ରାମୀଣ ବ୍ୟାଙ୍କ ବନ୍ଦ ଡାକରା

ଭୁବନେଶ୍ୱର, ୨୨।୯ (ବ୍ୟୁରୋ)

ଦେଶର ସମସ୍ତ ଗ୍ରାମୀଣ ବ୍ୟାଙ୍କର ଘରୋଇକରଣ ଏବଂ ଶେୟାର ନିବେଶ (ଆଇପିଓ) ନେଇ କେନ୍ଦ୍ର ସରକାର ଯୋଜନା କରୁଥିବା ସୂଚନା ମିଳିବାରୁ ଅଲ୍‌ଇଣ୍ଡିଆ ରିଜିଓନାଲ ରୁରାଲ୍ ବ୍ୟାଙ୍କ୍ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇଆର୍‌ଆର୍‌ବିଇଏ) ପକ୍ଷରୁ ଦିନିକିଆ ଧର୍ମଘଟ ଓ ଗ୍ରାମୀଣ ବ୍ୟାଙ୍କ ବନ୍ଦ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଦୁଇ ପ୍ରମୁଖ ଗ୍ରାମୀଣ ବ୍ୟାଙ୍କ (ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ)ର ପ୍ରାୟ ୧୦୦୦ ଶାଖା ଶୁକ୍ରବାର ବନ୍ଦ ରହିବ ବୋଲି ଏଆଇଆର୍‌ଆର୍‌ବିଇଏର ଓଡ଼ିଶା ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଉଭୟ ଗ୍ରାହକ ସମସ୍ୟା ଏବଂ ହଜାର କୋଟିର କାରବାର ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ସରକାରଙ୍କର ଘରୋଇକରଣ ନୀତି ସାଙ୍ଗକୁ ଆଇପିଓ ଭଳି ଯୋଜନାର ବିରୋଧ ଏବଂ ବ୍ୟାଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ଏକ ନଅ ଦଫା ଦାବିକୁ ନେଇ ଏହି ଡାକରା ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୪ ଗିରଫ

ଖୋର୍ଦ୍ଧା ଅଫିସ,୨୨।୯

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଗୁରୁବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗ ଅଞ୍ଚଳରୁ ୫୧ ଗ୍ରାମ ବ୍ରାଉନସୁଗାର ସମେତ ୨ଟି ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଅଧୀନ ଗୁରୁଜଙ୍ଗ ଦେୱାନ ସାହିର ସର୍ବେଶ୍ୱର ବେହେରା ଓରଫ ବାପି, ନନ୍ଦ ସାହିର ଜୀବନ ମିଶ୍ର, ମଠସାହିର କବିରାଜ ପ୍ରଧାନ ଏବଂ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଚମ୍ପତିପୁରର ଟିକୁନ କୁମାର ସାହୁ। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟ ଧାରା୨୧(ବି)/୨୯ରେ ଏକ ମାମଲା (ନଂ. ୪୫୭/୨୨) ରୁଜୁ କରାଯାଇଛି। ସୂଚନା ମୁତାବକ, ଗୁରୁଜଙ୍ଗ ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ ଓ ଟାଉନ ଥାନା ଅଧିକାରୀ ତାରିକ ମହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ବ୍ରାଉନସୁଗାର ସମେତ ଦୁଇଟି ବାଇକ (ନଂ. ଓଡି-୦୨-ଏଭି-୨୩୮୭ ଏବଂ ଓଡି-୧୧-ଭି-୪୪୬୭) ଜବତ ହୋଇଛି। ଏହି ଚଢ଼ାଉରେ ଏସ୍‌ଆଇ ପି.ଏଲ୍. ବେହେରା, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ବି.କେ. ପ୍ରତାପସିଂ, କନଷ୍ଟେବଲ ଏ.ତରାଇ, ଏ.ଏମ୍.ଖାନ୍ ଏବଂ ଏସ୍.କେ. ପାଟ୍ଟଶାଣୀ ପ୍ରମୁଖ ସାମିଲ ଥିଲେ।


୧୫ ଦଫା ଦାବିନେଇ ଉତ୍କଳ ସଂଗ୍ରାମୀ ସମିତିର କର୍ମକର୍ତ୍ତାମାନେ ଗୁରୁବାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇ ରାଜଭବନରୁ ବାହାରୁଛନ୍ତି।

## ସପ୍ତାହକ ମଧ୍ୟରେ ନିଗମର ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଦିଅ: ମନ୍ତ୍ରୀ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

କୃଷି ଯାନ୍ତ୍ରିକୀକରଣ ଦିଗରେ ଓଡ଼ିଶା କୃଷି ଶିଳ୍ପ ନିଗମର ପ୍ରମୁଖ ଭୂମିକା ରହିଛି। କୃଷି ଯାନ୍ତ୍ରିକୀକରଣର ଲାଭ ଏବଂ ରାଜ୍ୟ ସରକାର କୃଷି ଉପକରଣରେ ଚାଷୀଙ୍କୁ ପ୍ରଦାନ କରୁଥିବା ପ୍ରୋତ୍ସାହନ ଓ ରିହାତି ଯେମିତି ହିତାଧିକାରୀଙ୍କ ନିକଟରେ ସିଧାସଳଖ ପହଞ୍ଚିପାରିବ ସେଥିଲାଗି ନିଗମ ପକ୍ଷରୁ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଭବନଠାରେ ଗୁରୁବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଓଡ଼ିଶା କୃଷି ଶିଳ୍ପ ନିଗମର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ କୃଷି ଯାନ୍ତ୍ରିକୀକରଣକୁ କିପରି ବ୍ୟାପକ କରାଯାଇପାରିବ ସେନେଇ ଏକ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରସ୍ତୁତ କରି ବିଭାଗକୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆସନ୍ତା ୭ ଦିନ ମଧ୍ୟରେ ନିଗମ ସମସ୍ତ କାର୍ଯ୍ୟକ୍ରମର ଏକ ବୈଷୟିକ ବିବରଣୀ ପ୍ରଦାନ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ରୁଗ୍‌ଣ ସଂସ୍ଥାଗୁଡିକ ଦ୍ୱାରା ବ୍ୟବସାୟ ପାଇଁ ଯଦି ଅଧିକୃତ କିଛି ସରକାରୀ ଜମି ଥାଏ, ତାହେଲେ ତାକୁ ୭ ଦିନ ମଧ୍ୟରେ ସରକାରୀ ଖାତାକୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କୃଷି ଶିଳ୍ପ ନିଗମ ଦ୍ୱାରା ସଂଗ୍ରହ କରାଯାଉଥିବା କୃଷି ଯନ୍ତ୍ରପାତି ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରକ୍ରିୟାକୁ ନିର୍ଭୁଲ ଓ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଛନ୍ତି।

## ସ୍ୱଚ୍ଛ ରେଳଗାଡ଼ି, ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୨୨।୯(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଭାରତ ପାଖବାଡ଼ା ପରିପ୍ରେକ୍ଷୀରେ ଗୁରୁବାର ସଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ସମୟରେ ଡିଭିଜନ୍‌ରେ ଥିବା ସମସ୍ତ ପ୍ରମୁଖ ରେଳ ଷ୍ଟେଶନ ଯଥା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ୍, ବ୍ରହ୍ମପୁର ଏବଂ ପଲାସାରେ ଟ୍ରେନଗୁଡ଼ିକର, ଅଧିକାରୀ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଶୌଚାଳୟର ପରିଚ୍ଛନ୍ନତା ସହିତ ଟ୍ରେନକୁ ପରିଷ୍କାର ରଖିବା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ୟୁନିଫର୍ମ ଏବଂ ସମସ୍ତ ସୁରକ୍ଷା ଉପକରଣ ସହିତ ଅନବୋର୍ଡ ହାଉସ କିପିଂ ଷ୍ଟାଫ (OBHS) କର୍ମଚାରୀଙ୍କ ଉପଲବ୍ଧତା ମଧ୍ୟ ଯାଞ୍ଚ କରାଯାଇଥିଲା। ଟ୍ରେନରେ ଦିଆଯାଇଥିବା ସଚ୍ଛତା ସେବା ଉପରେ ଯାତ୍ରୀମାନଙ୍କଠାରୁ ମତାମତ ନିଆଯାଇଥିଲା। ଯାତ୍ରୀମାନଙ୍କ ସଚେତନତା ପାଇଁ ଟ୍ରେନରେ ବିଭିନ୍ନ ପୋଷ୍ଟରର ପ୍ରଦର୍ଶନ ନିଶ୍ଚିତ କରାଯାଇଥିଲା। ଡିପୋରୁ ବାହାରିବା ପୂର୍ବରୁ ଟ୍ରେନର ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରିବା ପାଇଁ ପୁରୀ ଏବଂ ଭୁବନେଶ୍ୱର କୋଚିଂ ଡିପୋରେ ଅଧିକାରୀମାନଙ୍କୁ ମନୋନୀତ କରାଯାଇଥିଲା। ପାଣ୍ଟ୍ରି କାର୍‌ଗୁଡିକ ନିୟମିତ ସଫା କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍ୱଚ୍ଛତା ପଖୱାଡା ଅବଧି ସମୟରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପରିବେଶ ଏବଂ ହାଉସ୍ କିପିଂ ମ୍ୟାନେଜମେଣ୍ଟ(ଇଏନ୍‌ଏଚ୍‌ଏମ୍) ୱିଙ୍ଗ ରେଳ ବ୍ୟବହାରକାରୀ ଏବଂ କର୍ମଚାରୀଙ୍କ ପାଇଁ ସୁସ୍ଥ ଏବଂ ସଚ୍ଛ ପରିବେଶ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ରେଳ ଷ୍ଟେଶନ, ଟ୍ରେନ, ଅଫିସ କୋଠା, ରେଳ କଲୋନୀ ଇତ୍ୟାଦିରେ ବିଭିନ୍ନ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକଳାପ, ସଚ୍ଛତା ଯାଞ୍ଚ ଏବଂ ସଚେତନତା କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯାଉଥିବା ରେଳ ପ୍ରଶାସନ ପକ୍ଷରୁ କୁହାଯାଇଛି।

## କାର୍‌ରୁ ୧୦୨୦ ଲିଟର ମଦ ଜବତ

ବେଗୁନିଆ/ବୋଲଗଡ଼,୨୨।୯(ଡି.ଏନ.ଏ.)

ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବେଗୁନିଆ ଥାନା ଅଞ୍ଚଳର ଏକ ବେଆଇନ ମଦ ବିକ୍ରି ଉପରେ ଚଢାଉ କରି ଗୋଟିଏ ମାରୁତି କାର୍ ସହ ୧୦୨୦ ଲିଟର ଦେଶୀ ମଦ, ଲକ୍ଷାଧିକ ଟଙ୍କାର ବିଭିନ୍ନ ଉପକରଣ ଜବତ କରିଛି। ଏହି ଥାନା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ ଏକ କାର୍ ଯୋଗେ ଗୁରୁବାର ଦେଶୀ ରନ୍ଧା ମଦ ବିକ୍ରି ପାଇଁ ବିଭିନ୍ନ ଗ୍ରାମକୁ ଯାଉଥିଲେ। ଖବରପାଇ ଅବକାରୀ ବିଭାଗ (ମୋବାଇଲ) ଟିମ୍ ରଜନୀକାନ୍ତଙ୍କୁ କାବୁ କରିବା ପାଇଁ ଫାସ ବସାଇଥିଲା। ହେଲେ ରଜନୀକାନ୍ତ ଫେରାର ହେଇଯାଇଥିଲେ। ଏ ନେଇ ମାମଲା ନଂ.୬୯/୨୨-୨୩ ରୁଜୁ ହୋଇଛି। ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ ଏବଂ ଅବକାରୀ ଇନ୍ସପେକ୍ଟର(ମୋବାଇଲ) ରାଜଶେଖର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ବି.ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ସେଠ୍‌ଙ୍କ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ବାରଙ୍ଗ,୨୨।୯(ଡି.ଏନ୍.ଏ.)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ନ୍ୟୁୟର୍କ ସିଟି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମଦିନ ଏକ ପାଣିପାଗ କର୍ମଶାଳା ଓ ଦ୍ୱିତୀୟଦିନ ଗବେଷଣା ତଥ୍ୟ ଉପସ୍ଥାପନ ହେବ। ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏହି ସମ୍ମିଳନୀରେ ହାଇଦ୍ରାବାଦରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକା କନସୁଲେଟ ଏବଂ କ୍ୟୁନୀ (CUNY) ଭାରତ ଜଳବାୟୁ ସଦସ୍ୟ ମଧ୍ୟ ଯୋଗଦେଇଛନ୍ତି। ଜଳବାୟୁଠାରୁ ଆରମ୍ଭ କରି ମହାମାରୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସାମଗ୍ରିକ ସମାଧାନ ଖୋଜିବା ଅନ୍ତର୍ଜାତୀୟ ସମ୍ମିଳନୀର ମୂଳ ଲକ୍ଷ୍ୟ। କ୍ୟୁନୀର ଓନ୍‌ଫୋ ଅନୁସନ୍ଧାନ ଆନୁପାଦ ଦ୍ୱାରା ବିଶ୍ୱବିଦ୍ୟାଳୟରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପାଣିପାଗ କେନ୍ଦ୍ର ଛାତ୍ରୀଛାତ୍ରୀ ଓ ଗବେଷକମାନଙ୍କୁ ଗବେଷଣା କରିବାରେ ବହୁମାତ୍ରାରେ ଉପଯୋଗୀ ହେବ। ବିଶ୍ୱବିଦ୍ୟାଳୟର ଏକ ଦଶନ୍ଧି ପୂର୍ତ୍ତି ଉପଲକ୍ଷେ ଏହି ସମ୍ମିଳନୀ ଓ ବୁଝାମଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।




### ପ୍ରଥମଦିନ ପାଣିପାଗ ଉପରେ କର୍ମଶାଳା

ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ଏପରି ବୁଝାମଣାକୁ ଗୁରୁତ୍ୱାରୋପ କରିଛି।

ସମ୍ମିଳନୀରେ ବ୍ରୋନ୍‌ସ କମ୍ୟୁନିଟି କଲେଜ, କ୍ୟୁନୀର ଅଧ୍ୟକ୍ଷ ଥୋମାସ ସେକେନଗେ ସମ୍ବୋଧନ କରିଥିଲେ। ଏହା ସହିତ ସିଟି ବିଶ୍ୱବିଦ୍ୟାଳୟ ନ୍ୟୁୟର୍କର ୧୦ରୁ ଊର୍ଦ୍ଧ୍ୱ ଗବେଷକ ଓ ଅଧ୍ୟାପକ ଉପସ୍ଥିତ ରହି ସମ୍ମିଳନୀର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପାରମିତା ସେନ୍, ପ୍ର. ନିଲ ଦିଲୀପ, ରେଜା ଖାନବୀଓ୍ୱାର୍ଡ, ଅନ୍ୟତମ ନୋଆ ସିଇଏସ୍‌ଏସ୍‌ଆର୍‌ଟିର ବରିଷ୍ଠ ବୈଜ୍ଞାନିକ ଶକିଲା ମେଛାଣ୍ଟ, ତରେନ୍ଦ୍ର ଲାଖନକର, ଯୁକ୍ତରାଷ୍ଟ୍ର ଦୂତାବାସ ହାଇଦ୍ରାବାଦର ଜନବ୍ୟାପାର ଅଧିକାରୀ ଡେଭିଡ ମେୟର ଓ ସାମରିକ ଜନସମ୍ପର୍କ ଉପଦେଷ୍ଟା ସଲ୍ଲିଲ କାଦେର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ତରଫରୁ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ବି. ଆର. ବର୍ମା, କୁଳସଚିବ ପ୍ରଫେସର ଦେବୀ ପ୍ରସାଦ ସାହୁ, କାର୍ମିକ ନିର୍ଦ୍ଦେଶକ ଗୌରବ ବର୍ମା, ବିଜ୍ଞାନ ଓ ଉଦୟମାନ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଫେସର ରବି ନାରାୟଣ ଶତପଥୀ, ପରିବେଶ ବିଜ୍ଞାନର ଅଧ୍ୟାପକ ଜୟପ୍ରକାଶ ଭଟ, ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ବିଜୟ ଲକ୍ଷ୍ମୀ ମହାନ୍ତି, ବିଭାଗୀୟ ଡିନ୍, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିଷେଧ ସତ୍ତ୍ୱେ ବଢୁଛି ବେଆଇନ ଘେରି

ଖୋର୍ଦ୍ଧା ଅଫିସ,୨୨।୯

ଏସିଆ ମହାଦେଶର ବୃହତ୍ ହ୍ରଦ ଚିଲିକାର ମୁହାଣ ଦିନକୁ ଦିନ ପୋତି ହେବାରେ ଲାଗିଛି। ଫଳରେ ଏହାର ପରିସୀମା ସଙ୍କୁଚିତ ମଧ୍ୟ ହେବାରେ ଲାଗିଛି। ଚିଙ୍ଗୁଡ଼ି ଚାଷ ପାଇଁ ଚିଲିକାରେ ବେଆଇନ ଭାବେ ଗଢ଼ି ଉଠିଛି ହେକ୍ଟର ହେକ୍ଟର ଘେରି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କରାଯାଉଛି। ହେଲେ ଯେତିକି ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି, ପୁଣି ସେତିକି ମାଡ଼ି ଚାଲିଛି। ଜଳରେ ଲବଣାଂଶ ବଢ଼ି ଚାଲିଥିବା ବେଳେ ନଳଘାସ ଓ ରାଜଦଳ ଦିନକୁ ଦିନ ମାଡ଼ିବାରେ ଲାଗିଛି। ତେବେ ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ସେମାନଙ୍କ ଜୀବିକା ହରାଇବା ସ୍ଥିତି ଉପୁଜିଛି। ଏନେଇ ମତ୍ସ୍ୟଜୀବୀ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦପେକ୍ଷ ଗ୍ରହଣ କରାଯାଉ ନାହିଁ। ଅନ୍ୟପଟେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ନୀରବତା ଯୋଗୁ ଚିଲିକାର ଜୈବ ବିବିଧତା ଦିନକୁ ନଷ୍ଟ ହେବାକୁ ବସିଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ୧୧୬୫ ବର୍ଗ କିମି ଇଲାକାରେ ଚିଲିକା ପରିବ୍ୟାପ୍ତ ରହିଥିଲା। ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ୧ ହଜାର କି.ମି. ମଧ୍ୟରେ ସୀମିତ ରହିଥିବା ଜଣାପଡିଛି। ଗଞ୍ଜାମ ଜିଲାର ୭୪.୩୩ ବର୍ଗ କି.ମି., ଖୋର୍ଦ୍ଧା ଜିଲାର ୭୨.୯୯ ବର୍ଗ କିମି ଏବଂ ପୁରୀ ଜିଲାର ୮୮୪.୫୬ ବର୍ଗ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ଚିଲିକାରେ ୫୨ଟି ନଦୀ ନାଳ ମିଶିଛି। ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବା ବେଳେ ବର୍ଷା ଋତୁରେ ପାଣି ଆସିଲେ ଏହା ପରିସୀମା ବୃଦ୍ଧି ପାଇଥାଏ। ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କିମି ଏବଂ ବର୍ଷାଦିନେ ପ୍ରାୟ ୧୧ଶହ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ। ତେବେ ବର୍ଷାଦିନେ ନଦୀନାଳଗୁଡିକର ବାଲି, ପ୍ଲାଷ୍ଟିକ, ପଲିଥିନ ବର୍ଜ୍ୟବସ୍ତୁ ଚିଲିକାରେ ମିଶୁଛି। ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି। ଚିଲିକାରେ ପ୍ରାୟ ୧୫୦ ବର୍ଗ କିମି ଇଲାକାରେ ନଳଘାସ ପରିପୂର୍ଣ୍ଣ ହୋଇ ରହିଛି। ପୁରୀ ଜିଲାର ବରକୁଦି ଠାରୁ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୂଷଣ୍ଡପୁର ଆଦି ଉପକୂଳ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ରହିଛି। ସେହିପରି ମଲାଗୁଣୀ, ରାଜୁଆ, ଭାର୍ଗବୀ, ଦୟା, ମକରା ଆଦି ନଦୀର ରାଜଦଳ ଭାସି ଆସି ଚିଲିକାର ଉପକୂଳବର୍ତ୍ତୀ ଅଞ୍ଚଳର ୩ରୁ ୫ କିମି ପର୍ଯ୍ୟନ୍ତ ଜମି ରହିଛି। ନଇରି, ବଉଳାବନ୍ଧ, କୁମାଣ୍ଡଳ, ନିମିନା, ହାଟବରଡି, ବାଲୁଗାଁ, ସୋରଣ, କାଳୁପଡାଘାଟ, ମଙ୍ଗଳାଯୋଡି ମୁହାଁଣ ଭଳି ଅନେକ ସ୍ଥାନରେ ରାଜଦଳ ରହିଥିବାରୁ ମତ୍ସ୍ୟଜୀବୀ ଡଙ୍ଗା ଧରି ଚିଲିକାକୁ ମାଛ ମାରିବାକୁ ଯାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୯୯ ମସିହା ମହାବାତ୍ୟାଠାରୁ ବର୍ତ୍ତମାନ ମଧ୍ୟରେ ସରୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡିଗଲାଣି। ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ଓ ଚିଲିକା, ପୁରୀ ଜିଲା କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରି ରହିଛି। ତେବେ ଯେତିକି ଉଚ୍ଛେଦ ହେଉଛି ପୁଣି ବଢିଚାଲିଥିବା ଦେଖିବାକୁ ମିଳିଛି। ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ଚିଲିକାରେ ଘେରି ଉଚ୍ଛେଦ ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ମାଟିର ଘେରି(ମାଟିବନ୍ଧ) କରି ଚିଙ୍ଗୁଡ଼ି ଚାଷ ଚାଲିଛି। ଏହି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଅଞ୍ଚଳରେ ଦୀର୍ଘଦିନ ଧରି ରହିଥିବା ଏକର ଏକର ମାଟିବନ୍ଧକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜେସିବି ମାଧ୍ୟମରେ ନଷ୍ଟ କରାଯାଇଛି। ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ଚିଲିକାର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କୁହନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ଗଢି ଉଠିଥିବା ଚିଲିକାରେ ଘେରି ଉଚ୍ଛେଦ କରାଯାଇଛି। ପୁଣି ଘେରି କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ଚିଲିକାରେ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଏହାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ସେପ୍ଟେମ୍ବର, ୨୦୨୨


## ସଂକ୍ଷେପରେ

### ଅନିଲ ଧୀର ପାଇବେ ‘ଗଣେଶ ପରିଜା ସମ୍ମାନ’

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଗବେଷକ ତଥା ଲେଖକ ଗଣେଶ ପ୍ରସାଦ ପରିଜାଙ୍କ ତ୍ରୟୋବିଂଶ ସ୍ମୃତି ଦିବସ ପରିପ୍ରେକ୍ଷୀରେ ‘ଶାରଳା ସ୍ମାରକ’ ପକ୍ଷରୁ ‘ଗଣେଶ ପରିଜା ସ୍ମାରକୀ ବକ୍ତୃତା’ ଓ ‘ଗଣେଶ ପରିଜା ସମ୍ମାନ’ ପ୍ରଦାନ ଉତ୍ସବ ଆସନ୍ତା ୨୬ ତାରିଖ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ‘ଶ୍ରୀଜଗନ୍ନାଥ ସଂସ୍କୃତିରେ ଲୋକ ଓ ଲୋକୋତ୍ତର ଚେତନା’ ଶୀର୍ଷକ ବକ୍ତୃତା ପ୍ରଦାନ କରିବେ। ଏହି ଅବସରରେ ଐତିହ୍ୟ ଗବେଷକ ଅନିଲ ଧୀରଙ୍କୁ ‘ପଞ୍ଚମ ଗଣେଶ ପରିଜା ସମ୍ମାନ’ ପ୍ରଦାନ କରାଯିବ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେବାକୁ ଥିବାବେଳେ ଚିକିତ୍ସା ବିଜ୍ଞାନୀ ତଥା ଶାରଳା ସ୍ମାରକର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ.ନିମାଇଁ ଚରଣ ପରିଜା ସଭାପତିତ୍ୱ କରିବେ ବୋଲି ଜଣାପଡ଼ିଛି।

### ଅଭିନେତା ବାବୁସାନ ମହାନ୍ତି ଅସୁସ୍ଥ



ଭୁବନେଶ୍ୱର,୨୨।୯(ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ମହାନ୍ତି ଅସୁସ୍ଥ ଥିବା ତାଙ୍କ ଫ୍ୟାନ୍‌ଙ୍କ ମହଲରୁ ସୂଚନା ମିଳିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି। ୬ ଦିନ ତଳେ ତାଙ୍କ ଶରୀରର ଅକ୍ସିଜେନ ମାତ୍ରା କମିଯିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ଜଣିଆ ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି।

### ଓଡ଼ିଶୀ ଆସର ଆରମ୍ଭ

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଭାବଧାରାକୁ ନେଇ ଗୁରୁ କେଳୁଚରଣ ମହାପାତ୍ରଙ୍କ ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ‘ଓଡ଼ିଶୀ ଆସର’ ଗୁରୁବାର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପ ଶାସନ ସଚିବ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଲୀନା ନନ୍ଦ, ମିନତୀ ପ୍ରଧାନ, ଜ୍ୟୋତିରାଣୀ ନାୟକ, ମୁନମୁନ୍ ଚକ୍ରବର୍ତ୍ତୀ ଏବଂ ସାଗରିକ ପରିଡ଼ା ପ୍ରମୁଖ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ ଯୋଗୁଁ ଏହି ମାସିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା।

# ଝଲସିବ ରାଜସ୍ଥାନର ଜୟ ପ୍ୟାଲେସ୍



ପୁରୁଣା ଭୁବନେଶ୍ୱର,୨୨।୯(ଡି.ଏନ୍.ଏ.)

ପାଖେଇ ଆସୁଛି ଦୁର୍ଗାପୂଜା। ପାର୍ବଣ ପ୍ରସ୍ତୁତି ଜୋରଦାର ଚାଲିଛି। ଏଥିପାଇଁ ଚଳଚଞ୍ଚଳ ହେବାରେ ଲାଗିଛି ରାଜଧାନୀ ଭୁବନେଶ୍ୱର। ମା’ଙ୍କ ମୂର୍ତ୍ତି, ସୁଦୃଶ୍ୟ ମଣ୍ଡପ ଓ ତୋରଣ ତିଆରିରେ ବିଭିନ୍ନ କମିଟି ପକ୍ଷରୁ ଚାଲିଛି ପ୍ରତିଯୋଗିତା। ଦୁଇବର୍ଷର କଟକଣା ପରେ ଚଳିତ ବର୍ଷ ଦୁର୍ଗାପୂଜା ଭକ୍ତଙ୍କ ଗହଣରେ ହେବ। ଏଥିପାଇଁ ଧୁମ୍‌ଧାମ୍‌ରେ ପୂଜା ପାଳନ କରିବାକୁ ସହରବାସୀ ଚାହିଁ ବସିଛନ୍ତି। ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ଓ ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିବାକୁ ପୂଜା ଆୟୋଜକମାନେ ଲାଗି ପଡିଛନ୍ତି। ଭଳିକି ଭଳି ଆଲୋକସଜ୍ଜା, ନୂଆ ନୂଆ ତୋରଣ ଭେଟି ଦେବାସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ମନୋରଞ୍ଜନ କରିବାକୁ ମଧ୍ୟ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇସାରିଲାଣି। ଏ ପରିସ୍ଥିତିରେ ପ୍ରଥମଥର ପାଇଁ ଦୁର୍ଗାପୂଜା ଆରମ୍ଭ କରିଛି ଭୁବନେଶ୍ୱର ବ୍ଲକର ରଣସିଙ୍ଗପୁର ପଞ୍ଚାୟତ ସାର୍ବଜନୀନ ଦୁର୍ଗାପୂଜା କମିଟି। ଏଠାରେ ରାଜସ୍ଥାନର ଜୟ ପ୍ୟାଲେସ ତୋରଣ ଝଲସିବ। ପଶ୍ଚିମବଙ୍ଗ କାରିଗରଙ୍କ ଦ୍ୱାରା ୬୦ ଫୁଟ ଉଚ୍ଚତା ଏବଂ ୮୦ ଫୁଟ ଓସାରର ଏହି ତୋରଣ ତିଆରି କାର୍ଯ୍ୟ ଆଗେଇ ଚାଲିଛି। ସେହିଭଳି ମା’ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୯ଫୁଟ ରହିବ। ଏଥର ପୂଜାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବ ବୋଲି କମିଟି ପକ୍ଷରୁ ଆକଳନ କରାଯାଇଛି। ତେବେ କମିଟି ସମ୍ପୂର୍ଣ୍ଣ ଭାବେ ଗଠିତ ହୋଇ ନ ଥିବାବେଳେ ପୂଜା ସଫଳ କରିବା ପାଇଁ ଅଣ୍ଟାଭିଡ଼ିଛନ୍ତି ଗ୍ରାମବାସୀ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାବଣପୋଡ଼ି ଦେଖିବାକୁ ସୁଆଙ୍ଗ, ଛୋଟରାୟପୁର, ଦାମୋଦରପୁର, ବାହାଦଲପୁର ଆଦି ଅଞ୍ଚଳର ବାସିନ୍ଦାଙ୍କ ଭିଡ଼ ଜମିବ। ମଣ୍ଡପରେ ସିସିଟିଭି ଲଗାଯିବ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ସହ ୮୦ ସାମାଜିକ କର୍ମୀ ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।




### ସୁଆଙ୍ଗ ପଡ଼ିଆରେ ରାବଣପୋଡ଼ି



ଗ୍ରାମରେ ଥିବା ସୁଆଙ୍ଗ ଖେଳପଡ଼ିଆରେ ଦଶମୀରେ ହେବ ରାବଣପୋଡ଼ି। ପ୍ରାୟ ୬୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ରାବଣ ପେପର କୋଲାଜରେ ତିଆରି ହେବ। ରାବଣ ପୋଡ଼ିନେଇ କମିଶନରେଟ ପୋଲିସଠାରୁ ଅନୁମତି ମିଳିସାରିଛି। ପ୍ରଥମଥର ପୂଜାରେ ରାବଣ ପୋଡ଼ି ଆମ୍ଭମାନଙ୍କ ପାଇଁ ଚ୍ୟାଲେଞ୍ଜ ରହିବ।

–ସୌମ୍ୟରଞ୍ଜନ ରାଉତରାୟ, କମିଟି ସଦସ୍ୟ।

### ଶାନ୍ତିଶୃଙ୍ଖଳାରେ ପୂଜା ସାରିବାକୁ ଚେଷ୍ଟା କରିବୁ



ପ୍ରଥମଥର ପୂଜା ହେଉଥିବାରୁ କମିଟି ସଦସ୍ୟଙ୍କ ସହ ସ୍ଥାନୀୟ ଲୋକଙ୍କ ଉତ୍ସାହ ରହିଛି। ବିଧି ମୁତାବକ ମା’ଙ୍କ ପୂଜାର୍ଚ୍ଚନା କରାଯିବ। ଦଶମୀରେ ସୂର୍ଯ୍ୟପୂଜା, ଗୁରୁ ପୂଜା, ଅପରାଜିତା ପୂଜା, ସମସ୍ତ ଦେବଦେବୀ ଆବାହନ, ପୂର୍ଣ୍ଣାହୁତି ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଚେଷ୍ଟା କରିବୁ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି।

–ବିକ୍ରମ ଛୋଟରାୟ, କମିଟି ସଦସ୍ୟ

## ଅଭିଯୁକ୍ତ ସ୍ୱାମୀ, ଦିଅର ଗିରଫ

ଭୁବନେଶ୍ୱର ୨୨।୯(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୫ସ୍ଥିତ ସରକାରୀ ବାସଭବନରେ ରହୁଥିବା ସୁମିତ୍ରା କାଟିଆଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା ବୋଲି ଜଣାପଡିଛି। ତେବେ ସୁମିତ୍ରାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ତାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଥିବା ପ୍ରମାଣ ମିଳିବା ପରେ ପୋଲିସ ଅଟକ ରଖିଥିବା ସ୍ୱାମୀ ଗଣେଶ କାଟିଆ ଓ ଦିଅର ଅଜିତଙ୍କୁ ଗୁରୁବାର ଗିରଫ କରିଛି। ଆଇପିସି ଦଫା ୪୯୮ (ଏ), ୩୦୪ (ବି), ୩୦୬ ମାମଲା (ନଂ.୫୨୮/୨୦୨୨)ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁମିତ୍ରାଙ୍କ ବାପା ହରିହର ବେହେରା ଥାନାରେ କରିଥିବା ଅଭିଯୋଗ ଓ ପୋଲିସ ସୂଚନାନୁସାରେ, ଖଣ୍ଡପଡ଼ା ଅଞ୍ଚଳର ଗଣେଶଙ୍କ ସହ ସୁମିତ୍ରାଙ୍କ ୨ବର୍ଷ ତଳେ ବିବାହ ହୋଇଥିଲା। ଗଣେଶଙ୍କ ବାପା ଜଣେ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ହୋଇଥିବାରୁ ସେମାନେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ରହୁଥିଲେ। ସ୍ୱାମୀ ଓ ଦିଅର ସୁମିତ୍ରାଙ୍କୁ ସବୁବେଳେ ଯୌତୁକ ନିର୍ଯାତନା ଦେଉଥିଲେ। ସୁମିତ୍ରାଙ୍କୁ ଆତ୍ମହତ୍ୟା କରିବାକୁ ସେମାନେ ପ୍ରବର୍ତ୍ତାଉଥିଲେ। ସୁମିତ୍ରା ଏଥିପାଇଁ ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ। କିଛିଦିନ ହେଲା ଶାଶୁ ଓ ଶ୍ୱଶୁର ଗାଁକୁ ଚାଲିଯାଇଥିଲେ। ମଙ୍ଗଳବାର ଘରେ ଦିଅର ଓ ସ୍ୱାମୀ ନ ଥିଲେ। ସନ୍ଧ୍ୟାରେ ସ୍ୱାମୀ ଗଣେଶ ଘରକୁ ଫେରି ସୁମିତ୍ରା ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସୁମିତ୍ରାଙ୍କ ଆତ୍ମହତ୍ୟା ଘଟଣା**



ଖଣ୍ଡଗିରି ଥାନା ଶ୍ୟାମପୁର ମୌଜାର ୱାର୍ଡ ନଂ. ୨୩ ଅନ୍ତର୍ଗତ ସରକାରୀ ପ୍ଲଟ ନଂ ୧୦୪୭, ୧୦୪୯ରେ ଥିବା ବେଆଇନ ଘରକୁ ଗୁରୁବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।

## ଶ୍ୟାମପୁର, ନୟାପଲ୍ଲୀରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଶ୍ୟାମପୁର ମୌଜାର ୱାର୍ଡ ନମ୍ବର ୨୩ ଅନ୍ତର୍ଗତ ସରକାରୀ ପ୍ଲଟ ନଂ ୧୦୪୭, ୧୦୪୯ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ବିଡିଏ। ସେହିପରି ୱାର୍ଡ ନମ୍ବର ୪୮ ଅନ୍ତର୍ଗତ ଗୋପବନ୍ଧୁ ନଗର ମୌଜାର ପ୍ଲଟ ନଂ ୨୫୪ ଏବଂ ୱାର୍ଡ ନଂ ୩୮ରେ ନୟାପଲ୍ଲୀ ମୌଜାର ପ୍ଲଟ ନଂ ୩୨୪୧ ହୋଇଥିବା ବେଆଇନ ନିର୍ମାଣକୁ ବିଡ଼ିଏ ହଟେଇ ଦେଇଛି। ଶ୍ୟାମପୁରରେ ଛୋଟ ଘର ସହ ୨ଟି ଆଜବେଷ୍ଟସ ଘର, ୨ଟି ଶୌଚାଳୟ, ପାଖାପାଖି ୫୦ଫୁଟର ପାଚେରି ଏବଂ ୧୫୦୦ ବର୍ଗଫୁଟର ଘର ଭଙ୍ଗା ଯାଇଛି। ଏଠାରେ ପ୍ରାୟ ୪୬୦୦ ବର୍ଗଫୁଟର ଅଞ୍ଚଳକୁ ମୁକ୍ତ କରିଛି ବିଡ଼ିଏ। ନୟାପଲୀରେ ପାଖାପାଖି ୭୦୦୦ ବର୍ଗଫୁଟର ଅଞ୍ଚଳକୁ ଜବରଦଖଲମୁକ୍ତ କରିଛି ବିଡ଼ିଏ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡ଼ିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡ଼ିଏ ଲିଆସନିଂ ଅଫିସର୍ ଶୁଭ୍ରାଂଶୁ ଶେଖର ମହାନ୍ତି, ଜୋନ ଏସିପି ରଜତ କୁମାର ରାୟ ଏବଂ ଭରତପୁର ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ଦିନର ଅନୁଭୂତି ସାଉଁଟିଲେ ନବାଗତ ଛାତ୍ରୀଛାତ୍ର

ବାଲିଅନ୍ତା,୨୨।୯(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଭୂତି ସାଉଁଟିଛନ୍ତି କଲେଜକୁ ଆସିଥିବା ଛାତ୍ରୀଛାତ୍ର। ଛାତ୍ରୀଛାତ୍ର ବିନା ୟୁନିଫର୍ମରେ କଲେଜକୁ ଆସିଥିଲେ। ଏହି ୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ଦିନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଭାବ ବିନିମୟ ହୋଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟର ନୀତି ନିୟମ, ଶ୍ରେଣୀ ଶୃଙ୍ଖଳା କକ୍ଷା କରିବା ଓ ପରୀକ୍ଷା ଢାଞ୍ଚା ବିଷୟରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଇଥିଲେ। କଲେଜରେ ର୍‍ୟାଗିଂଠାରୁ ଦୂରେଇ ରହିବା ସହିତ ନିୟମ ମାନିବା ପାଇଁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇଥିବା ୨୫୮ଜଣଙ୍କ ମଧ୍ୟରୁ ୧୫୦ ଜଣ ଓ ବେଣ୍ଟପୁର ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬୮ ଜଣଙ୍କ ମଧ୍ୟରୁ ୨୦୦ ଜଣ ଛାତ୍ରୀଛାତ୍ର ଆସିଥିବା ଜଣାପଡିଛି।

## ବନ୍ଧୁକ ନାଁ ଶୁଣି ଭୟରେ ଦୌଡ଼ିଲେ ଚୋର

ଭୁବନେଶ୍ୱର,୨୨।୯ (ବ୍ୟୁରୋ) :

ପୋଲିସକୁ ଚକ୍‌ମା ଦେଇ ଅପରାଧୀମାନେ ଫେରାର ହେବାର ଅନେକ ନଜୀର ରହିଛି। ହେଲେ ଜଣେ ଘର ମାଲିକ ଚୋରି ପାଇଁ ଯାଇଥିବା ଦୁର୍ବୃତ୍ତଙ୍କୁ ଚକ୍‌ମା ଦେଇଛନ୍ତି। ବନ୍ଧୁକ ନାଁ ଶୁଣି ଚୋର ଜଣକ ଭୟରେ ଚମ୍ପଟ ମାରିଥିବାବେଳେ ଏହା ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ଘର ମାଲିକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚୋରି ଉଦ୍ୟମ ବିଫଳ ହୋଇଛି। ଶହୀଦନଗର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଘର ମାଲିକ ପ୍ରଦେଶ କୁମାର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ସୂଚନା ମିଳିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ପ୍ରଦେଶ ଓ ତାଙ୍କ ସ୍ତ୍ରୀ ଧରିତ୍ରୀ ଭିଏସ୍ଏସ୍‌ନଗରରେ ରୁହନ୍ତି। ବୁଧବାର ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ପ୍ରଦେଶଙ୍କ ଘରେ ପ୍ରବେଶ କରି ଚୋରି ପାଇଁ ଉଦ୍ୟମ କରିଥିଲେ। ଏତିକିବେଳେ କିଛି ଶବ୍ଦ ଶୁଣି ପ୍ରଦେଶଙ୍କ ସ୍ତ୍ରୀ ଧରିତ୍ରୀ ଉଠିପଡି ସ୍ୱାମୀଙ୍କୁ ଡାକିଥିଲେ। ଘରେ ଚୋର ପଶିଥିବା ଦେଖି ପ୍ରଦେଶ ଡରି ନ ଯାଇ ଉପସ୍ଥିତ ବୁଦ୍ଧି ଜୁଟାଇ ପ୍ରତିରୋଧ କରିବାକୁ ବାହାରିଥିଲେ। ଏହି ସମୟରେ ସେ ‘ବନ୍ଧୁକ କୁଆଡେ ଗଲା, ଆଣ ଫୁଟେଇ ଦେବି’ ବୋଲି କହିଥିଲେ। ବନ୍ଧୁକ କଥା ଶୁଣି ଚୋର ଜଣକ ଜୀବନ ବିକଳରେ ଦୌଡି ପଳାଇଥିଲେ। ସକାଳ ହେଲା ପରେ ପ୍ରଦେଶ ଓ ସ୍ତ୍ରୀ ଧରିତ୍ରୀ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ପ୍ରଦେଶଙ୍କ ଉପସ୍ଥିତ ବୁଦ୍ଧିକୁ ମଧ୍ୟ ପ୍ରଶଂସା କରିଛି।

**ଘର ମାଲିକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚୋରି ଉଦ୍ୟମ ବିଫଳ**



ସିସିଟିଭିରେ ଫେରାର ହୋଇଥିବା ଅଭିଯୁକ୍ତ।

## ଆଇଏମ୍ଏମ୍‌ଟିରେ ଗ୍ଲୋବାଲ ବ୍ୟାଟେରି ପରୀକ୍ଷଣ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ସମ୍ପ୍ରତି ଜଳବାୟୁ ଓ ପ୍ରଦୂଷଣଜନିତ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ମୁକାବିଲା କରିବାକୁ କିଭଳି ଜୀବାଶ୍ମ ଇନ୍ଧନରୁ ଦୂରେଇ ବିଦ୍ୟୁତିକରଣକୁ ଗ୍ରହଣ କରିବାକୁ ହେବ ସେ ନେଇ ଗ୍ଲୋବାଲ ବ୍ୟାଟେରୀ ପରୀକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୟାଲ ସାଇନ୍ସ ଅଫ୍ କେମିଷ୍ଟ୍ରି (ଆର୍‌ଏସ୍‌ସି) ୟୁକେ ଓ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରୀଛାତ୍ର ଓ ୪ଜଣ ଶିକ୍ଷକ ଯୋଗଦେଇଥିଲେ। ବ୍ୟାଟେରୀ କିଭଳି ଭବିଷ୍ୟତର ଉଜ୍ଜ୍ୱଳ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିବ ଏବଂ ମୁଦ୍ରା, କାର୍ଡବୋର୍ଡ ଡିସ୍କ, ଆଲୁମିନିୟମ୍ ଫଏଲ୍ ଡିସ୍କ, ଭିନେଗାରକୁ ନେଇ ବ୍ୟାଟେରୀ କିଭଳି ପ୍ରସ୍ତୁତ କରାଯାଇପାରିବ ତାହା ଛାତ୍ରୀଛାତ୍ରମାନେ ଦେଖିବା ସହ ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ସିଏସ୍ଆଇଆର୍‌ର ମହା ନିର୍ଦ୍ଦେଶକ ଡ. ଏନ୍. କଲାଇସେଲ୍‌ଭି ଭର୍ଚୁଆଲରେ ଯୋଗଦେଇ ଭବିଷ୍ୟତର ବ୍ୟାଟେରୀ ଟେକ୍ନୋଲୋଜି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱ ବାସୁ ଯୋଗଦେଇ କହିଲେ, ଅନେକ ସମୟରେ ଆମେ ବିଦ୍ୟୁତ ସଂରକ୍ଷଣ କରିବାରେ ଅବହେଳା କରିଥାଉ। ଫ୍ୟାନ, ଲାଇଟ୍ ସୁଇଚ୍ ବନ୍ଦ ନ କରି ଅଯଥାରେ ବିଦ୍ୟୁତ୍ ଅପଚୟ କରିଥାଉ। ଏହା ବ୍ୟାଟେରୀ କିଭଳି ଅଧିକ ଉତ୍ପାଦନ ହୋଇ ପାରିବ ଏବଂ ବିଶେଷତଃ ଏହା ମାଧ୍ୟମରେ କିଭଳି ବିଦ୍ୟୁତ ସୃଷ୍ଟି କରାଯାଇ ପାରିବ ଓ ଏଥିସହ ଏଲ୍‌ଇଡି ପ୍ରସ୍ତୁତ ତଥା ବ୍ୟବହାର ଉପରେ ମତ ପ୍ରକାଶ କରିଥିଲେ। ଜିଜ୍ଞାସା ନୋଡାଲ ସାଇଣ୍ଟିଷ୍ଟ ଡ. ଦେବୀ ପ୍ରସାଦ ଦାସ ସାମାଜିକ ବୈଜ୍ଞାନିକ ଦାୟିତ୍ୱକୁ ନେଇ ନାମିତ ଜିଜ୍ଞାସା କାର୍ଯ୍ୟକ୍ରମକୁ ଆଇଏମ୍ଏମ୍‌ଟି କିଭଳି ପରିଚାଳନା କରୁଛି ସେ ନେଇ ଆଲୋକପାତ କରିଥିଲେ। ଡ. ବିକାଶ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର**



# ମୋ ବସ୍‌ରେ ମାତିଛନ୍ତି ମହିଳା ଚୋର

ଭୁବନେଶ୍ୱର,୨୨।୯ (ବ୍ୟୁରୋ) :

ମୋ ବସ୍‌ରେ ଯାତ୍ରା କରୁଥିଲେ ସାବଧାନ। ସତର୍କ ନ ରହିଲେ ଆଖି ପିଛୁଳାକେ ଗାଏବ ହୋଇଯିବ ଆପଣଙ୍କ ମୋବାଇଲ, ଟଙ୍କା। କାରଣ ଏବେ ମୋ ବସ୍‌ରେ ମାତିଛନ୍ତି ମହିଳା ଚୋର। ବୁଧବାର ଚିକିତ୍ସା ପାଇଁ ଯାଉଥିବା ଜଣେ କ୍ୟାନ୍‌ସର ପୀଡିତଙ୍କ ପକେଟରୁ ୧୫ ହଜାର ଟଙ୍କା ଚୋରି ହୋଇଥିବାବେଳେ ଗୁରୁବାର ପୁଣି ଅନୁରୂପ ଘଟଣା ରାଜଧାନୀରେ ଦେଖିବାକୁ ମିଳିଛି। ଚୋରିର ଶିକାର ଯାତ୍ରୀମାନେ ହେଉଛନ୍ତି ୨ଜଣ ଛାତ୍ରୀ। ବସ୍‌ରେ ଚଢିବାର କିଛି ସମୟ ମଧ୍ୟରେ ସେମାନଙ୍କ ବ୍ୟାଗରୁ କେହି ଦୁର୍ବୃତ୍ତ ମୋବାଇଲ ଫୋନ୍ ଚୋରି କରିନେଇଛନ୍ତି। ଦୁଇ ମହିଳା ଏପରି କାଣ୍ଡ ଘଟାଇବା ପରେ ବସ୍‌ରୁ ଓହ୍ଲାଇ ଚମ୍ପଟ ମାରିଥିବା ସେମାନେ ସନ୍ଦେହ କରିଛନ୍ତି। ଘଟଣା ପରେ ଶହୀଦନଗର ଥାନା ପୋଲିସ ଛାତ୍ରୀଦ୍ୱୟଙ୍କୁ ନିଜ ପିସିଆର୍ ଗାଡିରେ ବସାଇ ବାଣୀବିହାରରୁ ଆଚାର୍ଯ୍ୟ ବିହାର ଓ ପରେ ସତ୍‌ସଙ୍ଗ ବିହାରରୁ ରୁପାଲି ଛକ ଦେଇ ମହିଳା ଲୁଟେରାଙ୍କୁ ଖୋଜିଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲେ। ଫଳରେ ଛାତ୍ରୀଦ୍ୱୟ ନିରାଶ ହୋଇ ଘରକୁ ଫେରିଥିଲେ। ସବୁଠୁ ବଡ କଥା ହେଉଛି, ରାଜଧାନୀରେ ମୋ ବସ୍‌ରୁ ବାରମ୍ବାର ଚୋରି ଓ ଲୁଟ୍ ହେଉଥିବାରୁ ସେମାନେ ମୋବାଇଲକୁ ବ୍ୟାଗ୍‌ରେ ରଖିଥିଲେ। ହେଲେ ଏତେ ଲୋକଙ୍କ ଭିତରେ ଚୋରି ହେବା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ରମାଦେବୀ ଛାତ୍ରୀ ଜସ୍ମିନ ଭୂୟାଁ କହିଛନ୍ତି। ସିସିଟିଭି ଲାଗିଥିବା ସତ୍ତ୍ୱେ ଚୋରି ହେଉଥିବାରୁ ମୋ ବସ୍ ଯାତ୍ରା ଆଉ ସୁରକ୍ଷିତ ନୁହେଁ ବୋଲି ଅନ୍ୟଜଣେ ଛାତ୍ରୀ କହିଛନ୍ତି। ସେମାନଙ୍କ ସୂଚନାନୁସାରେ, ଜସ୍ମିନ ରମାଦେବୀ ମହାବିଦ୍ୟାଳୟ ସମ୍ମୁଖରୁ ୧୬ ନମ୍ବର ମୋ ବସରେ ଚଢି ପଳାଶୁଣିକୁ ଯାଇଥାନ୍ତେ। ହେଲେ କିଛି ବାଟ ଯିବା ପରେ ତାଙ୍କ ବ୍ୟାଗରୁ କେହି ଚେନ ଖୋଲି ମୋବାଇଲ ନେଇଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହା ପରେ ମୋବାଇଲ ଚୋରି ହୋଇଥିବା କହିବାରୁ ଉକ୍ତ ବସ୍‌ରେ ବାଣୀବିହାରରୁ ଚଢିଥିବା ଅନ୍ୟ ଜଣେ ଛାତ୍ରୀ ମୋବାଇଲ ଚେକ୍ କଲାବେଳେ ତାଙ୍କ ବ୍ୟାଗ୍‌ରେ ମୋବାଇଲ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ବସ୍ ଗାଇଡ୍‌ଙ୍କୁ ଜଣାଇବାରୁ ବସ୍‌ଟି ସତ୍‌ସଙ୍ଗ ବିହାର ନିକଟରେ ଅଟକିଥିଲା। ହେଲେ ସେତେବେଳକୁ ଚୋରମାନେ ଗାଡିରୁ ଓହ୍ଲାଇ ଛୁ ମାରିଥିଲେ। ଏହା ମଧ୍ୟରେ ୨ଜଣ ମହିଳା ଗାଡ଼ିରୁ ଓହ୍ଲାଇଥିବାରୁ ସେମାନେ ହିଁ ଚୋରି କରିଥିବା ସନ୍ଦେହ କରାଯାଉଛି।



**୨ ଛାତ୍ରୀଙ୍କ ମୋବାଇଲ ଚୋରି**

- ପିସିଆର୍‌ରେ ଛାତ୍ରୀଙ୍କୁ ବସାଇ ଖୋଜିଲା ପୋଲିସ
- ବୁଧବାର ଜଣେ କ୍ୟାନ୍‌ସର ପୀଡିତଙ୍କ ୧୫ହଜାର ଟଙ୍କା ଚୋରି ହୋଇଥିଲା
- ସୁରକ୍ଷାକୁ ନେଇ ଚିନ୍ତାରେ ଯାତ୍ରୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ଆଜୀବିକା ସେବା କେନ୍ଦ୍ର ପକ୍ଷରୁ ନିଯୁକ୍ତି ମେଳା, ଏନ୍‌ସିଏସ୍‌ସିଡିଏ କ୍ୟାମ୍ପସ, ପୂର୍ବାହ୍ନ ୯ଟା।
- ଓଡ଼ିଶା ପାୱାର ଟ୍ରାନ୍ସମିଶନ ଇଞ୍ଜିନିୟର୍ସ ଆସୋସିଏଶନର ସାଧାରଣ ସଭା, ଆସୋସିଏଶନ ପରିସର, ୟୁନିଟ୍-୪, ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଦିନିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଦିନିକିଆ ବନ୍ଦ ଡାକରା, ଗଣ୍ଡମୁଣ୍ଡା, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ ସିଙ୍ଗିଙ୍ଗ୍ ଟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- କଳ୍ପନା ଛକଟୋକା ସଂଘ ପକ୍ଷରୁ କର୍କଟ ପୀଡିତାଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ, କଳ୍ପନା ଛକ, ପୁଷ୍ପକ ହୋଟେଲ, ପୂର୍ବାହ୍ନ ୧୧ଟା ୪୫।
- ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଜନକଲ୍ୟାଣ କ୍ଲବର ପ୍ରତିଷ୍ଠା ଦିବସ, କ୍ଲବ ପରିସର, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଂଜିନିୟର୍ସ ଅଡିଟୋରିୟମ୍, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।

**କଟକ**

- ଚହଟା ନଗର ଉନ୍ନୟନ ପରିଷଦ ପକ୍ଷରୁ ଚହଟାନଗର ସାହି ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ, ଚହଟାନଗର, ପୂର୍ବାହ୍ନ ୯ଟା।
- ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ ପକ୍ଷରୁ ବାର୍ତ୍ତାଳାପ କାର୍ଯ୍ୟକ୍ରମ, ବାରବାଟୀ ପାଲେସ୍, ପୂର୍ବାହ୍ନ ୯ଟା ୩୦।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନବମ ସମ୍ମିଳନୀ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ମହାରାଜା ଅଗ୍ରସେନ ଜୟନ୍ତୀ ଉତ୍ସବ, ମହାରାଜା ଅଗ୍ରସେନ ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୧ଟା ୨୦।

## ୨ ଟ୍ରେନ୍‌ର ଟର୍ମିନାଲ ଷ୍ଟେଶନ ପଏଣ୍ଟ ବଦଳିବ

ଭୁବନେଶ୍ୱର,୨୨।୯ (ବ୍ୟୁରୋ) : ଅସୁବିଧାମୁକ୍ତ ଟ୍ରାଫିକ ପରିଚାଳନା ସୁନିଶ୍ଚିତ କରିବା ପାଇଁ ରେଳ ବିଭାଗ ୨ଟି ଟ୍ରେନ୍‌ର ଟର୍ମିନାଲ ପଏଣ୍ଟ ଷ୍ଟେଶନକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଭୁବନେଶ୍ୱର-କୃଷ୍ଣରାଜପୁରମ୍ ହମ୍‌ସଫର ଏକ୍ସପ୍ରେସ ଅକ୍ଟୋବର ୫ରୁ ଭୁବନେଶ୍ୱରଠାରୁ କୃଷ୍ଣରାଜପୁରମ୍ ଯାତ୍ରା କରିବ ଏବଂ ଅକ୍ଟୋବର ୬ରୁ ଭୁବନେଶ୍ୱର ଆସିବାକୁ ଥିବା ୨୨୮୩୩/୨୨୮୩୪ ଭୁବନେଶ୍ୱର-କୃଷ୍ଣରାଜପୁରମ୍-ଭୁବନେଶ୍ୱର ହମ୍‌ସଫର ଏକ୍ସପ୍ରେସ ସାର୍ ଏମ୍. ବିଶେଶ୍ୱରାୟ ଟର୍ମିନାଲ୍ (ଏସ୍‌ଏମ୍‌ଭିଟି) ବେଙ୍ଗାଲୁରୁ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ। ସେହିପରି କୃଷ୍ଣରାଜପୁରମ୍ ଷ୍ଟେଶନରେ ପହଞ୍ଚିବା ପରେ ଏହି ଟ୍ରେନ ଏସ୍‌ଏମ୍‌ଭିଟିକୁ ଯାତ୍ରା କରିବ ଓ ସେଠାରେ ଅପରାହ୍ନ ସାଢେ ୧୨ ଟାରେ ପହଞ୍ଚିବ। ଏହାପରେ ଏସ୍‌ଏମ୍‌ଭିଟିରୁ ପ୍ରତି ଗୁରୁବାର ଅପରାହ୍ନ ୪ଟା ୪୫ରେ ଛାଡି କୃଷ୍ଣରାଜପୁରମ୍‌ରେ ଅଟକି ପରେ ଭୁବନେଶ୍ୱର ବାହାରିବ। ଅନ୍ୟପଟେ ୨୨୫୦୧/୨୨୫୦୨ ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ଏକ୍ସପ୍ରେସ୍‌କୁ ଏସ୍‌ଏମ୍‌ଭିଟି ଓ ବେଙ୍ଗାଲୁରୁ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ଅକ୍ଟୋବର ୪ରୁ ପ୍ରତି ମଙ୍ଗଳବାର ଏହି ଟ୍ରେନ କେଏସ୍‌ଆର୍ ବେଙ୍ଗାଲୁରୁ ପରିବର୍ତ୍ତେ ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁଠାରୁ ଭୋର୍ ୩ଟା ୧୦ରେ ଛାଡି ନ୍ୟୁ ତିନସୁକିଆ ଯାତ୍ରା କରିବ। ଫେରିବା ମାର୍ଗରେ ନ୍ୟୁ ତିନସୁକିଆରୁ ଅକ୍ଟୋବର ୭ରୁ କେଏସ୍‌ଆର୍ ବେଙ୍ଗାଲୁରୁ ବଦଳରେ ଏସଏମ୍‌ଭିଟି, ବେଙ୍ଗାଲୁରୁ ପର୍ଯ୍ୟନ୍ତ ଯାତ୍ରା କରିବ। ଉଭୟ ଦିଗରୁ ଏହି ଟ୍ରେନ୍ ବେଙ୍ଗାଲୁରୁ ଇଷ୍ଟ ଏବଂ ବେଙ୍ଗାଲୁରୁ କ୍ୟାଣ୍ଟ ଷ୍ଟେଶନରେ ରହଣି କରିବ ନାହିଁ।

# ହବିଷିଆଳିଙ୍କ ଶୃଙ୍ଖଳିତ ନୀତିକାନ୍ତିକୁ ଗୁରୁତ୍ୱ

### ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସ ନୀତିକାନ୍ତି ଚୂଡ଼ାନ୍ତ

- ୩ ହଜାର ହବିଷିଆଳିଙ୍କ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି
- ଏପର୍ଯ୍ୟନ୍ତ ପଞ୍ଜୀକରଣ କଲେଣି ୮ଶହ ହବିଷିଆଳି

ପୁରୀ ଅଫିସ,୨୨।୯

ଆସନ୍ତା କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିର ନୀତିନିର୍ଘଣ୍ଟ ଗୁରୁବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଛି। ବୈଠକରେ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା ଓ ହବିଷିଆଳିଙ୍କ ଲାଗି ମହାପ୍ରସାଦ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅକ୍ଟୋବର ୬ରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଓ ବାଲଧୂପ ଆରମ୍ଭ ହୋଇ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୦ରୁ ହବିଷିଆଳିଙ୍କ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ଚଳିତ ବର୍ଷ ୩ହଜାର ହବିଷିଆଳିଙ୍କ ରହଣି, ଗମନାଗମନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା ପ୍ରଶାସନ କରୁଛି। ଅକ୍ଟୋବର ୨୫ରେ ସୂର୍ଯ୍ୟପରାଗ ଓ ନଭେମ୍ବର ୮ରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେବ।

ଏହି ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ବୈଠକ ପରେ ଜିଲାପାଳ ବର୍ମା ସୂଚନା ଦେଇ କହିଛନ୍ତି, କାର୍ତ୍ତିକ ମାସ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଓ ନୀତିକାନ୍ତି ସମ୍ପର୍କରେ ଛତିଶା ନିଯୋଗ ବୈଠକ ହୋଇଛି। ସବୁ ନିଯୋଗର ଅଧ୍ୟକ୍ଷ, ସମ୍ପାଦକ ଓ ପରିଚାଳନା କମିଟି ସଦସ୍ୟଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ୍ ଯୋଗୁ ୨ବର୍ଷ ଧରି ହବିଷିଆଳିଙ୍କୁ ପୁରୀକୁ ବାରଣ କରାଯାଇଥିଲା। ଚଳିତବର୍ଷ କଟକଣା ନ ଥିବାରୁ ବହୁସଂଖ୍ୟକ ହବିଷିଆଳି ପୁରୀ ଆସିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ଏମାନଙ୍କ ରହଣି ଓ ଦର୍ଶନ ବ୍ୟବସ୍ଥା କରାଯାଇଛି। ହବିଷିଆଳିଙ୍କ ପ୍ରସାଦ ସେବନ ଦାୟିତ୍ୱ ସୁଆର ମହାସୁଆର ନିଯୋଗକୁ ହସ୍ତାନ୍ତର କରାଯାଇଛି। ଜିଲାସ୍ତରରେ ବୈଠକ ସରିଛି। ହବିଷିଆଳିମାନେ ବୃନ୍ଦାବତୀ ନିବାସରେ ରହିବେ। ବର୍ତ୍ତମାନ ସୁଦ୍ଧା ୮ଶହ ହବିଷିଆଳି ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ପାଇବା ପାଇଁ ଆବେଦନ କରିଛନ୍ତି। ପଞ୍ଜୀକରଣ ଚାଲୁ ରହିଛି। ଅଢ଼େଇ ହଜାରରୁ ୩ ହଜାର ପର୍ଯ୍ୟନ୍ତ ହବିଷିଆଳିଙ୍କ ରହଣି, ଗମନାଗମନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା ପ୍ରଶାସନ କରୁଛି। ସେହିଭଳି ଖାଦ୍ୟ ସାମଗ୍ରୀ ଯୋଗାଣ, ସ୍ନାନ ଓ ଡାକ୍ତରୀ ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସେବାୟତ ରଜତ ପ୍ରତିହାରୀ କହିଛନ୍ତି, କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ରହିଛି। ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ନୀତିକାନ୍ତି ଉପରେ ଧ୍ୟାନ ଦିଆଯାଇଛି। ଅକ୍ଟୋବର ୨୫ ତାରିଖ ଅର୍ଥାତ୍ ସୋମବାର ଅମାବାସ୍ୟାରେ ସୂର୍ଯ୍ୟପରାଗ ପଡୁଛି। ଏଣୁ ଭୋର ୪ଟା ୫୭ରୁ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିବ। ମଙ୍ଗଳବାର ରାତ୍ର ୧୨ଟା ପରେ ଦ୍ୱାର ଫିଟାଯାଇ ସ୍ୱତନ୍ତ୍ର ନୀତିକାନ୍ତି ହେବ। ଅମାବାସ୍ୟା ଦିନର ପୂର୍ବରାତ୍ର ପହୁଡ଼ଠାରୁ ପରଦିନ ସକାଳ ୫ଟା ପର୍ଯ୍ୟନ୍ତ ମଧ୍ୟ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସେହିପରି ନଭେମ୍ବର ୮ କାର୍ତ୍ତିକ ପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ପୂର୍ବଦିନ ପହୁଡ଼ଠାରୁ ପରଦିନ ସକାଳ ୭ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ। କାର୍ତ୍ତିକ ମାସରେ ଭିନ୍ନ ଭିନ୍ନ ନିଯୋଗର ଦାୟିତ୍ୱ ଓ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସବୁ ନିଯୋଗ ନୀତିକାନ୍ତିରେ ସହଯୋଗ କରିବେ ବୋଲି ବୈଠକରେ ଜଣାଇଛନ୍ତି।



ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ନିଯୋଗର କର୍ମକର୍ତ୍ତାମାନେ।

## ଆରମ୍ଭ ହେଲା ଯୁକ୍ତ ୨ ପାଠପଢ଼ା



କରୋନା ପାଇଁ ଦୁଇବର୍ଷ ଧରି କଟକଣା ପରେ ଚଳିତବର୍ଷ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ସ୍ୱାଭାବିକ ଭାବେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ କମଳା ନେହେରୁ କଲେଜରେ ପିଲାମାନେ କ୍ଲାସ୍ କରୁଛନ୍ତି।

## ୬ ଛାତ୍ରୀଛାତ୍ରଙ୍କୁ ମାଡ଼, ସଂସ୍କୃତ ଶିକ୍ଷୟିତ୍ରୀ ନିଲମ୍ବିତ

ଗୋପ,୨୨।୯(ଡି.ଏନ୍.ଏ.)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ସଂସ୍କୃତ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବଡ଼ଜେନାଙ୍କୁ ଗୁରୁବାର ଅପରାହ୍ନରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ ନିଲମ୍ବିତ କରିଛନ୍ତି। ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୧୦୪୦୫/ ତା,୨୨।୯।୨୨ରେ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରକାଶ ଯେ, କିଛିଦିନ ଧରି ନିଗମାନନ୍ଦ ସ୍ମାର୍ଟ ସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ବିଭିନ୍ନ ସମୟରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାରର ନିର୍ଯାତନା ଦେବା ଭଳି ଅଭିଯୋଗ ହେଉଥିଲା। ବାରମ୍ବାର ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ତାଗିଦ କରିବା ସହ ଦୁଇଥର ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏପରି ନିର୍ଦ୍ଦେଶକୁ ସଂସ୍କୃତ ଶିକ୍ଷୟିତ୍ରୀ ବଡ଼ଜେନା ଖାତିର କରୁ ନ ଥିଲେ। ବୁଧବାର ଅପରାହ୍ନରେ ସଂସ୍କୃତ ଶିକ୍ଷୟିତ୍ରୀ ଅଷ୍ଟମ ଶ୍ରେଣୀରେ ସଂସ୍କୃତ କ୍ଲାସ ନେଉଥିବା ବେଳେ କୌଣସି କାରଣରୁ କ୍ଲାସର ଛାତ୍ର ଆଦିତ୍ୟ ସାହୁ, ପ୍ରଭୁଜିତ ସେନାପତି, ଛାତ୍ରୀ ଇପ୍‌ସିତା ପ୍ରମାଣିକ, ରିତିକା ପ୍ରିୟଦର୍ଶିନୀ, ସ୍ନେହାଶ୍ରୀ ବିଶ୍ୱାଳ ଓ ଯାଜ୍ଞେଶ୍ୱନି ସାହୁଙ୍କୁ ମାଡ ମାରିବା ସହ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଗୁରୁବାର ଅଷ୍ଟମ ଶ୍ରେଣୀ ଛାତ୍ରୀ ଯାଜ୍ଞେଶ୍ୱନି ସାହୁଙ୍କ ବାପା ବିଷ୍ଣୁପ୍ରସାଦ ସାହୁ ଏହି ଘଟଣା ସମ୍ପର୍କରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ଏହି ଅଭିଯୋଗ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନେଇ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କୁ ତଥ୍ୟ ଭିତ୍ତିକ ରିପୋର୍ଟ ପ୍ରଦାନ କରିବା ପରେ ଏପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ଅଭିଯୋଗ ସମ୍ପର୍କରେ ନିଲମ୍ବିତ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବଡ଼ଜେନାଙ୍କୁ ପଚାରିବାରେ ଜାଣିଶୁଣି ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିବା କହିଛନ୍ତି।

# ରାଜଧାନୀରେ ମହିଳା ବ୍ୟବସାୟୀଙ୍କ ଆତ୍ମହତ୍ୟା

### ଆପାର୍ଟମେଣ୍ଟରୁ ମିଳିଲା ଝୁଲନ୍ତା ମୃତଦେହ

- ଲିଭ୍ ଇନ୍ ରିଲେଶନସିପ୍‌ରେ ରହୁଥିଲେ
- ଜେରା ହେବେ ପ୍ରେମିକ

ବାଲିଅନ୍ତା,(ଡି.ଏନ୍.ଏ.)/ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳା ବ୍ୟବସାୟୀ ଆତ୍ମହତ୍ୟା କରିଛନ୍ତି। ପାହାଳ ଥାନା ଅନ୍ତର୍ଗତ ଅଣ୍ଡିଲୋସ୍ଥିତ ସୁରେଖାବାଟିକା ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.ଜେ-୪୦୧ରୁ ଗୁରୁବାର ତାଙ୍କର ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ବରପାଲୀ ଅଞ୍ଚଳର ସୁଜାତା ରଥ(୩୨)। ପୋଲିସ କବାଟ ଭାଙ୍ଗି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରେ ସୁଜାତାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତା ସୁଜାତାଙ୍କ ବାପା, ମା ଓ ଏକମାତ୍ର ଭାଇ ଉକ୍ତ ଆପାର୍ଟମେଣ୍ଟର ଅନ୍ୟ ଏକ ଫ୍ଲାଟରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ପ୍ରାୟ ଅଢ଼େଇ ବର୍ଷ ହେବ ସୁଜାତା ତାଙ୍କ ପ୍ରେମିକଙ୍କ ସହ ଉକ୍ତ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.ଜେ-୪୦୧ରେ ଲିଭ୍-ଇନ୍ ରିଲେଶନସିପ୍‌ରେ ରହିବା ସହ ଉଭୟ ଶହୀଦନଗରଠାରେ କମ୍ପାନୀ ଖୋଲି ଫ୍ଲେକ୍ସ ଓ ହୋର୍ଡିଂ ବ୍ୟବସାୟ କରନ୍ତି। ପ୍ରେମିକ ଜଣକ ୩ଦିନ ହେବ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଗୁରୁବାର ସକାଳେ ସୁଜାତା ତାଙ୍କ ମା' ଓ ଭାଇଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ହେଲେ ପୂର୍ବାହ୍ନ ପ୍ରାୟ ୧୦ଟା ପରେ ବାରମ୍ବାର କଲ୍ ପରେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ପରିବାର ଲୋକ ତାଙ୍କ ଫ୍ଲାଟ୍‌କୁ ଆସି ଭିତରପଟୁ କବାଟ ବନ୍ଦ ଥିବା ଦେଖି ଡାକିଥିଲେ। ହେଲେ ସେ ଜବାବ ଦେଇ ନ ଥିଲେ କି କବାଟ ଖୋଲି ନ ଥିଲେ। ତେଣୁ ସେମାନେ ଏନେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ସୁଜାତା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ତଳକୁ ଓହ୍ଲାଇ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରେମ କିମ୍ବା ପାରିବାରିକ ଅଶାନ୍ତିକୁ ନେଇ ସୁଜାତା ଏପରି ପଦକ୍ଷେପ ନେଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ପ୍ରେମିକଙ୍କ ପରିଚୟକୁ ପୋଲିସ ଗୋପନ ରଖିଥିବାବେଳେ ତାଙ୍କ ନାମ ରାହୁଲ ବୋଲି ଜଣାପଡିଛି। ଘଟଣା ସଂକ୍ରାନ୍ତରେ ଥାନାଧିକାରିଣୀ ସୁଚିତ୍ରା ପରିଡ଼ା କହିଛନ୍ତି, ଏହି ମାମଲାରେ ସମସ୍ତଙ୍କୁ ପଚରାଉଚରା କରାଯିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଏଥିସହ ସୁଜାତାଙ୍କ ପ୍ରେମିକଙ୍କୁ ପଚରାଉଚରା ପାଇଁ ମଧ୍ୟ ଥାନାକୁ ଡକାଯାଇଛି। ଏପର୍ଯ୍ୟନ୍ତ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ସେ କହିଛନ୍ତି।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଭୂଷଣ



@ ପ୍ରଦ୍ୟୁମ୍ନ



@ ରିଶିକା



@ ସନ୍ତୋଷ



@ ସମ୍ପୂର୍ଣ୍ଣା



@ ସବ୍ୟସାଚୀ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ।



ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ତୋରଣ ଓ ସାଜସଜ୍ଜା ପାଇଁ ରହିଥିବା ବିଭିନ୍ନ ପ୍ରକାରର ମୂର୍ତ୍ତି ସହ କଳାକୃତି।




ଓଡ଼ିଶାରୁ ପୁନଃ ଥଇଥାନ ନିୟମ-୨୦୨୦କୁ ସମ୍ପୂର୍ଣ୍ଣ ଉଚ୍ଛେଦ ସହ ୧୯୯୦ ନିୟମକୁ କାର୍ଯ୍ୟକ୍ଷମ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ରାଜ୍ୟ ସରକାର ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ଅଷ୍ଟମ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ବିରାଙ୍ଗନା ସରଦେଈ'ର ଦୁଇଟି ଦୃଶ୍ୟ।

**ହ୍ରାସ ପାଉଛି ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୨ଦିନ ଲାଗି ଶେୟାର ବଜାରର କାରବାର ହ୍ରାସ ପାଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଛି। ଗୁରୁବାର ସେନ୍‌ସେକ୍ସ ୩୩୭ (୩୩୭.୦୬) ପଏଣ୍ଟ ଖସି ୫୯,୧୧୯.୭୨ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୮୯ (୮୮.୫୫) ପଏଣ୍ଟ ହ୍ରାସ ଘଟି ୧୭,୬୨୯.୮୦ ଅଙ୍କରେ ବଜାର ବନ୍ଦ ହୋଇଛି।

# ଉତ୍ପାଦନ-ଆର୍ଥିକ ମାନଦଣ୍ଡରେ ନାଲ୍‌କୋର ଦୃଢ଼ ପ୍ରଦର୍ଶନ

- ୨୦୨୧-୨୨ ଆର୍ଥିକ ବର୍ଷରେ ନାଲ୍‌କୋର ସର୍ବକାଳୀନ ରେକର୍ଡ
- ୧୪,୧୮୧ କୋଟି ଟଙ୍କାର ସର୍ବାଧିକ ଆୟ ଏବଂ ୨,୯୫୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ସର୍ବୋଚ୍ଚ ଲାଭ ହାସଲ
- ସର୍ବୋଚ୍ଚ ୭୫.୧୧ଲକ୍ଷ ଟନ୍ ବକ୍ସାଇଟ୍ ସହ ସର୍ବାଧିକ ୪.୬୦ଲକ୍ଷ ଟନ୍ ପରିମାଣର ଆଲୁମିନିୟମ୍ ଉତ୍ପାଦନ ହାସଲ



ନାଲ୍‌କୋର ୪୧ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୨।୯**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ୪୧ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଂଶୀଦାରମାନେ ୧୪,୧୮୧ କୋଟି ଟଙ୍କାର ସର୍ବାଧିକ ଆୟ ସାଙ୍ଗକୁ ବିକ୍ରୟ କାରବାର ଏବଂ ଟିକସ ପରବର୍ତ୍ତୀ ସର୍ବୋଚ୍ଚ ୨,୯୫୨ କୋଟି ଟଙ୍କାର ଲାଭ ଉଲ୍ଲିଖିତ ବାର୍ଷିକ ହିସାବ ଖାତାକୁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ଏହାର ଇକ୍ୱିଟି ଶେୟାର ପିଛା ୧.୫୦ଟଙ୍କା ହିସାବରେ ଚୂଡ଼ାନ୍ତ ଲାଭାଂଶ ୩୦% ମଧ୍ୟ ପରିଷଦ ଅନୁମୋଦନ କରିଥିଲା। ଏଠାରେ ଘୋଷିତ ଓ ପୈଠ ହୋଇଥିବା ଅନ୍ତରୀଣ ଲାଭାଂଶ ଏବଂ ଏଜିଏମରେ ଅନୁମୋଦିତ ଚୂଡ଼ାନ୍ତ ଲାଭାଂଶ ସହ ମୋଟ୍ ଇକ୍ୱିଟି ଶେୟାର କ୍ୟାପିଟାଲର ୧୩୦% ଯାହା ଅଦ୍ୟାବଧି ସର୍ବାଧିକ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ନାଲ୍‌କୋ ପ୍ରଥମ ଥର ପାଇଁ ନିଜର ସ୍ମେଲ୍ଟର ପ୍ଲାଣ୍ଟରେ ୯୬୦ଟି ପଟ୍‌କୁ କାର୍ଯ୍ୟକ୍ଷମ କରି ୧୦୦% କ୍ଷମତାର ଉପଯୋଗରେ ସର୍ବୋଚ୍ଚ ୪,୬୦,୦୦୦ ଟନ୍ ଆଲୁମିନିୟମ ଉତ୍ପାଦନ କରିଛି। ସେହିପରି କମ୍ପାନୀର ଦାମନଯୋଡ଼ିସ୍ଥିତ ଖଣି ଏବଂ ବିଶୋଧନ ପ୍ରକଳ୍ପରୁ ସର୍ବାଧିକ ୭୫,୧୧,୦୭୫ ଏମ୍‌ଟି ବକ୍ସାଇଟ୍ ଉତ୍ପାଦନ କରିଛି, ଯାହା କମ୍ପାନୀ ସ୍ଥାପନା ପରଠାରୁ ଏକ ସର୍ବକାଳୀନ ରେକର୍ଡ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଅଂଶଧନଧାରୀମାନଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ଉଦବୋଧନ ଦେଇ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି,୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ବ୍ୟବସାୟିକ ଯାତ୍ରା ଉତ୍କର୍ଷର ଏକ ଐତିହାସିକ ବର୍ଷ ଥିଲା। ସେହିଭଳି ଉତ୍ପାଦନ ଏବଂ ଆର୍ଥିକ ପ୍ରଦର୍ଶନରେ ମଧ୍ୟ ଉଚ୍ଚ ସ୍ତରୀୟ ମାନଦଣ୍ଡ ସ୍ଥାପନ ସହ କମ୍ପାନୀ ଅପ୍ରତ୍ୟାଶିତ ସଫଳତା ହାସଲ କରି ଅନେକ ପୁରୁଣା ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଏହି ଉଲ୍ଲେଖନୀୟ ପରିଣାମ ହେଉଛି ମହାମାରୀର ପ୍ରତିକୂଳ ପ୍ରଭାବ ବିରୋଧରେ ନାଲ୍‌କୋ ଦ୍ୱାରା ପ୍ରଦର୍ଶିତ ଅସାଧାରଣ ମନୋଭାବର ନିଦର୍ଶନ। ସେହିପରି ମୁଦ୍ରାସ୍ଫୀତିଜନିତ ବିଭିନ୍ନ ନିବେଶ ମୂଲ୍ୟ ବୃଦ୍ଧି, କୋଇଲାର ଅଭାବ ଏବଂ ଲଣ୍ଡନ୍ ମେଟାଲ୍ ଏକ୍ସଚେଞ୍ଜ ମୂଲ୍ୟରେ ଅସ୍ଥିରତା ସତ୍ତ୍ୱେ ମଧ୍ୟ କମ୍ପାନୀ ସର୍ବନିମ୍ନ ମୂଲ୍ୟରେ ବକ୍ସାଇଟ୍ ଏବଂ ଆଲୁମିନିୟମ ଉତ୍ପାଦନରେ ବିଶ୍ୱରେ ନିଜର ସ୍ଥିତିକୁ ବଜାୟ ରଖିବାରେ ସକ୍ଷମ ହୋଇଛି ବୋଲି ପାତ୍ର ମତବ୍ୟକ୍ତ କରିଛନ୍ତି।

## ସୋଲାର୍ ପିଭି ମଡ୍ୟୁଲ ପିଏଲ୍ଆଇ ସ୍କିମ୍‌କୁ ମଞ୍ଜୁର

**ନୂଆଦିଲ୍ଲୀ,୨୨।୯:** ଦେଶର ଅର୍ଥନୀତିକୁ ଆଗକୁ ନେବା ସହ ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ବିଶେଷକରି ଉଚ୍ଚ ଦକ୍ଷତା ସମ୍ପନ୍ନ ସୋଲାର ପିଭି ମଡ୍ୟୁଲ୍ ପାଇଁ ସରକାର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମ୍‌କୁ ମଞ୍ଜୁର ପ୍ରଦାନ କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟିରେ ଉକ୍ତ ସ୍କିମ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ମଞ୍ଜୁରୀ ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଏହା ପାଇଁ ପ୍ରାୟ ୧୯,୫୦୦ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ଦେଶ ଭିତରେ ଉଚ୍ଚମାନର ସୋଲାର ପିଭି ମଡ୍ୟୁଲ ଉତ୍ପାଦନ କରିବା ଲାଗି ଏଭଳି ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଫଳରେ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଏହି ସ୍କିମ୍ ଜରିଆରେ ଦେଶରେ ବାର୍ଷିକ ୬୫,୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ସୋଲାର ପିଭି ମଡ୍ୟୁଲ ଉତ୍ପାଦନ କାରଖାନା ସ୍ଥାପନ ସହ ୯୪,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଫଳରେ ୧,୯୫,୦୦୦ ପ୍ରତ୍ୟକ୍ଷ ଏବଂ ୭,୦୦,୦୦୦ ପରୋକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି।

## ‘ପିଏନ୍‌ବି ରକ୍ଷକ ପ୍ଲସ ସ୍କିମ୍’ର ନବୀକରଣ




**ନୂଆଦିଲ୍ଲୀ,୨୨।୯**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଭାରତୀୟ ସେନା ସହ ହୋଇଥିବା ସ୍ୱତନ୍ତ୍ର ବୀମା ସ୍କିମ୍ ‘ପିଏନ୍‌ବି ରକ୍ଷକ ପ୍ଲସ ସ୍କିମ୍’ର ବୁଝାମଣା ପତ୍ର (ଏମ୍ଓୟୁ)ର ନବୀକରଣ କରାଯାଇଛି। ଗୁରୁବାର ଦିଲ୍ଲୀର ଭାରତୀୟ ସେନା ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉକ୍ତ ଚୁକ୍ତିର ନବୀକରଣ ଭାରତୀୟ ସେନାର ମେଜର ଜେନେରାଲ ଅଶୋକ ସିଂ ଏବଂ ପିଏନ୍‌ବି ସିଜିଏମ ସୁନୀଲ ସୋନିଙ୍କ ମଧ୍ୟରେ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଦୁବେଙ୍କ ସମେତ ଉଭୟ ଭାରତୀୟ ସେନା ଓ ପିଏନବିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏପରିକି ବ୍ୟାଙ୍କର ଫ୍ଲାଗଶିପ୍ ସ୍କିମ୍ ଅନ୍ତର୍ଗତ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ଉକ୍ତ ଉତ୍ପାଦଗୁଡ଼ିକ ଡିଜାଇନ୍ ହୋଇଥିବା ଜଣାପଡ଼ିଛି। ଏହି ଯୋଜନା ଜରିଆରେ ବ୍ୟକ୍ତିଗତ ଦୁର୍ଘଟଣା ବୀମା, ବାୟୁ-ଦୁର୍ଘଟଣା ବୀମା ଅନ୍ତର୍ଭୁକ୍ତ ରହିଛି। ବିଶେଷକରି ସେନା, ପ୍ରତିରକ୍ଷା ବାହିନୀର ଭେଟେରାନ୍ ଏବଂ ପ୍ରଶିକ୍ଷାର୍ଥୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ, ରାଜ୍ୟ ପୋଲିସ୍ ଫୋର୍ସ, ମେଟ୍ରୋ ପୋଲିସ୍ ଏବଂ ଅବସରପ୍ରାପ୍ତ ପ୍ରତିରକ୍ଷା ପେନସନଭୋଗୀଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଇଛି।

## ପାର୍ବଣ ପୂର୍ବରୁ ମୂଲ୍ୟ ବଢ଼ାଇଲା ହିରୋ

**ନୂଆଦିଲ୍ଲୀ,୨୨।୯**

ଚଳିତ ବର୍ଷଣ ପାର୍ବଣ ପୂର୍ବରୁ ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ବିଭିନ୍ନ ବର୍ଗର ବାଇକ ମୂଲ୍ୟ ଉପରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଜଣାପଡ଼ିଛି। ଏପରିକି ଏହି ବର୍ଦ୍ଧିତ ମୂଲ୍ୟ ଗୁରୁବାରଠାରୁ ସାରା ଦେଶରେ ଲାଗୁ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ଯାନ ନିର୍ମାଣଜନିତ ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଦରବୃଦ୍ଧି ନେଇ ଚିନ୍ତା କରୁଥିବା ସୂଚନା ମିଳିଛି।



ଭୁବନେଶ୍ୱରର ପାହାଳଠାରେ ଗୁରୁବାର ଅଲ୍ ଓଡ଼ିଶା ପୋଲଟ୍ରି ଇଣ୍ଟିଗ୍ରେଟର୍ସ ଫୋରମ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶାର କୁକୁଡ଼ା ଚାଷୀଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ଫୋରମ ପକ୍ଷରୁ ବିସ୍ତୃତ ସୂଚନା ସହ ସମ୍ପୃକ୍ତ ଘଟଣାର ଆଭିମୁଖ୍ୟ ସମ୍ପର୍କରେ ମତ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଫୋରମର ବରିଷ୍ଠ ସଦସ୍ୟଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଚାଷୀମାନେ ଉପସ୍ଥିତ ଅଛନ୍ତି।

## ଏମ୍‌ଆଣ୍ଡଏମ୍ ଫାଇନାନ୍‌ସିଆଲକୁ ଆର୍‌ବିଆଇର ତାଗିଦ

**ନୂଆଦିଲ୍ଲୀ,୨୨।୯**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଗୁରୁବାର ମହିନ୍ଦ୍ରା ଏବଂ ମହିନ୍ଦ୍ରା ଫାଇନାନ୍‌ସିଆଲ ଲିମିଟେଡ (ଏମ୍‌ଏମ୍‌ଏଫ୍‌ଏସ୍‌ଏଲ୍)ର ଆର୍ଥିକ ସେବା ଋଣ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୩ୟ ପକ୍ଷ ବ୍ୟବସ୍ଥାର ବ୍ୟବହାରକୁ ବନ୍ଦ କରିବାକୁ ଆରବିଆଇ ତାଗିଦ କରିବା ସହ କଡ଼ା ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ସେହିଭଳି ଆରବିଆଇର ଅଧିନିୟମ ୧୯୩୪ର ଧାରା ୪୫ଏଲ (୧)(ବି) ଅନୁଯାୟୀ ନିଜର କ୍ଷମତାକୁ ବ୍ୟବହାର କରି ଏମଏମଏଫଏସଏଲ ମୁମ୍ବାଇକୁ ତୁରନ୍ତ ଆଉଟସୋର୍ସିଂ ମାଧ୍ୟମରେ କୌଣସି ପୁନରୁଦ୍ଧାର କିମ୍ବା ପୁନଃନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବ୍ୟାଙ୍କର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବ୍ୟବସ୍ଥା, ନିୟାମକ ଏକ ବିବୃତିରେ କହିଛନ୍ତି। ଅବଶ୍ୟ ଉକ୍ତ ଏନବିଏଫସି ନିଜସ୍ୱ କର୍ମଚାରୀଙ୍କ ମାଧ୍ୟମରେ ପୁନରୁଦ୍ଧାର କିମ୍ବା ପୁନଃନିର୍ମାଣ କାର୍ଯ୍ୟକଳାପ ଜାରି ରଖିପାରେ। ହେଲେ ଆରବିଆଇର ନିୟମାବଳୀ ମଧ୍ୟରେ ସମସ୍ତ କାର୍ଯ୍ୟ ହେବା ଆବଶ୍ୟକ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଝାଡଖଣ୍ଡର ହଜାରିବାଗରେ ଋଣ ଆଦାୟ ସହ ଟ୍ରାକ୍ଟର ଜବତ କରିବାକୁ ଯାଇଥିବା ଏମଏମଏଫଏସଏଲର ୩ୟ ପକ୍ଷ କର୍ମଚାରୀ (ଏଜେଣ୍ଟ) ଜଣେ ୨୭ବର୍ଷ ବୟସ୍କା ଗର୍ଭବତୀ ମହିଳାଙ୍କ ଉପରେ ଗାଡି ଚଢ଼ାଇ ଦେବା ଘଟଣାରୁ ଏଭଳି ନିଷ୍ପତ୍ତି ହୋଇଥିବା କୁହାଯାଇଛି।

**ଫୁର୍‌ସତ**

## ‘ସବରକର’ର ନିର୍ଦ୍ଦେଶନା ଦେବେ ରଣଦୀପ


ରଣଦୀପ ହୁଡ୍ଡା

**ମୁମ୍ବାଇ:** ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସବରକରଙ୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ ‘ସ୍ୱତନ୍ତ୍ର ବୀର ସବରକର’ର ନିର୍ଦ୍ଦେଶନା ଦାୟିତ୍ୱ ଜଣାଶୁଣା ଡାଇରେକ୍ଟର ମହେଶ ମଞ୍ଜରେକରଙ୍କୁ ମିଳିଥିଲା। ତେବେ ଏଥିରୁ ସେ ଓହରିଯାଇଛନ୍ତି। ସବରକରଙ୍କ ଭୂମିକାରେ ଥିବା ବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ଏବେ ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦାୟିତ୍ୱ ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ସପ୍ତାହରେ ମହାରାଷ୍ଟ୍ରରେ ଏହାର ଶୁଟିଂ ଆରମ୍ଭ ହେବ। ମହାରାଷ୍ଟ୍ରର ନାଶିକ୍‌ରେ ୧୮୮୩ରେ ଜନ୍ମିତ ସ୍ୱାଧୀନତା ସଂଗ୍ରାମୀ ବୀର ସବରକର ହିନ୍ଦୁ ମହାସଭାର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ଜଣେ ରାଜନେତା ସହ ଲେଖକ ଏବଂ ସାମାଜିକ କର୍ମୀ ଭାବେ ମଧ୍ୟ ପରିଚିତ। ୧୯୬୬ରେ ବମ୍ବେରେ ତାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମହେଶ ମଞ୍ଜରେକର ଏହି ଫିଲ୍ମରେ ରଣଦୀପଙ୍କ ଫାଷ୍ଟ ଲୁକ୍ ଶେୟାର କରିଥିଲେ। ଏଥିରେ ରଣଦୀପ ଅବିକଳ ସବରକରଙ୍କ ଭଳି ଦେଖାଯାଉଛନ୍ତି। ଶେଷଥର ପାଇଁ ରଣଦୀପଙ୍କୁ ଫିଲ୍ମ ‘ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ’ରେ ସଲମାନ୍ ଖାନ୍‌ଙ୍କ ସହ ଦେଖିବାକୁ ମିଳିଥିଲା। ଆଗକୁ ‘ଅନ୍‌ଫେୟାର ଆଣ୍ଡ ଅନ୍‌ଲଭ୍‌ଲି’ରେ ରଣଦୀପଙ୍କୁ ଇଲିଆନା ଡିକ୍ରୁଜ୍‌ଙ୍କ ସହ ନଜର ଆସିବେ।

## ୪ ମହିଳାଙ୍କୁ ଗୋଲକିପର୍ସ ଗ୍ଲୋବାଲ୍ ଗୋଲ୍ସ ଆୱାର୍ଡ

**ନ୍ୟୁୟର୍କ:** ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ରାଧିକା ବାତ୍ରା, ଆଫଗାନିସ୍ତାନର ଜହରା ଜୋୟା, ଉଗାଣ୍ଡାର ଭନେସା ନାକାଟେ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେୟାର୍ ଲେୟେନ୍‌ଙ୍କୁ ଗେଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ଚଳିତ ବର୍ଷର ଗୋଲକିପର୍ସ ଗ୍ଲୋବାଲ୍ ଗୋଲ୍ସ ପୁରସ୍କାର ଦିଆଯାଇଛି। ଏଥିସହ ସାମାଜିକ ଅସମାନତା, ଦାରିଦ୍ର୍ୟ ଦୂର, ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗେଟ୍ସ ଫାଉଣ୍ଡେଶନ ୧.୨୭ ବିଲିୟନ ଡଲାର (ପ୍ରାୟ ୧,୦୨,୮୨,୬୨,୪୮,୫୦୦ ଟଙ୍କା) ସହାୟତା ପ୍ରଦାନ ନିମନ୍ତେ ଘୋଷଣା କରିଛି। ୨୦୩୦ ସୁଦ୍ଧା ଏସ୍‌ଡିଜି ଲକ୍ଷ୍ୟ ହାସଲ ପାଇଁ ସହଜ ନୁହେଁ ବୋଲି ଫାଉଣ୍ଡେଶନର ବାର୍ଷିକ ଗୋଲ୍‌କିପର ରିପୋର୍ଟ ସୂଚାଇବା ପରେ ସଂସ୍ଥା ପକ୍ଷରୁ ଏହି ଘୋଷଣା କରାଯାଇଛି।

### ରାଧିକା ବାତ୍ରା

ଏକ ଅଣଲାଭକାରୀ ସଂଗଠନର ସହସଂସ୍ଥାପିକା ହେଉଛନ୍ତି ଡା. ରାଧିକା ବାତ୍ରା। ୨୦୧୭ରେ ଏହି ସଂଗଠନ ଗଢ଼ାଯାଇଥିଲା। ଭାରତରେ ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ଶିଶୁମାନଙ୍କୁ ରାଧିକା ‘ଲାଷ୍ଟ ମାଇଲ୍ ହେଲ୍‌ଥ ସଲ୍ୟୁଶନ୍’ ଜରିଆରେ



ମାଗଣା ଚିକିତ୍ସା ସୁବିଧା ଯୋଗାଇଥାନ୍ତି। ପାଖାପାଖି ୭୪,୧୭୩ ଶିଶୁ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଜନମଙ୍ଗଳକାରୀ କାର୍ଯ୍ୟ ପାଇଁ ରାଧିକାଙ୍କୁ ଚଳିତ ବର୍ଷ ଲିଲି ସିଂଙ୍କ ଦ୍ୱାରା ପ୍ରୋଗ୍ରେସ୍ ଆୱାର୍ଡ ପ୍ରଦାନ କରାଯାଇଛି।

### ଜହରା ଜୋୟା

ରୁଖଶାନା ମିଡିଆ ନାମରେ ଜହରା ଜୋୟାଙ୍କର ଏକ ଅନ୍‌ଲାଇନ୍ ନ୍ୟୁଜ୍ ଚ୍ୟାନେଲ୍ ରହିଛି। ତାଲିବାନୀ ଶାସନାଧୀନ ଆଫଗାନିସ୍ତାନରେ ମହିଳାଙ୍କ ଦୁର୍ଦ୍ଦଶା କାହାଣୀ ଜୋୟା ତାଙ୍କ



ଚ୍ୟାନେଲ୍‌ରେ ପ୍ରସାରଣ କରିଥାନ୍ତି। ହଲିଉଡ୍ ଅଭିନେତ୍ରୀ ତଥା ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ଥିବା ଆଞ୍ଜେଲିନା ଜୋଲି ଜୋୟାଙ୍କୁ ଚେଞ୍ଜମେକର୍ ପୁରସ୍କାରରେ ପୁରସ୍କୃତ କରିଛନ୍ତି।

### ଭନେସା ନାକାଟେ

ସାମାଜିକ କର୍ମୀ ମଲାଲା ୟୁସୁଫଜାଇଙ୍କ ଦ୍ୱାରା ଭନେସାଙ୍କୁ ଚଳିତ ବର୍ଷ କ୍ୟାମ୍ପେନ୍ ଆୱାର୍ଡ



ପ୍ରଦାନ କରାଯାଇଛି। ସମାଜକୁ କୁପ୍ରଥାରୁ ଦୂରେଇବା ପାଇଁ ଭନେସା ନାକାଟେ ଏକ କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି। ଆଫ୍ରିକୀୟ ମହିଳା ଓ ଯୁବତୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଅଭିଯାନ ଚଳାଇଛନ୍ତି। କ୍ୟାମ୍ପେନ୍ ଜରିଆରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟରେ ଲୋକଙ୍କୁ ଅବଗତ କରାଉଛନ୍ତି।

### ଉର୍ସୁଲା ଭୋନ୍ ଡେୟାର୍ ଲେୟେନ୍

କୋଭିଡ୍ ବେଳେ ଉପୁଜିଥିବା ଅସୁବିଧାକୁ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଖୁବ୍ ସୁନ୍ଦର ଭାବେ ପରିଚାଳନା କରିଥିଲେ। ଏସିଟି-ଏର



କ୍ରିଏଟର ହେଉଛନ୍ତି ଉର୍ସୁଲା। ଏହା ଏକ ବୈଶ୍ୱିକ ସଂଗଠନ, ଯାହା କରୋନା ଟେଷ୍ଟ, ଚିକିତ୍ସା ସାଙ୍ଗକୁ ଟିକାକରଣ ଦିଗରେ କାର୍ଯ୍ୟ କରିଥାଏ। କରୋନା କାଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଷ୍ଟ୍ରଗୁଡ଼ିକୁ ଆବଶ୍ୟକ ସହଯୋଗ ଓ ସୁବିଧା ଯୋଗାଇବା ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ମାନବହିତକାରୀ କାର୍ଯ୍ୟ ପାଇଁ ତାଙ୍କୁ ବିଲ୍ ଗେଟ୍ସ ଓ ମେଲିଣ୍ଡା ଫ୍ରେଞ୍ଚ ଗେଟ୍ସ ଗ୍ଲୋବାଲ୍ ଗୋଲ୍ କିପର୍ ଆୱାର୍ଡ ପ୍ରଦାନ କରାଯାଇଛି।

## ୬୭ ପବ୍‌ରେ ମଦ ପିଇ ୱାର୍ଲ୍ଡ ରେକର୍ଡ

**ଲଣ୍ଡନ:** ୱାର୍ଲ୍ଡ ରେକର୍ଡ କରିବା ନିଶାରେ ଅନେକ ବ୍ୟକ୍ତି ଅଜବ କାମ କରିବାକୁ ପଛାଇ ନ ଥାନ୍ତି। ଏପରି ଏକ ଘଟଣା ସାମ୍ନାକୁ ଆସିଛି। ବ୍ରିଟେନ୍‌ରେ ରହୁଥିବା ୨୨ ବର୍ଷୀୟ ନାଥନ କ୍ରିମ୍ପ ୱାର୍ଲ୍ଡ ରେକର୍ଡ କରିବା ପାଇଁ ଦୌଡି ଦୌଡି ଯାଇ ୬୭ ପବ୍‌ରେ ନିଶା ସେବନ କରିଛନ୍ତି। ଏଥିପାଇଁ ସେ ୧୭ ଘଣ୍ଟା ସମୟ ନେଇଥିଲେ। ପରେ ଏଭଳି ଅଜବ ୱାର୍ଲ୍ଡ ରେକର୍ଡ ତାଙ୍କ ନାଁରେ କରିଥିଲେ। ସେ ପ୍ରଥମେ ୨୫ ପବ୍‌ରେ କମ୍ ଆଲ୍‌କୋହଲ ଥିବା ନିଶା ଏବଂ ପରେ ୧୫ ପବ୍‌ରେ ଅଧିକ ନିଶାଯୁକ୍ତ ମଦ୍ୟପାନ କରିଥିଲେ। ଗୋଟେ ପବ୍‌ରୁ ନିଶା ସେବନ ପରେ ତାଙ୍କୁ ଅନ୍ୟ ଏକ ପବ୍‌କୁ ଦୌଡିବାକୁ ପଡୁଥିଲା। ତାଙ୍କୁ ପ୍ରତ୍ୟେକ ସ୍ଥାନରୁ କିଛି ନା କିଛି ସେବନ କରିବାର



ଥିଲା। ଏଥିପାଇଁ ଜଣେ ସାକ୍ଷ୍ୟ ତାଙ୍କ ସହ ପବ୍‌କୁ ଯାଇଥିଲେ। ସେଠାରୁ ସେ ରସିଦ୍ ମଧ୍ୟ ସଂଗ୍ରହ କରିଥିଲେ। ନାଥନଙ୍କ ପୂର୍ବରୁ ଗାରେଥ ମର୍ଫି ଏହି ରେକର୍ଡର ଅଧିକାରୀ ଥିଲେ। ସେ ୧୭ ଘଣ୍ଟା ମଧ୍ୟରେ ୫୬ ପବ୍‌ରୁ ମଦ ସେବନ କରିଥିଲେ।

## ଖାଲଖମା ରାସ୍ତାରେ ବିବାହ ଫଟୋଶୁଟ୍

**ଥିରୁଭାନନ୍ତପୁରମ୍:** ଖାଲଖମା ଭର୍ତ୍ତି କେରଳର ଏକ ରାସ୍ତାରେ ଜଣେ ଯୁବତୀ ବାହାଘର ଫଟୋଶୁଟ୍ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ୧୧ ତାରିଖରେ ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ ହୋଇଥିବା ଏହି ଭିଡିଓକୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିବା ସହ ହଜାର ହଜାର ୟୁଜର୍ସ ବିଭିନ୍ନ କମେଣ୍ଟ ଦେଇଛନ୍ତି। ଯୁବତୀ ଜଣକ ଏକ ସୁନ୍ଦର ଲାଲ୍ ରଙ୍ଗର ଶାଢ଼ି ପିନ୍ଧି ରାସ୍ତା ମଝିରେ ଖାଲଖମା ଭିତରେ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଆରୋୱେଡ଼ିଂକମ୍ପାନୀ ଏହାର ଇନ୍‌ଷ୍ଟା ଆକାଉଣ୍ଟରେ ଏହି ଭିଡିଓ ଶେୟାର କରିଛି। ରାସ୍ତାର ଦୟନୀୟ ଅବସ୍ଥା ଓ ଏହାର ମରାମତି ଦିଗରେ ଧ୍ୟାନ ଦିଆଯାଉ ନ ଥିବା ନେଇ ଭିଡିଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।



# ଇନ୍ଦ୍ରଜିତଙ୍କ ଶତକରେ ଦକ୍ଷିଣାଞ୍ଚଳ ଆଗୁଆ

**କୋଏମ୍ବାଟୁର,୨୨।୯(ପି.ଟି.)**

ବାବା ଇନ୍ଦ୍ରଜିତଙ୍କ ଶତକ ଓ କ୍ରିଷ୍ଣାପ୍ପା ଗୋଥାମଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ପଶ୍ଚିମାଞ୍ଚଳ ବିପକ୍ଷ ଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ଆଗୁଆ ରହିଛି। ପଶ୍ଚିମାଞ୍ଚଳ ହିତ୍ ପଟେଲଙ୍କ ୯୮ ରନ୍ ବଳରେ ୨୭୦ ରନରେ ଅଲଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣାଞ୍ଚଳ ୭ ଉଇକେଟ ହରାଇ ୩୧୮ ରନ୍ କରିବା ସହିତ ୪୮ ରନରେ ଆଗୁଆ ରହିଛି। ତାମିଲନାଡୁର

## ଦୁଲୀପ୍ ଟ୍ରଫି


ବାବା ଇନ୍ଦ୍ରଜିତ

ବାବା ଇନ୍ଦ୍ରଜିତ ୧୨୫ ବଲରୁ ୧୪ ଚୌକା ସହିତ ୧୧୮ ରନର ଇନିଂସ ଖେଳିଛନ୍ତି। ଏହି ଶତକ ସହିତ ଇନ୍ଦ୍ରଜିତ ନିଜର ୧୩ତମ ପ୍ରଥମ ଶ୍ରେଣୀ ଶତକ ହାସଲ କରିଛନ୍ତି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୦/୮ରୁ ଖେଳ ଆରମ୍ଭ କରି ପଶ୍ଚିମାଞ୍ଚଳ ଆଉ ୨୦ ରନ୍ ଯୋଡି ଅବଶିଷ୍ଟ ଉଇକେଟ ହରାଇଥିଲା। ହିତ୍ ପଟେଲ ୯୮ ରନ କରି ଆଉଟ ହୋଇଥିବା ବେଳେ ଜୟଦେବ ଉନାଡକଟ ୪୭ ରନରେ ଅପରାଜିତ ରହିଥିଲେ। ଆର ସାଇ କିଶୋର ୫ ଉଇକେଟ ଅକ୍ତିଆର କରି ସଫଳତମ ବୋଲର ରହିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୫ ଉଇକେଟ ସଫଳତା। ବସିଲ ଥମ୍ପି ଓ ଚେରାପଲ୍ଲୀ ଷ୍ଟିଫେନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅପେକ୍ଷାକୃତ ଶକ୍ତିଶାଳୀ ପଶ୍ଚିମାଞ୍ଚଳ ବୋଲିଂ ଲାଇନଅପ୍ ବିପକ୍ଷରେ ମାତ୍ର ୪୦ ରନରେ ଦୁଇ ଓପନରଙ୍କୁ ହରାଇଥିଲା ଦକ୍ଷିଣାଞ୍ଚଳ। ଅଧିନାୟକ ହନୁମା ବିହାରୀ(୨୫) ଓ ବାବା ଇନ୍ଦ୍ରଜିତ୍(୧୧୮) ତୃତୀୟ ଉଇକେଟରେ ୬୧ ରନ ଯୋଡିଥିଲେ। ବିହାରୀ ଆଉଟ ହେବା ପରେ ମନୀଷ ପାଣ୍ଡେ ଓ ଇନ୍ଦ୍ରଜିତଙ୍କ ମଧ୍ୟରେ ୧୦୫ ରନର ଭାଗୀଦାରି ହୋଇଥିଲା। ପାଣ୍ଡେ ୬୯ ବଲ ଖେଳି ୪ ଚୌକା ଓ ୨ ଛକା ସହିତ ୪୮ ରନ୍ କରିଥିଲେ। ଦଳୀୟ ସ୍କୋର ୨୪୩ ଥିବା ବେଳେ ଷଷ୍ଠ ବ୍ୟାଟର ଭାବରେ ଇନ୍ଦ୍ରଜିତ ପ୍ୟାଭିଲିୟନ ଫେରିଥିଲେ। ଇନ୍ଦ୍ରଜିତ ଆଉଟ ହେବା ପରେ ପଶ୍ଚିମାଞ୍ଚଳ ଅଗ୍ରଣୀ ନେବାର ସାମାନ୍ୟ ରାସ୍ତା ଦେଖା ଦେଇଥିଲା। ତେବେ ନିମ୍ନ ମଧ୍ୟକ୍ରମ ବ୍ୟାଟରଙ୍କୁ ସାଥି କରି କ୍ରିଷ୍ଣାପ୍ପା ଗୋଥାମ ଧୈର୍ଯ୍ୟପୂର୍ଣ୍ଣ ୪୩ ରନ କରିବାରୁ ୪୮ ରନର ଅଗ୍ରଣୀ ହାସଲ କରିଥିଲା ଦକ୍ଷିଣାଞ୍ଚଳ। ରବି ତେଜା(୨୬)ଙ୍କ ସହିତ ୬୨ ରନ ଯୋଡି ଅତୀତ ସେଠଙ୍କ ବଲରେ ଆଉଟ ହୋଇଥିଲେ ଗୋଥାମ। ଜୟଦେବ ଉନାଡକଟ ଓ ଅତୀତ ସେଠ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଦକ୍ଷିଣାଞ୍ଚଳର ଦୁଇ ସ୍ପିନର ଆର. ସାଇ କିଶୋର ଓ କ୍ରିଷ୍ଣାପ୍ପା ଗୋଥାମ ପଶ୍ଚିମାଞ୍ଚଳର ରନରେଟ ଉପରେ ଅଙ୍କୁଶ ଲଗାଇଥିବା ବେଳେ ଦୁଇ ମୁମ୍ବାଇ ସ୍ପିନର ସାମ୍ସ ମୁଲାନି ଓ ତନୁଶ କୋଟିଆନ୍ ମିଳିତ ଭାବରେ ୧୮୩ ରନ ବ୍ୟୟ କରି ଗୋଟିଏ ଉଇକେଟ ନେବାରେ ସମର୍ଥ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୭୦/୧୦(ହିତ୍ ପଟେଲ୍-୯୮, ଜୟଦେବ ଉନାଡକଟ-୪୭*, ଆର ସାଇ କିଶୋର-୫/୯୮, ବାସିଲ ଥମ୍ପି-୨/୪୨)।ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୩୧୮/୭( ବାବା ଇନ୍ଦ୍ରଜିତ-୧୧୮, ମନୀଷ ପାଣ୍ଡେ-୪୮, ଅତୀତ ସେଠ୍-୩/୫୧, ଜୟଦେବ ଉନାଡକଟ-୩/୫୨)।

# ପୂର୍ବତନ ବିଚାରପତି ନାଗେଶ୍ୱରଙ୍କୁ ନିଯୁକ୍ତି

**ନୂଆଦିଲ୍ଲୀ, ୨୨।୯ (ପି.ଟି.)**

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସମ୍ବିଧାନ ସଂଶୋଧନ ଓ ଇଲେକ୍ଟୋରାଲ କଲେଜ ପ୍ରସ୍ତୁତ କରିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏଲ୍. ନାଗେଶ୍ୱର ରାଓଙ୍କୁ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜଷ୍ଟିସ୍ ରାଓଙ୍କୁ

## ଆଇଓଏର ସମ୍ବିଧାନ ସଂଶୋଧନ

ସମ୍ବିଧାନ ସଂଶୋଧନ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ସହ ଡିସେମ୍ବର ୫ ସୁଦ୍ଧା ନିର୍ବାଚନ କରାଇବା ଲାଗି କହିଛନ୍ତି। ଅନ୍ୟପକ୍ଷରେ ସେପ୍ଟେମ୍ବର ୨୭ରେ ହେବାକୁଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବୈଠକରେ ଯୋଗଦେବା ପାଇଁ ବର୍ତ୍ତମାନ ଆଇଓସିର ସେକ୍ରେଟାରି ଜେନେରାଲ ରାଜୀବ ମେହେଟ୍ଟା ଓ ଆଇଓଏର ଉପସଭାପତିଙ୍କୁ ଅନୁମତି ପ୍ରଦାନ କରିଛନ୍ତି।


ଏଲ୍. ନାଗେଶ୍ୱର ରାଓ

ବିଚାରପତି ରାଓଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସେପ୍ଟେମ୍ବର ୮ରେ ଆଇଓଏକୁ ଶେଷ ଥର ପାଇଁ ଚରମବାଣୀ ଶୁଣାଇଥିଲା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି। ପରିଚାଳନଗତ ସମସ୍ୟାର ସାମାଧାନ ଏବଂ ଡିସେମ୍ବର ସୁଦ୍ଧା ନିର୍ବାଚନ ନ କରାଇଲେ ବିଶ୍ୱ କ୍ରୀଡ଼ା ପରିଷଦ ଭାରତକୁ ବାସନ୍ଦ କରିବ ବୋଲି କହିଥିଲା। ନିକଟରେ ସୁଇଜରଲାଣ୍ଡର ଲାଉସାନେଠାରେ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ନରିନ୍ଦର ବାତ୍ରାଙ୍କ ବିଦା ପରେ କୌଣସି କାମଚଳା ଅବା କାର୍ଯ୍ୟକାରୀ ସଭାପତି ନିଯୁକ୍ତି ଦିଆ ଗଲେ ତାହା ଗ୍ରହଣଯୋଗ୍ୟ ହେବ ନାହିଁ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଆଇଓଏ ବ୍ୟାପାରରେ ବର୍ତ୍ତମାନ ପାଇଁ ସେକ୍ରେଟାରି ଜେନେରାଲଙ୍କ ସହ ଯୋଗଯୋଗ କରିବ ଆଇଓସି।

# ସୁନ୍ଦରଗଡ଼-ଦେବଗଡ଼ ଫାଇନାଲ


ସେମିଫାଇନାଲ ପୂର୍ବରୁ ଅଫିସିଆଲଙ୍କ ସହ ଦେବଗଡ଼ ଓ କିଟ୍ ଦଳର ଖେଳାଳି।

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି)**

## ରାଜ୍ୟ ଜୁନିୟର ହକି

ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ଜୁନିୟର ହକି ଚାମ୍ପିୟନଶିପର ୨ଟି ସେମିଫାଇନାଲ ଗୁରୁବାର କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୨-୧ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିଲା। ବିଜୟୀ ଦଳର ନିଲେଶ ବାର୍ଲା ୨ୟ ଓ ରୋସନ କୁଜୁର ୫୭ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ସମ୍ବଲପୁରର ପ୍ରେମଚାନ୍ଦ ହୋରୋ ୧୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସେହିପରି ଦ୍ୱିତୀୟ ସେମିରେ ଦେବଗଡ଼ ୩-୧ ଗୋଲରେ କିଟ୍‌କୁ ହରାଇ ଦେଇଥିଲା। ଦେବଗଡ଼ର ସନ୍ଦିପ ଲାକ୍ରା ୫ମ, ସମୀର ଏକ୍କା ୨୩ ଓ ସନ୍ଦୀପ ଲାକ୍ରା ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କିଟ୍ ପକ୍ଷରୁ ରାଜ କୁମାର ଏକ୍କା ୭ମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଶୁକ୍ରବାର ସୁନ୍ଦରଗଡ଼ ଓ ଦେବଗଡ଼ ମଧ୍ୟରେ ଫାଇନାଲ ଖେଳାଯିବା ସ୍ପଷ୍ଟ ହୋଇଯାଇଛି।


ଲଣ୍ଡନରେ ଖେଳାଯିବାକୁଥିବା ଲାଭର କପ୍ ଟେନିସ ଟୁର୍ନାମେଣ୍ଟ ପୂର୍ବରୁ ଏକ ଟ୍ରେନିଂ ସେସନ ଅବସରରେ (ବାମରୁ) ବ୍ରିଟେନର ଆଣ୍ଡି ମୁରେ, ସର୍ବିୟାର ନୋଭାକ୍ ଜୋକୋଭିଚ୍, ସୁଇଜରଲାଣ୍ଡର ରୋଜର ଫେଡରର ଓ ସ୍ପେନର ରାଫାଲ ନାଡାଲ।

## ଆଜିଠୁ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜ୍ୟ ଶକ୍ତି ଉତ୍ତୋଳନ (ମହିଳା ଓ ପୁରୁଷ) ପ୍ରତିଯୋଗିତା ଶୁକ୍ରବାରଠାରୁ ଉତ୍କଳ କରାଟେ ସ୍କୁଲରେ ଆରମ୍ଭ ହେବ। ଏଥିରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବିଭାଗରେ ପ୍ରତିଯୋଗିତା ହେବ। ସମଗ୍ର ରାଜ୍ୟରୁ ପାଖାପାଖି ୪୦୦ ବଛାବଛା ଶକ୍ତି ଉତ୍ତୋଳକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୧୩ ଅଫିସିଆଲ ଏବଂ ୧୫ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଥିବା ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସୂତ୍ରରୁ ପ୍ରକାଶ।

# ଲାଭର କପ୍‌ରେ ପାର୍ଟନର ହେବେ ଫେଡରର, ନାଡାଲ

**ଲଣ୍ଡନ, ୨୨।୯(ଏପି)**

ଶୁକ୍ରବାର ଲାଭର କପ୍‌ରେ ପୁରୁଷ ଡବଲ୍ସରେ ରୋଜର ଫେଡରର ଓ ରାଫାଲ ନାଡାଲ ପାର୍ଟନର ହୋଇ ଖେଳିବେ। ଫେଡରରଙ୍କ କ୍ୟାରିୟରର ଏହା ଶେଷ ଟୁର୍ନାମେଣ୍ଟ ହେବ ବୋଲି ସେ ପୂର୍ବରୁ ଘୋଷଣା କରିସାରିଛନ୍ତି। ଫେଡରର ହେଉଛନ୍ତି ୨୦ ଗ୍ରାଣ୍ଡସ୍ଲାମ ବିଜେତା। ତାଙ୍କ ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ ୨୨ଗ୍ରାଣ୍ଡସ୍ଲାମ ସହ ପୁରୁଷ ବିଭାଗରେ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏହି ଯୋଡ଼ି ୟୁରୋପ ଟିମ୍ ତରଫରୁ ୱାର୍ଲ୍ଡ ଟିମ୍ ଯୋଡ଼ି ୟୁଏସ୍ ଓପନ ସେମିଫାଇନାଲିଷ୍ଟ ଫ୍ରାନ୍‌ସେସ୍ ଟିଆଫୋ ଓ ଜ୍ୟାକ୍ ସକ୍‌ଙ୍କ ବିପକ୍ଷରେ ଖେଳିବେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଏହି ମ୍ୟାଚ ଖେଳାଯିବ ବୋଲି ଫେଡରରଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଫେଡରର-ନାଡାଲ ମ୍ୟାଚ ପୂର୍ବରୁ ସିଙ୍ଗଲ୍ସ ମ୍ୟାଚଗୁଡ଼ିକ ଖେଳାଯିବ। ଦିନରେ ଦୁଇଥର ଗ୍ରାଣ୍ଡସ୍ଲାମ ରନରଅପ୍ କାସ୍ପର ରୁଡ୍ ସକ୍‌ଙ୍କ ବିପକ୍ଷରେ ଖେଳିବାକୁ ଥିବା ବେଳେ ୨୦୨୧ ଫ୍ରେଞ୍ଚ ଓପନ ଫାଇନାଲିଷ୍ଟ ଷ୍ଟାଫାନସ ସିତ୍‌ସିପାସ୍ ଓ ଡିଏଗୋ ସ୍ୱାର୍ଜମ୍ୟାନଙ୍କ ମଧ୍ୟରେ ମ୍ୟାଚ ଖେଳାଯିବ। ରାତିରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଆଣ୍ଡି ମୁରେ ବନାମ ଆଲେକ୍ସ ଡି' ମିନାଉର୍ ମ୍ୟାଚ ଖେଳାଯିବ।

## ପୁରୁଣା ଫର୍ମାଟକୁ ଫେରିବ ଆଇପିଏଲ୍

**ନୂଆଦିଲ୍ଲୀ,୨୨।୯(ପି.ଟି.):** ଟି୨୦ କ୍ରିକେଟର ସବୁଠାରୁ ମହଙ୍ଗା ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଏଣିକି ପୁରୁଣା ଫର୍ମାଟକୁ ଫେରିବ। କୋଭିଡ୍ ପୂର୍ବବର୍ତ୍ତୀ ସମୟରେ ଯେଉଁ ଫର୍ମାଟରେ ଆଇପିଏଲ୍ ଖେଳାଯାଉଥିଲା ସମାନ ଫର୍ମାଟରେ ଖେଳାଯିବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି। ୨୦୨୦ ପରଠାରୁ କିଛି ନିର୍ଦ୍ଦିଷ୍ଟ ଭେନ୍ୟୁରେ ହିଁ ଆଇପିଏଲ୍ ମ୍ୟାଚ ଖେଳାଯାଉଛି। ତେବେ ଧୀରେ ଧୀରେ କୋଭିଡ୍ ପରିସ୍ଥିତି ସାମାନ୍ୟ ହେବାକୁ ଲାଗିଥିବା ବେଳେ ବର୍ତ୍ତମାନ ପୁରୁଣା ଫର୍ମାଟରେ ମ୍ୟାଚଗୁଡିକ ଖେଳାଯିବ ବୋଲି ଜଣାପଡିଛି। ପୂର୍ବଭଳି ଘରୋଇ ଗ୍ରାଉଣ୍ଡ ଓ ଅନ୍ୟ ସହରରେ ସମାନ ସଂଖ୍ୟକ ମ୍ୟାଚ ଖେଳିବେ ସମସ୍ତ ଫ୍ରାଞ୍ଚାଇଜ। ୨୦୨୦ରେ ୟୁଏଇରେ ଆଇପିଏଲ ଖେଳାଯାଇଥିବା ବେଳେ ଦୁବାଇ, ଶାରଜା ଓ ଆବୁଧାବିରେ ସମସ୍ତ ମ୍ୟାଚ ଖେଳାଯାଇଥିଲା। ସେହିପରି ୨୦୨୧ରେ ଭାରତକୁ ଟୁର୍ନାମେଣ୍ଟ ଫେରିଥିଲେ ହେଁ ଦିଲ୍ଲୀ, ଅହମ୍ମଦାବାଦ, ମୁମ୍ବାଇ ଓ ଚେନ୍ନାଇରେ ସମସ୍ତ ମ୍ୟାଚ ଖେଳାଯାଇଥିଲା। ସମସ୍ତ ରାଜ୍ୟ ସଙ୍ଗଠନଗୁଡ଼ିକୁ ଲେଖିଥିବା ଚିଠିରେ ବିସିସିଆଇ ସଭାପତି ହୋମ୍ ଏବଂ ଆୱେ ମ୍ୟାଚ ଖେଳାଯିବା ନେଇ ସ୍ପଷ୍ଟ କରିଛନ୍ତି। ଏହା ସହିତ ୨୦୨୦ ପରଠାରୁ ପ୍ରଥମ ଥର ପାଇଁ ସମସ୍ତ ଘରୋଇ ଟୁର୍ନାମେଣ୍ଟଗୁଡିକ ପୂର୍ଣ୍ଣକ୍ଷମତାରେ ଖେଳାଯିବ।

# ପ୍ରଥମ ଦିନିକିଆ ଜିତିଲା ଭାରତ 'ଏ'

**ଚେନ୍ନାଇ,୨୨।୯**

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ ଦିନିକିଆକୁ ୭ ଉଇକେଟରେ ଜିତି ନେଇଛି ଭାରତ 'ଏ'। ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଦୁଇ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ସେନ ମିଳିତ ଭାବରେ ୭ ଉଇକେଟ ଅକ୍ତିଆର କରିବାରୁ ନ୍ୟୁଜିଲାଣ୍ଡ 'ଏ' ମାତ୍ର ୧୬୭ ରନରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୩୧.୫ ଓଭରରେ ୩ ଉଇକେଟରେ ୧୭୦ ରନ କରି ମ୍ୟାଚ ଜିତିନେଇଥିଲା।

## ଶାର୍ଦ୍ଦୁଳ, କୁଲଦୀପଙ୍କ ଘାତକ ବୋଲିଂ


ଉଇକେଟ ନେବା ପରେ ଉଲ୍ଲସିତ ଭାରତ ଏ' ବୋଲର କୁଲଦୀପ ସେନ୍।

ଟସ୍ ଜିତି ଭାରତୀୟ ଅଧିନାୟକ ସଞ୍ଜୁ ସାମସନ୍ ବୋଲିଂ ନିଷ୍ପତ୍ତି ନେଇଥିଲେ। ଶାର୍ଦ୍ଦୁଳ ଠାକୁର ଓ ଆଇପିଏଲ୍ ଷ୍ଟାର କୁଲଦୀପ ସେନ୍ ଘାତକ ବୋଲିଂ କରିବା ସହିତ ନ୍ୟୁଜିଲାଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଶାର୍ଦ୍ଦୁଳ ୩୨ ରନ ଦେଇ ୪ ଓ କୁଲଦୀପ ୩୦ ରନରେ ୩ ଉଇକେଟ ନେଇଥିବା ବେଳେ ଭ୍ରମଣକାରୀ ଦଳ ୭୪ ରନରେ ୮ ଉଇକେଟ ହରାଇଥିଲା। ୧୦୦ ରନ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ୯ମ ଉଇକେଟରେ ଦୁଇ ବୋଲର ମାଇକେଲ ରିପ୍ପନ(୬୧) ଓ ଜୋଏ ୱାକର(୩୬) ଯୋଡିଥିଲେ ୮୯ ରନ୍। ରିପ୍ପନ ୧୦୪ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟପକ୍ଷରେ ରିପ୍ପନଙ୍କୁ ସାଥ ଦେଇଥିବା ୱାକର ୪୯ ବଲ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଶାର୍ଦ୍ଦୁଳ ଓ ସେନଙ୍କ ବ୍ୟତିତ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଥିବା ବେଳେ ଦୁଇ ଜଣ ବ୍ୟାଟ୍ସମ୍ୟାନ ରନଆଉଟ ହୋଇଥିଲେ। ୧୬୮ ରନର ପିଛା କରୁଥିବା ଭାରତ ପକ୍ଷରୁ ଓପନର ପୃଥ୍ୱୀ ଶ(୧୭) ଓ ଋତୁରାଜ ଗାଏକ୍ୱାଡ(୪୧) ପ୍ରଥମ ଉଇକେଟରେ ୩୫ ରନ ଯୋଡିଥିଲେ। ଏହାପରେ ଗାଏକ୍ୱାଡଙ୍କ ସହିତ ଦ୍ୱିତୀୟ ଉଇକେଟରେ ୫୬ ରନ ଯୋଡିଥିଲେ ରାହୁଲ ତ୍ରିପାଠୀ। ଗାଏକ୍ୱାଡ ୫୪ ବଲ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ସେହିପରି ତ୍ରିପାଠୀ ୪୦ ବଲ ଖେଳି ୪ ଚୌକା ସହିତ ୩୧ ରନ୍ କରିଥିଲେ। ମାତ୍ର ୬ ବଲ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ ହେଁ ଅଧିନାୟକ ସଞ୍ଜୁ ସାମସନ(୨୯*) ଓ ରଜତ ପଟିଦାର(୪୫*) ଅବିଭାଜିତ ଚତୁର୍ଥ ଉଇକେଟରେ ୬୯ ରନ ଯୋଡି ଦଳକୁ ବିଜୟୀ କରିଥିଲେ। ସାମସନ ୩୨ ବଲରୁ ୧ ଚୌକା ଓ ୩ ଛକା ମାରିଥିଲେ।

# ଓଡ଼ିଶାର ୨୧ ଜଣଙ୍କୁ ଜାତୀୟ ଯୋଗ୍ୟତା

**ଭୁବନେଶ୍ୱର, ୨୨।୯, (ସ୍ପୋର୍ଟ୍ସ ବ୍ୟୁରୋ)**

ପଶ୍ଚିମବଙ୍ଗର ଆସାନସୋଲରେ ଚାଲିଥିବା ଷଷ୍ଠ ପୂର୍ବାଞ୍ଚଳ ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡିଶାର ପ୍ରତିଯୋଗୀ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ। ଏହା ମଧ୍ୟରୁ ୧୨ ଜଣ ପୁରୁଷ ଓ ୯ ଜଣ ମହିଳା ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ତ୍ରିଶ ପାଣିଗ୍ରାହୀ ଏୟାର ରାଇଫଲ ଜୁନିୟର ଓ ସବ୍ ଜୁନିୟର ବର୍ଗରେ ଦୁଇଟି ସ୍ୱର୍ଣ୍ଣ ହାସଲ କରିଥିଲେ। ଏୟାର ପିସ୍ତଲ ବର୍ଗରେ ଦିଲୀପ କୁମାର ପାଢୀ,ରଶ୍ମୀ ଭଞ୍ଜ, ୫୦ ମିଟର ରାଇଫଲ ପ୍ରୋନ ବର୍ଗରେ ଭଗବାନ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୫ ମିଟର


ସ୍ୱର୍ଣ୍ଣ ପଦକ ସହ ତ୍ରିଶ ପାଣିଗ୍ରାହୀ।

## ପୂର୍ବାଞ୍ଚଳ ବନ୍ଧୁକଚାଳନା ପ୍ରତିଯୋଗିତା

ଷ୍ଟାଣ୍ଡାର୍ଡ ପିସ୍ତଲ ଡାଃ ସତ୍ୟଜିତ ସାହୁ ରୌପ୍ୟ ପଦକ ବିଜୟୀ ହୋଇଥିବା ବେଳେ ତନିଷ୍କା ସାମନ୍ତ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ସମୁଦାୟ ୫ ସ୍ୱର୍ଣ୍ଣ, ୨ ରୌପ୍ୟ, ଓ ୧ ବ୍ରୋଞ୍ଜ ବିଜୟୀ ହୋଇଛି। ଏହି ସଫଳତା ନିମନ୍ତେ ଓଡ଼ିଶା ରାଇଫଲ ସଂଘର ସଭାପତି ଅନଙ୍ଗ ଉଦୟ ସିଂହଦେଓ, ପୃଷ୍ଠପୋଷକ କଳିକେଶ ନାରାୟଣ ସିଂହଦେଓ, ସମ୍ପାଦକ ଡାଃ ହରି ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ, କୋଚ ଆଶିଷ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

CLASSIFIED DISPLAY
MORE SPACE • SAME PRICE

**ଧନ କୁବେର ଫାଇନାନ୍ସ**
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ସ୍ୱ ମଦନ ମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୫୯୯

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**

ସ୍ୱ ବସନ୍ତ କୁମାର ବେଉରା
ଆବିର୍ଭାବ: ୨୩।୦୧।୧୯୫୭
ତିରୋଧାନ: ୧୫।୧୦।୨୦୨୦
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍କପଟତା, ତ୍ୟାଗ ଓ ଆଶୀର୍ବାଦ ସର୍ବଦା ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ବିନି, ଝିଅ: ଶିଳା, ଲିଜା, ଜ୍ୱାଇଁ: ଅମିୟ।
ଧ-୧୫୯୩

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱ ଶତୃଘ୍ନ ସେଠୀ
ସ୍ଥାନ: ପଲଙ୍କ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୨୫।୧୧।୧୯୫୧
ତିରୋଧାନ: ୧୬।୧୦।୨୦୨୦
ବାପା, ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ହଠାତ୍ ଆପଣଙ୍କର ତିରୋଧାନ ଆମକୁ ଶୋକସାଗରରେ ଭସାଇ ଦେଇଛି ଓ ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ସର୍ବଦା ପଥ ପ୍ରଦର୍ଶକ ଅଟେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ନାରଖାରୀ, ପୁତ୍ର: ପ୍ରଶାନ୍ତ, ସୁକାନ୍ତ, ବସନ୍ତ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୫୯୫

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ରଶ୍ମିରଞ୍ଜନ ସାହୁ
ଡାଇରେକ୍ଟର - ଓମ୍ ହେଲ୍‌ଥକେୟାର ଏଣ୍ଟରପ୍ରାଇଜେସ୍ ଲିମିଟେଡ୍, ଭୁବନେଶ୍ୱର
ଆବିର୍ଭାବ : ୦୪/୧୦/୧୯୭୨ | ତିରୋଧାନ : ୧୩/୦୯/୨୦୨୨
ନୈନଂ ଛନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତ ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତ ମାରୁତଃ
ତୁମର ଅସମୟରେ ବିୟୋଗ ପାଇଁ ଆମେ ସମସ୍ତେ ମର୍ମାହତ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
(ଶୋକସନ୍ତପ୍ତ)
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୩୮୭୪

# କଠିନ ନିଷ୍ପତ୍ତି


ରୋଜର ଫେଡରର

ନିଜର ପ୍ରିୟ ଖେଳ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି ସୁଇସ୍ ତାରକା ରୋଜର ଫେଡରର। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଲାଭର କପ୍ ତାଙ୍କ କ୍ୟାରିୟରର ଶେଷ ଟୁର୍ନାମେଣ୍ଟ। ତେବେ ଟେନିସ କୋର୍ଟରୁ ଦୂରେଇ ରହିବା ନିଷ୍ପତ୍ତି ସହଜ ନ ଥିଲା ବୋଲି ସ୍ୱୀକାର କରିଛନ୍ତି ଏହି ମହାନ୍ ଖେଳାଳି...

ବିଶ୍ୱ ଟେନିସ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ରୋଜର ଫେଡରର କ୍ୟାରିୟରର ସବୁଠାରୁ କଠିନ ନିଷ୍ପତ୍ତି ନେଇଛନ୍ତି। ନିଜର ପ୍ରିୟ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି ଏହି ସୁଇଜରଲାଣ୍ଡ ତାରକା। କ୍ୟାରିୟରରେ ୧୨୫୧ ସିଙ୍ଗଲ୍ସ ମ୍ୟାଚ ଓ ୧୦୩ ଟାଇଟଲ ବିଜେତା ଏହି ପୂର୍ବତନ ନମ୍ବରୱାନ ଖେଳାଳି ଆହତ ସମସ୍ୟା ସହ ସଂଘର୍ଷ ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଗତ ସପ୍ତାହରେ ନିଜ ଅବସର ସମ୍ପର୍କରେ ସୂଚନା ଦେଇଥିଲେ ରୋଜର। ଲାଭର କପ୍ ତାଙ୍କ ଜୀବନର ଶେଷ ଟୁର୍ନାମେଣ୍ଟ ହେବ ବୋଲି ସେ ସ୍ପଷ୍ଟ କରିଥିଲେ। ୟୁରୋପ ଏବଂ ଅବଶିଷ୍ଟ ବିଶ୍ୱ ମଧ୍ୟରେ ଲାଭର କପ୍‌ର ୫ମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବ। ପୂର୍ବ ୪ଟି ସଂସ୍କରଣରେ ୟୁରୋପ ଦଳ ଚାମ୍ପିୟନ ହୋଇଥିବାରୁ ୫ମଥର ପାଇଁ ଟାଇଟଲ ବିଜୟ ଆଶାରେ ରହିଛି। ଏଥର ୟୁରୋପ ଦଳରେ ରହିଛନ୍ତି କାସ୍ପର ରୁଡ୍, ରାଫାଲ ନାଡାଲ, ଷ୍ଟିଫାନୋସ ସିତ୍‌ସିପାସ, ନୋଭାକ ଜୋକୋଭିଚ୍, ରୋଜର ଫେଡରର, ଆଣ୍ଡି ମୁରେ, ମାଟେଓ ବେରେଟିନି ଓ କାମେରନ ନୋରି। ସେହିପରି ଅବଶିଷ୍ଟ ବିଶ୍ୱ ଦଳରେ ଟେଲର ଫ୍ରିଜ, ଫେଲିକ୍ସ-ଅଗର ଆଲାସିମେ, ଡିଏଗୋ ସ୍କ୍ୱାର୍ଜମ୍ୟାନ, ଫ୍ରାନ୍ସେସ ଟିଆଫୋ, ଆଲେକ୍ସ ଡି’ମିନାଉର, ଜ୍ୟାକ ସକ୍ ଓ ଟମି ପଲ୍ ସ୍ଥାନ ପାଇଛନ୍ତି। ବିଜର୍ନ ବର୍ଗ ଟିମ୍ ୟୁରୋପ ଏବଂ ଜନ୍ ମ୍ୟାକେନରୋ ଟିମ୍ ୱାର୍ଲ୍ଡ ଦଳର ନନ୍‌ପ୍ଲେଇଂ କ୍ୟାପଟେନ ଅଛନ୍ତି। ଫେଡରର ସିଙ୍ଗଲ୍ସ ନ ଖେଳି ଡବଲ୍ସ ଖେଳି ଅବସର ନେବାକୁ ଇଚ୍ଛା ରଖିଛନ୍ତି। ରାଫାଲ ନାଡାଲଙ୍କୁ ସାଥିକରି ଖେଳିବାକୁ ଇଚ୍ଛାପ୍ରକାଶ କରିଥିଲେ ଏହି ସୁପ୍ରସିଦ୍ଧ ଟେନିସ ତାରକା। ତାଙ୍କ ମତକୁ ସମ୍ମାନ ଜଣାଇଥିଲେ କ୍ୟାପ୍‌ଟେନ ବିଜର୍ନ ବର୍ଗ। ଫଳରେ ଫେଡରର ଏବଂ ତାଙ୍କର ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ ନାଡାଲ ଏବେ ସାଥିହୋଇ ଖେଳିବା ସ୍ପଷ୍ଟ ହୋଇଯାଇଛି। ତେବେ ଆଣ୍ଠୁରେ ତୃତୀୟ ଥରପାଇଁ ଅସ୍ତ୍ରୋପଚାର କାରଣରୁ ୪୧ ବର୍ଷରେ ଅବସର ନେବାକୁ ବାଧ ହୋଇଛନ୍ତି ଏହି ୨୦ ଗ୍ରାଣ୍ଡସ୍ଲାମ ବିଜେତା। କ୍ୟାରିୟରରେ ସେ ୬ ଥର ଅଷ୍ଟ୍ରେଲିଆନ ଓପନ, ଥରେ ଫ୍ରେଞ୍ଚ ଓପନ, ୮ ଥର ୱିମ୍ବଲଡନ ଓ ୫ ଥର ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏହା ବ୍ୟତୀତ ସେ ୨୦୦୩, ୨୦୦୪, ୨୦୦୬, ୨୦୦୭ ଏବଂ ୨୦୦୮ରେ ଏଟିପି ଟୁର୍ ଫାଇନାଲ୍ସରେ ମଧ୍ୟ ବିଜେତା ହୋଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସର ଡବଲ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୨ ଲଣ୍ଡନ ଅଲିମ୍ପିକ୍ସର ସିଙ୍ଗଲ୍ସରେ ରୌପ୍ୟ ପଦକ ବିଜେତା ଫେଡରର ୨୦୧୪ରେ ଡେଭିସ୍ କପ୍ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲେ। ଡବଲ୍ସରେ ତାଙ୍କ କ୍ୟାରିୟର ରେକର୍ଡ ହେଉଛି ୧୩୧-୯୨। ବିଭିନ୍ନ ଖେଳାଳିଙ୍କୁ ସାଥିକରି ସେ ୮ଟି ଡବଲ୍ସ ଟାଇଟଲ ଜିତିଛନ୍ତି। ହୋପମାନ କପ୍ ଟିମ୍ ଚାମ୍ପିୟନଶିପ୍‌ରେ ସେ ୩ ଥର ୨୦୦୧, ୨୦୧୮ ଓ ୨୦୧୯ରେ ସଫଳତାର ସ୍ୱାଦ ଚାଖିଛନ୍ତି। ଏବେ ତାଙ୍କର ଶେଷ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି।

# ଡ୍ରଗ୍ସ ବନାମ ଡୋପ୍


ରମେଶ ସାହୁ

ହର୍ମୋନ୍ ସମ୍ବଳିତ ଡ୍ରଗ୍ସ ମଣିଷର ଶାରୀରିକ କ୍ଷମତା ଓ ଶକ୍ତି ବୃଦ୍ଧି କରେ। ଡ୍ରଗ୍ସ ଦ୍ୱାରା ବୃଦ୍ଧିପ୍ରାପ୍ତ ଶକ୍ତି କିଛି ଦିନ ଅଥବା କିଛି ଘଣ୍ଟା ପାଇଁ ଜାରି ରହିପାରେ। ଏହି ସମୟରେ ଶାରୀରିକ କ୍ଷମତା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟେ। କିନ୍ତୁ ଗ୍ରହଣ ପ୍ରକ୍ରିୟା ଅନୁଚିତ ସ୍ତରକୁ ଚାଲିଗଲେ ତାହା ସେବନକାରୀର ଭୀଷଣ କ୍ଷତି ଘଟାଏ...





ଆମେରିକାରେ ଅନୁଷ୍ଠିତ ୨୦୨୨ ବିଶ୍ୱ ଦୌଡ଼କୁଦ ଚାମ୍ପିୟନଶିପ୍ ବେଳେ ଭାରତର ଦୁଇଜଣ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଏହି ଘଟଣାରେ ଭାରତୀୟ ଆଥଲେଟିକ୍ ମହାସଂଘକୁ ଅପଦସ୍ଥ ହେବାକୁ ପଡ଼ିଥିଲା। ଦୁଇ ଅଭିଯୁକ୍ତ ଖେଳାଳି ଷ୍ଟିରଏଡ୍ ଡ୍ରଗ୍ ସେବନ କରିଥିବା ଜଣାପଡ଼ିଥିଲା। ତେବେ ଏହି ଡ୍ରଗ୍ସ କ’ଣ ସେ ସମ୍ପର୍କରେ କିଛି ଜାଣିବା। ହର୍ମୋନ୍ ସମ୍ବଳିତ ଡ୍ରଗ୍ସ ମଣିଷର ଶାରୀରିକ କ୍ଷମତା ଓ ଶକ୍ତି ବୃଦ୍ଧି କରେ। ଦୈହିକ କ୍ଷମତା ବଢ଼ାଇବା ଲକ୍ଷ୍ୟ ରଖି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ନାନାପ୍ରକାର ଷ୍ଟିରଏଡ୍ ଡ୍ରଗ୍ସ ବିକଶିତ କରିଛନ୍ତି। ଡ୍ରଗ୍ସ ଦ୍ୱାରା ବୃଦ୍ଧିପ୍ରାପ୍ତ ଶକ୍ତି କିଛିଦିନ ଅଥବା କିଛି ଘଣ୍ଟା ପାଇଁ ଜାରି ରହିପାରେ। ଏହି ସମୟରେ ଶାରୀରିକ କ୍ଷମତା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟେ। ଡ୍ରଗ୍ସ ବ୍ୟବହାର ଜାରିରହିଲେ ଶକ୍ତି କାଏମ ରହେ। କିନ୍ତୁ ଗ୍ରହଣ ପ୍ରକ୍ରିୟା ଅନୁଚିତ ସ୍ତରକୁ ଚାଲିଗଲେ ତାହା ସେବନକାରୀର ଭୀଷଣ କ୍ଷତି ଘଟାଏ। ହର୍ମୋନ୍ ଡ୍ରଗ୍ସକୁ ଆନାବୋଲିକ୍ ଷ୍ଟିରଏଡ୍ କୁହାଯାଏ। ଟେଷ୍ଟୋଷ୍ଟେରୋନ୍ ଏବଂ ଏଥିରେ ଜଡ଼ିତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଆନାବୋଲିକ୍ ଷ୍ଟିରଏଡ୍ ପ୍ରସ୍ତୁତ ହୁଏ। ଏହି ଡ୍ରଗ୍ସ ମଣିଷର ଅସ୍ଥି କଙ୍କାଳ ଏବଂ ମାଂସପେଶୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରେ। ଷ୍ଟିରଏଡ୍ ବ୍ୟବହାର ଡାକ୍ତରୀ ନିୟମ ଅନୁସାରେ ହେଲେ ତାହା ମଣିଷର ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପକାଏ। ଅନୁଚିତ ମାତ୍ରାକୁ ଚାଲିଗଲେ ସ୍ୱାସ୍ଥ୍ୟ ସଙ୍କଟ ସୁନିଶ୍ଚିତ। ଏହି କ୍ଷତି ବେଳେ ବେଳେ ସାଂଘାତିକ ଆଡ଼କୁ ଗତି କରେ। ଶରୀରରେ ହର୍ମୋନ୍ ଟେଷ୍ଟୋଷ୍ଟେରୋନ୍ କ୍ଷରଣ ମାତ୍ରା ବୃଦ୍ଧି ସକାଶେ ଷ୍ଟିରଏଡ୍ ଡ୍ରଗ୍ସ ଉଦ୍ଦିଷ୍ଟ। ଏହି ଉପାଦାନ ମାଂପେଶୀରେ ତନ୍ତୁ ବୃଦ୍ଧି ଘଟାଏ। ଫଳରେ ମାଂସପେଶୀ ବଢ଼ିଚାଲେ ଏବଂ ଲୋକଟି ଅତିରିକ୍ତ ଶକ୍ତି ହାସଲ କରିଚାଲେ। ଏହାକୁ ଟାବଲେଟ୍ ଅବା ଇଞ୍ଜେକ୍ସନ୍ ଦ୍ୱାରା ବ୍ୟବହାର କରି ଉଭୟ ରୋଗୀ ଓ କ୍ରୀଡ଼ାବିତ୍ ଉପକୃତ ହୋଇପାରୁଛନ୍ତି।

କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବଡିବିଲ୍ଡର ନିଜ ମାଂସପେଶୀ ବଢ଼ାଇବାକୁ, ସାଇକ୍ଲିଷ୍ଟ ସାଇକେଲ ଚାଳନାରେ କ୍ଷିପ୍ରତା ଆଣିବାକୁ, ଦୌଡ଼ରେ ଗତି ହାସଲ, କୁସ୍ତି, ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଆଦି ଶାରୀରିକ କ୍ରୀଡ଼ାରେ ଅତିରିକ୍ତ ଶକ୍ତି ହାସଲ ପାଇଁ ଡ୍ରଗ୍ସପ୍ରବଣତା ଅଧିକ। ଫିଟନେସ୍ ବ୍ୟାୟାମ କରୁଥିବା ଯୁବକମାନେ ମଧ୍ୟ ଏହି ଡ୍ରଗ୍ସ ବ୍ୟବହାର କରୁଛନ୍ତି। ଡ୍ରଗ୍ସ ସେମାନଙ୍କର ଶାରୀରିକ ପ୍ରଦର୍ଶନକୁ ଉଚ୍ଚ ସ୍ତରକୁ ନେଉଥିବା ସେମାନେ ଦାବି କରନ୍ତି। ଏହା ସତ୍ୟ ଯେ ଷ୍ଟିରଏଡ୍ ବ୍ୟବହାର ଦ୍ୱାରା ଜଣେ କ୍ରୀଡ଼ାବିତ୍ ଆଶାତୀତ ସଫଳତା ହାସଲ କରିପାରେ। ତେବେ ଏହା ଖେଳାଳିର ଦକ୍ଷତା ବଢ଼ାଇବାରେ ସହାୟକ ହୁଏନାହିଁ। ଦୌଡ଼କୁଦ ଦକ୍ଷତା ବୃଦ୍ଧି ପଛରେ ବଂଶସୂତ୍ର, ଶରୀର ଆକାର, ବୟସ, ଲିଙ୍ଗ, ଖାଦ୍ୟପେୟ ଓ ସମ୍ପୃକ୍ତ ଖେଳାଳିର ମନୋନିବେଶ ଆଦି ନିର୍ଭରଶୀଳ। ସାଇକ୍ଲିଂ ରେସ୍ ପ୍ରତିଯୋଗୀଙ୍କଠାରେ ଷ୍ଟିରଏଡ୍ ବ୍ୟବହାର ଅଧିକ ଦେଖାଯାଏ। ବକ୍ସିଂ, ବେସ୍‌ବଲ ଓ ଟ୍ରାଇଥଲନ ପ୍ରତିଯୋଗୀମାନେ ମଧ୍ୟ ଡୋପ୍ ଟେଷ୍ଟରେ ଧରାପଡ଼ନ୍ତି। ଡ୍ରଗ୍ସ ବ୍ୟବହାର ନିରଙ୍କୁଶ ହେଲେ ପରବର୍ତ୍ତୀ ସମୟରେ ତାହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଅନୁଚିତ ମାତ୍ରାରେ ବ୍ୟବହାର ମଣିଷର ହର୍ମୋନ୍ କ୍ଷରଣକୁ ଅସନ୍ତୁଳନ କରେ ଏବଂ ଉକ୍ତ କାରଣରୁ ତା’ର ଶରୀର ଦୁର୍ବଳ ହୋଇପଡ଼େ। ଶୁକ୍ରାଣୁ କମିଯିବା, ସଂଗମରେ ଜଡ଼ତା ଦେଖାଯିବା, କେଶ ଝଡ଼ି ଚନ୍ଦା ହୋଇଯିବା ଓ ପୁରୁଷ ଶରୀରରେ ବକ୍ଷଜ ଜାତ ହେବା ଭଳି ସମସ୍ୟା ଆସିଯାଏ। ଏହାଛଡ଼ା ହୃଦ୍‌ରୋଗ, ହୃଦ୍‌ଘାତ ହେବାସହ ଲିଭର ଅବା କିଡ୍‌ନୀ ଅଚଳ ହୋଇଯାଏ।

ମଣିଷ ଏଭଳି ବିପଦ ସମ୍ପର୍କରେ ଜାଣି ସୁଦ୍ଧା ଡ୍ରଗ୍ସ ବ୍ୟବହାର ଛାଡ଼ି ପାରୁନାହିଁ। ଅଳ୍ପ ପରିଶ୍ରମ କରି ଅଧିକ ଲାଭ ଆଶା ରଖିବା ଅନେକଙ୍କର ସହଜାତ ପ୍ରବୃତ୍ତି। କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବା ପରେ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଡ୍ରଗ୍ସ ବ୍ୟବହାର ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଭାବାନ୍ ଖେଳାଳିମାନେ ଆଶାନୁରୂପ ସଫଳତା ହାସଲରେ ବିଫଳ ହେଲେ। ଷ୍ଟିରଏଡ୍ ନେଇ ବିଜୟ ସମ୍ଭାବନା ନ ଥିବା ଖେଳାଳିମାନେ ବାଜିମାତ୍ କଲେ। ଏହି ସମସ୍ୟା ସମ୍ପର୍କରେ ମହାଦେଶୀୟ ଓ ବିଶ୍ୱସ୍ତରୀୟ କ୍ରୀଡ଼ା ସଂଗଠନଗୁଡ଼ିକ ଜାଣିଲେ। ଖେଳାଳିଙ୍କ ସପକ୍ଷରେ ଜନମତ ସୃଷ୍ଟି ହେବାରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି) ଷ୍ଟିରଏଡ୍ ବ୍ୟବହାରକୁ ନିଷେଧ କରିଥିଲା। କିନ୍ତୁ ୧୯୩୫ରେ ଜର୍ମାନୀ ବୈଜ୍ଞାନିକମାନେ ପ୍ରଥମ ଥର ଟେଷ୍ଟୋଷ୍ଟେରୋନ୍‌ର ବିଶ୍ଳେଷଣ କରିଥିଲେ। ବିଶାଦ ମନର ଉପଚାର ପାଇଁ ଏହା ବ୍ୟବହାର ହୋଇପାରେ ବୋଲି ସେମାନେ ମତ ରଖିଥିଲେ। ୧୯୬୬ ମସିହା ୟୁରୋପୀୟ ଚାମ୍ପିୟନଶିପ୍ ବେଳେ ଆଥଲେଟ୍‌ମାନଙ୍କର ରକ୍ତ, ମୂତ୍ର ପରୀକ୍ଷା କରାଯାଇଥିଲା। ଏହା ଥିଲା ବିଶ୍ୱର ସର୍ବପ୍ରଥମ ଡୋପିଙ୍ଗ୍ ଟେଷ୍ଟ। ୧୯୬୮ ଅଲିମ୍ପିକ୍ ଗେମ୍ସରେ ମଧ୍ୟ ଆଇଓସି ପକ୍ଷରୁ ଡ୍ରଗ୍ସ ପରୀକ୍ଷା ହୋଇଥିଲା। ୧୯୫୪ ଅଲିମ୍ପିକ୍ ଗେମ୍ସ ଅବସରରେ ରୁଷୀୟ ୱେଟ୍‌ଲିଫ୍ଟରମାନେ ପ୍ରଥମେ ଆନାବୋଲିକ୍ ଷ୍ଟିରଏଡ୍ ବ୍ୟବହାର କରିଥିବାର ନଜିର ରହିଛି।

୧୯୬୮ ସମର୍ ଓ ୱିଣ୍ଟର୍ ଅଲିମ୍ପିକ୍ ଗେମ୍ସରେ ଆଇଓସି ବିଧିବଦ୍ଧ ଭାବେ ଡୋପ୍ ଟେଷ୍ଟ ଆରମ୍ଭ କରିଥିଲା। ୧୯୮୩ରେ ୟୁରୋପୀୟ ପେସାଦାର କ୍ଲବ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଡ୍ରଗ୍ସ ବ୍ୟବହାରକୁ ବାରଣ କରାଯାଇଥିଲା। ତେବେ ଦୋଷୀ ଖେଳାଳିମାନଙ୍କୁ ନିଲମ୍ବନ ପ୍ରକ୍ରିୟା ୧୯୮୯ରୁ ଆରମ୍ଭ ହୋଇଥିଲା। ୧୯୯୯ରେ ବିଶ୍ୱ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ୱାଡା) ପ୍ରତିଷ୍ଠା ହୋଇଥିଲା। ୱାଡାର ମୁଖ୍ୟାଳୟ କାନାଡ଼ାର ମଣ୍ଟ୍ରିଲ ନଗରୀରେ ଅଛି। ୟୁରୋପର ପ୍ରମୁଖ ଫୁଟବଲ ଓ ରଗ୍‌ବୀ ଫୁଟବଲ ସଂଗଠନଗୁଡ଼ିକ ଆଇଓସି ନିୟମ ମାନି ଆସୁଛନ୍ତି। ୧୯୯୦ରେ ଭାରତରେ ପ୍ରଥମ ଡୋପ୍ ଟେଷ୍ଟ ପରୀକ୍ଷାଗାର ନୂଆଦିଲ୍ଲୀରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଅଧୀନରେ କାର୍ଯ୍ୟକ୍ଷମ ହୋଇଥିଲା। ଆଇଓ କମିଶନ୍ ଓ ୱାଡାର ସର୍ତ୍ତାବଳୀ ଅନୁସାରେ ଏହି ପରୀକ୍ଷାଗାରକୁ ୨୦୦୨ରେ ଆଧୁନିକୀକରଣ କରାଯାଇଥିଲା। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଏହା ଏକ ସ୍ୱୟଂଶାସିତ ସଂସ୍ଥା। ୨୦୦୫ରେ ଭାରତୀୟ ଡିସ୍‌କସ୍ ଥ୍ରୋୟର୍ ଅନିଲ କୁମାର ଓ ନିଲମ ସିଂ ଡୋପିଙ୍ଗ୍ ଟେଷ୍ଟରେ ଧରାପଡ଼ିବା ପରେ ଦୁଇବର୍ଷ କ୍ରୀଡ଼ାରୁ ବହିଷ୍କୃତ ହୋଇଥିଲେ। ସେମାନେ ନୋରାଣ୍ଡ୍ରୋଷ୍ଟେରୋନ୍ ଡ୍ରଗ୍ ସେବନ କରିଥିଲେ। ଏହା ପରଠାରୁ ଭାରତର ଅନେକ ଆଥଲେଟ୍, ବକ୍ସର, ରେସଲର୍, ସାଇକ୍ଲିଷ୍ଟ, ୱେଟ୍‌ଲିଫ୍ଟର ଡୋପ୍ ଟେଷ୍ଟରେ ଧରାପଡ଼ି କଟକଣାର ଶିକାର ହୋଇଛନ୍ତି।

## ଅତୀତ ସ୍ମୃତିରୁ

### ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍

# ହର୍ଡଲ୍ସ କିଙ୍ଗ୍ ପଞ୍ଚାନନ ଗନ୍ତାୟତ


ଅଶୋକ ମହାନ୍ତି

ଆଥଲେଟିକ୍ସ, ଫୁଟବଲ ଓ ଭଲିବଲ ଭଳି ତିନୋଟି ଲୋକପ୍ରିୟ କ୍ରୀଡ଼ାରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରି ବହୁମୁଖୀ କ୍ରୀଡ଼ା ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟର ଅଧିକାରୀ ଥିଲେ ପଞ୍ଚାନନ ଗନ୍ତାୟତ। ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ପଞ୍ଚାନନ ୧୯୭୮ରେ କେରଳରେ ଅନୁଷ୍ଠିତ ସିନିୟର ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ...



ଆଥଲେଟିକ୍ସ, ଫୁଟବଲ ଓ ଭଲିବଲ ଭଳି ତିନୋଟି ସର୍ବାଧିକ ଲୋକପ୍ରିୟ କ୍ରୀଡ଼ାରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରିବା ନିଶ୍ଚିତ ଭାବେ ଜଣେ କ୍ରୀଡ଼ାବିତ୍‌ର ବହୁମୁଖୀ କ୍ରୀଡ଼ା ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟର ପରିଚୟ ଦେଇଥାଏ। ଏହିପରି ବିରଳ ପ୍ରତିଭାର ଅଧିକାରୀ ଥିଲେ ପଞ୍ଚାନନ ଗନ୍ତାୟତ। ତତ୍କାଳୀନ ସୁଦୂର କୋରାପୁଟ ଜିଲାର ନବରଙ୍ଗପୁର (ବର୍ତ୍ତମାନ ସ୍ୱତନ୍ତ୍ର ଜିଲା)ରେ ଜନ୍ମଗ୍ରହଣ କରିଥିବା ପଞ୍ଚାନନ ବ୍ରହ୍ମପୁର ସହରରେ ଅଧ୍ୟୟନ ସମୟରେ ତାଙ୍କର ଯଶସ୍ୱୀ କ୍ରୀଡ଼ା ଜୀବନ ଆରମ୍ଭ ହୋଇଥିଲା। ଭଗବାନଦତ୍ତ ଏକ ନିଖୁଣ ଶରୀରର ଅଧିକାରୀ ପଞ୍ଚାନନ ସ୍ୱତଃସ୍ଫୂର୍ତ୍ତ ଭାବେ ବିଭିନ୍ନ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇ ସମୟକ୍ରମେ ଆଗକୁ ଅଗ୍ରସର ହୋଇଥିଲେ। ୧୯୭୦ ବେଳକୁ ସେ ରାଜ୍ୟର କନିଷ୍ଠ ବର୍ଗରେ ଜଣେ ଉଚ୍ଚକୋଟୀର ଆଥଲେଟ୍ ଭାବେ ଉଭା ହୋଇସାରିଥିଲେ। ରାଜ୍ୟ ସ୍ତରରେ ୧୦୦ମି. ଦୌଡ଼, ଲଙ୍ଗଜମ୍ପ ଏବଂ ହାଇଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ପଞ୍ଚାନନଙ୍କୁ ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ମିଳିଲା ୧୯୭୧ରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ। ଏହି ପ୍ରତିଯୋଗିତା ବିଷୟ ଉଲ୍ଲେଖ କରି ଏକ କାର୍ଯ୍ୟକ୍ରମରେ ପଞ୍ଚାନନ କହିଥିଲେ, “ମୁଁ କେବେ ହର୍ଡଲ୍‌ସ ଇଭେଣ୍ଟରେ ଭାଗ ନେଇ ନ ଥିଲି। ପ୍ରତିଯୋଗିତାର ୪ ମାସ ପୂର୍ବରୁ ଆମେ ପ୍ରଶିକ୍ଷଣ ଶିବିରରେ ତାଲିମ ନେଉଥିବା ସମୟରେ ତତ୍କାଳୀନ ପ୍ରସିଦ୍ଧ କ୍ରୀଡ଼ାବିତ୍ ଏବଂ ପ୍ରଶିକ୍ଷକ ନନ୍ଦକୃଷ୍ଣ ଦାସ ମୋତେ ଡାକି କହିଥିଲେ, ତୋର ଶରୀର ଗଠନ, ସ୍ପ୍ରିଣ୍ଟ ଏବଂ ଜମ୍ପରେ ଥିବା ଦକ୍ଷତା ହର୍ଡଲ୍ସ ଇଭେଣ୍ଟ ପାଇଁ ଉପଯୁକ୍ତ ଏବଂ ତା’ ପରେ ଏହି ଇଭେଣ୍ଟ ପାଇଁ ମୋତେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିଥିଲେ ଏବଂ ଫଳ ସ୍ୱରୂପ ଜାତୀୟ କ୍ରୀଡ଼ାରେ (୧୯ବର୍ଷରୁ କମ୍ ବାଳକ) ୧୦୦ମି. ଦୌଡ଼, ଲଙ୍ଗଜମ୍ପ ଏବଂ ୧୧୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ପ୍ରତିଯୋଗିତାର ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲି।” ପଞ୍ଚାନନଙ୍କ ଏହି ପ୍ରଦର୍ଶନ ଥିଲା ରାଜ୍ୟ କ୍ରୀଡ଼ା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହାପରେ ସେ ଆଉ ପଛକୁ ଫେରି ନ ଥିଲେ। ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ପଞ୍ଚାନନ ୧୯୭୮ରେ କେରଳର କୁଇଲନ୍‌ଠାରେ ଅନୁଷ୍ଠିତ ବରିଷ୍ଠ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦୀର୍ଘ ୨୮ ବର୍ଷ ପରେ ଦ୍ୱିତୀୟ ପୁରୁଷ ଆଥଲେଟ୍ ଭାବେ ରାଜ୍ୟ ପାଇଁ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ (ତାଙ୍କ ଗୁରୁ ନନ୍ଦକୃଷ୍ଣ ଦାସ ୧୯୫୦ରେ ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ)।

ଜଣେ ଶ୍ରେଷ୍ଠ ଅଲ୍‌ରାଉଣ୍ଡ କ୍ରୀଡ଼ାବିତ୍ ଭାବେ ରାଜ୍ୟ ପାଇଁ ଅନେକ କୃତିତ୍ୱ ହାସଲ କରିଥିବା ପଞ୍ଚାନନଙ୍କ କ୍ରୀଡ଼ା ପ୍ରତିଭା କେବଳ ଦୌଡ଼କୁଦରେ ସୀମିତ ନ ଥିଲା। ତିନୋଟି ପ୍ରମୁଖ ଖେଳ ଯଥା ଦୌଡ଼କୁଦ, ଫୁଟବଲ ଏବଂ ଭଲିବଲରେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାରେ ରାଜ୍ୟର ଏକମାତ୍ର କ୍ରୀଡ଼ାବିତ୍ ଭାବେ ସେ ଏକ ବିରଳ ରେକର୍ଡର ଅଧିକାରୀ ଥିଲେ।

ଷ୍ଟିଲ୍‌ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଦଳକୁ ପ୍ରତିନିଧିତ୍ୱ କରି ୧୯୭୩ରେ ବମ୍ବେଠାରେ ଅନୁଷ୍ଠିତ ଜାତୀୟ ଭଲିବଲ ପ୍ରତିଯୋଗିତା (ବରିଷ୍ଠ)ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିବାରେ ଆଜି ପର୍ଯ୍ୟନ୍ତ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏତଦ୍ ବ୍ୟତୀତ ୧୯୬୯ରେ କଟକଠାରେ ଅନୁଷ୍ଠିତ ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ଫୁଟବଲ ପ୍ରତିଯୋଗିତା ଡ. ବିସି ରଏ ଟ୍ରଫିରେ ଓଡ଼ିଶା ଦଳର ସଦସ୍ୟ ଭାବେ ଚାମ୍ପିୟନଶିପ୍ ଟ୍ରଫି (ସ୍ୱର୍ଣ୍ଣ ପଦକ) ହାସଲ କରିବାରେ ସଫଳ ହୋଇଥିଲେ।

କ୍ରୀଡ଼ା କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିବା ପରେ ଜଣେ ତାଲିମପ୍ରାପ୍ତ ପ୍ରଶିକ୍ଷକ ଭାବେ ରାଜ୍ୟ ପାଇଁ ତାଙ୍କର ବିଶେଷ ଅବଦାନ ରହିଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କ୍ରୀଡ଼ା ବିଭାଗର ଅଧିକାରୀ ଭାବେ ସେ ବହୁ ଯୁବ ପ୍ରତିଭାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଏକାଧିକ ଜାତୀୟ, ଅନ୍ତର୍ଜାତୀୟ ଏବଂ ଅଲିମ୍ପିଆନ୍ସ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଦ୍ୱାରା ପ୍ରଶିକ୍ଷିତ ପ୍ରସିଦ୍ଧ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଛନ୍ତି ଅଲିମ୍ପିଆନ ରଚିତା ପଣ୍ଡା (ମିସ୍ତ୍ରୀ), ଅନୁରାଧା ବିଶ୍ୱାଳ ଏବଂ ଆହୁରି ଅନେକ। ୧୯୯୬ ‘ସାଫ’ କ୍ରୀଡ଼ା ପାଇଁ ଭାରତୀୟ ଆଥ୍‌ଲେଟିକ୍ସ ଦଳର (ହର୍ଡଲ୍ସ ଓ ରିଲେ) ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବା ପଞ୍ଚାନନ ୮୦ ଏବଂ ୯୦ ଦଶକରେ ପ୍ରାୟ ୧୦ ଥର ଭାରତୀୟ ପ୍ରଶିକ୍ଷଣ ଶିବିରରେ ମଧ୍ୟ ତାଲିମ ପ୍ରଦାନ କରିଥିଲେ।

**ପୁରସ୍କାର ଓ ସମ୍ମାନ:** ୨୦୦୪ରେ ଶ୍ରେଷ୍ଠ ପ୍ରଶିକ୍ଷକଭାବେ ରାଜ୍ୟ ସରକାରଙ୍କ ଦ୍ୱାରା (କ୍ରୀଡ଼ା ବିଭାଗ) ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ପଞ୍ଚାନନ ୨୦୧୭ରେ “କ୍ରୀଡ଼ା ପ୍ରତି ଜୀବନ ବ୍ୟାପୀ ଅବଦାନ” ପାଇଁ ସେହି ପୁରସ୍କାରରେ ଆଉଥରେ ସମ୍ମାନିତ ହୋଇଥିଲେ। ୨୦୧୯ରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ଦ୍ୱାରା “ଜୀବନ ବ୍ୟାପୀ କ୍ରୀଡ଼ା ପାଇଁ ସେବା” ପୁରସ୍କାର ହାସଲ କରିଥିଲେ।

୨୦୦୯ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର କ୍ରୀଡ଼ା ବିଭାଗର ମ୍ୟାନେଜର ପଦବୀରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପଞ୍ଚାନନଙ୍କ ଏହି ପରିଣତ ବୟସରେ କ୍ରୀଡ଼ା ପ୍ରତି ଥିବା ଆନ୍ତରିକତା, ଆବେଗ ଏବଂ ଭଲପାଇବା ଅତୁଟ ରହିଛି ଏବଂ ଏବେ ମଧ୍ୟ କ୍ରୀଡ଼ା ପ୍ରତିଭାମାନଙ୍କୁ ଦିଗ୍‌ଦର୍ଶନ ଦେବା ସହିତ ପ୍ରଶିକ୍ଷଣ ପ୍ରଦାନ ଜାରି ରଖିଛନ୍ତି।

## ଅବସର

ଚବିଶ ବର୍ଷରେ ପନ୍ଦରଶହ ମ୍ୟାଚ
ସୁଇଜରଲାଣ୍ଡର ହିରୋ
ଦେଶର ସେ ଆଜି ଗର୍ବ ଓ ଗୌରବ
କିମ୍ବଦନ୍ତୀ ଫେଡରର
ଟେନିସରୁ ଅବସର
ନେଇ କହେ କ୍ରୀଡ଼ା ମୈଦାନରେ ଫ୍ୟାନ
ଶକ୍ତି ଓ ସାହସ ମୋର।

ହକି ଇଣ୍ଡିଆର ଫାବ୍-ଥ୍ରୀ ଓଡ଼ିଆ
ତାରକା ମେଣ୍ଟକୁ ଧକ୍କା
ଲିଲିମା, ଟପ୍ପୋଙ୍କ ଅବସର ପରେ
ଏକା ଦୀପ୍‌ଗ୍ରେସ୍ ଏକ୍କା
ନମିତାଙ୍କ କଥା ପକା
ଭାରତୀୟ ଜର୍ସି ପିନ୍ଧି ଖେଳିବାଟା
କହେ ଶେଷ ସ୍ମୃତି ଲେଖା।

ଟିମ୍ ଇଣ୍ଡିଆର ରବିନ ଉଥପ୍ପା
କୋଡ଼ିଏ ବରଷ ଖେଳି
କ୍ରିକେଟକୁ ଅଲ୍‌ବିଦା କରିଅଛି
ଦେଶପ୍ରେମୀ ପାଇଁ ତାଳି
ଅବସର କାର୍ଯ୍ୟ କଳି
ଦେଶର ସମ୍ପତ୍ତି ହଡପକାରୀଙ୍କୁ
ଫାଶୀ ହେଉ ଅବା ଗୁଳି।

–ସୁବାସଚନ୍ଦ୍ର ପ୍ରଧାନ

# କାଉଣ୍ଟରରେ ୮,୪୨୧ ଟିକେଟ

**କଟକ ଅଫିସ,୨୨।୯**

ଆସନ୍ତା ସୋମବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଲିଜେଣ୍ଡ ଲିଗ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୮ମ ମ୍ୟାଚ୍। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଫ୍ ଲାଇନ୍ ଟିକେଟ ବିକ୍ରି ହେବ। ମୋଟ୍ ୮ହଜାର ୪୨୧ଖଣ୍ଡ ଟିକେଟ କାଉଣ୍ଟରକୁ ଆସିବ। ବାରବାଟୀ ଷ୍ଟାଡିୟମ ଫାଟକ ନଂ-୧୨ ନିକଟରେ

**ଲିଜେଣ୍ଡ ଲିଗ୍ କ୍ରିକେଟ**

୪ଟି କାଉଣ୍ଟର ଖୋଲା ରହିବ। ତନ୍ମଧ୍ୟରୁ ୩ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯିବାକୁ ସ୍ଥିର ହୋଇଥିବା ବେଳେ ଅନ୍ୟ ଏକ କାଉଣ୍ଟରରୁ ଅନଲାଇନ୍‌ରେ ବୁକ୍ କରିଥିବା କ୍ରିକେଟପ୍ରେମୀ ଟିକଟ ସଂଗ୍ରହ କରିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟାୟକ୍ରମେ ଟିକଟ ବିକ୍ରି କରିବାକୁ ଆୟୋଜକ ସଂସ୍ଥା ପକ୍ଷରୁ ଯୋଜନା ହୋଇଛି। କେବଳ ଗ୍ୟାଲେରୀ ନଂ-୨, ୪, କ୍ଲବହାଉସ୍ ପ୍ରଥମ ମହଲା ଏବଂ କର୍ପୋରେଟ ବକ୍ସ-୯, ୧୦ ନିମନ୍ତେ ଟିକଟ ବିକ୍ରି ହେବ। କାଉଣ୍ଟର ବିକ୍ରି ପାଇଁ ଗ୍ୟାଲେରୀ ନଂ-୨ରେ ୩୭୩୯ଟି ଟିକେଟ ଉପଲବ୍ଧ ହେବାକୁଥିବା ବେଳେ ଏହାର ମୂଲ୍ୟ ରହିଛି ୩୫୦ ଟଙ୍କା ରଖାଯାଇଛି। ସେହିପରି ସମାନ ଦର ଥିବା ଗ୍ୟାଲେରୀ ନଂ-୪ ନିମନ୍ତେ ୪୨୩୨ଟି ଟିକେଟ ଉପଲବ୍ଧ ହେବ। କ୍ଲବ ହାଉସ୍ ପ୍ରଥମ ମହଲା ଟିକଟର ମୂଲ୍ୟ ୧୨୦୦ ଟଙ୍କା ରଖାଯାଇଛି। ଏହି ସ୍ଥାନ ନିମନ୍ତେ ମାତ୍ର ୩୫୦ଟି ଟିକଟ କାଉଣ୍ଟରକୁ ଆସିବ। କର୍ପୋରେଟ ବକ୍ସ-୯ ଓ ୧୦ ନଂ ଟିକଟର ମୂଲ୍ୟ ୪୮୦୦ଟଙ୍କା ରଖାଯାଇଥିବା ବେଳେ ୬୦ଟି ଟିକେଟ କାଉଣ୍ଟରରେ ବିକ୍ରି କରାଯିବ। ଟିକେଟ ବିକ୍ରି ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ଘଟେ ସେଥିପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବ। ବାରବାଟୀରେ ଲିଜେଣ୍ଡ ଲିଗ୍‌ର ୩ଟି ମ୍ୟାଚ ଖେଳାଯିବ। ସେପ୍ଟେମ୍ବର ୨୬ ତାରିଖରେ ପ୍ରଥମ ମ୍ୟାଚ ମଣିପାଲ ଟାଇଗର୍ସ ଓ ଭିଲୱାରା କିଙ୍ଗ୍ସ ମଧ୍ୟରେ ହେବ। ୨୭ ତାରିଖ ମଙ୍ଗଳବାର ଭିଲୱାରା କିଙ୍ଗ୍ସ ବନାମ ଗୁଜରାଟ କିଙ୍ଗ୍ସ ମ୍ୟାଚ ଖେଳାଯିବ। ୨୯ ତାରିଖରେ ଇଣ୍ଡିଆ କ୍ୟାପିଟାଲ୍ସକୁ ଭେଟିବ ମଣିପାଲ ଟାଇଗର୍ସ।



ଟିକେଟ ବିକ୍ରି ପାଇଁ ପ୍ରସ୍ତୁତ ବାରବାଟୀର ୧୨ନଂ ଗେଟ୍ ପାଖ କାଉଣ୍ଟର।

# ଖେଳିପାରନ୍ତି ବୁମରା

**ନାଗପୁର, ୨୨।୯ (ପି.ଟି.)**

ଟି୨୦ ବିଶ୍ୱକପ୍‌କୁ ଏକ ମାସରୁ କମ୍ ସମୟ ରହିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍ ଖେଳୁଛି ଭାରତ। ଭାରତୀୟ ବୋଲିଂ ଲାଇନ ଅପ୍ ତଥା ବିଶେଷ ଭାବରେ ଭାରତୀୟ ଡେଥ୍ ବୋଲିଂ ଚିନ୍ତାର କାରଣ ପାଲଟିଛି। ମୋହାଲିରେ ଖେଳା ଯାଇଥିବା ପ୍ରଥମ ଟି୨୦ରେ ଭାରତୀୟ ବ୍ୟାଟରମାନେ ୨୦୮ ରନ କରିଥିବା

**ଆଜି ଦ୍ୱିତୀୟ ଟି୨୦**

ବେଳେ ବୋଲରଙ୍କ ପ୍ରଦର୍ଶନ ଅତ୍ୟନ୍ତ ଦୟନୀୟ ରହିଥିଲା। ନାଗପୁରର ଭିସିଏ ଷ୍ଟାଡିୟମରେ ଦ୍ୱିତୀୟ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଏହି ମ୍ୟାଚକୁ ଜିତି ସିରିଜକୁ ଜୀବନ୍ତ ରଖିବାକୁ ପ୍ରୟାସ କରିବ ଭାରତୀୟ ଦଳ। ତେବେ ଏପରି ସ୍ଥିତିରେ ବୁମ୍‌ରା ଦ୍ୱିତୀୟ ଟି୨୦ ଖେଳିବା ସମ୍ଭାବନା ରହିଛି। ସିରିଜ ଜୀବନ୍ତ ରଖିବା ଅପେକ୍ଷା ବିଶ୍ୱକପ୍ ପାଇଁ ଉପଯୁକ୍ତ ଏକାଦଶ ଚୟନ କରିବା ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଇଂଲଣ୍ଡ ଗସ୍ତ ପରଠାରୁ ଖେଳି ନ ଥିବା ବୁମରାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପ୍ରଥମ ଟି୨୦ ଦଳରେ ସାମିଲ ନ କରିବା ସମସ୍ତଙ୍କୁ ଚକିତ କରିଥିଲା। ବୁମରା ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି କି ନାହିଁ ତାହା ଉପରେ ଏବେ ବି ପ୍ରଶ୍ନବାଚୀ ରହିଛି। ଡିଫେଣ୍ଡ୍ ପାଇଁ ସୁଯୋଗ ଥାଇ ମଧ୍ୟ ଭାରତୀୟ ବୋଲର ବିଫଳ ହେବା ଦଳକୁ ଅଡୁଆରେ ପକାଇଛି। ସେହିପରି ମ୍ୟାଜିକ୍ ସ୍ପିନର ଯୁଜବେନ୍ଦ୍ର ଚହଲ ମଧ୍ୟ ଫେଲ୍ ମାରିଛନ୍ତି। ଦୀନେଶ କାର୍ତ୍ତିକ ବିଫଳ ହୋଇଥିଲେ ହେଁ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ଦେବ। ନାଗପୁରର ପିଚ୍ ସାମାନ୍ୟ ଧିମା ରହିଥିବା ବେଳେ ସ୍ଲୋ ବୋଲରଙ୍କୁ ସହାୟତା ମିଳିବ। ସେହିପରି କାକର ପଡିବାର ସମ୍ଭାବନା ଥିବାରୁ ଟସ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ।

# ୧୦ ଉଇକେଟରେ ଜିତିଲା ପାକିସ୍ତାନ

**କରାଚୀ,୨୨।୯(ପି.ଟି.):** ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମୁକାବିଲାକୁ ୧୦ ଉଇକେଟରେ ଜିତି ନେଇଛି ପାକିସ୍ତାନ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫ ଉଇକେଟରେ ୧୯୯ ରନ କରିଥିବା ବେଳେ ବାବର ଆଜମଙ୍କ ଶତକ ବଳରେ ବିନା ଉଇକେଟରେ ମ୍ୟାଚକୁ ଜିତିଥିଲା ପାକିସ୍ତାନ। ବାବର ଆଜମ ୧୧୦ ଓ ମହମ୍ମଦ ରିଜୱାନ ୮୮ ରନରେ ଅପରାଜିତ ଥିଲେ। ବାବର ୬୬ ବଲରେ ୧୧ ଚୌକା ଓ ୫ ଛକା ମାରିଥିଲେ। ସେହିପରି ରିଜୱାନ ୫୧ ବଲରୁ ୫ ଚୌକା ଓ ୪ ଛକା ମାରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପକ୍ଷରୁ ମୋଇନ ଅଲୀ ସର୍ବାଧିକ ୫୫ ରନ କରିଥିଲେ। ୨୩ ବଲ ଖେଳି ସେ ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବେନ୍ ଡକେଟ୍ ୪୩, ହ୍ୟାରି ବ୍ରୁକ୍ ୩୧ ଓ ଫିଲିପ୍ ସଲ୍ଟ ୩୦ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଶାହନୱାଜ ଦହାନି ଓ ହରିଶ ରୌଫ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ବାବର ଆଜମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ବାଳିକା, ବାଳକ ଦଳର ବିଜୟ ଅଭିଯାନ


ଜାତୀୟ ଜୁନିୟର ଥ୍ରୋ ବଲ୍‌ରେ ଭାଗ ନେଇଥିବା ଓଡ଼ିଶା ବାଳିକା ଓ ବାଳକ ଦଳ।

**ଭୁବନେଶ୍ୱର, ୨୨।୯ (ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ଡିଣ୍ଡିଗୁଲ୍‌ଠାରେ ଚାଲିଥିବା ୩୨ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ବାଳକ ଦଳ ପୁଲ୍ ସି'ରେ ଉତ୍ତର ପ୍ରଦେଶକୁ ୨-୧ରେ ହରାଇ ଦେଇଛି। ଏହି ପୁଲ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ତାମିଲନାଡୁ, ପଶ୍ଚିମବଙ୍ଗ ଓ ପଣ୍ଡିଚେରୀ। ବାଳିକା ବିଭାଗରେ ଓଡ଼ିଶା ଗ୍ରୁପ୍ ଡି'ରେ ସ୍ଥାନ ପାଇଛି। ଏଥିରେ ଦଳ ଏହାର ଉଦ୍‌ଘାଟନୀ ମ୍ୟାଚରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ଗ୍ରୁପ୍ ଡି'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆନ୍ଧ୍ର ପ୍ରଦେଶ, ହରିୟାଣା ଓ ତାମିଲନାଡୁ। ଗୁରୁବାରଠାରେ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍ ଆସନ୍ତା ୨୫ ତାରିଖରେ ଉଦ୍‌ଯାପିତ ହେବ।


RCEM
since 1993
Established as premier B-School providing only Management Education in the heart of the city Bhubaneswar.
Admission Opens For
MBA 2 Years Full Time Intake 240 & MBA(I) Integrated 5 Years Full Time Intake 60
Approved by AICTE, Govt. of India, New Delhi, Affiliated to BPUT,Odisha,Rourkela
Excellent Training & Placements facilities
Contact:09861152922,09338087530
Plot No.-18,Sec-A,Zone-B,Mancheswar IE, Bhubaneswar



ପେଟ ସଫା... ତ ସବୁ ରୋଗ ଦଫା



Finance Partners: TVS CREDIT, L&T Financial Services Two-wheeler Finance, IDFC FIRST Bank ALWAYS YOU FIRST, HDFC BANK We understand your world

ETFI^^: As per internal testing conditions in comparison with the BS-IV model of the same product variant. However actual mileage is subject to change and depends on various factors such as riding conditions, fuel quality, vehicle condition, and other circumstantial riding conditions.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980,. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. Authorised Dealers: Gothopatna: Ph:8249710415, Nachuni: Ph:9337788799, Tomando: Ph:7008905034, Balipatna: Ph:9776036999, Jatani: Ph:7978421266, Balugaon: Ph:9937886712, Nirakarpur: Ph:9658971360, CRP Square, Bhubaneswar: Ph:9337022334, Baghamari: Ph:9437015363, Erasama: Ph:7978497028, Naugaon: Ph:8339939725, Krushnanandapur: Ph:9237066573, Balitutha: Ph:7894845878, Dasapalla: Ph:9437354285, Rohibank: Ph: 9777737177, Kalapathar: Ph:9937844941, Ranpur: Ph:9778520193, Khandapada: Ph:7008659421, Purunakatak: Ph:9439071610, Chandpur: Ph: 9337112565, Raj Sunakhela: Ph:9437637421, Narasinghpur: Ph:9658410027, Odogaon: Ph: 98619 11414, Pipili: Ph:9861150706, Sakhigopal: Ph:9861150706, Nimapara: Ph:7381765800, Delang: Ph:9090214582, Brahmagiri: Ph:8480928882, 6370937155, Chari Chowk: Ph:8327783765, Paradeep: Ph:9937472707, Athagarh: Ph:9853429148, Abhimanpur Post: Ph:9937019555, Banki: Ph:9437666687, Badamba: Ph:9337135769, Niali: Ph:9437307967, Kandarpur: Ph:9090098000, Jagatpur: Ph:9337268787, Phulnakhara: Ph:9437037344, Salepur : Ph:8018556514 Nischintakoili: Ph:9337438686, Tangi: Ph:9437270482, Pattamundai: Ph:9938602209, Marshaghai: Ph:9938837705, Rajnagar:Ph:9439650236, Rajkanika: Ph:7978903410, Chandbali: Ph:9238514769, Basudevpur: Ph:8249905878, Balichandrapur: Ph:7978388298, Brahmabarada: Ph:7894020786, Raipur: Ph:9937963372, Mangalpur: Ph:9853486660, Bari: Ph:9437510237, Binjharpur: Ph:9090503379. Kuakhia: Ph: 9348035630, Singhpur: Ph: 9040646458.

dentsu/dha bhu/13/22



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମଙ୍ଗୁଳି,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଟାଙ୍ଗୀ ବିଦ୍ୟାପୀଠରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୨୯୯୯ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୪୯ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଥିବାବେଳେ ୮୨ଜଣଙ୍କୁ ଆସନ୍ତା ୧୫ଦିନ ମଧ୍ୟରେ ଟ୍ରାଇସାଇକେଲ ଓ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ। ବିଡିଓ ଆଶୁତୋଷ ମିଶ୍ର ଶିବିର ପରିଚାଳନା କରିଥିଲେ। ଅନ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ସେକ୍ ସାହାଜାନ, ଜନ୍ମେଜୟ ଖିଲାର, ରାଜେଶ ରଞ୍ଜନ ଷଡଙ୍ଗୀ, ବ୍ଲକ ବିଜେଡି ସଭାପତି ତାପସ ସାହୁ ଅତିଥିଭାବେ ଉପସ୍ଥିତ ଥିଲେ।


ଷୋଳପୂଜା ଅବସରରେ ଗୁରୁବାର ମା' କଟକ ଚଣ୍ଡୀଙ୍କ ରାଜ ରାଜେଶ୍ୱରୀ ବେଶ।


ଗଡ଼ଚଣ୍ଡୀଙ୍କ ଗଜଲକ୍ଷ୍ମୀ ବେଶ।


ଝାଞ୍ଜିରୀ ମଙ୍ଗଳାଙ୍କ କମଳା ବେଶ।


ବାସନ୍ତୀ ଦୁର୍ଗାଙ୍କ ଉଗ୍ରତାରା ବେଶ।


ପୀଠାପୁରସ୍ଥିତ ଧାକୁଲେଇଙ୍କ କମଳା ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ଷଷ୍ଠ ଦିନର ବେଶ।

## ସଂକ୍ଷେପରେ

### ଗଛରେ ପିଟିହେଲା ସ୍କୁଲ ବସ୍, ବର୍ତ୍ତିଲେ ଛାତ୍ରୀଛାତ୍ର

**କଟକ ଅଫିସ,୨୨।୯:** ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଗୁରୁବାର ସକାଳେ ଏକ ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ଛାତ୍ରୀଛାତ୍ରମାନେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ସାଢେ ୭ଟାରେ ବସ୍‌ଟି ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିଲା। ହେଲେ ଚାଳକଙ୍କ ଅସାବଧାନତା ଯୋଗୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡରେ ଚଢ଼ିଯିବା ପରେ ଏକ ଗଛରେ ପିଟି ହୋଇଯାଇଥିଲା। ପରେ ବସ୍ ଭିତରୁ ପ୍ରାୟ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

### ଘରୁ ବଜ୍ରକାପ୍ତା ଉଦ୍ଧାର

**କଟକ ସଦର,୨୨।୯(ଡି.ଏନ୍.ଏ.):** କିଶନନଗର ଥାନା ଅନ୍ତର୍ଗତ ସିର୍ଲୋ ମୁସଲମାନ ବସ୍ତିର ଜଣେ ବ୍ୟକ୍ତିଙ୍କ ଘରୁ ଏକ ବଜ୍ରକାପ୍ତା ଗୁରୁବାର ଉଦ୍ଧାର କରାଯାଇଛି। ପରେ ଏହାକୁ ନନ୍ଦନକାନନରେ ଛାଡ଼ିବା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଏହି ବଜ୍ରକାପ୍ତାକୁ ସମ୍ପୃକ୍ତ ବ୍ୟକ୍ତି ନିଜ ଘରେ ରଖିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିବା ପରେ କଟକ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିଥିବା ଜଣାପଡିଛି।

### ବିଜୁ ଭବନରେ ସିଏମ୍‌ସିର ବୈଠକ

**କଟକ ଅଫିସ, ୨୨।୯:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁଭବନ ପରିସରରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାର୍କିଂ ପାଇଁ ଜାଗା, ଭେଣ୍ଡିଂ ଜୋନ୍ ଚିହ୍ନଟ, ବର୍ଜ୍ୟବସ୍ତୁ ଉଠାଣ, ବେଆଇନ ହୋର୍ଡିଂ ଉଚ୍ଛେଦ, ରାସ୍ତାରୁ ଅବରୋଧ ହଟାଇବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏସ୍‌ସିବି ମେଡିକାଲ କଲେଜର ପ୍ରଶାସକ, ଜାଇକା ଏନ୍‌ଫୋର୍ସମେଣ୍ଟ ଇଞ୍ଜିନିୟର, ସିଡିଏ ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ରୋଗୀ ସମ୍ପର୍କୀୟଙ୍କୁ ଠକେଇ, ଆଟେଣ୍ଡାଣ୍ଟ ଗିରଫ

**କଟକ ଅଫିସ,୨୨।୯:** ଏସ୍‌ସିବି ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ଠକିନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଆଟେଣ୍ଡାଣ୍ଟଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ମେଡିକାଲରେ ନିଯୁକ୍ତ ଏକ ଠିକାସଂସ୍ଥାର ଆଟେଣ୍ଡାଣ୍ଟ କୁନ୍ଦନ ଜେନା(୩୬)। ସୂଚନା ଅନୁସାରେ, ଢେଙ୍କାନାଳ ଜିଲା ପୋଡପଡ଼ାର ଆଶିଷ କୁମାର ସାହୁଙ୍କ ଜଣେ ସମ୍ପର୍କୀୟ ଦୁର୍ଘଟଣାରେ ଆହତ ହେବା କାରଣରୁ ଗତ ୨୦ ତାରିଖରେ ତାଙ୍କର ଅପରେଶନ କରାଯାଇଥିଲା। ଅପରେଶନ ଚାଲିଥିବା ସମୟରେ ଓଟି ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ କୁନ୍ଦନ ୪ଟି ରଡ୍ ଲଗାଇବାକୁ ୧୨୦୦ ଟଙ୍କା ଦେବା ପାଇଁ ଆଶିଷଙ୍କୁ କହିଥିଲେ। ଫଳରେ ସେ ତାଙ୍କୁ ଟଙ୍କା ଦେଇଥିଲେ। ମାତ୍ର ଅପରେଶନ ସରିବା ପରେ ଏନେଇ ସେ ଡାକ୍ତରଙ୍କୁ ପଚାରିବାରୁ କୌଣସି ଦେୟ ଦେବାକୁ ପଡ଼େ ନାହିଁ ବୋଲି ଜାଣିବାକୁ ପାଇଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୪୧/୨୨) ରୁଜୁ କରିଥିଲା।

# ପୂଜାରେ ଭୋଗ ହେବ ରାଜସ୍ଥାନୀ ଲଡୁ

**କଟକ ଅଫିସ, ୨୨।୯**



**ନୟାସଡ଼କ ମାରୱାଡି ପୂଜା କମିଟି**

କଟକ ସହରରେ ପୂଜା ପାଇଁ ବିଭିନ୍ନ ମଣ୍ଡପ ଚଳଚଞ୍ଚଳ ହୋଇଉଠିଛି। ପୂଜା ପାଖେଇ ଆସୁଥିବାରୁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସହରରେ ନୟାସଡ଼କ ମାରୱାଡି ପୂଜା କମିଟିର ଅନନ୍ୟ ପରମ୍ପରା ରହିଛି। ଏଠାରେ ଦୁର୍ଗାପୂଜା ସମୟରେ ହରପାର୍ବତୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ନୟାସଡ଼କ ଅଞ୍ଚଳରେ ପ୍ରଥମେ ଟେଣ୍ଟ ବନ୍ଧାଯାଇ ହରପାର୍ବତୀଙ୍କୁ ପୂଜା କରାଯାଉଥିଲା। ପରେ ସାହି ପୁରବିମାନେ ସ୍ଥାୟୀ ମଣ୍ଡପ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ୧୯୬୦ରୁ ସ୍ଥାୟୀ ମଣ୍ଡପ ନିର୍ମାଣ ହୋଇ ପୂଜା କରାଯାଇଆସୁଛି। ସ୍ଥାନୀୟ ଅଞ୍ଚଳରେ ବହୁ ସଂଖ୍ୟକ ସୁନାରୁପା ଦୋକାନ ରହିଛି। ବ୍ୟବସାୟୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ପୂଜା ଆୟୋଜନ କରାଯାଉଛି। ୨୦୧୪ରେ ଉକ୍ତ କମିଟି ଚାନ୍ଦିମେଢ ତାଲିକାରେ ସାମିଲ ହୋଇଥିଲା। ଏଠାରେ ହରପାର୍ବତୀଙ୍କର ଚାନ୍ଦିମେଢର ଓଜନ ପ୍ରାୟ ୨ କୁଇଣ୍ଟାଲ ରହିଛି। ଏହି ମେଢର କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ନିଆରା। ମୃଣ୍ମୟୀ ମୂର୍ତ୍ତି ସମ୍ମୁଖରେ ଝୁଲଣ ସହ ପଛପାଖେ ଆକର୍ଷଣୀୟ ତାରକସି କାର୍ଯ୍ୟ ହୋଇଛି। ଚଳିତବର୍ଷ ପୂଜା ପାଇଁ ପ୍ରାୟ ୭ ଲକ୍ଷ ଟଙ୍କା ବଜେଟ ରଖାଯାଇଥିବା କମିଟି କର୍ମକର୍ତ୍ତାମାନେ କହିଛନ୍ତି। ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳକୁ ଆଲୋକମାଳାରେ ସଜାଇବା ପାଇଁ କଲିକତାରୁ ଲାଇଟ୍ ଆସିଥିବା ଜଣାପଡିଛି। ପୂଜା ସମୟରେ ୨ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା ରହିଛି। ଅନ୍ୟ ପୂଜା କମିଟି ଅପେକ୍ଷା ଏଠାରେ ହରପାର୍ବତୀଙ୍କ ନିକଟରେ ରାଜସ୍ଥାନୀ ଲଡୁ ଭୋଗ ହେବାର ସ୍ୱତନ୍ତ୍ରତା ରହିଛି। ପରେ ଏହି ଲଡୁ ଅଞ୍ଚଳବାସୀଙ୍କୁ ବଣ୍ଟାଯାଏ। ପାରମ୍ପରିକ ବାଜା ଓ ଘଣ୍ଟରେ ଭସାଣି ଶୋଭାଯାତ୍ରା କରାଯିବ।



"କରୋନା ପରେ ଚଳିତବର୍ଷ ପୂଜାକୁ ଆଡମ୍ବରପୂର୍ଣ୍ଣ କରାଯିବ। ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁମାନେ କିଭଳି ଭାବେ ଶାନ୍ତିଶୃଙ୍ଖଳାର ସହ ଠାକୁରଙ୍କ ଦର୍ଶନ କରିବେ ସେଥିପାଇଁ ବିଶେଷ ଦୃଷ୍ଟି ଦିଆଯିବ।

**ସଞ୍ଜୟ କୁମାର ସାହୁ, ସଭାପତି**



"ପୂଜା ଓ ଭସାଣିବେଳେ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ପୂଜା ପୂର୍ବରୁ ଥିବା ସମସ୍ୟା ଗୁଡିକର ସମାଧାନ କରାଯିବ। ଚଳିତବର୍ଷ ପୂଜା ସମୟରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯିବ। ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇବାକୁ କମିଟିର ଯୋଜନା ରହିଛି।

**ବିଶାଲ ଶର୍ମା, ସମ୍ପାଦକ**

# ମହିଳାଙ୍କ ମୃତଦେହ ଜବତ: ସ୍ୱାମୀ, ଶାଶୁ ଅଟକ

**ଫୁଲନଖରା,୨୨।୯ (ଡି. ଏନ୍.ଏ.)**

କଟକ ସଦର ଥାନା ଅଧୀନ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ମହିଳାଙ୍କ ମୃତଦେହକୁ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉତ୍ତର ଗବବସ୍ତ ଗ୍ରାମର ସାହିନ ସୁଲ୍‌ତାନା(୨୨)। ପୋଲିସ ସୂତ୍ରରୁ ପ୍ରକାଶ, ସାହିନ ୮ମାସ ତଳେ ନଦୀମ ଅକ୍ତରଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଗୁରୁବାର ସକାଳେ ସାହିନ ଫ୍ୟାନ୍‌ରେ ଝୁଲି ପଡିଥିବା ଶାଶୁଘର ଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ମହୀଧରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାହିନଙ୍କ ବାପଘର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଯୌତୁକ ଦାବି କରି ଶାଶୁଘର ଲୋକେ ସାହିନଙ୍କୁ ମାରି ଦେଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୪୨୨/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ


ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଶିଶୁ ଭବନରେ ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

**କଟକ ଅଫିସ,୨୨।୯**

**ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ**

ଇସ୍ପାତ ଓ ଖଣି, ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗୁରୁବାର କଟକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ, ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ତଥା ରୂପାନ୍ତରୀକରଣ କାର୍ଯ୍ୟ, ଶିଶୁଭବନରେ ନୂତନ ଭିତ୍ତିଭୂମିର ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟରେ କାର୍ଯ୍ୟଗୁଡ଼ିକ ଶେଷ କରିବା ନିମନ୍ତେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କୁ ମନ୍ତ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ୫୪ ନଂ. ୱାର୍ଡ ଅନ୍ତର୍ଗତ ନୂଆବଜାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପଗୁଡ଼ିକ ପରିଦର୍ଶନ ପରେ ସର୍କିଟ ହାଉସ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ପ୍ରକଳ୍ପ ନିର୍ଦ୍ଦେଶକ, ଡେପୁଟି କଲେକ୍ଟର, ବିଭାଗୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ପ୍ରମୁଖ ଉପସ୍ଥିତ ଥିଲେ।

# 'ସଚେତନତା ଦ୍ୱାରା ବାଲ୍ୟବିବାହ ରୋକିହେବ'


କଟକ ବାରବାଟୀ ପ୍ୟାଲେସଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

**କଟକ ଅଫିସ, ୨୨।୯**

**ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ କର୍ମଶାଳା**

କଟକସ୍ଥିତ ବାରବାଟୀ ପ୍ୟାଲେସଠାରେ ଜିଲା ପ୍ରଶାସନ, ୟୁନିସେଫ୍ ଏବଂ ଆକ୍ସନଏଡ୍ ସଂଗଠନ ପକ୍ଷରୁ ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଇଲ୍ଡଲାଇନ ନିର୍ଦ୍ଦେଶିକା ଶୈଳ ବେହେରା ଯୋଗଦେଇ କହିଥିଲେ, ସଚେତନତା ମାଧ୍ୟମରେ ଏଥିସମ୍ବନ୍ଧିତ ସାମାଜିକ ପ୍ରଥାକୁ ପ୍ରତିହତ କରିବା ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ନାରୀ ସଶକ୍ତୀକରଣ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପର ବହୁଳ ପ୍ରଚାର ପ୍ରସାର କରାଯିବାକୁ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଉପଯୁକ୍ତ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ମାଧ୍ୟମରେ ବାଲ୍ୟବିବାହ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଉଦ୍ୟମ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆକ୍ସନଏଡ ଜିଲା ସଂଯୋଜିକା ନିବେଦିତା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଜିଲା ଶିଶୁ ମଙ୍ଗଳ ସମିତି ସଭ୍ୟ ଅମିୟ ବିଶ୍ୱାଳ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଭୟ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ମାନସୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ମଞ୍ଜୁଲତା ନାୟକ ଧନ୍ୟବାଦ ଦେଇଥିଲେ।

# ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ନିଆଳି, ୨୨।୯(ଡି.ଏନ୍.ଏ.)**

ନିଆଳି ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ନଷ୍ଟ ହୋଇଯାଇଛି। ଏଥିଯୋଗୁ ଉକ୍ତ ଅଞ୍ଚଳର ଟେଲିଫୋନ୍ ସେବା ବାଧାପ୍ରାପ୍ତ ହୋଇଛି। ଅପରାହ୍ନରେ ଉକ୍ତ କାର୍ଯ୍ୟାଳୟ ପରିସରରେ ଥିବା ଟ୍ରାନ୍ସଫର୍ମରରୁ ହଠାତ୍ ନିଆଁ ଲାଗି ଜେନେରେଟର ରୁମ୍ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଅଫିସ୍ କର୍ମଚାରୀ ନିରଞ୍ଜନ ଭୂୟାଁ ଏହା ଦେଖି ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ତୁରନ୍ତ ଲାଇନ୍ କଟାଯିବା ପରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ

**କଟକ ଅଫିସ, ୨୨।୯**

**୨୯ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗଣବିକ୍ଷୋଭ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ସାଧାରଣ ଲୋକଙ୍କର ଜୀବନ ଦୁର୍ବିଷହ ହୋଇପଡିଛି। ଔଷଧଠାରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ଶିକ୍ଷା, ସ୍ୱାସ୍ଥ୍ୟସେବା, ରେଳ, ବ୍ୟାଙ୍କ, ବୀମା, ପ୍ରତିରକ୍ଷା ଆଦି ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗକୁ ଘରୋଇକରଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନୀତିକୁ ଓଡ଼ିଶା ସରକାର ସମର୍ଥନ ଦେଉଛନ୍ତି। ବିଦ୍ୟୁତ୍ ସମ୍ପଦରେ ଓଡ଼ିଶା ବଳକା ରାଜ୍ୟ ହେବା ସତ୍ତ୍ୱେ ରାଜ୍ୟ ସରକାର ଘରୋଇ କମ୍ପାନୀ ହାତକୁ ଟେକି ଦେଇଛନ୍ତି ବୋଲି କଟକସ୍ଥିତ ଗାନ୍ଧୀଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଗଣବିକ୍ଷୋଭ କରାଯିବ। ଉକ୍ତ ଗଣବିକ୍ଷୋଭକୁ ସଫଳ କରିବା ପାଇଁ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଔଷଧର ମୂଲ୍ୟ ହ୍ରାସ କରିବା, ସହରାଞ୍ଚଳର ବସ୍ତିବାସିନ୍ଦାଙ୍କୁ ଆଇନ ଅନୁଯାୟୀ ଥଇଥାନ, ଭୂମିହୀନଙ୍କୁ ଘରଡିହ ସହ ଜମିପଟ୍ଟା ପ୍ରଦାନ, ଜାତୀୟ ଶିକ୍ଷାନୀତି-୨୦୨୦କୁ ବାତିଲ ଆଦି ୧୨ ଦଫା ଦାବି ନେଇ ଗଣବିକ୍ଷୋଭ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ(ସି) ଅଫିସ୍ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଦୀପକ ଦାସ ଓ ଭାଗ୍ୟରବି ଦାସ ଯୋଗଦେଇ ଗଣବିକ୍ଷୋଭକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

# ମଣ୍ଡପରେ ଲାଗିବ ସଚେତନତା ପୋଷ୍ଟର

**କଟକ ଅଫିସ,୨୨।୯**


ବୈଠକରେ ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

**ଅଗ୍ନି ନିରାପତ୍ତା ନେଇ ସିଏମ୍‌ସିର ସ୍ୱତନ୍ତ୍ର ବୈଠକ**

- ସଜାଗ ରହିବେ ବିଦ୍ୟୁତ୍ ଓ ଅଗ୍ନିଶମ କର୍ମଚାରୀ
- ମହଜୁଦ ରହିବ ବାଲି, ପାଣି

ଚଳିତବର୍ଷ କଟକ ସହରରେ ଦୁର୍ଗାପୂଜା ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏନେଇ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ବୈଠକ ବିଜୁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମଣ୍ଡପଗୁଡିକରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରି ଦାସ, ଅଗ୍ନିଶମ ଅଧିକାରୀ ମନୋଜ କୁମାର ମହାପାତ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଅମିୟ କୁମାର ନାୟକ ଉପସ୍ଥିତ ରହି ମଣ୍ଡପ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ଶର୍ଟ୍‌ସର୍କିଟ୍ କିମ୍ବା ହୋମଯଜ୍ଞ କାରଣରୁ ଅଗ୍ନିକାଣ୍ଡ ଘଟିବା ସମ୍ଭାବନା ରହିଛି। ସେଥିପାଇଁ ଲୋକଙ୍କୁ ସଚେତନ କରିବାକୁ କମିଶନର କହିଥିଲେ। ଏଥିସହ ମଣ୍ଡପଗୁଡିକରେ ସଚେତନତା ସମ୍ପର୍କିତ ପୋଷ୍ଟର ଲଗାଯିବ। ସେହିପରି ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ଓ ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଫୋନ ନମ୍ବର ମଣ୍ଡପଗୁଡିକରେ ଲଗାଯିବ। ଯଦି କୌଣସି ସ୍ଥାନରେ ନିଆଁ ଲାଗେ ତେବେ ସଙ୍ଗେ ସଙ୍ଗେ ଉକ୍ତ ନମ୍ବରରେ ଯୋଗାଯୋଗ କରି ଖବର ଦେବାକୁ କୁହାଯାଇଛି। ପ୍ରତ୍ୟେକ ମଣ୍ଡପରେ ପ୍ରାଥମିକ ସ୍ତରରେ ବାଲି ଓ ପାଣି ମହଜୁଦ ରଖାଯିବ। ଜନ ଜାଗରଣ ବାର୍ତ୍ତା ସହ ପୂଜା କମିଟି ସଦସ୍ୟଙ୍କୁ ସଚେତନ କରାଇବାକୁ ବୈଠକରେ କୁହାଯାଇଛି।




୨୨।୯।୨୦୨୨

| | |
|---|---|
| ୩,୫୩,୨୫୪ ଟଙ୍କା | |
| ସୁନା | ୧୧.୯୫୦ ଗ୍ରାମ |
| ରୁପା | ୩୮୭ ଗ୍ରାମ |

## ସଂକ୍ଷେପରେ

### ଅଗ୍ନି ବିପନ୍ନଙ୍କୁ ଭେଟିଲେ ସଞ୍ଜୟ ଦାସବର୍ମା

ପୁରୀ ଅଫିସ, ୨୨।୯: ବ୍ରହ୍ମଗିରି ବ୍ଲକ କୁଶୁବେଣ୍ଟି ପଞ୍ଚାୟତ ଅଧୀନ ଗୋଲରା ଗ୍ରାମର ଅଗ୍ନି ବିପନ୍ନ ବାସନ୍ତୀ ମହାରଣାଙ୍କ ପରିବାରକୁ ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଦାସବର୍ମା ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ସହିତ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ପୁରୀ ଜିଲା ପରିଷଦ ଅଧକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନମାଳା ବେହେରା, ଉପାଧକ୍ଷା ମାଳିନୀ ଦଲାଇ, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, କୁଶୁବେଣ୍ଟି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ବୃନ୍ଦାବନ ପ୍ରଧାନ ଓ ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

### ଲୁଟେରା ଗ୍ୟାଙ୍ଗ ଗିରଫ: ୧୧ ମୋବାଇଲ ଜବତ

ପୁରୀ ଅଫିସ: ପୁରୀ ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କଠାରୁ ମୋବାଇଲ ଫୋନ୍ ଲୁଟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ବାଲି ଉପର ସଞ୍ଜୟ ଜୀ କଲୋନୀର ସୋନୁ ନାୟକ, ଶିବ ନାୟକ, ରାମଚଣ୍ଡୀ ବାଲିକୁଦାର ଜି.ସୁନିଲ ରେଡୀ, ଏବଂ ବିପିନ୍ ପ୍ରଧାନ । ପୋଲିସ ଏମାନଙ୍କଠାରୁ ଚୋରି ହୋଇଥିବା ୧୧ଟି ମୋବାଇଲ ଫୋନ୍ ଏବଂ ଗୋଟିଏ କେଟିଏମ୍ ବାଇକ ଜବତ କରିଛି । ସୂଚନା ଅନୁଯାୟୀ ଢେଙ୍କାନାଳ ଅଞ୍ଚଳର ବି.ସୂର୍ଯ୍ୟ ରୋଶନ ଗତ ୧୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ସେ ତାଙ୍କ ସାଙ୍ଗ ସହିତ ରେଳ ଷ୍ଟେଶନ ନିକଟରେ ଠିଆ ହୋଇଥିବାବେଳେ ଅଭିଯୁକ୍ତ ଏକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଫୋନ ଝାମ୍ପିନେଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା।

# ୪ ଲକ୍ଷ ପରିବାର ୮ ମାସ ହେଲା ଗହମ ପାଉନାହାନ୍ତି

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା





ପୁରୀ ଅଫିସ, ୨୨।୯:

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପୁରୀ ଜିଲାର ପ୍ରାୟ ୪ ଲକ୍ଷ ଗରିବ ପରିବାରକୁ ଗତ ଫେବୃୟାରୀ ମାସଠାରୁ ଗହମ ମିଳୁନାହିଁ। ଏଥିଯୋଗୁ ସେମାନେ ୮ମାସ ହେଲା ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରୁ ବଞ୍ଚିତ ରହିଛନ୍ତି। ଖୋର୍ଦ୍ଧାର ଜଟଣୀ ଗୋଦାମରୁ ଗହମ ଉଠାଇବାକୁ କେନ୍ଦ୍ରକରି ରାଜ୍ୟ ଯୋଗାଣ ନିଗମ ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଅଧିକାରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୁରୀ ଜିଲାର ପ୍ରାୟ ୪ଲକ୍ଷ ପରିବାର ଗହମ ପାଇପାରୁନାହାନ୍ତି। ଫଳରେ ସେମାନେ ଖାଦ୍ୟ ଲାଗି ହଇରାଣ ହେଉଛନ୍ତି। ଏ ନେଇ ପୁରୀ ବିକାଶ ପରିଷଦ ପକ୍ଷରୁ ସଭାପତି ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁ.ପି (ସି) ନଂ.୨୪୩୧୧/୨୦୨୨) ରୁଜୁ କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ, ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସଚିବ, ଭାରତୀୟ ଖାଦ୍ୟ ନିଗମ, ଓଡ଼ିଶା ଯୋଗାଣ ନିଗମ, ପୁରୀ ଜିଲାପାଳ ଏବଂ ଯୋଗାଣ ଅଧିକାରୀଙ୍କ ବିରୋଧରେ ଏହି ମକଦ୍ଦମା ରୁଜୁ କରାଯାଇଛି। ଏମାନଙ୍କ ଯୋଗୁ ଗରିବ ହିତାଧିକାରୀ ଗହମ ପାଉ ନ ଥିବାବେଳେ ଏହାଦ୍ୱାରା ସେମାନଙ୍କ ସାମ୍ବିଧାନିକ ଓ ମୌଳିକ ଅଧିକାର ଉଲ୍ଲଂଘନ ହୋଇଥିବା ବସ୍ତିଆ ଅଭିଯୋଗ କରିଛନ୍ତି।

ବସ୍ତିଆଙ୍କ ସୂଚନା ଅନୁଯାୟୀ, ଜଟଣୀ ଟ୍ରକ୍ ମାଲିକ ସଂଘର ବାରମ୍ବାର ବିରୋଧ ଯୋଗୁ ପୁରୀ ଜିଲାର ଖାଉଟିଙ୍କ ଲାଗି ଉଦ୍ଦିଷ୍ଟ ଗହମ ଉଠାଯାଇ ପାରୁ ନ ଥିବା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଜଟଣୀ ଗୋଦାମ ପରିବର୍ତ୍ତେ କଟକ ଗୋଦାମରୁ ପୁରୀ ଜିଲା ପାଇଁ ଗହମ ପ୍ରଦାନ ନିମନ୍ତେ ସେ ଏଫ୍‌ସିଆଇକୁ ଏକାଧିକ ଚିଠି ଲେଖିଥିଲେ। ଏଫ୍‌ସିଆଇ ଏଥିଲାଗି ଅନୁମତି ଦେଉ ନ ଥିବାରୁ ପୁରୀ ଜିଲା ସକାଶେ ତିନୋଟି ଯୋଜନାରେ ୮ମାସ ଧରି ଗହମ ଉଠାଯାଇ ପାରୁନାହିଁ। ପୁରୀ ବିକାଶ ପରିଷଦ ପକ୍ଷରୁ ଏ ସମ୍ପର୍କରେ ଗତ ମେ ମାସରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମକଦ୍ଦମା ରୁଜୁ କରାଯାଇଥିଲା। ତାହାକୁ ବିଚାର କରି ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗତ ଜୁନ ୧୩ରେ ଏନ୍‌ଏଚ୍‌ଆର୍‌ସି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏପର୍ଯ୍ୟନ୍ତ ପୁରୀ ଜିଲାର ଖାଉଟି ଗହମ ପାଇପାରିନାହାନ୍ତି। ତେଣୁ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ସହ ପ୍ରାୟ ୪ଲକ୍ଷ ଗରିବ ପରିବାରକୁ ସରକାରୀ ଯୋଜନାରେ ଗହମ ଯୋଗାଣ ନିମନ୍ତେ ନିର୍ଦ୍ଦେଶ ଦେବାକୁ, ଅବହେଳା କରିଥିବା ଅଫିସର ଏବଂ ଗହମ ଉଠାଇବାରେ ବାଧା ସୃଷ୍ଟି କରୁଥିବା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପରିଷଦ ପକ୍ଷରୁ ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ଆଗାମୀ ୨୬ ତାରିଖରେ ଏହି ମାମଲାର ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ଏହାପୂର୍ବରୁ ଏ ନେଇ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଏଫ୍‌ସିଆଇ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇ ଅନୁରୋଧ କରାଯାଇଥିଲା। ଏସବୁ ସତ୍ତ୍ୱେ ପଦକ୍ଷେପ ନିଆ ନ ଯିବାରୁ ପୁରୀ ବିକାଶ ପରିଷଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

# ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା



ସାଇକେଲ ଆରୋହୀ ଦିଲ୍ଲୀପ ଭରତ ମଲ୍ଲିକଙ୍କୁ ନିମାପଡ଼ାରେ ସ୍ୱାଗତ କରାଯାଉଛି।

ନିମାପଡ଼ା,୨୨।୯(ଡି.ଏନ୍.ଏ.)

ମହାରାଷ୍ଟ୍ରର ନାଗପୁରଠାରୁ ଭାରତ ଭ୍ରମଣରେ ବାହାରିଥିବା ସାଇକେଲ ଆରୋହୀ ଦିଲ୍ଲୀପ ଭରତ ମଲ୍ଲିକ(୫୪)ଙ୍କୁ ଗୁରୁବାର ନିମାପଡ଼ାରେ ସ୍ୱାଗତ କରାଯାଇଛି। ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଚାରିଛକ ପ୍ରେସ୍‌ର ସଭାପତି ପ୍ରଫୁଲ୍ଲ କର, ସମ୍ପାଦକ ବସନ୍ତ ଦାସ, ଖବରଦାତା ପ୍ରତାପ ମଲ୍ଲିକ, ପୂର୍ବତନ ସରପଞ୍ଚ ଅରକ୍ଷିତ ଜେନା, ଯୁବନେତା ମହେନ୍ଦ୍ର ନାୟକଙ୍କ ସମେତ ସ୍ଥାନୀୟ ବହୁ ବ୍ୟକ୍ତି, ସାମାଜିକ କର୍ମୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଦିଲ୍ଲୀପ ଗତ ଜାନୁୟାରୀ ୨୬ରୁ ନାଗପୁରରୁ ସାଇକେଲରେ ଭାରତ ଭ୍ରମଣରେ ବାହାରିଥିଲେ। ୭ ମାସ ୫ ଦିନ ମଧ୍ୟରେ ୩୧ ହଜାର ୨୫୦ କି.ମି. ରାସ୍ତା ଏବଂ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ଜିଲା ପରିଭ୍ରମଣ କରିଥିବା ମଲ୍ଲିକ କହିଛନ୍ତି। ଭାରତ ଭ୍ରମଣବେଳେ ସାରା ଦେଶକୁ ପଲିଥିନ୍‌ମୁକ୍ତ, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଞ୍ଚାଅ ବେଟି ବଢାଅ, ଯବାନଙ୍କୁ ସମ୍ମାନ ପ୍ରଦାନ, ପରିବେଶକୁ ପ୍ରଦୂଷଣମୁକ୍ତ, ପରିବେଶ ସୁରକ୍ଷା ଆଦି ଦିଗରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଚାରିଛକ ଅଞ୍ଚଳବାସୀ ମଲ୍ଲିକଙ୍କ ଏହି ଯାତ୍ରାର ସଫଳ କାମନା କରିଥିଲେ।




ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅବସରରେ ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମ ।

# କଲେଜ ଗରିମା ବଜାୟ ରଖିବାକୁ ଛାତ୍ରୀଛାତ୍ରଙ୍କ ଶପଥ

ସାକ୍ଷୀଗୋପାଳ, ୨୨।୯(ଡି.ଏନ୍.ଏ./ସ୍ୱ.ପ୍ର.)

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷର କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କର ସ୍ୱାଗତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିନୋଟି ବିଭାଗର ପ୍ରାୟ ୬ ଶହ ନବାଗତା ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କଲେଜର ଗରିମା ବଜାୟ ରଖିବାକୁ ଶପଥ ନେଇଥିଲେ। ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡା ସଭାପତିତ୍ୱ କରି ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ କଲେଜର ଗୌରବମୟ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ । ଐତିହ୍ୟ, ପରମ୍ପରା, ଶୃଙ୍ଖଳା, ଶୈକ୍ଷିକ ପରିବେଶ, କ୍ରୀଡ଼ା, କଳା, ସାଂସ୍କୃତିକ ପ୍ରତିଯୋଗିତା, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ, ପାଠାଗାର ତଥା ପଠନ ଗୃହ ଅନ୍ୟ କଲେଜଠାରୁ ଉତ୍କୃଷ୍ଟ ବୋଲି ଡ. ପରିଡା ପ୍ରକାଶ କରିଥିଲେ। ପ୍ରଫେସର ସୁଜାତା ମହାପାତ୍ର, ପ୍ରଫେସର ମନୋଜ ପରିଡା, ସ୍ୱର୍ଣ୍ଣଲତା ମାହାରୀ, ସତ୍ୟ ଶିବ ସୁନ୍ଦର, ଚନ୍ଦ୍ରଶେଖର ତ୍ରିପାଠୀ, କଳ୍ପନା କୁମାରୀ ମହାପାତ୍ର, ସସ୍ମିତା ପ୍ରଧାନ, ଶଙ୍କର ପ୍ରସାଦ ମିଶ୍ର, ନଳିନୀ ଲୋଚନ ଦାଶ, ରାଜଶ୍ରୀ ଶତପଥୀ, ବିଜୟଲକ୍ଷ୍ମୀ ମିଶ୍ର, ଜିତେନ ଦାସ, ପ୍ରଫେସର ଶୁଭଦୀପ୍ତା ପଟ୍ଟନାୟକ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ମୁଖ୍ୟ କିରାଣି ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

# ସାଇବର ଆଇନ ସଂକ୍ରାନ୍ତ ସଚେତନତା

ପୁରୀ ଅଫିସ, ୨୨।୯:

ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏସ୍‌ସିଏସ୍ କଲେଜ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଉଦଘାଟନ କରିଥିଲେ। ଆଜିର ସାମାଜିକ ଗଣମାଧ୍ୟମ ନିରାପତ୍ତା ଓ ସାଇବର ଆଇନ ସମ୍ପର୍କିତ ଆଇନଗତ ବିଧି ବ୍ୟବସ୍ଥା ଓ ଦଣ୍ଡ ବିଷୟରେ ସେ ଆଲୋକପାତ କରିଥିଲେ। ସାଇବର ଅପରାଧରେ କମ୍ପ୍ୟୁଟର, ମୋବାଇଲ ଫୋନ ଅଥବା ଇଣ୍ଟରନେଟ୍ ସଂଯୁକ୍ତ ଇଲେକ୍ଟ୍ରୋନିକ୍ସ ଗାଜେଟରୁ ତଥ୍ୟ ଚୋରି କରାଯାଇଥାଏ। ଅନ୍ୟ କମ୍ପ୍ୟୁଟରରୁ ତଥ୍ୟ ଚୋରି, ହ୍ୟାକ, ଅଶ୍ଳୀଳ ବାର୍ତ୍ତା କରିବା, ଚିତ୍ର, ଭିଡିଓ ପଠାଇବା, ଅନ୍ୟର ପାସ୍‌ୱାର୍ଡ ଚୋରି କରିବା, ଭାଇରସ୍ ପଠାଇବା ଇତ୍ୟାଦି ଗୋଟିଏ ଗୋଟିଏ ସାଇବର ଅପରାଧ, ଯାହା ଦଣ୍ଡନୀୟ ବୋଲି ଦାଶ କହିବା ସହ ଏଥିରୁ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଯୋଗଦେଇ କିପରି ଉପାୟରେ ସାଇବର ଅପରାଧ କରାଯାଉଛି, ଏହାକୁ କିଭଳି ରୋକାଯାଇପାରିବ ଏବଂ ଠକାମିର ଶିକାର ନ ହୋଇ ଜଣେ କିପରି ମୁକ୍ତି ପାଇପାରିବା ସହ ପଦକ୍ଷେପ ନେଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ ପ୍ୟାରିମୋହନ ଜେନା ସାଇବର ଅପରାଧ, ଠକେଇର ବିଭିନ୍ନ ମାଧ୍ୟମ ଓ ତାହାର ନିରାକରଣ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ଉପସ୍ଥିତ ଥିଲେ। ଅର୍ଥତତ୍ତ୍ୱ ବିଭାଗ ଅଧ୍ୟାପକ କାର୍ତ୍ତିକ ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୨।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ଗତ ୧୭ ତାରିଖରେ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ସମ୍ପୃକ୍ତ ଯୁବକ ଓ ତାଙ୍କ ବାପା ମା'ଙ୍କ ବିରୋଧରେ ଏକ ମାମଲା (ନଂ. ୩୨୩/୨୨)ରୁଜୁ କରି ତଦନ୍ତ ଚଳାଇଛି। ୧୬ ତାରିଖ ରାତିରେ ନାବାଳିକା ପରିବାର ସହିତ ଶୋଇଥିଲେ। ସକାଳୁ ଉଠି ତାଙ୍କ ବାପା ନାବାଳିକାଙ୍କୁ ଘରେ ପାଇ ନ ଥିଲେ। ପରେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ତେବେ ଜଣେ ଯୁବକ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ଜାଣି ବୁଧବାର ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।

# ବଟି ମାଗି ୪ ଗିରଫ

ପୁରୀ ଅଫିସ, ୨୨।୯:

ବଟି ମାଗିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ଦେବାନା ବେହେରା ଏବଂ ସୁବାଷ ବେହେରା। ପୋଲିସ ଏ ନେଇ ଏକ କେସ୍ (ନଂ. ୨୧୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମାର୍କଣ୍ଡେଶ୍ୱର ସାହି ଶଗଡ଼ିଆ ସାହିର କେଦାର ଗୁରୁ ବୁଧବାର ଥାନାରେ ଅଭିଯୋଗ କରିଥିଲେ, ସରକାରଙ୍କ ମୁକ୍ତା ଯୋଜନାରେ ଦୁଆରୀ ଯାଗାର ଉନ୍ନତି କାର୍ଯ୍ୟ ଚାଲିଛି। ପ୍ରଭାତ କୁମାର ପଣ୍ଡା କାର୍ଯ୍ୟ ପାଇଁ ଠିକା ନେଇଛନ୍ତି। ଅଭିଯୁକ୍ତ ଦ୍ୱୟ ଆସି କାର୍ଯ୍ୟରେ ତାଙ୍କୁ ବାଧା ଦେବା ସହ ୫୦ ହଜାର ଟଙ୍କା ବଟି ମାଗିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିଭଳି ବଟି ମାଗିବା ଅଭିଯୋଗରେ ବାସେଳିଥାନା ପୋଲିସ ଗିନାରିବନ୍ତ ପାର୍ବତୀ ପୁରର ମଦନ ପଣ୍ଡାଙ୍କୁ ଗିରଫ କରିଛି। ଏ ନେଇ ଏକ କେସ୍ (ନଂ ୨୧୮/୨୨) ରୁଜୁ ହୋଇଛି। ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କୁ ଗାଳିଗୁଲଜ କରିବା ସହ ବାଡ଼ିରେ ଆକ୍ରମଣ କରି ତାଙ୍କୁ ୧୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗ ହୋଇଥିଲା। ସେହିପରି ବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ପେସାଦାର ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ରାୟବାହାଦୁର ଲେନ୍ ଗୋପବନ୍ଧୁ କଲୋନୀର ହାଡ଼ିଆ ନାୟକ। ତାଙ୍କଠାରୁ ୨୫୦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ.୨୫୦/୨୨) ରୁଜୁ କରିଛି। ଅଭିଯୁକ୍ତ ଜଣଙ୍କ ବଳଗଣ୍ଡି ଛକ ଠାରେ ଦୋକାନୀଙ୍କ ଠାରୁ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ହାଡ଼ିଆଙ୍କ ନାମରେ ଟାଉନ ଥାନାରେ ଗୋଟିଏ ଏବଂ କୁମ୍ଭାରପଡା ଥାନାରେ ୨୨୨ଟି ମାମଲା ପୂର୍ବରୁ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସୁଶୀଲ, ଲକ୍ଷ୍ମୀକାନ୍ତ, ସାଗର, ପ୍ରଣୟଙ୍କୁ ପ୍ରମୁଖ ଦାୟିତ୍ୱ

- ପୁରୀ ଜିଲା ଛାତ୍ର ବିଜେଡି ଟିମ୍ ଘୋଷିତ
- ପୁରୀ ବିଧାନସଭା କ୍ଷେତ୍ର ଦାୟିତ୍ୱରେ ସୁଧାଂଶୁ

ପୁରୀ ଅଫିସ,୨୨।୯:

ପୁରୀ ଜିଲା ଛାତ୍ର ବିଜେଡି କର୍ମକର୍ତ୍ତା ତାଲିକା ପ୍ରକାଶ ପାଇଛି। ଜିଲା ଛାତ୍ର ବିଜେଡିସଭାପତି ରାଜେଶ ରଥ ନିଜର ଟିମ୍ ଘୋଷଣା କରିଛନ୍ତି। ଏହି ଟିମ୍‌ରେ ୫ଜଣ ବରିଷ୍ଠ ଉପସଭାପତି, ୧୦ ଜଣ ଉପସଭାପତି, ୨୨ଜଣ ସାଧାରଣ ସମ୍ପାଦକ, ୨୬ ଜଣ ସମ୍ପାଦକଙ୍କ ସମେତ ବ୍ଲକସ୍ତରରେ ସଭାପତି, ମ୍ୟୁନିସିପାଲିଟିସ୍ତରରେ ସଭାପତି ଓ ପୁରୀ ବିଧାନସଭା ସଭାପତି ଚୟନ ହୋଇଛନ୍ତି। ବରିଷ୍ଠ ଉପସଭାପତି ତାଲିକାରେ ଜିତେନ୍ଦ୍ର ପୃଷ୍ଟି, ଉପସଭାପତି ତାଲିକାରେ ଲକ୍ଷ୍ମୀକାନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ତାଲିକାରେ ସୁଶୀଲ ଜେନା, ସମ୍ପାଦକ ତାଲିକାରେ ପ୍ରଣୟ କୁମାର ଜେନାଙ୍କ ଭଳି ଦକ୍ଷ ଛାତ୍ର ସଙ୍ଗଠକ ସାମିଲ ଅଛନ୍ତି। ପୁରୀ ବିଧାନସଭା ସଭାପତି ଭାବେ ସୁଧାଂଶୁ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଥିବା ବେଳେ ପୁରୀ ମ୍ୟୁନିସିପାଲିଟି ପାଇଁ ସାଗର ପାତ୍ରଙ୍କୁ ବଛାଯାଇଛି। ସେହିଭଳି ପୁରୀ ସଦରରେ ନିଲୁ ମହାପାତ୍ର, ନିମାପଡ଼ାରେ କୁମାର ସୋମେନ ଦାଶ, ଗୋପରେ ଦେବାଶିଷ ସାହୁ, ସତ୍ୟବାଦୀରେ ଦିନେଶ ମହାପାତ୍ର, କଣାସରେ ରବିନାରାୟଣ ଦାସ, ପିପିଲିରେ ସୌମ୍ୟରଞ୍ଜନ ମହାପାତ୍ର, ଡେଲାଙ୍ଗରେ ସୁଦୀପ୍ତ ନାୟକ, ଅସ୍ତରଙ୍ଗରେ ବିଶ୍ୱଜିତ ଶତପଥୀ, କାକଟପୁରରେ ବିଷ୍ଣୁପ୍ରସାଦ ନାୟକ, ବ୍ରହ୍ମଗିରିରେ ଦିପୁରଞ୍ଜନ ନାୟକ ଏବଂ କୃଷ୍ଣପ୍ରସାଦରେ ଲଳିତ ରଣସିଂହଙ୍କୁ ବ୍ଲକ୍ ସଭାପତି ଭାବେ ମନୋନୀତ କରାଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ କହିଛନ୍ତି, ଛାତ୍ର ସଙ୍ଗଠକମାନଙ୍କୁ ଏକତ୍ରିତ କରି ଛାତ୍ର ସମାଜର ସ୍ୱାର୍ଥ ପାଇଁ ଲଢେଇ କରିବା ଛାତ୍ର ବିଜେଡିର ପ୍ରମୁଖ ଲକ୍ଷ୍ୟ। ଏହି ଦିଗରେ ସବୁ ପ୍ରକାର ଉଦ୍ୟମ କରିବୁ। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କର୍ମକର୍ତ୍ତାମାନେ ଅନୁପ୍ରାଣିତ ହୋଇ ଛାତ୍ର ସମାଜ ପାଇଁ କାର୍ଯ୍ୟ କରିବେ।



ଲକ୍ଷ୍ମୀକାନ୍ତ ପ୍ରଧାନ



ସାଗର ପାତ୍ର



ସୁଧାଂଶୁ ଚନ୍ଦ୍ର ସାହୁ



ସୁଶୀଲ ଜେନା

# ଆଇଏମ୍‌ଏମ୍‌ଟିରେ ଗ୍ଲୋବାଲ ବ୍ୟାଟେରି ପରୀକ୍ଷଣ

## ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର



ଭୁବନେଶ୍ୱର,୨୨।୯(ବ୍ୟୁରୋ)

ସମ୍ପ୍ରତି ଜଳବାୟୁ ଓ ପ୍ରଦୂଷଣଜନିତ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ମୁକାବିଲା କରିବାକୁ କିଭଳି ଜୀବାଶ୍ମ ଇନ୍ଧନରୁ ଦୂରେଇ ବିଦ୍ୟୁତିକରଣକୁ ଗ୍ରହଣ କରିବାକୁ ହେବ ସେ ନେଇ ଗ୍ଲୋବାଲ ବ୍ୟାଟେରୀ ପରୀକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୟାଲ ସାଇନ୍ସ ଅଫ୍ କେମିଷ୍ଟ୍ରି(ଆର୍‌ଏସ୍‌ସି) ୟୁକେ ଓ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରୀଛାତ୍ର ଓ ୪ଜଣ ଶିକ୍ଷକ ଯୋଗଦେଇଥିଲେ। ବ୍ୟାଟେରୀ କିଭଳି ଭବିଷ୍ୟତର ଉଜ୍ଜ୍ୱଳ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିବ ଏବଂ ମୁଦ୍ରା, କାର୍ଡବୋର୍ଡ ଡିସ୍କ, ଆଲୁମିନିୟମ୍ ଫଏଲ୍ ଡିସ୍କ, ଭିନେଗାରକୁ ନେଇ ବ୍ୟାଟେରୀ କିଭଳି ପ୍ରସ୍ତୁତ କରାଯାଇପାରିବ ତାହା ଛାତ୍ରୀଛାତ୍ରମାନେ ଦେଖିବା ସହ ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ସିଏସ୍‌ଆଇଆର୍‌ର ମହା ନିର୍ଦ୍ଦେଶକ ଡ. ଏନ୍. କଲାଇସେଲ୍‌ଭି ଭର୍ଚୁଆଲରେ ଯୋଗଦେଇ ଭବିଷ୍ୟତର ବ୍ୟାଟେରୀ ଟେକ୍ନୋଲୋଜି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱ ବାସୁ ଯୋଗଦେଇ କହିଲେ, ଅନେକ ସମୟରେ ଆମେ ବିଦ୍ୟୁତ ସଂରକ୍ଷଣ କରିବାରେ ଅବହେଳା କରିଥାଉ। ଫ୍ୟାନ, ଲାଇଟ୍ ସୁଇଚ୍ ବନ୍ଦ ନ କରି ଅଯଥାରେ ବିଦ୍ୟୁତ୍ ଅପଚୟ କରିଥାଉ। ଏହା ବ୍ୟାଟେରୀ କିଭଳି ଅଧିକ ଉତ୍ପାଦନ ହୋଇ ପାରିବ ଏବଂ ବିଶେଷତଃ ଏହା ମାଧ୍ୟମରେ କିଭଳି ବିଦ୍ୟୁତ ସୃଷ୍ଟି କରାଯାଇ ପାରିବ ଓ ଏଥିସହ ଏଲ୍‌ଇଡି ପ୍ରସ୍ତୁତ ତଥା ବ୍ୟବହାର ଉପରେ ମତ ପ୍ରକାଶ କରିଥିଲେ। ଜିଜ୍ଞାସା ନୋଡାଲ ସାଇଣ୍ଟିଷ୍ଟ ଡ. ଦେବୀ ପ୍ରସାଦ ଦାସ ସାମାଜିକ ବୈଜ୍ଞାନିକ ଦାୟିତ୍ୱକୁ ନେଇ ନାମିତ ଜିଜ୍ଞାସା କାର୍ଯ୍ୟକ୍ରମକୁ ଆଇଏମ୍‌ଏମ୍‌ଟି କିଭଳି ପରିଚାଳନା କରୁଛି ସେ ନେଇ ଆଲୋକପାତ କରିଥିଲେ। ଡ. ବିକାଶ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

ନିରାକାରପୁର (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସମନ୍ୱୟ ଋଣ ମେଳା ଆୟୋଜିତ ହୋଇଥିଲା। ଏଥିରେ ତିନୋଟି ଯଥା-ନିରାକାରପୁର, ଡିଆ ଓ ଲେଣ୍ଡୋ ପଞ୍ଚାୟତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜିଏସ୍)ମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ତେବେ ୩ ପଞ୍ଚାୟତର ୧୭ ମହିଳା ଗ୍ରୁପଙ୍କୁ ବିଭିନ୍ନ କାର୍ଯ୍ୟ ପାଇ ମେଳା ମାଧମରେ ୫୬.୬୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ କରାଯାଇଥିଲା। ସଭାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନିରାକାରପୁର ଶାଖା ପରିଚାଳକ ସୁଭଦ୍ରା ପଣ୍ଡାଙ୍କ ସମେତ ସମସ୍ତ ବ୍ୟାଙ୍କ ମିତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାଙ୍କଡ଼ା ଖଣିରୁ ଜେସିବି ଜବତ, ଚାଳକ ଗିରଫ

ବେଗୁନିଆ,୨୨।୯(ଡି.ଏନ.ଏ.): ବେଗୁନିଆ ତହସିଲ ଅନ୍ତର୍ଗତ ବାଲିବେରେଣିସ୍ଥିତ ବେଆଇନ ମାଙ୍କଡ଼ା ପଥର ଖଣିରୁ ବୁଧବାର ରାତିରେ ଏକ ଜେସିବି ଗାଡ଼ିକୁ ସ୍ଥାନୀୟ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା ଗାଁର ସୁକାନ୍ତ ରଣସିଂହ। ସୁକାନ୍ତଙ୍କୁ ଗୁରୁବାର ଖୋର୍ଦ୍ଧା ଏସଡିଜେଏମ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଏ ନେଇ ଥାନାରେ ମାମଲା ନଂ. ୨୩୩/୨୨ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପୋଲିସ ରାତିରେ ବାଲିବେରେଣିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏହି ଗାଡ଼ିଟି ଯାଉଥିବା ବେଳେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ହେଲେ ଚାଳକ କୌଣସି କାଗଜପତ୍ର ନ ଦେଖାଇପାରିବାରୁ ପୋଲିସ ତାଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଛି।

### ଘର ତାଲା ଭାଙ୍ଗି ସୁନା, ଟଙ୍କା ଚୋରି: ଯୁବକ ଗିରଫ

ଯାଁଳା,୨୨।୯(ଡି.ଏନ୍.ଏ.): ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ମଦନପୁରୁ ପଞ୍ଚାୟତ ବଡ଼ ରଘୁନାଥପୁର ଗ୍ରାମରେ ଜଣଙ୍କ ଘରର ତାଲା ଭାଙ୍ଗି ସୁନା ଗହଣା ଏବଂ ଟଙ୍କା ଚୋରିକରି ନେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ପଲାହାଟ ଅଞ୍ଚଳର ପ୍ରଦୋଷ ରଞ୍ଜନ ଦାଶ(୩୦)। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ୫ହଜାର ଟଙ୍କା ଏବଂ ସୁନାଗହଣା ଜବତ କରିଛି। ସୂଚନା ଅନୁଯାୟୀ, ମଦନପୁରୁ ପଞ୍ଚାୟତର ବଡ଼ ରଘୁନାଥପୁର ଗ୍ରାମରେ ସୂର୍ଯ୍ୟକାନ୍ତି ରାଉତ ରୁହନ୍ତି। ଘର ନିକଟରେ ସେ ଏକ ଏନ୍‌ଜିଓ ସଂସ୍ଥା ଖୋଲିଥିବା ବେଳେ କେତେଜଣ ମହିଳା କାର୍ଯ୍ୟ କରୁଛନ୍ତି। ସୂର୍ଯ୍ୟକାନ୍ତି ପ୍ରାୟ ନିଜ ସଂସ୍ଥା କାମରେ ବାହାରକୁ ଯାଇଥିବା ବେଳେ ରାତି ଆଠଟା ମଧ୍ୟରେ ଆସନ୍ତି। ତେବେ ସୂର୍ଯ୍ୟକାନ୍ତୀଙ୍କ ଯିବାଆସିବା ଉପରେ ନିକଟରେ ରହୁଥିବା ପ୍ରଦୋଷ ନଜର ରଖୁଥିଲେ। ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ସୂର୍ଯ୍ୟକାନ୍ତି ଘରେ ନ ଥିବାବେଳେ ପ୍ରଦୋଷ ଘର ତାଲା ଭାଙ୍ଗି କବାଟ ତାଡି ଘର ଭିତରେ ପଶିଥିଲେ। ଆଲମିରା ଭାଙ୍ଗି ସେଥିରେ ଥିବା ୨ଟି ସୁନା ମୁଦି, ୨ ହଳ କାନଫୁଲ, ଗୋଟିଏ ସୁନା ଲକେଟ, ସୁନା ଶଙ୍ଖା ହଳେ, ଗୋଟେ ସୁନା ଚେନ, ରୂପା ପାଉଁଜି ୨ହଳ, କୋଡୋଟି ମୂଲ୍ୟବାନ ଧାତୁ ପଥର ଏବଂ ନଗଦ ୩୦ ହଜାର ଟଙ୍କା ଚୋରିକରି ନେଇଥିଲା। ସୂର୍ଯ୍ୟକାନ୍ତୀ ଘରକୁ ଫେରିବା ପରେ ତାଲା ଭଙ୍ଗା ଯିବା ସହ ଚୋରି ହୋଇଥିବା ଦେଖିଥିଲେ। ଏନେଇ ସେ ଇନଫୋସିଭ୍ୟାଲି ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ନିକଟରେ ରହୁଥିବା ପ୍ରଦୋଷଙ୍କୁ ପଚରାଉଚରା ବେଳେ ପୋଲିସ ତାଙ୍କୁ ସନ୍ଦେହ କରିଥିଲା। ପରେ ଯାଞ୍ଚ କରିବା ପରେ ଚୋରି କରିଥିବା ପ୍ରଦୋଷ ସ୍ୱୀକାର କରିବା ପରେ ଗିରଫ କରିଥିଲେ।

### ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ପାଳିତ

ଟାଙ୍ଗୀ(ଖୋର୍ଦ୍ଧା),୨୨।୯(ଡି.ଏନ୍.ଏ.): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ+୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଜିଲା ପରିଷଦ ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ପରିଚାଳନା କମିଟି ସଭାପତି ରଘୁନାଥ ସାହୁ, ଖୋର୍ଦ୍ଧା ଜିଲା ଖାଉଟି ଅଦାଲତର ପୂର୍ବତନ ସଭାପତି ନାରାୟଣ ମହାପାତ୍ର, ପୂର୍ବତନ ଛାତ୍ର ପଠାଣି ସୁନ୍ଦରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶୃଙ୍ଖଳିତ ଛାତ୍ର ଜୀବନ, ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ସମସ୍ତ ନିୟମ ମାନି ଅଧ୍ୟନ କରିବାସହ କଲେଜର ନାମ ରଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧାପକ ରଞ୍ଜନ କୁମାର ମହାପାତ୍ର ଓ ଅଧାପିକା ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ନୂତନ ଭାବେ ନାମ ଲେଖାଇଥିବା କଳାରେ ୩୧୬ଜଣ ଓ ବିଜ୍ଞାନରେ ୧୨୮ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅଧାପକ ରଶ୍ମିରଞ୍ଜନ ନାଥ ଧନ୍ୟବାଦ ଦେଇଥିଲେ।

# ନିଷେଧ ସତ୍ତ୍ୱେ ବଢୁଛି ବେଆଇନ ଘେରି

- ଯେତିକି ଉଚ୍ଛେଦ ହେଉଛି, ପୁଣି ମାଡ଼ି ଚାଲିଛି
- ନଷ୍ଟ ହେଉଛି ଜୈବ ବିବିଧତା
- ପ୍ରଭାବିତ ହେଉଛନ୍ତି ମତ୍ସ୍ୟଜୀବୀ

ଖୋର୍ଦ୍ଧା ଅଫିସ,୨୨।୯



ଏସିଆ ମହାଦେଶର ବୃହତ୍ ହ୍ରଦ ଚିଲିକାର ମୁହାଣ ଦିନକୁ ଦିନ ପୋତି ହେବାରେ ଲାଗିଛି। ଫଳରେ ଏହାର ପରିସୀମା ସଙ୍କୁଚିତ ମଧ ହେବାରେ ଲାଗିଛି। ଚିଙ୍ଗୁଡ଼ି ଚାଷ ପାଇଁ ଚିଲିକାରେ ବେଆଇନ ଭାବେ ଗଡ଼ି ଉଠିଛି ହେକ୍ଟର ହେକ୍ଟର ଘେରି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କରାଯାଉଛି। ହେଲେ ଯେତିକି ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି, ପୁଣି ସେତିକି ମାଡ଼ି ଚାଲିଛି। ଜଳରେ ଲବଣାଂଶ ବଢ଼ି ଚାଲିଥିବା ବେଳେ ନଳଘାସ ଓ ରାଜଦଳ ଦିନକୁ ଦିନ ମାଡ଼ିବାରେ ଲାଗିଛି। ତେବେ ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ସେମାନଙ୍କ ଜୀବିକା ହରାଇବା ସ୍ଥିତି ଉପୁଜିଛି। ଏନେଇ ମତ୍ସ୍ୟଜୀବୀ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ପଦପେକ୍ଷ ଗ୍ରହଣ କରାଯାଉ ନାହିଁ। ଅନ୍ୟପଟେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ନୀରବତା ଯୋଗୁ ଚିଲିକାର ଜୈବ ବିବିଧତା ଦିନକୁ ନଷ୍ଟ ହେବାକୁ ବସିଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ୧୧୬୫ ବର୍ଗ କିମି ଇଲାକାରେ ଚିଲିକା ପରିବ୍ୟାପ୍ତ ରହିଥିଲା। ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ୧ ହଜାର କି.ମି. ମଧରେ ସୀମିତ ରହିଥିବା ଜଣାପଡିଛି। ଗଞ୍ଜାମ ଜିଲାର ୭୪.୩୩ ବର୍ଗ କି.ମି., ଖୋର୍ଦ୍ଧା ଜିଲାର ୭୨.୯୯ ବର୍ଗ କିମି ଏବଂ ପୁରୀ ଜିଲାର ୮୮୪.୫୬ ବର୍ଗ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ଚିଲିକାରେ ୫୨ଟି ନଦୀ ନାଳ ମିଶିଛି। ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବା ବେଳେ ବର୍ଷା ଋତୁରେ ପାଣି ଆସିଲେ ଏହା ପରିସୀମା ବୃଦ୍ଧି ପାଇଥାଏ। ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କିମି ଏବଂ ବର୍ଷାଦିନେ ପ୍ରାୟ ୧୧ଶହ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ। ତେବେ ବର୍ଷାଦିନେ ନଦୀନାଳଗୁଡିକର ବାଲି, ପ୍ଲାଷ୍ଟିକ, ପଲିଥିନ ବର୍ଜ୍ୟବସ୍ତୁ ଚିଲିକାରେ ମିଶୁଛି। ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି। ଚିଲିକାରେ ପ୍ରାୟ ୧୫୦ ବର୍ଗ କିମି ଇଲାକାରେ ନଳଘାସ ପରିପୂର୍ଣ୍ଣ ହୋଇ ରହିଛି। ପୁରୀ ଜିଲାର ବରକୁଦି ଠାରୁ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୂଷଣ୍ଡପୁର ଆଦି ଉପକୂଳ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ରହିଛି। ସେହିପରି ମଲାଗୁଣୀ, ରାଜୁଆ, ଭାର୍ଗବୀ, ଦୟା, ମକରା ଆଦି ନଦୀର ରାଜଦଳ ଭାସି ଆସି ଚିଲିକାର ଉପକୂଳବର୍ତ୍ତୀ ଅଞ୍ଚଳର ୩ରୁ ୫ କିମି ପର୍ଯ୍ୟନ୍ତ ଜମି ରହିଛି। ନଇରି, ବଉଳାବନ୍ଧ, କୁମାଣ୍ଡଳ, ନିମିନା, ହାଟବରଡି, ବାଲୁଗାଁ, ସୋରଣ, କାଳୁପଡାଘାଟ, ମଙ୍ଗଳାଯୋଡି ମୁହାଁଣ ଭଳି ଅନେକ ସ୍ଥାନରେ ରାଜଦଳ ରହିଥିବାରୁ ମତ୍ସ୍ୟଜୀବୀ ଡଙ୍ଗା ଧରି ଚିଲିକାକୁ ମାଛ ମାରିବାକୁ ଯାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୯୯ ମସିହା ମହାବାତ୍ୟାଠାରୁ ବର୍ତ୍ତମାନ ମଧ୍ୟରେ ସରୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡିଗଲାଣି। ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ଓ ଚିଲିକା, ପୁରୀ ଜିଲା କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରି ରହିଛି। ତେବେ ଯେତିକି ଉଚ୍ଛେଦ ହେଉଛି ପୁଣି ବଢିଚାଲିଥିବା ଦେଖିବାକୁ ମିଳିଛି। ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ଚିଲିକାରେ ଘେରି ଉଚ୍ଛେଦ ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ମାଟିର ଘେରି(ମାଟିବନ୍ଧ) କରି ଚିଙ୍ଗୁଡି ଚାଷ ଚାଲିଛି। ଏହି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଅଞ୍ଚଳରେ ଦୀର୍ଘଦିନ ଧରି ରହିଥିବା ଏକର ଏକର ମାଟିବନ୍ଧକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜେସିବି ମାଧ୍ୟମରେ ନଷ୍ଟ କରାଯାଇଛି। ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ଚିଲିକାର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କୁହନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ଗଢି ଉଠିଥିବା ଚିଲିକାରେ ଘେରି ଉଚ୍ଛେଦ କରାଯାଇଛି। ପୁଣି ଘେରି କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ଚିଲିକାରେ ପାଟ୍ରୋଲିଂ ମଧ କରାଯାଉଛି। ଏହାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

### ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୪ ଗିରଫ

ଖୋର୍ଦ୍ଧା ଅଫିସ,୨୨।୯

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଗୁରୁବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗ ଅଞ୍ଚଳରୁ ୫୧ ଗ୍ରାମ ବ୍ରାଉନସୁଗାର ସମେତ ୨ଟି ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଅଧୀନ ଗୁରୁଜଙ୍ଗ ଦେୱାନ ସାହିର ସର୍ବେଶ୍ୱର ବେହେରା ଓରଫ ବାପି, ନନ୍ଦ ସାହିର ଜୀବନ ମିଶ୍ର, ମଠସାହିର କବିରାଜ ପ୍ରଧାନ ଏବଂ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଚମ୍ପତିପୁରର ଚିକୁନ କୁମାର ସାହୁ। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟ ଧାରା୨୧(ବି)/୨୯ରେ ଏକ ମାମଲା (ନଂ. ୪୫୭/୨୨) ରୁଜୁ କରାଯାଇଛି। ସୂଚନା ମୁତାବକ, ଗୁରୁଜଙ୍ଗ ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ ଓ ଟାଉନ ଥାନା ଅଧିକାରୀ ତାରିକ ମହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ବ୍ରାଉନସୁଗାର ସମେତ ଦୁଇଟି ବାଇକ (ନଂ. ଓଡି–୦୨–ଏଭି–୨୩୮୭ ଏବଂ ଓଡି–୧୧–ଭି–୪୪୬୭) ଜବତ ହୋଇଛି। ଏହି ଚଢ଼ାଉରେ ଏସ୍‌ଆଇ ପି.ଏଲ୍. ବେହେରା, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ବି.କେ. ପ୍ରତାପସିଂ, କନଷ୍ଟେବଲ ଏ.ତରାଇ, ଏ.ଏମ୍.ଖାନ୍ ଏବଂ ଏସ୍.କେ. ପାଟ୍ଟଶାଣୀ ପ୍ରମୁଖ ସାମିଲ ଥିଲେ।



ଖଣ୍ଡଗିରି ଥାନାସ୍ଥିତ ଶ୍ୟାମପୁରରେ ଥିବା ବେଆଇନ ଘରକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଉଛି।

## କାର୍‌ରୁ ୧୦୨୦ ଲିଟର ମଦ ଜବତ

### ଅବକାରୀ ଚଢ଼ାଉ, ବେପାରୀ ଫେରାର

ବେଗୁନିଆ/ବୋଲଗଡ଼,୨୨।୯(ଡି.ଏନ.ଏ.)

ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବେଗୁନିଆ ଥାନା ଅଞ୍ଚଳରେ ଥିବା କେତେକ ରନ୍ଧା ମଦ ଭାଟି ଓ ବେଆଇନ ବିକ୍ରି ଉପରେ ଚଢାଉ କରାଯାଇଥିଲା। ଏଥିରେ ଗୋଟିଏ ମାରୁତି କାର୍ ସହ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ହେଲେ ବେଆଇନ କାରବାରରେ ସମ୍ପୃକ୍ତ ଥିବା ମାଫିଆମାନେ ପୋଲିସ ଚଢ଼ାଉ ଖବର ଶୁଣି ପୂର୍ବରୁ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ ଏକ ନମ୍ବର ବିହୀନ ମାରୁତି କାର୍ ଯୋଗେ ଅପରାହ୍ନ ପ୍ରାୟ ୫ଟାରେ ଦେଶୀ ରନ୍ଧା ମଦ ବିକ୍ରି ପାଇଁ ବିଭିନ୍ନ ଗ୍ରାମକୁ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ (ମୋବାଇଲ) ଟିମ୍ ଯୋଜନା ପ୍ରସ୍ତୁତ କରି ରଜନୀକାନ୍ତଙ୍କୁ କାବୁ କରିବା ପାଇଁ ଫାସ ବସାଇଥିଲା। ହେଲେ ଆଗୁଆ ସୂଚନା ପାଇ ରଜନୀକାନ୍ତ ଗାଡ଼ି ଛାଡ଼ି ଦେଇ କେଉଁଆଡେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ଚଢ଼ାଉରେ କେବଳ ଉକ୍ତ ମାରୁତି କାର୍‌ରୁ ୧୦୨୦ ଲିଟର ଦେଶୀ ମଦ, ପ୍ୟାକେଟ ପ୍ରସ୍ତୁତ ପାଇଁ ପଲିଥିନ, ପ୍ଲାଷ୍ଟିକ ଜାର୍‌କିନ ଏବଂ ଲକ୍ଷାଧିକ ଟଙ୍କାର ବିଭିନ୍ନ ଉପକରଣ ଜବତ କରିଛି। ଏ ନେଇ ବେଗୁନିଆ ଅବକାରୀ ଥାନାରେ ମାମଲା ନଂ.୬୯/୨୨–୨୩ ରୁଜୁ ହୋଇଛି। ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ ଏବଂ ଅବକାରୀ ଇନ୍ସପେକ୍ଟର(ମୋବାଇଲ) ରାଜଶେଖର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ବି.ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ସେସ୍‌ଙ୍କ ସହିତ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

ପ୍ରକାଶଥାଉ କି, ରଜନୀକାନ୍ତ ଦୀର୍ଘ ଦିନ ହେଲା ଏହି ଚୋରା ମଦ ବିକ୍ରି ଓ ଚାଲାଣ କରି ଆସୁଥିବାର ଅଭିଯୋଗ ହୋଇଆସୁଥିଲା। ତେଣୁ ରଜନୀକାନ୍ତଙ୍କୁ ଧରିବାକୁ ପୋଲିସ ପଦକ୍ଷେପ ନେଇଥିଲା। ଗତ ଅଗଷ୍ଟ ୨୭ରେ ସାନପଦର ଗ୍ରାମ ନିକଟରୁ ଆଉ ଏକ ମାରୁତି କାର୍ ସହ ରଜନୀକାନ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ପୁଣି ଜାମିନ୍‌ରେ ଆସି ବିଭିନ୍ନ ଜିଲାରେ ଚୋରା ମଦ କାରବାର ବଢାଇ ଦେଇଛି। ସେହିପରି ରଜନୀକାନ୍ତଙ୍କ ଲିଙ୍କ୍‌ରେ ଥିବା ତାଙ୍କ ସହଯୋଗୀଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ଥାନା ଅଧିକାରୀ ଭୈରବ ସାହୁ କୁହନ୍ତି, ଚୋରା ନିଶା ଦ୍ରବ୍ୟ କାରବାର ମୂଳପୋଛ କରିବା ପାଇଁ ଆମ ଟିମ୍ ଲାଗି ପଡ଼ିଛନ୍ତି। ହେଲେ ମାଫିଆମାନଙ୍କୁ କେହି ଆଗୁଆ ସୂଚନା ଦେଇଦେବାରୁ ଫେରାର ହେବାରେ ସଫଳ ହେଉଛନ୍ତି।

### ଆଜି ବିଧାୟକଙ୍କ ଜନଶୁଣାଣି ଶିବିର

କୃଷ୍ଣପ୍ରସାଦ,୨୨।୯(ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜନଶୁଣାଣୀ ଶିବିର ଶୁକ୍ରବାର କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏ ନେଇ କୃଷ୍ଣପ୍ରସାଦ ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ବିଧାୟକ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗଗୁଡିକ ଶୁଣିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶିବିର କାର୍ଯ୍ୟ ଶେଷ ହେବା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ବ୍ୟବସ୍ଥା ଥିବା ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇଙ୍କଠାରୁ ସୂଚନା ମିଳିଛି। ଇତି ମଧରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳକୁ ବିଧାୟକ ତୋଫାନୀ ଗସ୍ତ କରି ଜନ ସମ୍ପର୍କ ଅଭିଯାନକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ବିଗତ ଦିନରେ ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଅଞ୍ଚଳବାସୀ ବେଶ୍ ସନ୍ତୁଷ୍ଟ ଥିବା ଜଣାପଡ଼ିଛି।

## ସ୍ୱଚ୍ଛ ରେଳଗାଡ଼ି, ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୨୨।୯(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଭାରତ ପାଖବାଡ଼ା ପରିପ୍ରେକ୍ଷୀରେ ଗୁରୁବାର ସ୍ୱଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ସମୟରେ ଡିଭିଜନ୍‌ରେ ଥିବା ସମସ୍ତ ପ୍ରମୁଖ ରେଳ ଷ୍ଟେଶନ ଯଥା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ୍, ବ୍ରହ୍ମପୁର ଏବଂ ପଲାସାରେ ଟ୍ରେନଗୁଡ଼ିକର, ଅଧିକାରୀ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଶୌଚାଳୟର ପରିଚ୍ଛନ୍ନତା ସହିତ ଟ୍ରେନକୁ ପରିଷ୍କାର ରଖିବା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ୟୁନିଫର୍ମ ଏବଂ ସମସ୍ତ ସୁରକ୍ଷା ଉପକରଣ ସହିତ ଅନବୋର୍ଡ ହାଉସ କିପିଂ ଷ୍ଟାଫ (OBHS) କର୍ମଚାରୀଙ୍କ ଉପଲବ୍ଧତା ମଧ ଯାଞ୍ଚ କରାଯାଇଥିଲା। ଟ୍ରେନରେ ଦିଆଯାଇଥିବା ସ୍ୱଚ୍ଛତା ସେବା ଉପରେ ଯାତ୍ରୀମାନଙ୍କଠାରୁ ମତାମତ ନିଆଯାଇଥିଲା। ଯାତ୍ରୀମାନଙ୍କ ସଚେତନତା ପାଇଁ ଟ୍ରେନରେ ବିଭିନ୍ନ ପୋଷ୍ଟରର ପ୍ରଦର୍ଶନ ନିଶ୍ଚିତ କରାଯାଇଥିଲା। ଡିପୋରୁ ବାହାରିବା ପୂର୍ବରୁ ଟ୍ରେନର ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରିବା ପାଇଁ ପୁରୀ ଏବଂ ଭୁବନେଶ୍ୱର କୋଚିଂ ଡିପୋରେ ଅଧିକାରୀମାନଙ୍କୁ ମନୋନୀତ କରାଯାଇଥିଲା। ପାନ୍ଟ୍ରି କାର୍‌ଗୁଡିକ ନିୟମିତ ସଫା କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍ୱଚ୍ଛତା ପଖୱାଡା ଅବଧି ସମୟରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପରିବେଶ ଏବଂ ହାଉସ୍ କିପିଂ ମ୍ୟାନେଜମେଣ୍ଟ(ଇଏନ୍‌ଏଚ୍‌ଏମ୍) ୱିଙ୍ଗ ରେଳ ବ୍ୟବହାରକାରୀ ଏବଂ କର୍ମଚାରୀଙ୍କ ପାଇଁ ସୁସ୍ଥ ଏବଂ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ରେଳ ଷ୍ଟେଶନ, ଟ୍ରେନ, ଅଫିସ କୋଠା, ରେଳ କଲୋନୀ ଇତ୍ୟାଦିରେ ବିଭିନ୍ନ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକଳାପ, ସ୍ୱଚ୍ଛତା ଯାଞ୍ଚ ଏବଂ ସଚେତନତା କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯାଉଥିବା ରେଳ ପ୍ରଶାସନ ପକ୍ଷରୁ କୁହାଯାଇଛି।

## କୃଷ୍ଣପ୍ରସାଦରେ ଆମ ପୋଲିସ ବୈଠକ

କୃଷ୍ଣପ୍ରସାଦ,୨୨।୯(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନାରେ ଗୁରୁବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ଅଧକ୍ଷତା କରିଥିଲେ। ଏହି ଅବସରରେ ଆଇଆଇସି ନାୟକ କହିଥିଲେ, ଅଞ୍ଚଳରେ ହେଉଥିବା ସାଧାରଣ ବିବାଦକୁ ମକଦମା ନୁହେଁ, ଆଲୋଚନା ମାଧମରେ ସମାଧାନ କରିବି। ଏଥିପାଇଁ ପୋଲିସକୁ ଜନସାଧାରଣଙ୍କ ସହଯୋଗ ରହିବା ଆବଶ୍ୟକ। ଗାଁ ଗଣ୍ଡାରେ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଉବାରେ ଲାଗିଛି, ତା'ର ପ୍ରତିକାର ପାଇଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ଚିଲିକାରେ ଜଳଦସ୍ୟୁ ଆତଙ୍କ, ଗାଁଛକ, ବଜାରରେ ଗୋରୁଙ୍କ ଉତ୍ପାତରେ ଦୁର୍ଘଟଣାକୁ ରୋକ ଲଗାଇବା ପାଇଁ ମାଲିକମାନଙ୍କୁ ସତର୍କ କରିବାକୁ ଆଇଆଇସି ନାୟକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଥାନା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଇଆଇସି ନାୟକ ପ୍ରଥମେ ଚାରା ରୋପଣ କରି ବୃକ୍ଷ ରହିଲେ, ଜୀବନ ରହିବ ବୋଲି ଉଦାହରଣ ଦେଇ କହିଥିଲେ। ବୈଠକରେ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ବିଧାୟକ ପ୍ରତିନିଧି ଉତ୍ତମ ତରେଇ, ସାମାଜିକ କର୍ମୀ ଅମିତା ତରେଇ, କଳାବତୀ ସାହୁ, ବିଷ୍ଣୁପ୍ରସାଦ ବେହେରା, ସରପଞ୍ଚ ଇତିଶ୍ରୀ ସିଂହ, ସରପଞ୍ଚ ବୀଣାପାଣି ପ୍ରଧାନ, ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଥାନାର କର୍ମଚାରୀମାନେ ସହଯୋଗ କରିଥିଲେ।




ଆମ ପୋଲିସ ବୈଠକରେ ଉପସ୍ଥିତ ପୋଲିସ ଓ ଅନ୍ୟ ଅଧିକାରୀ।

## ୨୮ରୁ ଅକ୍ଟୋବର ପହିଲା ଯାଏ ବୁଲିବ ଅହିଂସା ରଥ

ଖୋର୍ଦ୍ଧା ଅଫିସ,୨୨।୯



ଜିଲାରେ ଅହିଂସା ରଥ ପରିକ୍ରମା ନେଇ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

### ଜିଲାରେ ଅହିଂସା ରଥ ପରିକ୍ରମା ପ୍ରସ୍ତୁତି ବୈଠକ

ସ୍ୱାଧୀନତାର ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ ତାରିଖରୁ ଭୁବନେଶ୍ୱରରୁ ବାହାରିଥିବା ୨ଟି ଅହିଂସା ରଥ ଆସନ୍ତା ୨୮ ତାରିଖରେ ଜିଲାର ବାଲୁଗାଁରେ ପହଞ୍ଚିବ। ଖୋର୍ଦ୍ଧା ଜିଲାରେ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ୪ଦିନ ଧରି ବିଭିନ୍ନ ବ୍ଲକ ପରିକ୍ରମା କରିବ। ଏହି ରଥ ରାଜ୍ୟର ସମସ୍ତ ଜିଲାର ଉପଖଣ୍ଡ ଓ ବ୍ଲକ ପରିକ୍ରମା କରି ଆସନ୍ତା ୨ ତାରିଖ ଅର୍ଥାତ ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱରରେ ପହଞ୍ଚିବ। ପ୍ରଥମେ ଗଞ୍ଜାମ ପ୍ରଶାସନଠାରୁ ନାରାୟଣୀ ମନ୍ଦିର ନିକଟରେ ଗ୍ରହଣ କରାଯିବା ପରେ ବାଲୁଗାଁକୁ ନିଆଯିବ। ଏଥିନିମନ୍ତେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଓସୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସ ମାଧମରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି।

ପ୍ରଥମେ ଉକ୍ତ ଦୁଇଟି ଅହିଂସା ରଥକୁ ବାଲୁଗାଁରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ଏହାପରେ ପ୍ରଥମ ରଥ ବାଲୁଗାଁ, ବାଣପୁର ଏନ୍‌ଏସି, ବାଣପୁର ବ୍ଲକ, ଚିଲିକା, ଟାଙ୍ଗୀ, ବୋଲଗଡ, ବେଗୁନିଆ ଓ ଖୋର୍ଦ୍ଧା ସହର ପରିକ୍ରମା କରିବ। ସେହିଭଳି ଅନ୍ୟ ରଥଟି ଜଟଣୀ ପୌରସଂସ୍ଥା, ଜଟଣୀ ବ୍ଲକ, ବାଲିଅନ୍ତା, ବାଲିପାଟଣା ଏବଂ ଭୁବନେଶ୍ୱର ପରିକ୍ରମା କରିବ। ଏହି ରଥଗୁଡିକ ବ୍ଲକ ଓ ବିଜ୍ଞାପିତ କାର୍ଯ୍ୟାଳୟ, ବିଭିନ୍ନ ୫-ଟି ତଥା ନୋଡଲ ହାଇସ୍କୁଲ, ଗାନ୍ଧିଜୀ ଗସ୍ତ କରିଥିବା ବାଣପୁର ଓ ବୋଲଗଡ ଅଞ୍ଚଳ, ଅନ୍ୟ ଐତିହାସିକ ଓ ସାଂସ୍କୃତିକ ସ୍ଥାନ ପରିକ୍ରମା କରିବ। ଓଡ଼ିଶାର ସ୍ମାରକୀ ବହନ କରୁଥିବା ଏହି ରଥ ଓଡିଶାର ବୀର ସଂଗ୍ରାମୀ ଓ ବଳିଦାନର ବାର୍ତ୍ତା ପ୍ରଚାର କରିବ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଓ ଏହାର ପ୍ରଭାବ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଅବଦାନ ବାର୍ତ୍ତା ବହନ କରୁଥିବା ଅହିଂସା ରଥକୁ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପର୍ଣ୍ଣ କରିବା ସହ ଆଇନ ଶୃଙ୍ଖଳା, ଭିଡ ନିୟନ୍ତ୍ରଣ, ଆମ୍ବୁଲାନ୍ସ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.କେ. ମୁର୍ମୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲା ସଂସ୍କୃତିଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବୟନ ଶିଳ୍ପ ଅତିରିକ୍ତ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି, ବିଭିନ୍ନ ବ୍ଲକରେ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସିଡିପିଓ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଅଭିନେତା ବାବୁସାନ ମହାନ୍ତି ଅସୁସ୍ଥ

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ମହାନ୍ତି ଅସୁସ୍ଥ ଥିବା ତାଙ୍କ ଫ୍ୟାନ୍‌ଙ୍କ ମହଲରୁ ସୂଚନା ମିଳିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି। ୬ ଦିନ ତଳେ ତାଙ୍କ ଶରୀରର ଅକ୍ସିଜେନ ମାତ୍ରା କମିଯିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ଜଣିଆ ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୨।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ଗତ ୧୭ ତାରିଖରେ କେଉଁଆଡେ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ବାପା ମା'ଙ୍କ ବିରୋଧରେ ଏକ ମାମଲା(ନଂ. ୩୨୩/୨୨)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ୧୬ ତାରିଖ ରାତିରେ ନାବାଳିକା ପରିବାର ସହିତ ଘରେ ଶୋଇଥିଲେ। ସକାଳୁ ଉଠି ତାଙ୍କ ବାପା ନାବାଳିକାଙ୍କୁ ଘରେ ପାଇ ନ ଥିଲେ। ପରେ ଅନେକ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ତେବେ ଜଣେ ଯୁବକ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ଜାଣି ବୁଧବାର ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ନାବାଳିକାଙ୍କୁ ଫେରାଇ ଆଣିବାକୁ ତାଙ୍କ ବାପା ପୋଲିସ ପାଖରେ ନିବେଦନ କରିଛନ୍ତି।

### ଘରେ ପଶି ୩ ଲକ୍ଷ ଲୁଟ

ବଲଙ୍ଗା,୨୨।୯(ଡି.ଏନ୍.ଏ.): ବଲଙ୍ଗା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଜାତିଆଣ ଆକ୍ଷେପ ସହ ତାଙ୍କ ଘରେ ପଶି ଟଙ୍କା ଲୁଟ କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ.୧୫୩/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୧ ତାରିଖ ଅପରାହ୍ନ ୪ଟା ସମୟରେ ଉକ୍ତ ଥାନା ଅନ୍ତର୍ଗତ କୋଠସାହି ବାଲିପାଟଣା ଗ୍ରାମର ୪ ଜଣ ବ୍ୟକ୍ତି ସେହି ଗ୍ରାମର ପୀତବାସ ମଲିକଙ୍କ ଘରେ ପଶିଥିଲେ। ସେମାନେ ହେଲେ ରାଧାଶ୍ୟାମ ରଥ, ସୁରେଶ ମହାପାତ୍ର, ଜନ୍ମେଜୟ ମିଶ୍ର, ସୁଦର୍ଶନ ସ୍ୱାଇଁ। ସେମାନେ ସୁଦର୍ଶନଙ୍କ ସ୍ତ୍ରୀ ରେଣୁବାଳାଙ୍କୁ ମାରଣାସ୍ତ୍ର ଦେଖାଇ ଘରେ ଥିବା ୩ ଲକ୍ଷ ଟଙ୍କା ଲୁଟ କରିଥିଲେ। ଘଟଣାର ୧୫ ଦିନ ପରେ ରେଣୁବାଳା ଅଭିଯୋଗ କରିବାକୁ ଆସୁଥିବାବେଳେ ଖଇରିକୁଣ୍ଡ ଛକଠାରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ଥାନାକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

### ପୂଜା ଚାନ୍ଦାକୁ ନେଇ ଗଣ୍ଡଗୋଳ, ୪ ଗିରଫ

ବଲଙ୍ଗା,୨୨।୯(ଡି.ଏନ୍.ଏ.)- ଗଣେଶ ପୂଜା ଚାନ୍ଦାକୁ ନେଇ ଗତ ୨ ତାରିଖରେ ଭୋଗପାଟେଲି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୋଗପାଟେଲି ଗ୍ରାମର ବିଜୟ ପ୍ରଧାନ, ସଞ୍ଜୟ ଗୁରୁ, ବିଜୟ ଗୁରୁ ଓ ତ୍ରିନାଥ ଭୋଳା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

# ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ପିପିଲି/ବଲଙ୍ଗା,୨୨।୯ (ଡି.ଏନ୍.ଏ.)

## ଡ୍ରାଇଭର ଫେରାର, ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ରେ ନିଆଁ ଲଗାଇଲେ



ବଲଙ୍ଗା ଥାନା ଅନ୍ତର୍ଗତ ହରିପୁର ଚିତ୍ତଳପୁର କେନାଲ ବନ୍ଧ ରାସ୍ତାର ଜୈନାବାଦ ଗ୍ରାମ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ସୋମଣାଶାସନ ପଞ୍ଚାୟତ ଅଧୀନ ଖଇରାତ ଗ୍ରାମର ପ୍ରଦୀପ କୁମାର ପ୍ରଧାନ(୩୫)। ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଫେରାର ହୋଇଯିବାରୁ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ବଲଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୫୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଦୀପ ପିପିଲିସ୍ଥିତ ପାଟଣାଣୀପୁରରେ ଥିବା ଏକ ଆପାର୍ଟମେଣ୍ଟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ବୁଧବାର ମଧ ସେ ଏକ ସାଇକେଲ ଯୋଗେ ଆପାର୍ଟମେଣ୍ଟକୁ କାର୍ଯ୍ୟ କରିବାକୁ ଆସୁଥିଲେ। ହେଲେ ଜୈନାବାଦ ଗ୍ରାମ ନିକଟରେ ନଂ.ଓଆର୍ ୦୫ ଟି ୭୪୭୯ ବିଶିଷ୍ଟ ଏକ ଟ୍ରକ୍ ଆସି ପଛରୁ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ପ୍ରଦୀପ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠି ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ଟ୍ରକ୍ ଛାଡ଼ି ଡ୍ରାଇଭର ଫେରାର ହୋଇଯିବାରୁ ସ୍ଥାନୀୟ ଲୋକେ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଅପରପକ୍ଷେ ପ୍ରଦୀପଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ କାର୍ଯ୍ୟ କରୁଥିବା ଆପାର୍ଟମେଣ୍ଟ ହୋଇ ନେବାବେଳେ ଆପାର୍ଟମେଣ୍ଟବାସୀ ମ୍ରିୟମାଣ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମୃତଦେହକୁ ଗ୍ରାମ ଅଭିମୁଖେ ନିଆଯାଇଥିଲା।



ବାଙ୍କୀମୁହାଣ ରାମଚଣ୍ଡୀଙ୍କ ସିଦ୍ଧିଦାତ୍ରୀ ବେଶ।




ସ୍ୱଚ୍ଛତା ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ପୁରୀ ଜିଲା ପରିଷଦ ପକ୍ଷରୁ ଗୁରୁବାର ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ସ୍ୱଚ୍ଛତା ରଥର ଶୁଭାରମ୍ଭ କରୁଛନ୍ତି।

# ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ

ବାଲିଅନ୍ତା,୨୨।୯(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଲେଜକୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ର ବିନା ୟୁନିଫର୍ମରେ କଲେଜକୁ ଆସିଥିଲେ। ଏହି ୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ଦିନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଭାବ ବିନିମୟ ହୋଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟର ନୀତି ନିୟମ, ଶ୍ରେଣୀ ଶୃଙ୍ଖଳା କକ୍ଷା କରିବା ଓ ପରୀକ୍ଷା ଢାଞ୍ଚା ବିଷୟରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଇଥିଲେ। କଲେଜରେ ର୍‍ୟାଗିଂଠାରୁ ଦୂରେଇ ରହିବା ସହିତ ନିୟମ ମାନିବା ପାଇଁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇଥିବା ୨୫୮ଜଣଙ୍କ ମଧ୍ୟରୁ ୧୫୦ ଜଣ ଓ ବେଣ୍ଟପୁର ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬୮ ଜଣଙ୍କ ମଧ୍ୟରୁ ୨୦୦ ଜଣ ଛାତ୍ରୀଛାତ୍ର ଆସିଥିବା ଜଣାପଡିଛି।

# କାର୍ଯ୍ୟକ୍ଷମ ହୋଇନି ଅତ୍ୟାଧୁନିକ ମାଛ ବଜାର

## ଅବଧି ପୂରିବା ସତ୍ତ୍ୱେ ସରିପାରିନି ଅଧା କାମ




ପୁରୀ ଅଫିସ,୨୨।୯

ପୁରୀ ସହରରେ ଗୋଟିଏ ଛାତ ତଳେ ସବୁ ଆମିଷଜାତ ଦ୍ରବ୍ୟ ଉପଲବ୍ଧ କରାଇବା ସହ ପ୍ରଦୂଷଣ ରୋକିବା ପାଇଁ ୨୦୧୯ ମସିହାରେ ତାଳବଣିଆରେ ଓଡ଼ିଶାର ଦ୍ୱିତୀୟ ଅତ୍ୟାଧୁନିକ ସ୍ୱଚ୍ଛ ମାଛ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତ ମାଛ ବ୍ୟବସାୟୀଙ୍କୁ ଏକକ ବଜାର ଯୋଗାଇବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା ଜିଲା ପ୍ରଶାସନ କହିଥିଲା। ୨୦୨୧ ଜୁନ୍ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଅବଧି ପୂରଣ ପରେ ବି କୋଠା ନିର୍ମାଣ ସରିନାହିଁ କି ବଜାର ଖୋଲିପାରିନାହିଁ। ବେପାରୀମାନେ ଏଣେତେଣେ ଦୋକାନ ଖୋଲି ଆମିଷ ଦ୍ରବ୍ୟ ବିକ୍ରି କରୁଛନ୍ତି। ଏଥିଯୋଗୁ ଜାଗା ଜବରଦଖଲ ହେବା ସହ ଯାତାୟାତରେ ସମସ୍ୟା ଉପୁଜୁଛି।

ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ଅତ୍ୟାଧୁନିକ ଶୈଳୀରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରି ବଜାର ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଡିପିଆର୍ ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ୨ ମହଲା ବିଶିଷ୍ଟ କୋଠା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଠାରେ ଦୋକାନୀମାନଙ୍କୁ ସ୍ଥାୟୀ ଦୋକାନ ଘର ଦେବା ଲାଗି ଯୋଜନା କରାଯାଇଥିଲା। ଏହାକୁ ଲାଗି ଏକ ପରିବା ବଜାର ସୃଷ୍ଟି ପାଇଁ ମଧ ଲକ୍ଷ୍ୟ ରଖାଯାଇଥିଲା। ମାଛ ବଜାର ନିକଟରେ ପୌରସଂସ୍ଥାର ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ଥିବାରୁ ମାଛରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ ବୋଲି କୁହାଯାଉଥିଲା। ଅନ୍ୟପକ୍ଷରେ ଏଯାବତ୍ ଏହି ପ୍ରକଳ୍ପର ୫୦ ପ୍ରତିଶତ କାମ ଶେଷ ହୋଇପାରିଛି। ଫଳରେ ପୁରୀ ଭଳି ଆଧ୍ୟାତ୍ମିକ ସହରରେ ଏଣେତେଣେ ଆମିଷ ଦ୍ରବ୍ୟ ବିକ୍ରି କରାଯାଉଛି। ଗୋଟିଏ ସ୍ଥାନରେ ଆମିଷ ଦ୍ରବ୍ୟ ବିକ୍ରି ହେବା ଭଳି ବ୍ୟବସ୍ଥାକୁ ପୁରୀ ସହରବାସୀ ପ୍ରଶଂସା କରୁଥିବାବେଳେ ସଂପ୍ରତି ପ୍ରକଳ୍ପ କାର୍ଯ୍ୟର ମନ୍ଥରତାକୁ ନାପସନ୍ଦ କରିଛନ୍ତି। ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ସେହିପରି ମାଛ ବ୍ୟବସାୟୀ ଦିନେଶ ବେଉରା କହିଛନ୍ତି, ପ୍ରଶାସନ ଆମ ବ୍ୟବସାୟରେ ସମସ୍ୟା ସୃଷ୍ଟି କରୁଛି। ଗୋଟିଏ ଜାଗାରେ ୧୫ ଦିନ ବସିବା ପରେ ଉଠାଇ ଦେଉଛି। ବାରମ୍ବାର ଏଠାରୁ ସେଠାରୁ ହେବା ଫଳରେ ବେପାର କରିବା କଷ୍ଟକର ହୋଇପଡୁଛି। ତେଣୁ ମାଛ ବଜାର ଆମ ଭଳି ବେପାରୀଙ୍କ ପାଇଁ ନିହାତି ଦରକାର। ଏହାର କାମ ତୁରନ୍ତ ସାରି କାର୍ଯ୍ୟକ୍ଷମ କରାଯିବା ଦରକାର। ଫଳରେ ଉଭୟ ଦୋକାନୀ ଓ ଗ୍ରାହକଙ୍କ ପାଇଁ କିଣାବିକା ସହଜ ହୋଇପାରିବ। ଅନ୍ୟପକ୍ଷରେ କୋଭିଡ୍ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଛି, ତେବେ ସମ୍ପ୍ରତି ପୁଣି ତ୍ୱରିତ ବେଗରେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ




ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

ବାରଙ୍ଗ,୨୨।୯(ଡି.ଏନ୍.ଏ.)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ନ୍ୟୁୟର୍କ ସିଟି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମଦିନ ଏକ ପାଣିପାଗ କର୍ମଶାଳା ଓ ଦ୍ୱିତୀୟଦିନ ଗବେଷଣାର ଉପସ୍ଥାପନ ହେବ। ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏହି ସମ୍ମିଳନୀରେ ହାଇଦ୍ରାବାଦରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକା କନସୁଲେଟ ଏବଂ କ୍ୟୁନୀ (CUNY) ଭାରତ ଜଳବାୟୁ ସଦସ୍ୟ ମଧ ଯୋଗଦେଇଛନ୍ତି। ଜଳବାୟୁଠାରୁ ଆରମ୍ଭ କରି ମହାମାରୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସାମଗ୍ରିକ ସମାଧାନ ଖୋଜିବା ଅନ୍ତର୍ଜାତୀୟ ସମ୍ମିଳନୀର ମୂଳ ଲକ୍ଷ୍ୟ। କ୍ୟୁନୀର ଓନ୍‌ଫୋ ଅନୁସନ୍ଧାନ ଆନୁପାଦ ଦ୍ୱାରା ବିଶ୍ୱବିଦ୍ୟାଳୟରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପାଣିପାଗ କେନ୍ଦ୍ର ଛାତ୍ରୀଛାତ୍ରୀ ଓ ଗବେଷକମାନଙ୍କୁ ଗବେଷଣା କରିବାରେ ବହୁମାତ୍ରାରେ ଉପଯୋଗୀ ହେବ। ବିଶ୍ୱବିଦ୍ୟାଳୟର ଏକ ଦଶନ୍ଧି ପୂର୍ତ୍ତି ଉପଲକ୍ଷେ ଏହି ସମ୍ମିଳନୀ ଓ ବୁଝାମଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଶିକ୍ଷାନୀତି ୨୦୨୦ ମଧ ଏପରି ବୁଝାମଣାକୁ ଗୁରୁତ୍ୱାରୋପ କରିଛି।

ସମ୍ମିଳନୀରେ ବ୍ରୋନ୍‌ସ କମ୍ୟୁନିଟି କଲେଜ, କ୍ୟୁନୀ (CUNY)ର ଅଧ୍ୟକ୍ଷ ଥୋମାସ ସେକେନଗେ ସମ୍ବୋଧନ କରିଥିଲେ। ଏହା ସହିତ ସିଟି ବିଶ୍ୱବିଦ୍ୟାଳୟ ନ୍ୟୁୟର୍କର ୧୦ରୁ ଊର୍ଦ୍ଧ୍ୱ ଗବେଷକ ଓ ଅଧ୍ୟାପକ ଉପସ୍ଥିତ ରହି ସମ୍ମିଳନୀର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପାରମିତା ସେନ୍, ପ୍ର. ନିଲ ଦିଲୀପ, ରେଜା ଖାନବୀଓ୍ୱାର୍ଡ, ଅନ୍ୟତମ ନୋଆ ସିଇଏସ୍ଏସ୍ଆର୍‌ଟି (NOAA CESSRT) ର ବରିଷ୍ଠ ବୈଜ୍ଞାନିକ ଶକିଲା ମେଛାଣ୍ଟ, ତରେନ୍ଦ୍ର ଲାଖନକର, ଯୁକ୍ତରାଷ୍ଟ୍ର ଦୂତାବାସ ହାଇଦ୍ରାବାଦର ଜନବ୍ୟାପାର ଅଧିକାରୀ ଡେଭିଡ ମେୟର ଓ ସାମରିକ ଜନସମ୍ପର୍କ ଉପଦେଷ୍ଟା ସଲ୍ଲିଲ କାଦେର ମଧ ଉପସ୍ଥିତ ଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ତରଫରୁ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ବି. ଆର. ବର୍ମା, କୁଳସଚିବ ପ୍ରଫେସର ଦେବୀ ପ୍ରସାଦ ସାହୁ, କାର୍ମିକ ନିର୍ଦ୍ଦେଶକ ଗୌରବ ବର୍ମା, ବିଜ୍ଞାନ ଓ ଉଦୟମାନ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଫେସର ରବି ନାରାୟଣ ଶତପଥୀ, ପରିବେଶ ବିଜ୍ଞାନର ଅଧ୍ୟାପକ ଜୟପ୍ରକାଶ ଭଟ, ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ବିଜୟ ଲକ୍ଷ୍ମୀ ମହାନ୍ତି, ବିଭାଗୀୟ ଡିନ୍, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଖାଦ୍ୟ ପ୍ରୋଗ୍ରାମ ଅଧିକାରୀଙ୍କ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ

ଡେଲାଙ୍ଗ,୨୨।୯(ଡି.ଏନ୍.ଏ.)

ବିଶ୍ୱ ଖାଦ୍ୟ ପ୍ରୋଗ୍ରାମର ଅଧିକାରୀ ବୁଧବାର ଡେଲାଙ୍ଗ ବ୍ଲକ ହରିରାଜପୁରସ୍ଥିତ ମିଶନ ଶକ୍ତିର ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ବ୍ୟାଙ୍କକ୍ ଓ ଆମେରିକାରୁ ଅଧିକାରୀମାନେ ଆସି ଛତୁଆ କେନ୍ଦ୍ର ପରିଦର୍ଶନ କରି ମହିଳା ଗୋଷ୍ଠୀଙ୍କୁ ପ୍ରଶଂସା କରିଥିଲେ। ଆମେରିକାର ଇରିକ୍ କେନଫିକ୍, ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ବେଲିଣ୍ଡା ଚାନ୍ ପ୍ରମୁଖ ଶିଶୁ ଖାଦ୍ୟ ଛତୁଆ କେନ୍ଦ୍ର ବୁଲି ମାନ ପରୀକ୍ଷା କରିବା ସହିତ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ସିଡିପିଓ ହାରାମଣି ନାୟକ, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ନନ୍ଦିତା ସ୍ୱାଇଁ, ଜଏଣ୍ଟ ସେକ୍ରେଟାରୀ ହିମାଂଶୁ ଶେଖର ଭୋଳ, ମହିଳା ମିଶନ ଶକ୍ତି ସଭାପତି ବିଦ୍ୟୁଲତା ସ୍ୱାଇଁ, ସ୍ୱର୍ଣ୍ଣମୟୀ ଜେନା, ଭାରତୀ ଚମ୍ପତି, ମୀନାକ୍ଷୀ ଉଷାରାଣୀ ପାଇକରାୟ, ବନିତା ଦାସ ପ୍ରମୁଖ ସଦସ୍ୟା ଉପସ୍ଥିତ ଥିଲେ ।



ବିଶ୍ୱ ଖାଦ୍ୟ ପ୍ରୋଗ୍ରାମର ଅଧିକାରୀମାନେ ଛତୁଆ କେନ୍ଦ୍ରରେ ଆଲୋଚନା କରୁଛନ୍ତି।

# କାର୍ ସିକ୍ରେଟ ଚାମ୍ବରରେ ରୁପା ଇଟା

## ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା

- ୧ କୁଇଣ୍ଟାଲ ରୁପା ଇଟା ସହ ୧୧.୯ ଲକ୍ଷ ଟଙ୍କା ଜବତ
- ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର, ୨ ଅଟକ
- ଆସିକାରୁ ଖଡ଼ଗପୁର ଯାଉଥିଲା

କଟକ ଅଫିସ,୨୨।୯

ଗଞ୍ଜେଇ ଧରିବାକୁ ଯାଇ ଧରିଲେ ୧ କୁଇଣ୍ଟାଲ ରୁପା ଇଟା। ତା' ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ମଧ ଜବତ ହୋଇଛି। ଏକ କାର୍‌ର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଇଟା ଧରିବା ପରେ ଅବକାରୀ ବିଭାଗ ମାମଲାକୁ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି। ଗୁରୁବାର ସକାଳ ପ୍ରାୟ ୯ଟାରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଏତେ ପରିମାଣର ରୁପା ଇଟା ଜବତ ହୋଇଥିବାରୁ ଟିକସ ଫାଙ୍କି ସନ୍ଦେହ କରାଯାଇ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ କଟକ ଜିଲା ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲେ। ଡିଏସ୍‌ପି ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କାର (ଡବ୍ଲ୍ୟୁବିୡ୦-ଆର-୫୮୭୬)କୁ ତନଖି କରିବା ପରେ ସେଥିରେ ବହୁ ରୁପା ଇଟା, ଅଳଙ୍କାର ଓ ଟଙ୍କା ଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଏତେ ପରିମାଣର ରୁପା, ଅଳଙ୍କାର ଏବଂ ଟଙ୍କା ବିଷୟରେ ଯେମିତି କେହି ଜାଣି ନ ପାରିବେ, ସେଥିପାଇଁ ସେଗୁଡ଼ିକୁ ପଛ ସିଟ୍ ତଳେ ସିକ୍ରେଟ ଚାମ୍ବର କରାଯାଇ ନିଆଯାଉଥିଲା। ଅବକାରୀ ବିଭାଗ ଉକ୍ତ କାର୍ ସହ ସମସ୍ତ ସାମଗ୍ରୀ ଓ ଟଙ୍କାକୁ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଆଣିଥିଲା। ଅବକାରୀ ବିଭାଗ ସମ୍ପର୍କିତ କୌଣସି ଚୋରା ସାମଗ୍ରୀ କାର୍‌ରୁ ମିଳି ନ ଥିବାରୁ ଏନେଇ ଜିଏସ୍‌ଟି ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଜିଏସ୍‌ଟି ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଜବତ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା। ଜିଏସ୍‌ଟି ବିଭାଗ ପକ୍ଷରୁ ଇଟାଗୁଡ଼ିକୁ ଓଜନ କରାଯିବା ସହ ମୋଟ ୪୭ ଖଣ୍ଡ ଛୋଟ, ବଡ଼ ଇଟା ଓ ୧୯ଟି ରୁପା ଅଳଙ୍କାର ପ୍ୟାକେଟ ରହିଥିବା ଜଣାପଡ଼ିଥିଲା।

କାର୍ ଚାଳକଙ୍କ ସୂଚନା ଅନୁସାରେ ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ଅଭିମୁଖେ ନିଆଯାଉଥିଲା। ଏଗୁଡ଼ିକର ମାଲିକ ହେଉଛନ୍ତି ଖଡ଼ଗପୁର ଦାମୋଦରପୁର ଅମିତ ମାଝି। ସେ ଆସ୍କାର ବାବୁ ଭାଇଙ୍କଠାରୁ ଏଗୁଡ଼ିକୁ କିଣି ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। କେବଳ ଚାଳକ ହିସାବରେ ଦିନକୁ ୧ହଜାର ଟଙ୍କା ପାରିଶ୍ରମିକ ମିଳେ ବୋଲି ଚାଳକ ଜଣକ ପଚରାଉଚୁରାବେଳେ ଉତ୍ତର ରଖିଥିବା ଜଣାଯାଇଛି। ତେବେ ଯାଞ୍ଚ ବେଳେ ଚାଳକ ଜଣକ କୌଣସି କାଗଜପତ୍ର ଦେଖାଇ ପାରିନଥିବା ବେଳେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଯଦି ସବୁକିଛି ଠିକ୍ ଓ ନିୟମରେ କରାଯାଉଛି ତାହେଲେ ମାଲ୍‌ଗୁଡ଼ିକ ପରିବହନ ବେଳେ ସାଙ୍ଗରେ କାହିଁକି କାଗଜପତ୍ର ନାହିଁ ଓ ସେଗୁଡ଼ିକୁ କାହିଁକି ସିକ୍ରେଟ ଚାମ୍ବରରେ ରଖି ନିଆଯାଉଥିଲା ବୋଲି ଜିଏସ୍‌ଟି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଏସ୍‌ଟି ଅଧିକାରୀମାନେ ଉକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି।



ଜବତ ରୁପାଇଟା, ଅଳଙ୍କାର ଏବଂ ଟଙ୍କା।

## ସଂକ୍ଷେପରେ

### ଘରେ ପଶି ୩ ଲକ୍ଷ ଲୁଟ

**ବଲଙ୍ଗା,୨୨।୯(ଡି.ଏନ୍.ଏ.):** ବଲଙ୍ଗା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଜାତିଆଣ ଆକ୍ଷେପ ସହ ତାଙ୍କ ଘରେ ଜୋରଜବରଦସ୍ତ ପଶି ଟଙ୍କା ଲୁଟ କରିଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୫୩/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୧ ତାରିଖ ଅପରାହ୍ନ ୪ଟା ସମୟରେ ଉକ୍ତ ଥାନା ଅନ୍ତର୍ଗତ କୋଠସାହି ବାଲିପାଟଣା ଗ୍ରାମର ୪ ଜଣ ବ୍ୟକ୍ତି ସେହି ଗ୍ରାମର ପୀତବାସ ମଲିକଙ୍କ ଘରେ ପଶିଥିଲେ। ସେମାନେ ହେଲେ ରାଧାଶ୍ୟାମ ରଥ, ସୁରେଶ ମହାପାତ୍ର, ଜନ୍ମେଜୟ ମିଶ୍ର, ସୁଦର୍ଶନ ସ୍ୱାଇଁ। ସେମାନେ ସୁଦର୍ଶନଙ୍କ ସ୍ତ୍ରୀ ରେଣୁବାଳାଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଘରେ ଥିବା ୩ ଲକ୍ଷ ଟଙ୍କା ଲୁଟ କରିଥିଲେ। ଘଟଣାର ୧୫ ଦିନ ପରେ ରେଣୁବାଳା ଅଭିଯୋଗ କରିବାକୁ ଆସୁଥିବାବେଳେ ଖଇରିକୁଣ୍ଡ ଛକଠାରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ଥାନାକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ରେଣୁବାଳା ଅଭିଯୋଗରେ ଦର୍ଶାଇଛନ୍ତି।

### ୧୧ ବ୍ଲକ ବୁଲିବ ସ୍ୱଚ୍ଛତା ରଥ

**ପୁରୀ ଅଫିସ,୨୨।୯:** ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଜରୁରୀ। ସ୍ୱଚ୍ଛତା ହିଁ ସେବା। ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ସାମୂହିକ ସ୍ତରରେ ଏ ନେଇ ସଚେତନତା ସୃଷ୍ଟି ଲାଗି ଗୁରୁବାର ପୁରୀ ଜିଲାର ୨ଟି ସ୍ୱଚ୍ଛତା ରଥକୁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଉଦଘାଟନ କରିଛନ୍ତି। ଜିଲାପରିଷଦ କାର୍ଯ୍ୟାଳୟଠାରୁ ଏହି ରଥ ବାହାରି ୧୧ଟି ବ୍ଲକ ପରିକ୍ରମା କରି ଅକ୍ଟୋବର ୨ ପର୍ଯ୍ୟନ୍ତ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିବ ବୋଲି ମହାପାତ୍ର କହିଥିଲେ। ବର୍ଜ୍ୟବସ୍ତୁର ସୁପରିଚାଳନା ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଏହି ରଥ ସଚେତନ କରାଇବ। ଅତିରିକ୍ତ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାସ, ସହକାରୀ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (ଅର୍ଥ) ବାଣୀଭୂଷଣ ଦାସ, କାକଟପୁର ବିଡିଓ ତୁଷାର ଜ୍ୟୋତି ରଞ୍ଜନ, ସହକାରୀ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (କ୍ରେଡିଟ୍) ନିଶିଥ କୁମାର ଦାସ, ସ୍ୱଚ୍ଛତା ମିଶନର ଜିଲା ସଂଯୋଜକ ଦୀପ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ପୂଜା ଚାନ୍ଦାକୁ ନେଇ ଗଣ୍ଡଗୋଳ, ୪ ଗିରଫ

**ବଲଙ୍ଗା,୨୨।୯(ଡି.ଏନ୍.ଏ.):** ଗଣେଶ ପୂଜା ଚାନ୍ଦାକୁ ନେଇ ଗତ ୨ ତାରିଖରେ ଭୋଗପାଟେଲି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୋଗପାଟେଲି ଗ୍ରାମର ବିଜୟ ପ୍ରଧାନ, ସଞ୍ଜୟ ଗୁରୁ, ବିଜୟ ଗୁରୁ ଓ ତ୍ରିନାଥ ଭୋଳ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୂଜା ଚାନ୍ଦାକୁ କେନ୍ଦ୍ରକରି ଗଣ୍ଡଗୋଳରେ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀଙ୍କ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ପୋଲିସ ୨ଟି ମାମଲା (ନଂ. ୧୪୩/୨୨ ଓ ନଂ. ୧୪୪/୨୨) ରୁଜୁ କରିଥିଲା। ଏହାପରେ ଗିରଫ ହେବା ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପରେ ସେମାନେ ଗ୍ରାମକୁ ଫେରିଥିବା ପୋଲିସ ଖବରପାଇ ସେମାନଙ୍କୁ କାବୁ କରିଥିଲା।

# ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ପିପିଲି/ବଲଙ୍ଗା,୨୨।୯ (ଡି.ଏନ୍.ଏ.)**

## ଡ୍ରାଇଭର ଫେରାର, ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ରେ ନିଆଁ ଲଗାଇଲେ



ବଲଙ୍ଗା ଥାନା ଅନ୍ତର୍ଗତ ହରିପୁର ଚିତ୍ତଳପୁର କେନାଲ ବନ୍ଧ ରାସ୍ତାର ଜୈନାବାଦ ଗ୍ରାମ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ସୋମଣାଶାସନ ପଞ୍ଚାୟତ ଅଧୀନ ଖଇରାତ ଗ୍ରାମର ପ୍ରଦୀପ କୁମାର ପ୍ରଧାନ(୩୫)। ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଫେରାର ହୋଇଯିବାରୁ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ବଲଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୫୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଦୀପ ପିପିଲିସ୍ଥିତ ପାଢଶାଣୀପୁରରେ ଥିବା ଏକ ଆପାର୍ଟମେଣ୍ଟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ବୁଧବାର ମଧ୍ୟ ସେ ଏକ ସାଇକେଲ ଯୋଗେ ଆପାର୍ଟମେଣ୍ଟକୁ କାର୍ଯ୍ୟ କରିବାକୁ ଆସୁଥିଲେ। ହେଲେ ଜୈନାବାଦ ଗ୍ରାମ ନିକଟରେ ନଂ.ଓଆର୍ ୦୫ ଟି ୭୪୭୯ ବିଶିଷ୍ଟ ଏକ ଟ୍ରକ୍ ଆସି ପଛରୁ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ପ୍ରଦୀପ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠି ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ଟ୍ରକ୍ ଛାଡ଼ି ଡ୍ରାଇଭର ଫେରାର ହୋଇଯିବାରୁ ସ୍ଥାନୀୟ ଲୋକେ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଅପରପକ୍ଷେ ପ୍ରଦୀପଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ କାର୍ଯ୍ୟ କରୁଥିବା ଆପାର୍ଟମେଣ୍ଟ ହୋଇ ନେବାବେଳେ ଆପାର୍ଟମେଣ୍ଟବାସୀ ମ୍ରିୟମାଣ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମୃତଦେହକୁ ଗ୍ରାମ ଅଭିମୁଖେ ନିଆଯାଇଥିଲା।



ପୁରୀ ବାଙ୍କୀମୁହାଣସ୍ଥିତ ମା' ରାମଚଣ୍ଡୀଙ୍କ ସିଦ୍ଧିଦାତ୍ରୀ ବେଶ।




ପୁରୀଠାରେ ସ୍ୱଚ୍ଛତା ରଥକୁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଉଦଘାଟନ କରୁଛନ୍ତି।

# ରାତି ୧୧ରେ ବଡ଼ସିଂହାର ବେଶ

## କାର୍ତ୍ତିକ ମାସ ପାଇଁ ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ

**ପୁରୀ ଅଫିସ, ୨୨।୯**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଆଗାମୀ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ନିମନ୍ତେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ପ୍ରାତଃ ୪ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟା, ୪.୩୦ରେ ଭିତର ଶୋଧ, ୫ଟାରେ ମଙ୍ଗଳ ଆଳତି, ୫.୩୦ରେ ମଇଲମ, ୫ ଟା ୩୦ରେ ଅବକାଶ, ୬.୩୦ରୁ ୭.୩୦ ରାଧାଦାମୋଦର ବେଶ, ସକାଳ ୭ଟାରେ ରୋଷହୋମ, ୭.୧୫ରେ ସୂର୍ଯ୍ୟପୂଜା, ୭.୩୦ରେ ଦ୍ୱାରପାଳ ପୂଜା, ୮ଟାରେ ଗୋପାଳବଲ୍ଲଭ, ୮.୩୦ରୁ ୯.୩୦ ସକାଳଧୂପ (କେବଳ କୋଠଭୋଗ), ବାଲଭୋଗ ୧୦ଟାରୁ ୧୦.୩୦ ସୁଦ୍ଧା ସରିବ। ଭୋଗମଣ୍ଡପ ଉଠିବ ୧୦ଟା ୧୦, ମଇଲମ ଓ ବେଶ ୧୦ଟା ୪୫ରୁ ୧୧.୩୦, ଭୋଗମଣ୍ଡପ ଶେଷ ମଧ୍ୟାହ୍ନ ୧୨ଟା, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୨.୩୦ରୁ ୧.୩୦, ଦ୍ୱିତୀୟ ଭୋଗମଣ୍ଡପ ୧ଟା ୧୦ରୁ ୨.୩୦, ଦକ୍ଷିଣଘର ଭୋଗ ୨ଟା, ବେଶ ମଇଲମ ୩ଟା, ଦିବା ପହୁଡ଼ ୩ଟା ୩୦, ଦ୍ୱାର ଫିଟା ୫ଟା ୩୦, ସନ୍ଧ୍ୟା ଆଳତି ୬ଟା, ମଇଲମ ବେଶ ୬ଟା ୫ରୁ ୬.୫୦, ସନ୍ଧ୍ୟାଧୂପ ୭.୨୦ରୁ ୯ଟା, ମଇଲମ ୯.୩୦, ଚନ୍ଦନ ଲାଗି ୧୦ଟା, ବଡ଼ସିଂହାର ବେଶ ୧୧ଟା, ବଡ଼ ସିଂହାର ଭୋଗ ୧୧.୩୦ ରାତ୍ର ପହୁଡ଼ ରାତି ୧୨ଟାରେ ହେବ। ସେହିପରି ଅକ୍ଟୋବର ୩୧ରେ ବଡ ଠାକୁରଙ୍କ ହରିହର ବେଶ, ୪ ନଭେମ୍ବରରେ ଲକ୍ଷ୍ମୀନାରାୟଣ ବେଶ ଏବଂ ହରି ଉତ୍ଥାପନା ନୀତି, ୫ରେ ବାଙ୍କଚୂଡ଼ା ବେଶ ଓ ଗରୁଡ ଉତ୍ଥାପନା ନୀତି, ୬ରେ ଡାଳିକିଆ ବେଶ, ୭ରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ୮ ତାରିଖରେ ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଏହାଛଡ଼ା ଦ୍ୱାଦଶୀ, ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟ ପରାଗର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି।

# ନରସିଂହପୁରରେ ଆଧ୍ୟାତ୍ମିକ ଶିକ୍ଷା ସମ୍ମିଳନୀ

**କାକଟପୁର/ ଅସ୍ତରଙ୍ଗ, ୨୨।୯ (ଡି.ଏନ୍.ଏ.)**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ତରଫରୁ ଚାରିଦିନ ବ୍ୟାପୀ ଧର୍ମଜ୍ଞାନ, ସହଜ ରାଜଯୋଗ ଶିକ୍ଷା ସମ୍ମିଳନୀ ନୟହାଟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁମ୍ବାଇରୁ ଆସିଥିବା ରାଜଯୋଗିନୀ ବି. କେ. ମମତା ପାଲ, କାକଟପୁରସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟରୁ ପ୍ରବକ୍ତା ଭାବେ ରାଜ ଯୋଗୀ ଲକ୍ଷ୍ମୀଧର ଖୁଣ୍ଟିଆ, ରାଜ ଯୋଗୀ କିଶୋର କୁମାର ଦୀକ୍ଷିତ, ନୟାହାଟ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ ମକର ଧଜ ଯୋଗଦେଇ ମାଉଣ୍ଟଆବୁରୁ ପ୍ରଶିକ୍ଷଣ ପାଇଥିବା ଅଧ୍ୟାତ୍ମିକ ଜ୍ଞାନ ଚର୍ଚ୍ଚା ଉପରେ ନିଜର ଅନୁଭବ ବଖାଣି ଥିଲେ। ଏଥିରେ ବହୁ ରାଜ ଯୋଗିନୀ ଏବଂ ଭଗ୍ନୀମାନେ ଯୋଗଦେଇ ଈଶ୍ୱରୀୟ ଅମୃତରସ ପାନ କରି ଆଜିର ଦୁନିଆରେ କିପରି ଚାଲିବେ ସେ ବିଷୟରେ ମଞ୍ଚାସୀନ ଅତିଥିଙ୍କର ବକ୍ତବ୍ୟକୁ ଗ୍ରହଣ କରିବା ସହିତ ଆଗାମୀ ଦିନରେ କାର୍ଯ୍ୟରେ ଲଗାଇବା ପାଇଁ ସଂକଳ୍ପବଧ ବୋଲି ପରିପ୍ରକାଶ କରିଥିଲେ। ରାଜ ଯୋଗିନୀ କୁନ୍ତଳା ଏବଂ ବ୍ରହ୍ମାକୁମାରୀ ରାଜଲକ୍ଷ୍ମୀ ନିଜ ଅଭିଭାଷଣରେ ଘର ଗୃହସ୍ଥରେ ସୁଖ ଶାନ୍ତିମୟ ଜୀବନଯାପନର ଆଧାର ହେଉଛି ରାଜ ଯୋଗ ବୋଲି କହିଥିଲେ। ଶେଷରେ ଭଉଣୀ ବି. କେ. ମଧୁସ୍ମିତା ଧନ୍ୟବାଦ ଦେଇଥିଲେ।



ପୁରୀ ଅର୍ବାନ୍ କୋ-ଅପରେଟିଭ ବ୍ୟାଙ୍କରେ ଦୁର୍ନୀତି ଓ ବେଆଇନ ନିଯୁକ୍ତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ପରିଚାଳନା ପରିଷଦର ଉପସଭାନେତ୍ରୀ, ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକାମାନେ ଗୁରୁବାର ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି।

# କାର୍ଯ୍ୟକ୍ଷମ ହୋଇପାରିନି ଅତ୍ୟାଧୁନିକ ମାଛ ବଜାର

**ପୁରୀ ଅଫିସ,୨୨।୯**

## ଅବଧି ପୂରିବା ସତ୍ତ୍ୱେ ସରିନି ଅଧା କାମ

ପୁରୀ ସହରରେ ଗୋଟିଏ ଛାତ ତଳେ ସବୁ ଆମିଷଜାତ ଦ୍ରବ୍ୟ ଉପଲବ୍ଧ କରାଇବା ସହ ପ୍ରଦୂଷଣ ରୋକିବା ପାଇଁ ୨୦୧୯ ମସିହାରେ ତାଳବଣିଆରେ ଓଡ଼ିଶାର ଦ୍ୱିତୀୟ ଅତ୍ୟାଧୁନିକ ସ୍ୱଚ୍ଛ ମାଛ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତ ମାଛ ବ୍ୟବସାୟୀଙ୍କୁ ଏକକ ବଜାର ଯୋଗାଇବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା ଜିଲା ପ୍ରଶାସନ କହିଥିଲା। ୨୦୨୧ ଜୁନ୍ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଅବଧି ପୂରଣ ପରେ ବି କୋଠା ନିର୍ମାଣ ସରିନାହିଁ କି ବଜାର ଖୋଲିପାରିନାହିଁ। ବେପାରୀମାନେ ଏଣେତେଣେ ଦୋକାନ ଖୋଲି ଆମିଷ ଦ୍ରବ୍ୟ ବିକ୍ରି କରୁଛନ୍ତି। ଏଥିଯୋଗୁ ଜାଗା ଜବରଦଖଲ ହେବା ସହ ଯାତାୟାତରେ ସମସ୍ୟା ଉପୁଜୁଛି।

ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ଅତ୍ୟାଧୁନିକ ଶୈଳୀରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରି ବଜାର ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଡିପିଆର୍ ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ୨ ମହଲା ବିଶିଷ୍ଟ କୋଠା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଠାରେ ଦୋକାନୀମାନଙ୍କୁ ସ୍ଥାୟୀ ଦୋକାନ ଘର ଦେବା ଲାଗି ଯୋଜନା କରାଯାଇଥିଲା। ଏହାକୁ ଲାଗି ଏକ ପରିବା ବଜାର ସୃଷ୍ଟି ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଥିଲା। ମାଛ ବଜାର ନିକଟରେ ପୌରସଂସ୍ଥାର ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ଥିବାରୁ ମାଛରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ ବୋଲି କୁହାଯାଉଥିଲା। ଅନ୍ୟପକ୍ଷରେ ଏଯାବତ୍ ଏହି ପ୍ରକଳ୍ପର ୫୦ ପ୍ରତିଶତ କାମ ଶେଷ ହୋଇପାରିଛି। ଫଳରେ ପୁରୀ ଭଳି ଆଧ୍ୟାତ୍ମିକ ସହରରେ ଏଣେତେଣେ ଆମିଷ ଦ୍ରବ୍ୟ ବିକ୍ରି କରାଯାଉଛି। ଗୋଟିଏ ସ୍ଥାନରେ ଆମିଷ ଦ୍ରବ୍ୟ ବିକ୍ରି ହେବା ଭଳି ବ୍ୟବସ୍ଥାକୁ ପୁରୀ ସହରବାସୀ ପ୍ରଶଂସା କରୁଥିବାବେଳେ ସଂପ୍ରତି ପ୍ରକଳ୍ପ କାର୍ଯ୍ୟର ମନ୍ଥରତାକୁ ନାପସନ୍ଦ କରିଛନ୍ତି। ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ସେହିପରି ମାଛ ବ୍ୟବସାୟୀ ଦିନେଶ ବେଉରା କହିଛନ୍ତି, ପ୍ରଶାସନ ଆମ ବ୍ୟବସାୟରେ ସମସ୍ୟା ସୃଷ୍ଟି କରୁଛି। ଗୋଟିଏ ଜାଗାରେ ୧୫ ଦିନ ବସିବା ପରେ ଉଠାଇ ଦେଉଛି। ବାରମ୍ବାର ଏଠାରୁ ସେଠାରୁ ହେବା ଫଳରେ ବେପାର କରିବା କଷ୍ଟକର ହୋଇପଡୁଛି। ତେଣୁ ମାଛ ବଜାର ଆମ ଭଳି ବେପାରୀଙ୍କ ପାଇଁ ନିହାତି ଦରକାର। ଏହାର କାମ ତୁରନ୍ତ ସାରି କାର୍ଯ୍ୟକ୍ଷମ କରାଯିବା ଦରକାର। ଫଳରେ ଉଭୟ ଦୋକାନୀ ଓ ଗ୍ରାହକଙ୍କ ପାଇଁ କିଣାବିକା ସହଜ ହୋଇପାରିବ। ଅନ୍ୟପକ୍ଷରେ କୋଭିଡ୍ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଛି, ତେବେ ସମ୍ପ୍ରତି ପୁଣି ତ୍ୱରିତ ବେଗରେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରଶାସନ ପ୍ରକ୍ଷରୁ କୁହାଯାଇଛି।




# ଦିବ୍ୟାଙ୍ଗଙ୍କଠାରୁ ୪୦ ହଜାର ଠକେଇ

**ନିମାପଡ଼ା,୨୨।୯(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ମାଧିବରହମ୍ପୁର ଗ୍ରାମର ଜଣେ ଭିନ୍ନକ୍ଷମ ଭିକ୍ଷୁକଙ୍କଠାରୁ ଅନ୍ୟ ଏକ ଗ୍ରାମର ଜଣେ ବ୍ୟକ୍ତି ୪୦ ହଜାର ଟଙ୍କା ଠକି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୨୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାଥାଉ କି, ଭିନ୍ନକ୍ଷମ ସନ୍ନାଉଲା ଖାଁ (୪୦) ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ୩ଟି ଝିଅ ଓ ଗୋଟେ ପୁଅ ଅଛନ୍ତି। ସନ୍ନାଉଲାଙ୍କ ୩ ଝିଅଙ୍କ ନାମରେ ୬ ଲକ୍ଷ ଟଙ୍କା ସରକାରୀ ସହାୟତା କରାଇ ଦେବାକୁ କହି ମଲ୍ଲିକ ସାହି ଗ୍ରାମର ବିକାଶ ମଲ୍ଲିକ(୪୨) ତାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ସେଥିପାଇଁ ତାଙ୍କଠାରୁ ୩ଟି ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ସହ ୩ ଝିଅଙ୍କ ଆଧାର କାର୍ଡ ବର୍ଷେ ହେବ ନେଇଯାଇଥିବା ସନ୍ନାଉଲା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଟଙ୍କା ଫେରାଇବାକୁ କହିବାରୁ ସେ ଅନେକ ବାହାନା କରି ମନା କରିଦେଉଛନ୍ତି।

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅଧିକାରୀଙ୍କ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ

**ଡେଲାଙ୍ଗ,୨୨।୯ (ଡି.ଏନ୍.ଏ.)**

ବିଶ୍ୱ ଖାଦ୍ୟ ପ୍ରୋଗ୍ରାମର ଅଧିକାରୀ ବୁଧବାର ଡେଲାଙ୍ଗ ବ୍ଲକ ହରିରାଜପୁରସ୍ଥିତ ମିଶନ ଶକ୍ତିର ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ବ୍ୟାଙ୍କକ୍ ଓ ଆମେରିକାରୁ ଅଧିକାରୀମାନେ ଆସି ଛତୁଆ କେନ୍ଦ୍ର ପରିଦର୍ଶନ କରି ମହିଳା ଗୋଷ୍ଠୀଙ୍କୁ ପ୍ରଶଂସା କରିଥିଲେ। ଆମେରିକାର ଇରିକ୍ କେନଫିକ୍, ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ବେଲିଣ୍ଡା ଚାନ୍ ପ୍ରମୁଖ ଶିଶୁ ଖାଦ୍ୟ ଛତୁଆ କେନ୍ଦ୍ର ବୁଲି ମାନ ପରୀକ୍ଷା କରିବା ସହିତ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ସିଡିପିଓ ହାରାମଣି ନାୟକ, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ନନ୍ଦିତା ସ୍ୱାଇଁ, ଜଏଣ୍ଟ ସେକ୍ରେଟାରୀ ହିମାଂଶୁ ଶେଖର ଭୋଳ, ମହିଳା ମିଶନ ଶକ୍ତି ସଭାପତିବିଦ୍ୟୁଲତା ସ୍ୱାଇଁ, ସ୍ୱର୍ଣ୍ଣମୟୀ ଜେନା, ଭାରତୀ ଚମ୍ପତି, ମୀନାକ୍ଷୀ ଉଷାରାଣୀ ପାଇକରାୟ, ଶୁଭଲକ୍ଷ୍ମୀ ସ୍ୱାଇଁ, ବନିତା ଦାସ ପ୍ରମୁଖ ସଦସ୍ୟା ଉପସ୍ଥିତ ଥିଲେ ।



ଛତୁଆ କେନ୍ଦ୍ର ପରିଦର୍ଶନ ଅବସରରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅଧିକାରୀ ଓ ଅନ୍ୟମାନେ।

# କାର୍ ସିକ୍ରେଟ ଚାମ୍ବରରେ ରୁପା ଇଟା

**କଟକ ଅଫିସ,୨୨।୯**

## ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା

- ୧ କୁଇଣ୍ଟାଲ ରୁପା ଇଟା ସହ ୧୧.୯ ଲକ୍ଷ ଟଙ୍କା ଜବତ
- ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର, ୨ ଅଟକ
- ଆସିକାରୁ ଖଡ଼ଗପୁର ଯାଉଥିଲା

ଗଞ୍ଜେଇ ଧରିବାକୁ ଯାଇ ଧରିଲେ ୧ କୁଇଣ୍ଟାଲ ରୁପା ଇଟା। ତା' ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଏକ କାର୍‌ର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଇଟା ଧରିବା ପରେ ଅବକାରୀ ବିଭାଗ ମାମଲାକୁ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି। ଗୁରୁବାର ସକାଳ ପ୍ରାୟ ୯ଟାରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଏତେ ପରିମାଣର ରୁପା ଇଟା ଜବତ ହୋଇଥିବାରୁ ଟିକସ ଫାଙ୍କି ସନ୍ଦେହ କରାଯାଇ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ କଟକ ଜିଲା ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲେ। ଡିଏସ୍‌ପି ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କାର (ଡବ୍ଲ୍ୟୁବି୫୦-ଆର-୫୮୭୬)କୁ ତନଖି କରିବା ପରେ ସେଥିରେ ବହୁ ରୁପା ଇଟା, ଅଳଙ୍କାର ଓ ଟଙ୍କା ଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଏତେ ପରିମାଣର ରୁପା, ଅଳଙ୍କାର ଏବଂ ଟଙ୍କା ବିଷୟରେ ଯେମିତି କେହି ଜାଣି ନ ପାରିବେ, ସେଥିପାଇଁ ସେଗୁଡ଼ିକୁ ପଛ ସିଟ୍ ତଳେ ସିକ୍ରେଟ ଚାମ୍ବର କରାଯାଇ ନିଆଯାଉଥିଲା। ଅବକାରୀ ବିଭାଗ ଉକ୍ତ କାର୍ ସହ ସମସ୍ତ ସାମଗ୍ରୀ ଓ ଟଙ୍କାକୁ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଆଣିଥିଲା। ଅବକାରୀ ବିଭାଗ ସମ୍ପର୍କିତ କୌଣସି ଚୋରା ସାମଗ୍ରୀ କାର୍‌ରୁ ମିଳି ନ ଥିବାରୁ ଏନେଇ ଜିଏସ୍‌ଟି ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଜିଏସ୍‌ଟି ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଜବତ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା। ଜିଏସ୍‌ଟି ବିଭାଗ ପକ୍ଷରୁ ଇଟାଗୁଡ଼ିକୁ ଓଜନ କରାଯିବା ସହ ମୋଟ ୪୭ ଖଣ୍ଡ ଛୋଟ, ବଡ଼ ଇଟା ଓ ୧୯ଟି ରୁପା ଅଳଙ୍କାର ପ୍ୟାକେଟ ରହିଥିବା ଜଣାପଡ଼ିଥିଲା।

କାର୍ ଚାଳକଙ୍କ ସୂଚନା ଅନୁସାରେ ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ଅଭିମୁଖେ ନିଆଯାଉଥିଲା। ଏଗୁଡ଼ିକର ମାଲିକ ହେଉଛନ୍ତି ଖଡ଼ଗପୁର ଦାମୋଦରପୁର ଅମିତ ମାଝି। ସେ ଆସ୍କାର ବାବୁ ଭାଇଙ୍କଠାରୁ ଏଗୁଡ଼ିକୁ କିଣି ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। କେବଳ ଚାଳକ ହିସାବରେ ଦିନକୁ ୧ହଜାର ଟଙ୍କା ପାରିଶ୍ରମିକ ମିଳେ ବୋଲି ଚାଳକ ଜଣକ ପଚରାଉଚୁରାବେଳେ ଉତ୍ତର ରଖିଥିବା ଜଣାଯାଇଛି। ତେବେ ଯାଞ୍ଚ ବେଳେ ଚାଳକ ଜଣକ କୌଣସି କାଗଜପତ୍ର ଦେଖାଇ ପାରିନଥିବା ବେଳେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଯଦି ସବୁକିଛି ଠିକ୍ ଓ ନିୟମରେ କରାଯାଉଛି ତାହେଲେ ମାଲ୍‌ଗୁଡ଼ିକ ପରିବହନ ବେଳେ ସାଙ୍ଗରେ କାହିଁକି କାଗଜପତ୍ର ନାହିଁ ଓ ସେଗୁଡ଼ିକୁ କାହିଁକି ସିକ୍ରେଟ ଚାମ୍ବରରେ ରଖି ନିଆଯାଉଥିଲା ବୋଲି ଜିଏସ୍‌ଟି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଏସ୍‌ଟି ଅଧିକାରୀମାନେ ଉକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି।



ଜବତ ଇଟା ରୁପା, ଅଳଙ୍କାର ଏବଂ ଟଙ୍କା।

## ଗ୍ୟାସ୍ ଲିକ୍‌ରୁ ଛାତ୍ରାବାସରେ ଅଗ୍ନିକାଣ୍ଡ

ସାଲେପୁର,(ଡି.ଏନ୍.ଏ.) ରୋଷେଇ କରୁଥିବାବେଳେ ଗ୍ୟାସ ଲିକ୍ ହୋଇ ଛାତ୍ରାବାସରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଛାତ୍ରମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଗୁରୁବାର ସନ୍ଧ୍ୟାରେ ସାଲେପୁର ଫାର୍ମାସୀ କଲେଜର ବାଳକ ଛାତ୍ରାବାସରେ ରୋଷେଇ ହେଉଥିବା ବେଳେ ଗ୍ୟାସ ଲିକ୍ ହୋଇଥିଲା। ପରେ ନିଆଁ ଲାଗି ରୋଷେଇ ଘରେ ବହୁ ସାମଗ୍ରୀ ପୋଡ଼ି ଯାଇଥିଲା। ଛାତ୍ରମାନେ ଉପସ୍ଥିତ ବୁଦ୍ଧି ଖଟାଇ ନିଆଁ ଲାଗିଥିବା ସ୍ଥାନରେ ବାଲି ପକାଇ ଆୟତ୍ତ କରିଦେଇଥିଲେ।

# କାର୍ ସିକ୍ରେଟ ଚାମ୍ବରରେ ରୁପା ଇଟା



ଜବତ ଇଟା ରୁପା, ଅଳଙ୍କାର ଏବଂ ଟଙ୍କା।

**ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା**

- ୧ କୁଇଣ୍ଟାଲ ରୁପା ଇଟା ସହ ୧୧.୯ ଲକ୍ଷ ଟଙ୍କା ଜବତ
- ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର, ୨ ଅଟକ
- ଆସିକାରୁ ଖଡ଼ଗପୁର ଯାଉଥିଲା

**କଟକ ଅଫିସ,୨୨।୯**

ଗଞ୍ଜେଇ ଧରିବାକୁ ଯାଇ ଧରିଲେ ୧ କୁଇଣ୍ଟାଲ ରୁପା ଇଟା। ତା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଏକ କାର୍‌ର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଇଟା ଧରିବା ପରେ ଅବକାରୀ ବିଭାଗ ମାମଲାକୁ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି। ଗୁରୁବାର ସକାଳ ପ୍ରାୟ ୯ଟାରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଏତେ ପରିମାଣର ରୁପା ଇଟା ଜବତ ହୋଇଥିବାରୁ ଟିକସ ଫାଙ୍କି ସନ୍ଦେହ କରାଯାଇ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ କଟକ ଜିଲା ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲେ। ଡିଏସ୍‌ପି ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କାର (ଡବ୍ଲ୍ୟୁବି୫୦-ଆର-୫୮୭୬)କୁ ତନଖି କରିବା ପରେ ସେଥିରେ ବହୁ ରୁପା ଇଟା, ଅଳଙ୍କାର ଓ ଟଙ୍କା ଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଏତେ ପରିମାଣର ରୁପା, ଅଳଙ୍କାର ଏବଂ ଟଙ୍କା ବିଷୟରେ ଯେମିତି କେହି ଜାଣି ନ ପାରିବେ, ସେଥିପାଇଁ ସେଗୁଡ଼ିକୁ ପଛ ସିଟ୍ ତଳେ ସିକ୍ରେଟ ଚାମ୍ବର କରାଯାଇ ନିଆଯାଉଥିଲା। ଅବକାରୀ ବିଭାଗ ଉକ୍ତ କାର୍ ସହ ସମସ୍ତ ସାମଗ୍ରୀ ଓ ଟଙ୍କାକୁ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଆଣିଥିଲା। ଅବକାରୀ ବିଭାଗ ସମ୍ପର୍କିତ କୌଣସି ଚୋରା ସାମଗ୍ରୀ କାର୍‌ରୁ ମିଳି ନ ଥିବାରୁ ଏନେଇ ଜିଏସ୍‌ଟି ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଜିଏସ୍‌ଟି ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଜବତ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା। ଜିଏସ୍‌ଟି ବିଭାଗ ପକ୍ଷରୁ ଇଟାଗୁଡ଼ିକୁ ଓଜନ କରାଯିବା ସହ ମୋଟ ୪୭ ଖଣ୍ଡ ଛୋଟ, ବଡ଼ ଇଟା ଓ ୧୯ଟି ରୁପା ଅଳଙ୍କାର ପ୍ୟାକେଟ ରହିଥିବା ଜଣାପଡ଼ିଥିଲା।

କାର୍ ଚାଳକଙ୍କ ସୂଚନା ଅନୁସାରେ ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ଅଭିମୁଖେ ନିଆଯାଉଥିଲା। ଏଗୁଡ଼ିକର ମାଲିକ ହେଉଛନ୍ତି ଖଡ଼ଗପୁର ଦାମୋଦରପୁର ଅମିତ ମାଝି। ସେ ଆସ୍କାର ବାବୁ ଭାଇଙ୍କଠାରୁ ଏଗୁଡ଼ିକୁ କିଣି ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। କେବଳ ଚାଳକ ହିସାବରେ ଦିନକୁ ୧ହଜାର ଟଙ୍କା ପାରିଶ୍ରମିକ ମିଳେ ବୋଲି ଚାଳକ ଜଣକ ପଚରାଉଚୁରାବେଳେ ଉତ୍ତର ରଖିଥିବା ଜଣାଯାଇଛି। ତେବେ ଯାଞ୍ଚ ବେଳେ ଚାଳକ ଜଣକ କୌଣସି କାଗଜପତ୍ର ଦେଖାଇ ପାରିନଥିବା ବେଳେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଯଦି ସବୁକିଛି ଠିକ୍ ଓ ନିୟମରେ କରାଯାଉଛି ତାହେଲେ ମାଲ୍‌ଗୁଡ଼ିକ ପରିବହନ ବେଳେ ସାଙ୍ଗରେ କାହିଁକି କାଗଜପତ୍ର ନାହିଁ ଓ ସେଗୁଡ଼ିକୁ କାହିଁକି ସିକ୍ରେଟ ଚାମ୍ବରରେ ରଖି ନିଆଯାଉଥିଲା ବୋଲି ଜିଏସ୍‌ଟି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଏସ୍‌ଟି ଅଧିକାରୀମାନେ ଉକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି।

## ଗୃହରକ୍ଷୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**ମାହାଙ୍ଗା, ୨୨।୯(ସ୍ୱ.ପ୍ର)**

ମାହାଙ୍ଗା ଥାନା କୁମୁଡ଼ା ଜୟପୁର ଫାଣ୍ଡି ଅଞ୍ଚଳରେ ବାରମ୍ବାର ଅପରାଧ ଘଟାଇ ଫେରାର ହୋଇଯାଉଥିବା ପେଶାଦାର ଅପରାଧି ତଥା କୁଣ୍ଡି ପଞ୍ଚାୟତ ମଲିକପୁର ଗ୍ରାମର ଗୌତମ ମଲିକଙ୍କୁ ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର କୁମୁଡ଼ା ଜୟପୁର ଫାଣ୍ଡିର କାର୍ଯ୍ୟରତ ଗୃହରକ୍ଷୀ ସମୀର ପ୍ରଧାନ ଫାଣ୍ଡିକୁ ଫେରୁଥିବା ବେଳେ ତାଙ୍କୁ ଗୌତମ ଏକ ଲୁହା ରଡ଼ରେ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। କୌଶଳ କ୍ରମେ ସମୀର ସେଠାରୁ ଖସିଆସି ଫାଣ୍ଡିରେ ସବୁକଥା ଜଣାଇଥିଲେ। ଫାଣ୍ଡି ଅଧିକାରୀ ମଲିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜୟପୁର ବଜାରରୁ ଗୌତମଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ ମାହାଙ୍ଗା ଥାନାକୁ ନିଆଯାଇ ବିଭିନ୍ନ ଅପରାଧିକ କାର୍ଯ୍ୟ ସମ୍ପର୍କରେ ପଚରାଉଚରା କରାଯାଇଥିଲା। ସେ ବହୁ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼ିଥିଲା। ପୋଲିସ କେସ ନଂ ୨୬୭/୨୨ରେ ଏକ ମାମଲା ରୁଜୁ କରି ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ସଂକ୍ଷେପରେ

### ମୋ ସ୍କୁଲକୁ ୫୦ ହଜାର ଦେଲେ ସାମାଜିକ କର୍ମୀ

ମାହାଙ୍ଗା, ୨୨।୯(ସ୍ୱ.ପ୍ର)-ବିଦ୍ୟାଳୟର ବିକାଶ ନିମନ୍ତେ ସରକାର 'ମୋ ସ୍କୁଲ' ଯୋଜନା କରିଥିବା ବେଳେ ଏହା ଦ୍ୱାରା ବିଦ୍ୟାଳୟର ଉନ୍ନତି ନିମନ୍ତେ ବିଭିନ୍ନ ବ୍ୟକ୍ତି ସହଯୋଗର ହାତ ବଢ଼ାଉଛନ୍ତି। ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତର ପୁରାତନ ଶିକ୍ଷାନୁଷ୍ଠାନ ପଞ୍ଚାୟତ ହାଇସ୍କୁଲର ବିକାଶ ନିମନ୍ତେ ଯୁବ ସାମାଜିକ କର୍ମୀ ରଞ୍ଜନ କୁମାର ରାଉତ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ଦଉହରି ସାହୁ, ସ୍ମିତିରଞ୍ଜନ ପଟ୍ଟନାୟକ, କମିଟି ସଭ୍ୟ ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତକଙ୍କ ପରିବାରକୁ ଭେଟିଲେ ଜିଲା ଭାଜପା ସଭାପତି

ସାଲେପୁର,୨୨।୯ (ଡି.ଏନ୍.ଏ.)- ସାଲେପୁର ବ୍ଲକ କେରଙ୍ଗା ଗ୍ରାମକୁ ଥିବା ରାସ୍ତା ଖରାପ ଯୋଗୁ ଗାଁକୁ ଯାଇପାରିନଥିଲା ଆମ୍ବୁଲାନ୍ସ। ଷ୍ଟ୍ରେଚରରେ ୧ କିମି ବୋହିନେଇ ପରେ ଗାଡ଼ିରେ ଅସୁସ୍ଥ ମହିଳା ଗୌରୀବାଳା ବିଶ୍ୱାଳଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାର ଚାରି ଦିନ ପରେ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚି ନ ଥିବା ବେଳେ ଗୁରୁବାର କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା ମୃତକଙ୍କ ପରିବାର ନିକଟରେ ପହଞ୍ଚିଛନ୍ତି। ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ରାସ୍ତା ଅବସ୍ଥା ଦେଖିବା ସହ ଖୁବଶୀଘ୍ର କେନ୍ଦ୍ର ସରକାରଙ୍କ ସହାୟତାରେ ଏହି ରାସ୍ତା ନିର୍ମାଣ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ ମଲିକ, ପ୍ରମୋଦ ଚନ୍ଦ୍ର ନାୟକ, ବିକ୍ରମ କେଶରୀ ବଳ, ସଂଗ୍ରାମ କେଶରୀ ପଣ୍ଡା, ନୟନାଭିରାମ ଭାନୁପ୍ରତାପ, ସ୍ନେହଲତା ସିଂହ, ରିଜୁଆନ ସଫି, ଇମତିଆଜ ଖାଁ, ଫରଜନ ଖାଁ, ସେକ ନଜିବୁଲା, ଇମ୍ରାନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

କଟକ ସଦର,୨୨।୯(ଡି.ଏନ୍.ଏ.)- କିଶନନଗର ଥାନା ଅନ୍ତର୍ଗତ ମାଣପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ବୁଧବାର ରାତିରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ତାଲା ଭାଙ୍ଗି ଗୋଟିଏ ପ୍ରିଣ୍ଟର, ଇନ୍‌ଭର୍ଟର ମେଶିନ ସହ ବ୍ୟାଟେରି ଚୋରି କରି ନେଇଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋକୁଳାନନ୍ଦ କୁଆଁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୬୮/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଶିଶୁ ବିଜ୍ଞାନୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୨୨।୯(ଡି.ଏନ୍.ଏ.)- ସାଲେପୁର ହାଇସ୍କୁଲ ଅଡିଟୋରିୟମ ହଲଠାରେ ସାଲେପୁର ଶିକ୍ଷାମଣ୍ଡଳ ପକ୍ଷରୁ ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ଶିଶୁ ବିଜ୍ଞାନୀ ମହମ୍ମଦ ୟାସିର ଜମିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟ ଅତିଥି, ଅକ୍ଷୟ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି, ଗୀତାରାଣୀ ଦେଇ, ଶୁଭଶ୍ରୀ ରଥ, ସଚ୍ଚିଦାନନ୍ଦ ଶରଣ, ସିଆରସିସି ରଞ୍ଜନ ମୋହନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତିମଞ୍ଜରୀ ସ୍ୱାଇଁ, ଅନ୍ତର୍ଯ୍ୟାମୀ ଭୋଳ, ଭରତ ବାରିକ ସମରେନ୍ଦ୍ର ପଣ୍ଡା, ପ୍ରଭାତ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଶୃଙ୍ଖଳିତ ହୋଇ କଲେଜର ସୁନାମ ରଖ


ତିଗିରିଆସ୍ଥିତ ପ୍ରସନ୍ନ ପୁରୁଷୋତ୍ତମଦେବ କଲେଜ ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ରମାନେ।

**ମାହାଙ୍ଗା/ତିଗିରିଆ/ବାଙ୍କୀ, ୨୨।୯(ସ୍ୱ.ପ୍ର)**

ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ଏରକଣାର ଯୁକ୍ତ ୨ କଳା ଓ ବିଜ୍ଞାନ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପାଠପଢ଼ା ପ୍ରତି ମନୋନିବେଶ କରି ଶୃଙ୍ଖଳିତ ଆଚରଣ କରିବା ସହିତ କଲେଜର ସୁନାମ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ତିଗିରିଆ ବ୍ଲକ ନିଜଗଡ଼ ପଞ୍ଚାୟତର ପ୍ରସନ୍ନ ପୁରୁଷୋତ୍ତମଦେବ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ସୁଧାଂଶୁବାଳା ଦାସ, ପ୍ରାଧ୍ୟାପକ ବିଜୟ କୁମାର ବେହେରା, ଅଜୟ କୁମାର ସ୍ୱାଇଁ, ସୁଧୀର ନାଥ, ଡ଼ଃ ପତିତପାବନ ପଣ୍ଡା, ଅନନ୍ତ ଆଚାର୍ଯ୍ୟ, ମିତାରାଣୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଙ୍କୀ କଲେଜରେ ଅଧ୍ୟକ୍ଷ ରାଜକିଶୋର ପାଲ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ କଲେଜର ଶାନ୍ତିଶୃଙ୍ଖଳା ଓ ପାଠ୍ୟ ଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଯୁଗଳ କିଶୋର ମଣ୍ଡଳ, ନିରଞ୍ଜନ ମହାନ୍ତି, ସମୀର କୁମାର ମହାପାତ୍ର, ଏକାଡେମିକ ଅଧିକାରୀ ଶଶିଭୂଷଣ ମହାପାତ୍ର, ନିରଞ୍ଜନ ଉପାଧ୍ୟାୟ, ବିଶ୍ୱରଞ୍ଜନ ସାହୁ, ପ୍ରମୋଦ ପଣ୍ଡା, ଜାକେଶ ମହାପାତ୍ର, ଅଧ୍ୟାପିକା ପୂର୍ଣ୍ଣିମା ସାହୁ, ଅଧ୍ୟାପକ ଅଦ୍ୱୈତ୍ୟ କୁମାର ପ୍ରଧାନ, ଶ୍ୟାମଲାଲ ଭୋଏ ପ୍ରମୁଖ କଲେଜ ସମ୍ପର୍କରେ ଅବଗତ କରାଇଥିଲେ।

# ଶିକ୍ଷାର ବିକାଶ ହେଲେ ରାଜ୍ୟ ବିକଶିତ ହେବ

**୮ ପଞ୍ଚାୟତର ୧୦ ସ୍କୁଲ ବୁଲିଲେ ବିଧାୟକ**



ବାବୁଜଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନିଶ୍ଚିନ୍ତକୋଇଲି/ନେମାଳ, ୨୨।୯(ସ୍ୱ.ପ୍ର)**

ରାଜ୍ୟ ସରକାର ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ବହୁମୁଖି ଯୋଜନା ଆରମ୍ଭ କରିଛନ୍ତି। ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରିତ କରି ଉତ୍ତମ ବାତାବରଣ ସୃଷ୍ଟି କରାଯାଉଛି। କାରଣ ଶିକ୍ଷାର ବିକାଶ ହେଲେ ରାଜ୍ୟ ବିକଶିତ ହେବ ବୋଲି ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ମତବ୍ୟକ୍ତ କରିଛନ୍ତି। ଗୁରୁବାର ବିଧାୟକ ବେହେରା କଟକ ସଦର ନିର୍ବାଚନ ମଣ୍ଡଳୀ ୮ଟି ପଞ୍ଚାୟତରେ ୫-ଟି ରୂପାନ୍ତକରଣ ଯୋଜନାରେ ସାମିଲ କରାଯାଇଥିବା ୧୦ଟି ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ସର୍ବୋପରି ପିଲାମାନଙ୍କ ସହ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନେଇ ଆଲୋଚନା କରିଥିଲେ। ଆବଶ୍ୟକ ପଡ଼ିଲେ ନିଜ ହାତପାଣ୍ଠିରୁ ବ୍ୟୟବରାଦ କରି ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଏବିଇଓ ଲକ୍ଷ୍ମଣ ଲେଙ୍କା, ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ଯନ୍ତ୍ରୀ ଅନାମ ବିଶ୍ୱାଳ, ସରୋଜ ସାହୁ, ବିଜୟ ସେଠୀଙ୍କ ସହିତ କଟକ ସଦର ବ୍ଲକ ବିଧାୟକ ପ୍ରତିନିଧି ବିଭୂତିଭୂଷଣ ପରିଡା, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ଯୁବନେତା ନୃସିଂହ ଚରଣ ମୁଦୁଲି, ସରପଞ୍ଚ ସରୋଜ ବେହେରା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ସରପଞ୍ଚ ବିଶ୍ୱଭୂଷଣ ନାୟକ, ଅନନ୍ତ କର, ରମାକାନ୍ତ ନାୟକ, ଚିନ୍ମୟୀ ବେହେରା, ସିପ୍ରା ଭୋଇ, ପ୍ରତିମା ବେହେରା, ଶାରଦା ପ୍ରସାଦ ମହାନ୍ତି, ରଞ୍ଜନ ବେହେରା, କିଶୋର ସାହାଣୀ, ସୌଭାଗ୍ୟଲକ୍ଷ୍ମୀ ମଲ୍ଲିକ, ଅଭୟ ଲେଙ୍କା, ବିଶ୍ୱନ୍ଦୁ ମହାରଣା ସାମିଲ ହୋଇଥିଲେ। ଅଚ୍ୟୁତାନନ୍ଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ସରୋଜ ବେହେରା, ମିଳନ ଭୂୟାଁ, ନୃସିଂହ ଚରଣ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

## ଦ୍ୱିତୀୟ ସେମିରେ ମା' ଚର୍ଚ୍ଚିକା କ୍ଲବ

**ବାଙ୍କୀ,୨୨।୯ (ସ୍ୱ.ପ୍ର)**

ବାଙ୍କୀ ମହୋତ୍ସବ କ୍ରୀଡ଼ା ପ୍ରତିଯୋଗିତା ଉପଲକ୍ଷେ ଗୁରୁବାର କଚେରୀ ପଡିଆରେ ଆୟୋଜିତ ପ୍ରଥମାର୍ଦ୍ଧ ଫୁଟବଲ ଟୁର୍ନାମେଣ୍ଟ ପଦନପୁର ଫୁଟବଲ କ୍ଲବ ଓ ଡମପଡ଼ାର ମା' ଯୋଗମାୟା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟରେ ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର, ବରିଷ୍ଠ ଓକିଲ କୈଳାସ ମହାପାତ୍ର, ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି ଓ କ୍ରୀଡାବିତ ନିରଞ୍ଜନ ମହାନ୍ତି ଅତିଥି ଭାବରେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ କୃପାସିନ୍ଧୁ ପ୍ରଧାନ ରେଫରୀ କାର୍ଯ୍ୟ କରିଥିଲେ। ଏମ.ନିହାର ବିନୟ ପ୍ରଧାନ ସହାୟତା କରିଥିଲେ। ଏହି ଟୁର୍ନାମେଣ୍ଟରେ ମା'ଯୋଗମାୟା କ୍ଲବ ବିଜୟୀ ହୋଇ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମା'ଚର୍ଚ୍ଚିକା ସହିତ ଖେଳିଥିଲା। ଶେଷରେ ମା'ଚର୍ଚ୍ଚିକା କ୍ଲବ ଦ୍ୱିତୀୟ ସେମିଫାଇନାଲକୁ ଉନ୍ନୀତ ହୋଇଛି।

## ଶ୍ରୀରାମ ନାଟ୍ୟ ସଂସଦର ସାଂସ୍କୃତିକ କାର୍ଯ୍ୟକ୍ରମ

**ବାଙ୍କୀ,୨୨।୯ (ସ୍ୱ.ପ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ଶ୍ରୀରାମ ନାଟ୍ୟ ସଂସଦ ଦ୍ୱାରା ସିଂହନାଥପୁର ଗ୍ରାମର ମା'ମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ମୁଖ୍ୟ ଅତିଥି ଭାବରେ ସୁଦର୍ଶନ ରାୟ ଏବଂ ନାଟ୍ୟ ସଂସଦ ସଂପାଦକ ଅଶୋକ ବେହେରା ଯୋଗଦେଇଥିଲେ। କମିଟି ସଭାପତି ଶାନ୍ତିଲତା ସାହୁ, ସମ୍ପାଦିକା ଲିନୁ ସାହୁ ଓ ରୋଜାଲିନା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ରଜମୋହନଙ୍କୁ ଅମର କରିଛି ଆକାଶବାଣୀର ଆମରି କଥା

**କଟକ ଅଫିସ,୨୨।୯:**

ଡକ୍ଟର ବ୍ରଜମୋହନ ମହାନ୍ତି ଓଡ଼ିଆ ସାହିତ୍ୟ ସଂସ୍କୃତିର ମୂର୍ଦ୍ଧନ୍ୟ ଶିଳ୍ପୀ। ତାଙ୍କ ବହୁମୁଖୀ ପ୍ରତିଭା ସହ ସଫଳ ଉପସ୍ଥାପକ ଭାବେ ଆକାଶବାଣୀର ଆମରି କଥା ତାଙ୍କୁ ଅମର କରିଛି ବୋଲି ବଙ୍ଗାଳି ସାହିସ୍ଥିତ ସାରଳା ସଦନଠାରେ ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ କହିଛନ୍ତି। ବ୍ରଜମୋହନ ମହାନ୍ତି ସ୍ମୃତି ସଂସଦ ଓ ବନ୍ଦେ ଉତ୍କଳ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡକ୍ଟର ବ୍ରଜମୋହନ ମହାନ୍ତିଙ୍କ ୨୧ତମ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଥିଲେ, ବ୍ରଜମୋହନ ମହାନ୍ତି କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ଉତ୍କଳ ପାଠକ ସଂସଦର ପ୍ରତିଷ୍ଠାତା ଭାବେ ଜାତୀୟ ସାରସ୍ୱତ ସାଂସ୍କୃତିକ ଜୀବନକୁ ବିପୁଳ ଅବଦାନ ଦେଇଛନ୍ତି। ଆଇନଜୀବୀ ଦେବସ୍ନାନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କେଶବ ଚନ୍ଦ୍ର ସାହୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଚନ୍ଦ୍ରାଂଶୁ ତ୍ରିପାଠୀ ଯୋଗଦେଇ କହିଥିଲେ, ଜୟଦେବଙ୍କ ଜୀବନୀ ଉପରେ ରଚିତ ଲଳିତ ଲବଙ୍ଗଲତା ଉପନ୍ୟାସ ବ୍ରଜମୋହନଙ୍କର ଏକ ଅନବଦ୍ୟ ସୃଷ୍ଟି। ଡା. ଅମିୟ ରଞ୍ଜନ ମହାପାତ୍ର, କାଞ୍ଚିନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ଭୂୟାଁ, ଭୁବନ ମୋହନ ମହାନ୍ତି, ଦୀନବନ୍ଧୁ ସାହୁ, ଇଂ. ଆକାଶ ଭୂୟାଁ, ଡକ୍ଟର ବସନ୍ତ କୁମାରୀ ନନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ରାଜୀବ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା ଓ ରାଜନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

**ପ୍ରଥମଦିନ ପାଣିପାଗରେ ଉପରେ କର୍ମଶାଳା**



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ବାରଙ୍ଗ,୨୨।୯(ଡି.ଏନ୍.ଏ.)**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ନିଉୟର୍କ ସିଟି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମଦିନ ଏକ ପାଣିପାଗ କର୍ମଶାଳା ଓ ଦ୍ୱିତୀୟଦିନ ଗବେଷଣାର ଉପସ୍ଥାପନ ହେବ। ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏହି ସମ୍ମିଳନୀରେ ହାଇଦ୍ରାବାଦରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକା କନସୁଲେଟ ଏବଂ କ୍ୟୁନୀ (CUNY) ଭାରତ ଜଳବାୟୁ ସଦସ୍ୟ ମଧ୍ୟ ଯୋଗଦେଇଛନ୍ତି। ଜଳବାୟୁଠାରୁ ଆରମ୍ଭ କରି ମହାମାରୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସାମଗ୍ରିକ ସମାଧାନ ଖୋଜିବା ଅନ୍ତର୍ଜାତୀୟ ସମ୍ମିଳନୀର ମୂଳ ଲକ୍ଷ୍ୟ। କ୍ୟୁନୀର ଓନ୍‌ଫୋ ଅନୁସନ୍ଧାନ ଆନୁପାଦ ଦ୍ୱାରା ବିଶ୍ୱବିଦ୍ୟାଳୟରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପାଣିପାଗ କେନ୍ଦ୍ର ଛାତ୍ରୀଛାତ୍ରୀ ଓ ଗବେଷକମାନଙ୍କୁ ଗବେଷଣା କରିବାରେ ବହୁମାତ୍ରା ରେ ଉପଯୋଗୀ ହେବ। ବିଶ୍ୱବିଦ୍ୟାଳୟର ଏକ ଦଶନ୍ଧି ପୂର୍ତ୍ତି ଉପଲକ୍ଷେ ଏହି ସମ୍ମିଳନୀ ଓ ବୁଝାମଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ଏପରି ବୁଝାମଣାକୁ ଗୁରୁତ୍ୱାରୋପ କରିଛି। ସମ୍ମିଳନୀରେ ବ୍ରୋନ୍‌ସ କମ୍ୟୁନିଟି କଲେଜ, କ୍ୟୁନୀ (CUNY)ର ଅଧ୍ୟକ୍ଷ ଥୋମାସ ସେକେନଗେ ସମ୍ବୋଧନ କରିଥିଲେ। ଏହା ସହିତ ସିଟି ବିଶ୍ୱବିଦ୍ୟାଳୟ ନିଉୟର୍କର ୧୦ରୁ ଊର୍ଦ୍ଧ୍ୱ ଗବେଷକ ଓ ଅଧ୍ୟାପକ ଉପସ୍ଥିତ ରହି ସମ୍ମିଳନୀର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପାରମିତା ସେନ୍, ପ୍ର. ନିଲ ଦିଲୀପ, ରେଜା ଖାନବୀଓ୍ୱାର୍ଡ, ଅନ୍ୟତମ ନୋଆ ସିଇଏସ୍‌ଏସ୍‌ଆର୍‌ଟି (NOAA CESSRT) ର ବରିଷ୍ଠ ବୈଜ୍ଞାନିକ ଶକିଲା ମେଛାଣ୍ଟ, ତରେନ୍ଦ୍ର ଲାଖନକର, ଯୁକ୍ତରାଷ୍ଟ୍ର ଦୂତାବାସ ହାଇଦ୍ରାବାଦର ଜନବ୍ୟାପାର ଅଧିକାରୀ ଡେଭିଡ ମେୟର ଓ ସାମରିକ ଜନସମ୍ପର୍କ ଉପଦେଷ୍ଟା ସଲ୍ଲିଲ କାଦେର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ତରଫରୁ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ବି. ଆର. ବର୍ମା, କୁଳସଚିବ ପ୍ରଫେସର ଦେବୀ ପ୍ରସାଦ ସାହୁ, କର୍ମିକ ନିର୍ଦ୍ଦେଶକ ଗୌରବ ବର୍ମା, ବିଜ୍ଞାନ ଓ ଉଦୟମାନ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଫେସର ରବି ନାରାୟଣ ଶତପଥୀ, ପରିବେଶ ବିଜ୍ଞାନର ଅଧ୍ୟାପକ ଜୟପ୍ରକାଶ ଭଟ, ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ବିଜୟ ଲକ୍ଷ୍ମୀ ମହାନ୍ତି, ବିଭାଗୀୟ ଡିନ୍, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଏମ୍‌ଏମ୍‌ଟିରେ ଗ୍ଲୋବାଲ ବ୍ୟାଟେରି ପରୀକ୍ଷଣ

**ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର**

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**



ସମ୍ପ୍ରତି ଜଳବାୟୁ ଓ ପ୍ରଦୂଷଣଜନିତ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ମୁକାବିଲା କରିବାକୁ କିଭଳି ଜୀବାଶ୍ମ ଇନ୍ଧନରୁ ଦୂରେଇ ବିଦ୍ୟୁତିକରଣକୁ ଗ୍ରହଣ କରିବାକୁ ହେବ ସେ ନେଇ ଗ୍ଲୋବାଲ ବ୍ୟାଟେରୀ ପରୀକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୟାଲ ସାଇନ୍ସ ଅଫ୍ କେମିଷ୍ଟ୍ରି(ଆର୍‌ଏସ୍‌ସି) ୟୁକେ ଓ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରୀଛାତ୍ର ଓ ୪ଜଣ ଶିକ୍ଷକ ଯୋଗଦେଇଥିଲେ। ବ୍ୟାଟେରୀ କିଭଳି ଭବିଷ୍ୟତର ଉଜ୍ଜ୍ୱଳ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିବ ଏବଂ ମୁଦ୍ରା, କାର୍ଡବୋର୍ଡ ଡିସ୍କ, ଆଲୁମିନିୟମ୍ ଫଏଲ୍ ଡିସ୍କ, ଭିନେଗାରକୁ ନେଇ ବ୍ୟାଟେରୀ କିଭଳି ପ୍ରସ୍ତୁତ କରାଯାଇପାରିବ ତାହା ଛାତ୍ରୀଛାତ୍ରମାନେ ଦେଖିବା ସହ ଜ୍ଞାନ ଆହରଣ କରିଥିଲେ।

ଏହି ଅବସରରେ ସିଏସ୍‌ଆଇଆର୍‌ର ମହା ନିର୍ଦ୍ଦେଶକ ଡ. ଏନ୍. କଲାଇସେଲ୍‌ଭି ଭର୍ଚୁଆଲରେ ଯୋଗଦେଇ ଭବିଷ୍ୟତର ବ୍ୟାଟେରୀ ଟେକ୍ନୋଲୋଜି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱ ବାସୁ ଯୋଗଦେଇ କହିଲେ, ଅନେକ ସମୟରେ ଆମେ ବିଦ୍ୟୁତ ସଂରକ୍ଷଣ କରିବାରେ ଅବହେଳା କରିଥାଉ। ଫ୍ୟାନ, ଲାଇଟ୍ ସୁଇଚ୍ ବନ୍ଦ ନ କରି ଅଯଥାରେ ବିଦ୍ୟୁତ୍ ଅପଚୟ କରିଥାଉ। ଏହା ବ୍ୟାଟେରୀ କିଭଳି ଅଧିକ ଉତ୍ପାଦନ ହୋଇ ପାରିବ ଏବଂ ବିଶେଷତଃ ଏହା ମାଧ୍ୟମରେ କିଭଳି ବିଦ୍ୟୁତ ସୃଷ୍ଟି କରାଯାଇ ପାରିବ ଓ ଏଥିସହ ଏଲ୍‌ଇଡି ପ୍ରସ୍ତୁତ ତଥା ବ୍ୟବହାର ଉପରେ ମତ ପ୍ରକାଶ କରିଥିଲେ। ଜିଜ୍ଞାସା ନୋଡାଲ ସାଇଣ୍ଟିଷ୍ଟ ଡ. ଦେବୀ ପ୍ରସାଦ ଦାସ ସାମାଜିକ ବୈଜ୍ଞାନିକ ଦାୟିତ୍ୱକୁ ନେଇ ନାମିତ ଜିଜ୍ଞାସା କାର୍ଯ୍ୟକ୍ରମକୁ ଆଇଏମ୍‌ଏମ୍‌ଟି କିଭଳି ପରିଚାଳନା କରୁଛି ସେ ନେଇ ଆଲୋକପାତ କରିଥିଲେ। ଡ. ବିକାଶ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।